ଧରିତ୍ରୀ
DHARITRI

ରବିବାର, ଏପ୍ରିଲ ୧୯/୨୦୨୦ (୧୮ ପୃଷ୍ଠା) | Sunday, April 19/2020

୪୬ଶ ଭାଗ ୧୪୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

ରାଗିଗଲେ ଡ୍ରିମ୍‌ଗର୍ଲ୍

ଲକ୍‌ଡାଉନ୍ ବେଳେ କରୋନା ଯୋଦ୍ଧାଙ୍କ ଉପରକୁ ଆକ୍ରମଣ ଘଟଣାକୁ ଡ୍ରିମ୍‌ଗର୍ଲ୍ ହେମାମାଳିନୀ ଗ୍ରହଣ କରିପାରି ନାହାନ୍ତି। ସେମାନଙ୍କୁ ଲଜ୍ଜା ଲାଗିବା କଥା ବୋଲି ରାଗିଯାଇ ସେ କହିଛନ୍ତି।

୦୭

୧୮

ଧୋନୀଙ୍କୁ ଶ୍ରେଷ୍ଠ ଅଧିନାୟକ କହିଲେ ପିଟରସନ

ମହେନ୍ଦ୍ର ସିଂ ଧୋନୀଙ୍କୁ ବିଶ୍ୱର ଶ୍ରେଷ୍ଠ କ୍ରିକେଟ ଅଧିନାୟକ ମାନ୍ୟତା ଦେଇଛନ୍ତି ଇଂଲଣ୍ଡର ପୂର୍ବତନ ବ୍ୟାଟ୍ସମ୍ୟାନ କେଭିନ ପିଟରସନ।

ଟାର୍ଗେଟ ହେଉଛନ୍ତି ଲେଖକ

ମୋଦି ସରକାର ଅମଳରେ ଖବରଦାତା, ବୁଦ୍ଧିଜୀବୀ ଓ ଅସନ୍ତୁଷ୍ଟଙ୍କୁ ମିଳୁଛି ଧମକ

ଏକ ଘାତକ ଭୂତାଣୁ ସାରା ବିଶ୍ୱକୁ ଭସ୍ମୀଭୂତ କରିବାରେ ଲାଗିଥିବାବେଳେ ଭାରତୀୟ ବାମପନ୍ଥୀ ତଥା ଅଧିକାର ଆନ୍ଦୋଳନର ଅଗ୍ର ସିପାହି ଗୌତମ ନବଲଖା ଆମକୁ କାନାଡୀୟ ଔପନ୍ୟାସିକ ଲିଓନାର୍ଡୋ କୋହେନ୍‌ଙ୍କ କଥାକୁ ସ୍ମରଣ କରାଇ ଦେଇଛନ୍ତି। ଠିକ୍ କଥା କହିବା ପାଇଁ ଲୋକଙ୍କୁ ସେ ଅନୁରୋଧ କରିବା ସହ କୋହେନଙ୍କ ଉକ୍ତିର ଅବତାରଣା କରିଛନ୍ତି। ତାହା ହେଉଛି 'ସବୁକିଛିରେ ଗୋଟିଏ କିମ୍ବା ଏକାଧିକ ଫାଟ ଥାଏ'। ଆମ ମଧ୍ୟରୁ ଅନେକେ ନାନା ବାଧାର ସମ୍ମୁଖୀନ ହୋଇ ଲକ୍‌ଡାଉନ୍ ଅନୁଭୂତିକୁ ପ୍ରତ୍ୟକ୍ଷ କରୁଥିବାବେଳେ ନବଲଖା ନିକଟରେ କୋହେନଙ୍କ ରଚିତ ଏହି ପଂକ୍ତିକୁ ଦୋହରାଇଥିଲେ। ଅନ୍ୟ ହାଇ ପ୍ରୋଫାଇଲ ଭାରତୀୟ, ବିଶିଷ୍ଟ ଶିକ୍ଷାବିତ୍ ଓ ଦଳିତ ବୁଦ୍ଧିଜୀବୀ ପ୍ରଫେସର ଆନନ୍ଦ ତେଲଟୁମ୍ବଡେଙ୍କ ଭଳି ସେ ମଧ୍ୟ କାରାଦଣ୍ଡ ଭୋଗିଥିଲେ। ଇତିମଧ୍ୟରେ ପ୍ରଖ୍ୟାତ ସାମ୍ବାଦିକ ତଥା ଇନ୍‌ଭେଷ୍ଟିଗେଟିଭ୍ ଅନ୍‌ଲାଇନ୍ ପୋର୍ଟାଲ 'ଦି ୱାୟର'ର ପ୍ରତିଷ୍ଠାତା ସମ୍ପାଦକ ସିଦ୍ଧାର୍ଥ ବରଦାରଞ୍ଜନ ମଧ୍ୟ ଏକ ମାମଲାରେ ଅନୁରୂପ ଭାବେ ହରଡ଼ଘଣାକୁ ଟାଣି ହୋଇଯାଇଛନ୍ତି ଅକାରଣେ। କରୋନା ଭାଇରସ୍‌ରୁ ମୁକ୍ତି ପାଇଁ ୧୩୦ କୋଟି ବିଶିଷ୍ଟ ବୃହତ୍ ଜନସଂଖ୍ୟାକୁ ଲକ୍‌ଡାଉନ୍ କରିବାବେଳେ ଦେଶରେ କାହିଁକି ଅସନ୍ତୁଷ୍ଟ ବୁଦ୍ଧିଜୀବୀ ଓ ଆତଙ୍କିତ ଖବରଦାତାଙ୍କୁ ବାନ୍ଧି ଜେଲ୍ ପଠାଯାଉଛି ବୋଲି ପ୍ରଶ୍ନ ଉଠିଛି।

ଗୌତମ ନବଲଖା

ଆନନ୍ଦ ତେଲଟୁମ୍ବଡେ

ସିଦ୍ଧାର୍ଥ ବରଦାରଞ୍ଜନ

ନୂଆଦିଲ୍ଲୀ,୧୮।୪

ନବଲଖା, ତେଲଟୁମ୍ବଡେ ଓ ବରଦାରଞ୍ଜନ। ଏହି ତିନିଜଣ ହେଉଛନ୍ତି ହତ୍ୟା ଷଡ଼ଯନ୍ତ୍ରଠାରୁ ନେଇ ବିଭିନ୍ନ ବର୍ଗର ଲୋକଙ୍କ ମଧ୍ୟରେ ଶତ୍ରୁତା, ଘୃଣା ଓ ଦ୍ୱେଷର ବିଷମାଞ୍ଜି ବୁଣିବା ଅଭିଯୋଗରେ ଅଭିଯୁକ୍ତ। ଏହି ଆରୋପଗୁଡ଼ିକ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ବହୁଳ ଭାବେ ସମାଲୋଚିତ ହୋଇଛି। ତେବେ ସେମାନଙ୍କ ଅପରାଧରେ ଥିବା ସମାନତା ବହୁସଂଖ୍ୟକ ଖବରଦାତା, ଲେଖକ, ଶିକ୍ଷାବିତ୍ ଓ ମାନବାଧିକାର କର୍ମୀଙ୍କ ପ୍ରତି କରାଯାଉଥିବା ଉତ୍ପୀଡ଼ନକୁ ନ୍ୟୂନ କରିଦେଉଛି। ସେମାନେ ଭାରତର କଠୋରପନ୍ଥୀ ହିନ୍ଦୁ ଜାତୀୟତାବାଦୀ ଶାସକଙ୍କ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା ଓ ସମାଜରେ ବହୁଳ ଭାବେ ବିସ୍ତାର ଲାଭ କରୁଥିବା ବିଭାଜନବାଦୀ ତଥା ପକ୍ଷପାତପୂର୍ଣ୍ଣ ସଂସ୍କୃତିକୁ ସମାଲୋଚନା କରିଛନ୍ତି।

ମୋଦି ସରକାରଙ୍କ ବିଗତ ୬ ବର୍ଷ ଶାସନରେ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ବିକ୍ଷୋଭ ତଥା ଖବରଦାତାଙ୍କ ଅସନ୍ତୋଷ ଦେଖିବାକୁ ମିଳିଛି। ଲେଖକ ନଭଲଖା ରାଷ୍ଟ୍ର ତଥା କଶ୍ମୀରରେ ସେନାର ବର୍ବରତା ବିରୋଧରେ ଜଣେ ସମାଲୋଚକ ଭାବେ ଜଣାଶୁଣା। ଗତବର୍ଷ ଅଗଷ୍ଟରେ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରଠାରୁ ଉପତ୍ୟକା ଅନେକ ଅସାମ୍ବିଧାନିକ ଅନୁଭୂତିକୁ ସାଉଁଟିଛି। ସେତେବେଳରୁ ଜାରି ହୋଇଥିବା ଇଣ୍ଟରନେଟ କଟକଣା ଏବେ କରୋନା କାଳରେ ମଧ୍ୟ ବଳବତ୍ତର ରହିଛି। ପ୍ରଖ୍ୟାତ କବି ବରବରା ରାଓ ଏବଂ ଟ୍ରେଡ୍ ୟୁନିୟନ୍ ନେତ୍ରୀ ସୁଧା ଭରଦ୍ୱାଜଙ୍କ ଭଳି ସମ୍ମାନାସ୍ପଦ ବ୍ୟକ୍ତିଙ୍କ ସହ ନବଲଖା ମଧ୍ୟ ଅଭିଯୁକ୍ତ। ସେମାନଙ୍କ ବିରୋଧରେ ଥିବା ଅଭିଯୋଗ ହେଉଛି ୨୦୧୮ରେ ଏହି ବୁଦ୍ଧିଜୀବୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ହତ୍ୟା ପାଇଁ ଷଡ଼ଯନ୍ତ୍ର କରିଥିଲେ। ଭାରତର ଅଗ୍ରଗଣ୍ୟ ଦଳିତ ନେତା ତଥା ସମ୍ବିଧାନ ପ୍ରଣେତା ଡ. ବାବାସାହେବ ଆମ୍ବେଡକରଙ୍କ ପରିବାରରେ ବିବାହ ☞ପୃଷ୍ଠା–୪

୬ ବର୍ଷରେ ୧୪ ଖବରଦାତାଙ୍କୁ ହତ୍ୟା

୨୦୧୪ ନିର୍ବାଚନରେ ମୋଦି ବିଜୟୀ ହୋଇ କ୍ଷମତାକୁ ଆସିବା ପରଠୁ ଭାରତରେ ୧୪ ଜଣ ଖବରଦାତାଙ୍କୁ ହତ୍ୟା କରାଗଲାଣି। (ଏହାର ପୂର୍ବ ୧୦ ବର୍ଷରେ ବର୍ତ୍ତମାନର ବିରୋଧୀ କ୍ଷମତାରେ ଥିବାବେଳେ ୧୭ ଖବରଦାତାଙ୍କୁ ହତ୍ୟା କରାଯାଇଥିଲା)। ସମ୍ପ୍ରତି ଖବରଦାତାମାନଙ୍କୁ ନିୟମିତ ଭାବେ ଭୟ ଓ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡୁଛି। ଏପରି କି ସୂଚନା ହାସଲ କ୍ଷେତ୍ରରେ ମଧ୍ୟ ସେମାନଙ୍କ ଉପରେ କଟକଣା ଜାରି କରାଯାଉଛି। ମହିଳା ସାମ୍ବାଦିକଙ୍କୁ ଲଗାତର ଅନ୍‌ଲାଇନ୍‌ରେ ଉତ୍ପୀଡ଼ନର ଶିକାର ହେବାକୁ ପଡୁଛି। ଏହାସହ ସେମାନେ ଯୌନ ହିଂସାର ଧମକ ମଧ୍ୟ ପାଉଛନ୍ତି। ହିନ୍ଦୁ ରକ୍ଷଣଶୀଳତାକୁ ଚ୍ୟାଲେଞ୍ଜ କରିଥିବା ତିନିଜଣ ପ୍ରମୁଖ ହେତୁବାଦୀଙ୍କୁ ଏଇ କିଛି ବର୍ଷ ମଧ୍ୟରେ ହତ୍ୟା କରାଯାଇଛି। ଚାରିଆଡ଼େ ସମାଲୋଚିତ ହୋଇଥିବା ନାଗରିକତ୍ୱ ସଂଶୋଧନ ଆଇନ, ୨୦୧୯ ଧର୍ମ ଆଧାରରେ ପଡ଼ୋଶୀ ଦେଶଗୁଡ଼ିକର ନିର୍ଦ୍ଦିଷ୍ଟ ସଂଖ୍ୟାଲଘୁମାନଙ୍କୁ ଫାଷ୍ଟଟ୍ରାକ୍ ନାଗରିକତ୍ୱ ପ୍ରଦାନର ପ୍ରତିଶ୍ରୁତି ଦେଉଛି। ହେଲେ ଏଥିରୁ ମୁସଲମାନ ସମ୍ପ୍ରଦାୟକୁ ବାଦ୍ ଦେବା ଭାରତର ବୈଷମ୍ୟ ବିଚାର ଉପରୁ ପରଦା ହଟାଉଛି।

ସହରୀ ଗରିବଙ୍କୁ ୧୦୦ କୋଟି

- ସହରାଞ୍ଚଳ ରୋଜଗାର କାର୍ଯ୍ୟକ୍ରମ ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- ସବୁ ସହରରେ ଚଳିତ ମାସରୁ ଆରମ୍ଭ ହେବ ସ୍ୱତନ୍ତ୍ର ଶ୍ରମଭିତ୍ତିକ କାର୍ଯ୍ୟକ୍ରମ
- ଉପକୃତ ହେବେ ୪.୫ ଲକ୍ଷ ପରିବାର

ଭୁବନେଶ୍ୱର,୧୮।୪(ବ୍ୟୁରୋ)

କରୋନା(କୋଭିଡ–୧୯) ମାଡ଼ରେ ଦୋହଲି ଯାଇଛି ଲୋକଙ୍କ ଆର୍ଥିକ ଓ ସାମାଜିକ ଭିତ୍ତିଭୂମି। କେବଳ ସ୍ୱାସ୍ଥ୍ୟ ସମସ୍ୟା ନୁହେଁ, କାମ ଧନ୍ଦା ସବୁ କିଛି ଉଜୁଡ଼ି ଯାଇଛି। କଳକାରଖାନାଠାରୁ ଆରମ୍ଭ କରି କ୍ଷୁଦ୍ର, ମଧ୍ୟମ ଓ କୁଟୀର ଶିଳ୍ପ ଛାରଖାର ହୋଇଯାଇଛି। କାମ ଧନ୍ଦା ନ ପାଇ ଶ୍ରମିକମାନେ ହତାଶ ହୋଇ ବସିଛନ୍ତି। ଅନେକ ଦିନ ହେବ ଘରେ ବସି ରହିଥିବା ଗରିମ ଶ୍ରମଜୀବୀ ଲୋକଙ୍କ ଆର୍ଥିକ ଓ ମାନସିକ ସ୍ଥିତି ବିଗିଡ଼ିବାକୁ ଆରମ୍ଭ କଲାଣି। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ସହରାଞ୍ଚଳରେ କାମ ନ ପାଇ ଘରେ ବସି ରହିଥିବା ଗରିବ ଶ୍ରମିକଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ସହରାଞ୍ଚଳ ରୋଜଗାର କାର୍ଯ୍ୟକ୍ରମ ନାମରେ ଏକ ଜରୁରୀ ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଶନିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଥିପାଇଁ ୧୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସହରାଞ୍ଚଳଗୁଡ଼ିକରେ ବାସ କରୁଥିବା ୪ଲକ୍ଷ ୫୦ହଜାର ପରିବାର ଉପକୃତ ହେବେ। ଏହା ଚଳିତ ମାସରୁ ଆରମ୍ଭ ହୋଇ ଆସନ୍ତା ସେପ୍ଟେମ୍ବରର ପର୍ଯ୍ୟନ୍ତ ଚାଲିବ। ହିତାଧିକାରୀଙ୍କ ମଞ୍ଜୁରି ପ୍ରତି ସପ୍ତାହରେ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧା ସଳଖ ପ୍ରଦାନ କରାଯିବ।

ଏହି ଯୋଜନା ଦ୍ୱାରା ୧୧୪ଟି ପୌରାଞ୍ଚଳରେ ରହୁଥିବା ଶ୍ରମିକ, ଦିନ ମଜୁରିଆ ଓ ଗରିବ ଶ୍ରେଣୀର ଲୋକଙ୍କୁ କାମ ମିଳିବ। ସହରାଞ୍ଚଳରେ ଅନେକ ଶ୍ରମଭିତ୍ତିକ ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏଥିରେ ଡ୍ରେନଗୁଡ଼ିକରୁ ମାଟି ଓ ବର୍ଜ୍ୟବସ୍ତୁ ସଫେଇ, ପୋଖରୀ, ଜଳାଶୟ ଖନନ ଓ ପୁନରୁଦ୍ଧାର, ପାର୍କ, ଖେଳ ପଡ଼ିଆ ଓ ଅନ୍ୟାନ୍ୟ ଖୋଲା ସ୍ଥାନଗୁଡ଼ିକର ଉନ୍ନତୀକରଣ, ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସାମୟିକ କାର୍ଯ୍ୟକ୍ଷେତ୍ର ନିର୍ମାଣ, ବନୀକରଣ, ଶୌଚାଳୟ ନିର୍ମାଣ, ସହରାଞ୍ଚଳ ସୌନ୍ଦର୍ଯ୍ୟକରଣ, ବିଭିନ୍ନ ସ୍ଥାନରେ ପଡ଼ି ରହିଥିବା ନିର୍ମାଣ ବର୍ଜ୍ୟବସ୍ତୁଗୁଡ଼ିକୁ ହଟାଇବା ☞ପୃଷ୍ଠା–୪

ବାଲେଶ୍ୱରର ପ୍ରଥମ କରୋନା ଆକ୍ରାନ୍ତ ଚିହ୍ନଟ

- ରାଜ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୬୧ ଛୁଇଁଲା
- ସୁସ୍ଥ ହେଲେ ଭୁବନେଶ୍ୱରର ଆଉ ୩

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟରେ ଶନିବାର ଆଉ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୫୮ବର୍ଷ ବୟସ୍କ ଏହି ଆକ୍ରାନ୍ତଙ୍କ ଘର ବାଲେଶ୍ୱର ଜିଲାରେ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ନୂଆ ପଜିଟିଭକୁ ମିଶାଇ ରାଜ୍ୟରେ ଏବେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୧ରେ ପହଞ୍ଚିଛି। ଏହି ଘଟଣା ପରେ କରୋନା ଆକ୍ରାନ୍ତ ଜିଲା ମଧ୍ୟରେ ବାଲେଶ୍ୱର ଯୋଡ଼ି ହୋଇଛି। ପଜିଟିଭ୍ ଚିହ୍ନଟ ଜଣକ ବାଲେଶ୍ୱରର ପ୍ରଥମ କରୋନା ରୋଗୀ। ତାଙ୍କ ସଂସ୍ପର୍ଶରେ କେଉଁମାନେ ଆସିଛନ୍ତି, ତାହା ଠାବ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିବାବେଳେ ଜିଲାରେ ଆତଙ୍କ ଖେଳିଯାଇଛି।

ଏପଟେ କରୋନା ମୁକାବିଲାରେ ରାଜ୍ୟ ପାଇଁ ଆସିଛି ଖୁସି ଖବର। ଶନିବାର ରାଜ୍ୟରେ ଆଉ ୩ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଥିବା ସୂଚନା ଓ ଲୋକ ସମ୍ପର୍କ ବିଭାଗ ସୂଚନା ଦେଇଛି। ସୁସ୍ଥ ହୋଇଥିବା ସମସ୍ତଙ୍କ ଘର ଭୁବନେଶ୍ୱରରେ। ଏମାନଙ୍କୁ ମିଶାଇ ରାଜ୍ୟରେ ବର୍ତ୍ତମାନ ୨୪ଜଣ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇଥିବାବେଳେ ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୩୬ ରହିଛି ଓ ଜଣଙ୍କର ମୃତ୍ୟୁ ଘଟିଛି। ତେବେ ହଟ୍‌স্পট୍ କୁହାଯାଉଥିବା ଭୁବନେଶ୍ୱରରେ ଆକ୍ରାନ୍ତଙ୍କ ମଧ୍ୟରୁ ଅନେକ ସୁସ୍ଥ ହେଉଛନ୍ତି। ଗତ ଦୁଇଦିନରେ ଭୁବନେଶ୍ୱରରେ ୫ ଜଣ ସୁସ୍ଥ ହୋଇଥିବାରୁ ଚିକିତ୍ସା କ୍ଷେତ୍ରରେ ଏହା ରାଜ୍ୟ ସରକାରଙ୍କ ଏକ ସଫଳତା ବୋଲି କୁହାଯାଉଛି। ଅନ୍ୟପଟେ ବର୍ତ୍ତମାନ ୧୦୩ଜଣ ହସ୍ପିଟାଲ୍ ଆଇସୋଲେଶନରେ ଅଛନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଛି।

ଅନ୍‌ଲାଇନ୍‌ରେ ପଢ଼ନ୍ତୁ ଏଥରର ଛୁଟିଦିନ | www.dharitriepaper.in www.dharitri.com

ରାଜଧାନୀରେ ଶନିବାର ପ୍ରବଳ ଖରାରୁ ତୃଷ୍ଣା ମେଣ୍ଟାଇବା ପାଇଁ ପାରାଗୁଡ଼ିକ ଏକ ପାତ୍ରରେ ରଖାଯାଇଥିବା ପାଣି ପିଇବା ସହ ଗାଧୋଉଛନ୍ତି।

୨୦ରୁ ଆଦାୟ ହେବ ଟୋଲ୍ ଟିକସ୍

ନୂଆଦିଲ୍ଲୀ,୧୮।୪: ଚଳିତ ମାସ ୨୦ ତାରିଖରୁ ଟୋଲ୍ ଟିକସ୍ ସଂଗ୍ରହ ପୁଣି ଥରେ ଆରମ୍ଭ ହେବ। ନ୍ୟାଶନାଲ ହାଇୱେ ଅଥରିଟି ଅଫ୍ ଇଣ୍ଡିଆ(ଏନ୍‌ଏଚ୍‌ଏଆଇ) ପକ୍ଷରୁ ଏ ନେଇ ସ୍ପଷ୍ଟ କରାଯାଇଛି। ସରକାରଙ୍କ ଏଭଳି ନିଷ୍ପତ୍ତିକୁ ପରିବହନ ଏବଂ ଲଜିଷ୍ଟିକ୍ କ୍ଷେତ୍ର ସହ ଜଡିତ ବ୍ୟକ୍ତିବିଶେଷ ବିରୋଧ କରିଛନ୍ତି। ଲକ୍‌ଡାଉନ ପାଇଁ ମାର୍ଚ୍ଚ ୨୫ରୁ ସରକାର ଟୋଲ୍ ଟିକସ ସଂଗ୍ରହକୁ ବାଦ୍ ଦେଇଥିଲେ। ଲକ୍‌ଡାଉନ୍ ଅବଧି ମେ' ୩ ପର୍ଯ୍ୟନ୍ତ ବୃଦ୍ଧି ହୋଇଥିଲେ ମଧ୍ୟ ୨୦ ଏପ୍ରିଲଠାରୁ କିଛି କ୍ଷେତ୍ରରେ ଆର୍ଥିକ କାର୍ଯ୍ୟକଳାପକୁ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏହାକୁ ଧ୍ୟାନରେ ରଖି ଟୋଲ୍ ଟିକସ ସଂଗ୍ରହ ପାଇଁ ଏନ୍‌ଏଚ୍‌ଆଇ ନିଷ୍ପତ୍ତି ନେଇଛି।

ଆଜିର ସମ୍ପାଦକୀୟ

ପରିବର୍ତ୍ତନ ଅପେକ୍ଷାରେ

ଆଶା ଦେଖାଇଛି ଅକ୍ସଫୋର୍ଡ ଟିକା

- କରୋନା ମୁକାବିଲା
- ଚାଲିଛି କ୍ଲିନିକାଲ ପରୀକ୍ଷା, ସେପ୍ଟେମ୍ବରରେ ଉପଲବ୍ଧ ହୋଇପାରେ
- ବ୍ରିଟେନ, ଚାଇନା ସମେତ ଭାରତରେ ପ୍ରସ୍ତୁତ ହେବ ଟିକା
- ଆରମ୍ଭ ହେଲାଣି ଉତ୍ପାଦନ

ନୂଆଦିଲ୍ଲୀ,୧୮।୪

କରୋନା ଭାଇରସ୍‌ରେ ସାରା ବିଶ୍ୱରେ ସାଢ଼େ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ସଂକ୍ରମିତ ହୋଇଥିବାବେଳେ ଦେଢ଼ ଲକ୍ଷ ଲୋକଙ୍କ ଜୀବନ ଗଲାଣି। ଏହି ମହାମାରୀଠାରୁ କିଭଳି ଜୀବନ ରକ୍ଷା କରାଯିବ ତାହାର ଉପଚାର ଖୋଜିବାରେ ବିଶ୍ୱର ବୈଜ୍ଞାନିକମାନେ ଗବେଷଣା ଚଳାଇଛନ୍ତି। ଏଭଳିସ୍ଥଳେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ କରୋନା ଭାଇରସ୍ ନିରୋଧୀ ଟିକା (ସିଏଚ୍‌ଏଡିଓଏକ୍ସ୧) ପ୍ରସ୍ତୁତ କରିଥିବା ଏବଂ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ତାହା ଉପଲବ୍ଧ ହେବ ବୋଲି ଦାବି କରିଛନ୍ତି। ଅକ୍ସଫୋର୍ଡ ଟିକା ବିକାଶକରଣ କାର୍ଯ୍ୟକ୍ରମର ଗବେଷକ ଟିମ୍ ମୁଖ୍ୟ ପ୍ରଫେସର ସାରା ଗିଲ୍‌ବର୍ଟ ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି ଯେ, 'ସିଏଚ୍‌ଏଡିଓଏକ୍ସ୧' ଟିକା କରୋନା ଭାଇରସ୍‌କୁ ପ୍ରତିହତ କରିପାରିବ ବୋଲି ସେ ଏବଂ ତାଙ୍କ ଦଳ ନିଶ୍ଚିତ। ଭବିଷ୍ୟତରେ ମହାମାରୀର କାରଣ ସାଜିବାକୁ ଥିବା ଏକ ଅଜ୍ଞାତ ରୋଗ ଉପରେ ଆମ ଟିମ୍ ଗବେଷଣା ସହ ଆବଶ୍ୟକ ପ୍ରସ୍ତୁତି ଚଳାଇଥିଲା, ସେହି ରୋଗର ନାମ ରଖାଯାଇଥିଲା 'ଏକ୍ସ'। 'ସିଏଚ୍‌ଏଡିଓଏକ୍ସ୧' ଟେକ୍ନୋଲୋଜି ସହିତ ୧୨ଟି ପରୀକ୍ଷା କରାଯାଇଛି। ଏହାର ଗୋଟିଏ ଡୋଜ୍‌ରୁ ରୋଗ ପ୍ରତିରୋଧକ ଶକ୍ତି ଉପରେ ଆମେ ଭଲ ଫଳାଫଳ ପାଇଛୁ, ଯେତେବେଳେ କି ଆରଏନ୍‌ଏ ଏବଂ ଡିଏନଏ ଟେକ୍ନୋଲୋଜି ଦ୍ୱାରା ଦୁଇ କିମ୍ବା ଅଧିକ ଡୋଜ୍ ଆବଶ୍ୟକ ହୋଇଥାଏ। ପ୍ରଫେସର ଗିଲ୍‌ବର୍ଟ 'ସିଏଚ୍‌ଏଡିଓଏକ୍ସ୧' ଟିକାର କ୍ଲିନିକାଲ ପରୀକ୍ଷା ଆରମ୍ଭ ହୋଇଥିବା ନେଇ ସୂଚନା ଦେବା ସହ ଆସନ୍ତା ସେପ୍ଟେମ୍ବର ସୁଦ୍ଧା ଏହାର ୧୦ ଲକ୍ଷ ଡୋଜ୍ ଉପଲବ୍ଧ ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

'ସିଏଚ୍‌ଏଡିଓଏକ୍ସ୧' ଟିକାର ସଫଳତାକୁ ନେଇ ଅକ୍ସଫୋର୍ଡ ଟିମ୍‌ରେ ଏତେ ଆତ୍ମବିଶ୍ୱାସ ଭରି ରହିଛି ଯେ, କ୍ଲିନିକାଲ ପରୀକ୍ଷା ସମ୍ପୂର୍ଣ୍ଣ ନ ହେଉଣୁ ସେମାନେ ତାହାର ଉତ୍ପାଦନ ଆରମ୍ଭ କରିଦେଲେଣି। ସୂଚନାଥାଉ କି, ଏହାକୁ ମିଶାଇ ବିଶ୍ୱର ୪ଟି କୋଭିଡ୍–୧୯ ଟିକା କ୍ଲିନିକାଲ ପରୀକ୍ଷା ପର୍ଯ୍ୟାୟରେ ରହିଛି। ଏଥିରେ ଆମେରିକାର ୨ଟି ଏବଂ ଚାଇନାର ଗୋଟିଏ ଟିକା ରହିଛି। କିନ୍ତୁ ଅକ୍ସଫୋର୍ଡ ଟିମ୍‌ର ଟିକା କମ୍ ସମୟରେ ବହୁ ପରିମାଣରେ ଉପଲବ୍ଧ ହେବ ବୋଲି କୁହାଯାଇଛି। ଏହା ତୁଳନାରେ ଅନ୍ୟ ଟିକା ୧୨ରୁ ୧୮ ମାସ ମଧ୍ୟରେ ମିଳିବ ବୋଲି ଆଶା କରାଯାଉଛି।

ଅକ୍ସଫୋର୍ଡର ପ୍ରଫେସର ଆଡ୍ରିଆନ ହିଲ କହିଛନ୍ତି ଯେ, କ୍ଲିନିକାଲ ପରୀକ୍ଷା ଫଳାଫଳ ଉପରେ ଆମ ଟିମ୍‌ର ଆତ୍ମବିଶ୍ୱାସ ରହିଛି। ସେପ୍ଟେମ୍ବରରେ ପରୀକ୍ଷା ଶେଷ ହେବାବେଳକୁ ଆମେ ଏଭଳି ପର୍ଯ୍ୟାୟରେ ପହଞ୍ଚିବାକୁ ଚାହୁଁନାହିଁ, ଯେଉଁଠି ଆମ ପାଖରେ ଆବଶ୍ୟକ ପରିମାଣର ଟିକା ଉପଲବ୍ଧ ନ ଥିବ। ତେଣୁ ଆମେ ଏହି ଟିକା ☞ପୃଷ୍ଠା–୪

୨୬ ନୌସେନା କର୍ମଚାରୀ କରୋନା ସଂକ୍ରମିତ

ସଂସ୍ପର୍ଶରେ ଆସିଥିବା ଯବାନଙ୍କୁ ଆଇସୋଲେଶନରେ ରଖାଗଲା

ନୂଆଦିଲ୍ଲୀ,୧୮।୪(ପି.ଟି.)

ମୁମ୍ବାଇସ୍ଥିତ ୱେଷ୍ଟର୍ନ ନାଭାଲ କମାଣ୍ଡରେ ୨୬ ଜଣ ନୌସେନା କର୍ମଚାରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ନୌସେନାରେ କରୋନା ସଂକ୍ରମଣ ପ୍ରଥମ ଘଟଣା। ସଂକ୍ରମିତ ନାବିକମାନେ ଆଇଏନ୍‌ଏସ୍ ଆଙ୍ଗ୍ରେରେ କାର୍ଯ୍ୟରତ ଥିଲେ। ସେମାନଙ୍କୁ ନୌସେନା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଆଇସୋଲେଶନରେ ରଖାଯାଇଛି। ଅନ୍ୟମାନଙ୍କୁ ଚିହ୍ନଟ କରିବା ଲାଗି ନୌସେନା ପକ୍ଷରୁ କଣ୍ଟାକ୍ଟ ଟ୍ରେସିଂକୁ ଜୋର୍‌ଦାର କରାଯାଇଛି।

ଆଇଏନ୍‌ଏସ୍ ଆଙ୍ଗ୍ରେ କମ୍ପ୍ଲେକ୍ସରେ ଥିବା ସିଙ୍ଗଲ୍–ରୁମ୍ ଓ ବାରାକ୍‌ରେ ୨୫ ସଂକ୍ରମିତ ରହିଥିବାବେଳେ ନିଜ ଘରେ ରହୁଥିବା ଅନ୍ୟ ଜଣେ ନାବିକ ଓ ତାଙ୍କ ମାଆ କରୋନା ଆକ୍ରାନ୍ତ ଥିବା ଜଣାପଡିଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ସମସ୍ତଙ୍କର କୋଭିଡ୍–୧୯ ପରୀକ୍ଷା କରାଯାଉଛି।

ଆତଙ୍କବାଦୀ ଆକ୍ରମଣରେ ୩ ଯବାନ ଶହୀଦ

କଶ୍ମୀରର ବାରମୁଲ୍ଲା ଜିଲା ସୋପୋରରେ ଆତଙ୍କବାଦୀଙ୍କ ଆକ୍ରମଣରେ ସିଆର୍‌ପିଏଫ୍‌ର ୩ ଯବାନ ଶହୀଦ ହୋଇଛନ୍ତି। ୧୭୯ ବାଟାଲିୟନର ଯବାନ ଏବଂ ଜମ୍ମୁ-କଶ୍ମୀର ପୋଲିସ ମିଳିତ ଭାବେ ଏକ ଚେକ୍‌ପୋଷ୍ଟରେ ନିୟୋଜିତ ଥିବାବେଳେ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। କଶ୍ମୀର ଉପତ୍ୟକାରେ ଅର୍ଦ୍ଧସାମରିକ ବଳ ଉପରେ ଏହା ସପ୍ତାହର ତୃତୀୟ ଆକ୍ରମଣ।

ଲକ୍‌ଡାଉନ ପରେ ଅନିଶ୍ଚିତତା

ନୂଆଦିଲ୍ଲୀ,୧୮।୪: କରୋନା ମହାମାରୀ ବିଶ୍ୱର ଅଧିକାଂଶ ଦେଶକୁ ବ୍ୟାପିବା ପରେ ଏହାର ସଂକ୍ରମଣ ରୋକିବା ପାଇଁ ଗୋଟିଏ ପରେ ଗୋଟିଏ ଦେଶ କଠୋର ପଦକ୍ଷେପମାନ ଗ୍ରହଣ କରିଛନ୍ତି। ଏଥିସହିତ କୋଭିଡ୍-୧୯ ଚିକିତ୍ସା ଲାଗି ସ୍ୱତନ୍ତ୍ର ହସ୍ପିଟାଲ ପ୍ରସ୍ତୁତ କରାଯାଇଛି। ଲକ୍‌ଡାଉନ ଭଳି କଠୋର ପଦକ୍ଷେପ ଯୋଗୁ ଜନଜୀବନ ଅଟକିଯିବା ସହ ଅର୍ଥନୀତି ଏକପ୍ରକାର ଅଚଳ ହୋଇପଡ଼ିଛି। କ୍ରୀଡାଠାରୁ ଆରମ୍ଭ କରି ଧର୍ମୀୟ କାର୍ଯ୍ୟ ଓ ସାମାଜିକ ସମାବେଶଗୁଡ଼ିକୁ ବାରଣ କରାଯାଇଛି। ୧୮୮ ଦେଶରେ ବନ୍ଦ ରହିଛି ସ୍କୁଲ। ଫଳରେ ୧୫୦ କୋଟିରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ଶିକ୍ଷା ପ୍ରଭାବିତ ହୋଇଛି। ସୀମା ସିଲ୍ କରିଦିଆଯିବା ସହ ବ୍ୟବସାୟ ବନ୍ଦ ରହିଛି। ଏହା ସତ୍ତ୍ୱେ ବିଭିନ୍ନ ଦେଶରେ କରୋନା ସଂକ୍ରମିତଙ୍କ ସଂଖ୍ୟା ତୀବ୍ର ଗତିରେ ବଢ଼ିଚାଲିଛି।

ଏବେ ପ୍ରଶ୍ନ ଉଠୁଛି, ଲକ୍‌ଡାଉନରୁ ବାହାରିବାର ରଣନୀତି କ'ଣ ହେବ। ବିପଦରୁ ବର୍ତ୍ତିବା ଲାଗି ଆମେ କୌଣସିପ୍ରକାରେ ଜୀବନ ଭେଳା ପାଇବାରେ ସକ୍ଷମ ହୋଇଛୁ। କିନ୍ତୁ କିପରି କୂଳରେ ଲାଗିବା ତାହା ଅସ୍ପଷ୍ଟ ରହିଥିବା ହାର୍ଭାର୍ଡ ଟି.ଏଚ୍. ଚାନ୍ ସ୍କୁଲ୍ ଅଫ ପବ୍ଲିକ୍ ହେଲ୍‌ଥ (ଏଚ୍‌ଏସ୍‌ପିଏଚ୍)ର ମହାମାରୀ ବିଶେଷଜ୍ଞ ମାର୍କ ଲିପ୍‌ସିଚ୍ କହିଛନ୍ତି। ମହାମାରୀରୁ ମୁକୁଳିବାକୁ ଯାଇ ବିଭିନ୍ନ ଦେଶ ନାଗରିକଙ୍କ ସ୍ୱାସ୍ଥ୍ୟ, ସ୍ୱାଧୀନତା ଓ ଆର୍ଥିକ କାରବାର ଉପରେ ରୋକ୍ ଲଗାଇବାକୁ ବାଧ ହେବେ। ଏବେ ସାଧାରଣରେ ପ୍ରଶ୍ନ ଉଠୁଛି ସ୍କୁଲ୍, ରେସ୍ତୋରାଁ, ବାର୍ ଆଦି ଖୋଲିପାରିବ ତ? ଲୋକମାନେ ପୁଣିଥରେ ସେମାନଙ୍କ କାର୍ଯ୍ୟାଳୟକୁ ଯାଇପାରିବେ ତ? ଲକ୍‌ଡାଉନ୍‌କୁ କିପରି କୋହଳ କରାଯିବ ତାହା ବିଜ୍ଞାନସମ୍ମତ ସହମତି ଭଳି ଜିନିଷ ନୁହେଁ ବୋଲି କହିଛନ୍ତି ଏଚ୍‌ଏସ୍‌ପିଏଚ୍‌ର ମହାମାରୀ ବିଶେଷଜ୍ଞ କାରୋଲିନ ବୁକି। ସମାଜକୁ ପୂର୍ବାବସ୍ଥାକୁ ଫେରାଇବା କଷ୍ଟକର ହୋଇପଡିବ ବୋଲି ଅଧିକାଂଶ ଗବେଷକ ଏକମତ ହୋଇଛନ୍ତି।

ଦୈନିକ ସଂକ୍ରମିତଙ୍କ ସଂଖ୍ୟା ନ ଗଣି ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଭାବୀ ବଂଶବିସ୍ତାର ସଂଖ୍ୟା ବା 'ଆର୍' ଆକଳନ କରିବା ଜରୁରୀ ହେବ ବୋଲି ମହାମାରୀ ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହାର ଅର୍ଥ ଜଣେ ଆକ୍ରାନ୍ତଙ୍କଠାରୁ ହାରାହାରି କେତେ ସଂକ୍ରମିତ ହେଉଛନ୍ତି। ଯଦି 'ଆର୍' ୧ରୁ ଅଧିକ ହୁଏ ତେବେ ସଂକ୍ରମଣ ବୃଦ୍ଧି ପାଉଛି ଓ ୧ରୁ କମ୍ ହେଲେ ସଂକ୍ରମଣ ହ୍ରାସ ପାଉଥିବା ବୁଝାଯିବ। ଲକ୍‌ଡାଉନର ଉଦ୍ଦେଶ୍ୟ ହେଉଛି, ଆର୍‌କୁ ୧ ତଳେ ରଖିବା। ମହାମାରୀ ଥରେ ଦମନ ହୋଇଯିବା ପରେ ଦେଶଗୁଡ଼ିକ କଟକଣା କୋହଳ କରିବା ଲାଗି ଉଦ୍ୟମ କରିପାରିବେ। ସେଥିପାଇଁ ଆର୍‌କୁ ନିୟନ୍ତ୍ରଣ କରିବାକୁ ହେଲେ ସରକାରଙ୍କୁ ଡ୍ୟାସ୍‌ବୋର୍ଡର ତିନୋଟି କଣ୍ଟ୍ରୋଲ ନବ୍‌କୁ ଅନୁଭବ କରିବାକୁ ହେବ ବୋଲି ହଂକଂ ୟୁନିଭର୍ସିଟିର ମଡେଲର ଗାବ୍ରିଏଲ୍ ଲେଉଙ୍ଗ୍ କହିଛନ୍ତି। ସେହି ତିନୋଟି କଣ୍ଟ୍ରୋଲ ନବ୍ ହେଲା- ରୋଗୀଙ୍କୁ ଆଇସୋଲେଶନରେ ରଖିବା ସହ ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଠାବ କରିବା, ସୀମାନ୍ତ କଟକଣା ଏବଂ ସାମାଜିକ ଦୂରତ୍ୱ।

- ୧୮୮ ଦେଶରେ ବନ୍ଦ ରହିଛି ସ୍କୁଲ
- ଅଟକିଛି ଜୀବନଯାତ୍ରା
- ଅଚଳ ହୋଇଛି ଅର୍ଥନୀତି

ଆଗୁଆ କଟକଣା କଡ଼ାକଡ଼ି ଲାଗୁ କରିବା ଫଳରେ ସିଙ୍ଗାପୁର, ହଂକଂ, ଦକ୍ଷିଣ କୋରିଆ ମହାମାରୀକୁ ରୋକିବାରେ ସକ୍ଷମ ହୋଇପାରିଛନ୍ତି। ସେମାନେ ଆଗୁଆ ସଂକ୍ରମିତଙ୍କୁ ଚିହ୍ନଟ କରିବା, ଆଇସୋଲେଶନରେ ରଖିବା, ସେମାନଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ସହ ଅନ୍ୟମାନଙ୍କ ଉପରେ ହାଲୁକା କଟକଣା ଲଗାଇଥିଲେ। ତେବେ ଏହି ରଣନୀତି ବ୍ୟାପକ ପରୀକ୍ଷା ଉପରେ ନିର୍ଭର କରୁଛି। ପରୀକ୍ଷା ପାଇଁ ପର୍ଯ୍ୟାପ୍ତ କିଟ୍‌ର ଅଭାବ ଯୋଗୁ ଅନ୍ୟ ଦେଶରେ ତାହା ବାଧାପ୍ରାପ୍ତ ହୋଇଛି। ସେହିପରି ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଖୋଜି ବାହାର କରିବା ସହଜ କଥା ନୁହେଁ। ଏଥିରେ ମୋବାଇଲ୍ ଫୋନ୍ ଆପ୍ ସହାୟକ ହୋଇଥିଲେ ହେଁ ପାଶ୍ଚାତ୍ୟ ଦେଶଗୁଡ଼ିକ ଏପର୍ଯ୍ୟନ୍ତ ଏହାକୁ କାର୍ଯ୍ୟକାରୀ କରିନାହାନ୍ତି। କଣ୍ଟାକ୍ଟ ଟ୍ରେସିଙ୍ଗ୍ ଆପ୍‌ର ବିକାଶ ଲାଗି ଗୁଗଲ୍ ଓ ଆପଲ୍ ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। ଫ୍ରାନ୍ସ, ଜର୍ମାନୀ ଓ ଅନ୍ୟ କେତେକ ଦେଶ ପ୍ରୋଟୋକଲ ଆଧାରରେ ଏକ ଆପ୍‌ର ବିକାଶ କରିଛନ୍ତି। ତେବେ ଏହାକୁ ବାଧ୍ୟତାମୂଳକ ଭାବେ ବ୍ୟବହାର କରାଯାଇପାରୁନାହିଁ। କାରଣ ର ଲୋକ ଏହି ଆପ୍‌କୁ ଡାଉନଲୋଡ୍ କରି ସେମାନଙ୍କର ବିଶ୍ୱସ୍ତ ସୂଚନା ଓ ରୋଗ ସଂକ୍ରମଣର ପ୍ରଭାବ ସମ୍ପର୍କରେ ତଥ୍ୟ ଦେବା ନେଇ ସରକାର ସନ୍ଦିହାନ ଅଛନ୍ତି।

ଦ୍ୱିତୀୟ ପଦକ୍ଷେପ ହେଉଛି ସୀମା କଟକଣା। ଅଧିକାଂଶ ଦେଶ ବାହାର ନାଗରିକଙ୍କ ପାଇଁ ସେମାନଙ୍କ ସୀମା ସିଲ୍ କରିଛନ୍ତି ଓ ବାହାର ଦେଶରୁ ଫେରୁଥିବା ନିଜ ନାଗରିକଙ୍କୁ କ୍ୱାରାଣ୍ଟାଇନରେ ରଖୁଛନ୍ତି। ଏହି ପଦକ୍ଷେପ କିଛିଦିନ ପର୍ଯ୍ୟନ୍ତ ଚାଲିପାରେ। ତେବେ ବାହାର ଲୋକଙ୍କ ପାଇଁ ସୀମା ଖୋଲିଦେବା ପରେ କଣ୍ଟାକ୍ଟ ଟ୍ରେସିଂ ସିଷ୍ଟମ ଆଉ କାମ କରି ନ ପାରେ ବୋଲି ନର୍ଥଇଷ୍ଟର୍ନ ୟୁନିଭର୍ସିଟିର ଡିଜିଜ୍ ମଡେଲର ଆଲୋସାଣ୍ଡ୍ରୋ ଭେସ୍ପିଗ୍‌ନାନି କହିଛନ୍ତି। ତୃତୀୟଟି ହେଲା ସାମାଜିକ ଦୂରତ୍ୱ। ଏହା ହେଉଛି ସଂକ୍ରମଣ କମାଇବାର ମୁଖ୍ୟ ପଦକ୍ଷେପ। ତେବେ ଏଥିପାଇଁ ଅର୍ଥନୀତି ଓ ସମାଜକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଅଷ୍ଟ୍ରିଆରେ ଛୋଟ ଦୋକାନ ଖୋଲିବା ଆରମ୍ଭ ହେଲାଣି। ଧୀରେ ଧୀରେ ସ୍କୁଲ ଖୋଲିବା ଲାଗି ବିଭିନ୍ନ ମହଲରେ ଯୁକ୍ତି କରାଯାଉଛି। ତେବେ ଏକ ଦୂରଦର୍ଶୀ ପନ୍ଥା ଖୋଜି ବାହାର କରିବା କଷ୍ଟକର ହୋଇପଡ଼ିଛି। ଆର୍‌କୁ ପ୍ରଭାବିତ କଲାଭଳି ନିର୍ଦ୍ଦିଷ୍ଟ ପଦକ୍ଷେପ ଆଗକୁ ଆସିପାରୁନାହିଁ। କାରଣ ସଂକ୍ରମଣ ହେବାରୁ ବହୁଦିନ ପରେ ଏହାର ଲକ୍ଷଣ ଜଣାପଡୁଛି। ତେଣୁ ସରକାର କୌଣସି ପଦକ୍ଷେପ ନେଲେ କିମ୍ବା ତାହାକୁ ଉଠାଇବାକୁ ହେଲେ, ତୁରନ୍ତ କାର୍ଯ୍ୟକାରୀ ନକରି ଅପେକ୍ଷା କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।



ସୁଇଜରଲାଣ୍ଡର କରୋନା ବିରୋଧୀ ଲଢ଼େଇରେ ଭାରତର ସମର୍ଥନ ସୂଚକ ପ୍ରସିଦ୍ଧ ମାଙ୍ଗେରହର୍ନ ମାଉଣ୍ଟେନରେ ତ୍ରିରଙ୍ଗା ଭଳି ଆଲୋକ ସଜ୍ଜା କରାଯାଇଛି।

ଭାରତକୁ ସାଲ୍ୟୁଟ୍ କଲା ଜାତିସଂଘ

କୋଭିଡ୍-୧୯ ମହାମାରୀ ବିରୋଧୀ ଲଢ଼େଇରେ ଅନ୍ୟ ଦେଶକୁ ସହାୟତା କରିଥିବା ଭାରତ ଓ ଅନ୍ୟ ରାଷ୍ଟ୍ରଙ୍କୁ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ସାଲ୍ୟୁଟ୍ ଜଣାଇଛନ୍ତି। କରୋନା ସଂକ୍ରମିତଙ୍କ ଚିକିତ୍ସା ଲାଗି ଭାରତ ମ୍ୟାଲେରିଆ ନିରାକରଣ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଆମେରିକା ସମେତ ୫୫ଟି ଦେଶକୁ ଯୋଗାଇ ଦେଇଛି। ଭାରତ ସରକାର ଏହି ଔଷଧ ରପ୍ତାନି ଉପରୁ କଟକଣା ଉଠାଇଦେବା ପରେ ବିଭିନ୍ନ ଦେଶରେ ଏହାର ଚାହିଦା ବୃଦ୍ଧି ପାଇଛି। ଏହା ବ୍ୟତୀତ ଭାରତ ଅନ୍ୟ କେତେକ ଦେଶକୁ ଡାକ୍ତରୀ ଟିମ୍ ମଧ୍ୟ ପଠାଇଛି। କରୋନା ବିରୋଧୀ ଲଢ଼େଇରେ ସାରା ବିଶ୍ୱ ଏକାଠି ହେବା ପାଇଁ ମହାସଚିବ ଗୁଟେରେସ୍ ଆହ୍ୱାନ ଦେଇଛନ୍ତି। ଯେଉଁମାନେ ସହାୟତା କରିବା ସ୍ଥିତିରେ ଅଛନ୍ତି, ସେମାନେ ଅନ୍ୟ ଦେଶକୁ ସାହାଯ୍ୟ କରିବା ଲାଗି ଗୁଟେରେସ୍ କହିଛନ୍ତି।

କରାଚୀ ପାଲଟିଛି କବର ସହର

୪୯ ଦିନରେ ଅଣାଯାଇଛି ୩,୨୬୫ ମୃତଦେହ

କରାଚୀ,୧୮।୪: ପାକିସ୍ତାନର କରାଚୀ ଏବେ ପାଲଟିଛି କବର ସହର। ୪୯ ଦିନ (ଫେବୃୟାରୀ ୨୦ରୁ ଏପ୍ରିଲ ୯) ମଧ୍ୟରେ ଏଠାରେ ଥିବା ୩୦ଟି ସମାଧିସ୍ଥଳକୁ ୩,୨୬୫ ଜଣଙ୍କ ମୃତଦେହ ନିଆଯାଇଥିବା ସହର ପ୍ରଶାସନ ପକ୍ଷରୁ କୁହାଯାଇଛି।

କରାଚୀ ମ୍ୟୁନିସିପାଲ କର୍ପୋରେଶନ (କେଏମ୍‌ସି) ବରିଷ୍ଠ ମ୍ୟୁନିସିପାଲ ଡାଇରେକ୍ଟର ମାସୁଦ୍ ଆଲାମ ଦେଇଥିବା ତଥ୍ୟାନୁସାରେ କରାଚୀରେ ଏପ୍ରିଲ ମାସର ପ୍ରଥମ ୧୫ ଦିନ ତୁଳନାରେ ଏବେ କବର ସଂଖ୍ୟା ୨୫% କମିଛି। ଅନ୍ୟପକ୍ଷରେ ଚଳିତ ବର୍ଷର ସର୍ବାଧିକ ୨,୮୪୯ ଜଣ ମୃତବ୍ୟକ୍ତିଙ୍କୁ କେବଳ ଜାନୁୟାରୀ ମାସରେ କବର ଦିଆଯାଇଛି।

ମିଳିଥିବା ସୂଚନାନୁସାରେ କେଏମ୍‌ସି ପକ୍ଷରୁ ପରିଚାଳିତ ୩୧ଟି କବରସ୍ଥାନରେ ବିଗତ ୬ ମାସରେ ୧୩,୯୯୩ ଜଣଙ୍କୁ ପୋତାଯାଇଛି। ଏପ୍ରିଲରେ ସର୍ବନିମ୍ନ ୭୬୬ ଜଣଙ୍କୁ କବର ଦିଆଯାଇଛି। ୨୦୧୯ ଅକ୍ଟୋବରରେ ୨,୦୧୩ ଜଣଙ୍କୁ ସମାଧି ଦିଆଯାଇଥିବାବେଳେ ନଭେମ୍ବରରେ ୧,୮୦୭ ଓ ଡିସେମ୍ବରରେ ୨,୩୦୩ ଜଣଙ୍କ ଶବସତ୍କାର କରାଯାଇଥିଲା। ସେହିପରି ଫେବୃୟାରୀ ଓ ମାର୍ଚ୍ଚରେ ଏହି ସଂଖ୍ୟା ଥିଲା ଯଥାକ୍ରମେ ୨,୨୭୮ ଓ ୧,୯୭୮। କରାଚୀସ୍ଥିତ ହସ୍ପିଟାଲରେ କରୋନା ସଂକ୍ରମିତଙ୍କ ମୃତ୍ୟୁସଂଖ୍ୟା ବୃଦ୍ଧି ପାଉଥିବା ନେଇ ରିପୋର୍ଟ ପ୍ରକାଶ ପାଇବା ପରେ ଏହି ବିଷୟ ସାମ୍ନାକୁ ଆସିଛି। ତେବେ ପ୍ରକୃତ ମୃତ୍ୟୁସଂଖ୍ୟା ଏଥିରୁ ଆହୁରି ଅଧିକ ବୋଲି ଅନେକେ ଆଶଙ୍କା ବ୍ୟକ୍ତ କରିଛନ୍ତି। ତେବେ ଏହି ବ୍ୟକ୍ତିମାନଙ୍କ ମୃତ୍ୟୁ କୋଭିଡ୍-୧୯ ସଂକ୍ରମଣଜନିତ ବୋଲି ସରକାରୀ ସ୍ତରରେ କିଛି ସ୍ପଷ୍ଟ କରାଯାଇ ନାହିଁ।

କରୋନା ମୁକାବିଲା ପାଇଁ ଲକ୍‌ଡାଉନ୍ ଜାରି ହୋଇଥିବାବେଳେ ପଞ୍ଜାବର ଜଳନ୍ଧରରେ ଚାଷୀଙ୍କ ଗହମ ଫସଲକୁ ଉଜାଡ଼ିଦେଇଛି ବର୍ଷା ଓ ପବନ।

ସବୁ ଜିଲାରେ ଜରୁରୀ ପ୍ରଶମନ କେନ୍ଦ୍ର

ନୂଆଦିଲ୍ଲୀ: ଲକ୍‌ଡାଉନ ଯୋଗୁ ଲୋକଙ୍କ ସମସ୍ୟାର ସମାଧାନ ଲାଗି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପକ୍ଷରୁ ଜିଲାଗୁଡ଼ିକରେ ଜରୁରୀ ପ୍ରଶମନ କେନ୍ଦ୍ର ଖୋଲାଯାଇଛି। ଲୋକଙ୍କୁ ସହାୟତା କରିବା ଲାଗି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରେ ଏକ କଣ୍ଟ୍ରୋଲ ରୁମ୍ ୨୪ ଘଣ୍ଟା କାର୍ଯ୍ୟ କରୁଛି। ଅଭିଯୋଗ ଶୁଣାଣି ଲାଗି ହେଲ୍ପଲାଇନ ୧୯୩୦ ଓ ୧୯୪୪ ଜାରି ହୋଇଥିବା ମନ୍ତ୍ରଣାଳୟ ଯୁଗ୍ମସଚିବ ପୁଣ୍ୟସଲୀଳା ଶ୍ରୀବାସ୍ତବ କହିଛନ୍ତି। ଗର୍ଭବତୀ ମହିଳା, ବୃଦ୍ଧ ଓ ଭିନ୍ନକ୍ଷମ ଜରୁରୀ ପ୍ରଶମନ ନମ୍ବର ୧୧୨କୁ ଡାଏଲ କରି ସହାୟତା ପାଉଥିବା ଶ୍ରୀବାସ୍ତବ କହିଛନ୍ତି।

ଜମାତ ସହ ସମ୍ପୃକ୍ତ ୪ ହଜାର ସଂକ୍ରମିତ

ନୂଆଦିଲ୍ଲୀ,୧୮।୪: ଭାରତରେ କୋଭିଡ୍-୧୯ ସଂକ୍ରମିତଙ୍କ ସଂଖ୍ୟା ୧୪,୩୭୮ରେ ପହଞ୍ଚିଥିବାବେଳେ ସେଥିରୁ ୪୨୯୧ମାମଲା ଦିଲ୍ଲୀର ନିଜାମୁଦ୍ଦିନ୍‌ରେ ଗତ ମାସରେ ଅନୁଷ୍ଠିତ ତବଲିଘି ଜମାତ ଧର୍ମସଭା ସହ ସମ୍ପୃକ୍ତ ବୋଲି ସରକାର ଘୋଷଣା କରିଛନ୍ତି। ଅର୍ଥାତ୍ ପ୍ରତି ୧୦ ମାମଲାରୁ ୩ଟିର ଜମାତ ସହ ସମ୍ପର୍କ ରହିଛି। ତେବେ ତବଲିଘି ଜମାତ କର୍ମୀମାନେ କେବଳ ଭାରତରେ କରୋନା ଭୂତାଣୁର ବାହକ ସାଜିନାହାନ୍ତି, ସେମାନେ ଦକ୍ଷିଣ ଓ ଦକ୍ଷିଣ-ପୂର୍ବ ଏସିଆ ଅନେକ ଦେଶରେ ମଧ୍ୟ ସୁପର ସ୍ପ୍ରେଡର ସାଜିଛନ୍ତି। ଅନ୍ୟ ଦେଶରେ ୩୦୦୦ରୁ ଊର୍ଦ୍ଧ୍ୱ ମାମଲାର ଜମାତ ସହ ସମ୍ପୃକ୍ତି ରହିଛି।

ପାକିସ୍ତାନରେ ୭୫୦୦ ଜଣ କରୋନା ସଂକ୍ରମିତ ହୋଇଥିବାବେଳେ ସେଥିରୁ ୫୦୦ରୁ ଊର୍ଦ୍ଧ୍ୱଙ୍କର ଜମାତ କର୍ମୀଙ୍କ ସହ ସମ୍ପର୍କରହିଛି। ସେଠାର ରାଇଓ୍ୱିଣ୍ଡ ଇଜତେମା ଏବେ କରୋନା ହଟ୍‌ସ୍ପଟରେ ପରିଣତ ହୋଇଛି। ମାର୍ଚ୍ଚରେ ଜମାତ ପକ୍ଷରୁ ସେଠାରେ ଅନୁଷ୍ଠିତ ଉତ୍ସବରେ ପାଖାପାଖି ଲକ୍ଷେ ଲୋକ ଯୋଗଦେଇଥିଲେ। ମାଲେସିଆରେ ୩୫୦୦ କୋଭିଡ୍-୧୯ ମାମଲାରୁ ୧୫୪୫ଟିର ଜମାତ ଲିଙ୍କ୍ ରହିଛି। କୁଆଲାଲୁମ୍ପୁରର ଉପକଣ୍ଠରେ ଥିବା ମସ୍‌ଜିଦରେ ଫେବୃୟାରୀରେ ଅନୁଷ୍ଠିତ ବାର୍ଷିକ ଧର୍ମସଭାରେ ୧୫,୦୦୦ ଲୋକ ଯୋଗଦେଇଥିଲେ।

ଦେଶରେ କରୋନା ତାଣ୍ଡବ

ରାଜ୍ୟ/ୟୁଟି	ମୋଟ ସଂକ୍ରମିତ	ଚିକିତ୍ସାଧୀନ	ଆରୋଗ୍ୟ	ମୃତ୍ୟୁ
ମହାରାଷ୍ଟ୍ର	୩,୬୪୮	୩,୧୦୬	୩୩୧	୨୧୧
ତାମିଲନାଡୁ	୧,୩୭୨	୯୯୨	୩୬୫	୧୫
ଦିଲ୍ଲୀ	୧,୭୦୭	୧,୫୯୩	୭୨	୪୨
ତେଲଙ୍ଗାନା	୮୦୭	୬୦୩	୧୮୬	୧୮
କେରଳ	୩୯୯	୧୪୦	୨୫୭	୨
ଉତ୍ତରପ୍ରଦେଶ	୯୭୪	୮୫୨	୧୦୮	୧୪
ଆନ୍ଧ୍ରପ୍ରଦେଶ	୬୦୩	୫୪୫	୪୨	୧୬
ରାଜସ୍ଥାନ	୧,୨୮୨	୧,୦୮୦	୧୮୩	୧୯
ମଧ୍ୟପ୍ରଦେଶ	୧,୪୦୨	୧,୨୬୩	୭୦	୬୯
କର୍ନାଟକ	୩୮୪	୨୬୬	୧୦୪	୧୪
ଗୁଜରାଟ	୧,୩୭୬	୧,୨୩୦	୯୩	୫୩
ହରିୟାଣା	୨୩୨	୧୨୯	୧୦୦	୩
ଜମ୍ମୁ-କଶ୍ମୀର	୩୪୧	୨୮୫	୫୧	୫
ପଶ୍ଚିମବଙ୍ଗ	୨୮୭	୨୨୦	୫୫	୧୨
ପଞ୍ଜାବ	୨୩୪	୧୮୭	୩୧	୧୬
ଓଡ଼ିଶା	୬୧	୩୬	୨୪	୧
ବିହାର	୮୬	୪୩	୪୨	୧
ଉତ୍ତରାଖଣ୍ଡ	୪୨	୩୩	୯	-
ଆସାମ	୩୪	୨୧	୧୨	୧
ଚଣ୍ଡିଗଡ଼	୨୩	୧୪	୯	-
ଲଦାଖ	୧୮	୪	୧୪	-
ହିମାଚଳ ପ୍ରଦେଶ	୩୯	୨୧	୧୬	୨
ଆଣ୍ଡାମାନ ଓ ନିକୋବର	୧୪	୩	୧୧	-
ଛତିଶଗଡ଼	୩୬	୧୧	୨୫	-
ଗୋଆ	୭	୧	୬	-
ପୁଡୁଚେରୀ	୭	୬	୧	-
ଝାଡ଼ଖଣ୍ଡ	୩୨	୩୦	-	୨
ମଣିପୁର	୨	୧	୧	-
ଅରୁଣାଚଳ ପ୍ରଦେଶ	୧		୧	-
ନାଗାଲାଣ୍ଡ	୧	୧	-	-
ମିଜୋରାମ	୧	୧	-	-
ତ୍ରିପୁରା	୨	୧	୧	-
ମୋଟ	୧୫,୪୬୫	୧୨,୭୨୮	୨,୨୨୦	୫୧୭

https://www.covid19india.org ତଥ୍ୟ ଅନୁଯାୟୀ (ଶନିବାର ରାତି ୯ଟା ୩୦ ସୁଦ୍ଧା)

ଅଢ଼େଇ ହଜାରରେ ଫୋନ୍ ବିକି ଖାଦ୍ୟ ଆଣିଥିଲେ ଦାଦନ

ଆତ୍ମହତ୍ୟା ପୂର୍ବରୁ ଶେଷ ଆୟ

ଗୁରୁଗ୍ରାମ,୧୮।୪: ଲକ୍‌ଡାଉନ୍ ଯୋଗୁ ଗରିବ, ନିରାଶ୍ରୟ ଲୋକଙ୍କ ମୁଣ୍ଡବ୍ୟଥା ବଢ଼ିଛି। କାମଧନ୍ଦା ବନ୍ଦ ହୋଇଯିବା ପରେ ପରିବାର ପୋଷିବା ସେମାନଙ୍କ ଲାଗି କଷ୍ଟକର ହୋଇପଡ଼ିଛି। ଅନେକେ ଖାଇବାକୁ ମୁଠେ ପାଉନାହାନ୍ତି। ଏଭଳି ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ଗୁରୁଗ୍ରାମସ୍ଥିତ ଏକ ବସ୍ତିରେ। ଭୋକ ଉପାସରେ ଆଉଟପାଉଟୁ ହେଉଥିବା ପରିବାର ଲୋକଙ୍କ ମୁହଁରେ ଦାନା ଦେବା କଷ୍ଟକର ହେବାରୁ ମୁକେଶ ନାମକ ଜଣେ ଯୁବକ ଶେଷରେ ନିଜ ଫୋନ୍ ବିକ୍ରି କରିଥିଲେ। ସେଥିରୁ ମିଳିଥିବା ୨,୫୦୦ ଟଙ୍କାରେ ଘର ପାଇଁ ଅଟା, ଚାଉଳ, ଚିନି ଓ ୪ ପିଲା ଶୋଇବା ଲାଗି ଏକ ଟେବୁଲ ଫ୍ୟାନ୍ ଆଣିଥିଲେ। ବଳିଥିବା ଟଙ୍କା ସ୍ତ୍ରୀଙ୍କୁ ଦେଇ ଆରପଟ ଘରେ ବେକରେ ରଶିଲଗାଇ ଆତ୍ମହତ୍ୟା କରିଥିଲେ। ସ୍ତ୍ରୀ ପୁନମ୍‌ଙ୍କ ପାଖରେ ଯାହା ଟଙ୍କା ଥିଲା ସ୍ୱାମୀଙ୍କ ଶେଷକୃତ୍ୟରେ ଖର୍ଚ୍ଚ ହୋଇଗଲା। ଏବେ ୪ ପ୍ରାଣୀ କୁଟୁମ୍ବଙ୍କୁ ଧରି ପୁନମ୍ ଅସହାୟ ସ୍ଥିତିରେ ଅଛନ୍ତି। ଡିଏଲ୍‌ଏଫ୍ ଫେଜ୍-୫ର ସରସ୍ୱତୀ କୁଞ୍ଜ ବସ୍ତିରେ ଏଭଳି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି।

ମୁକେଶ ପେସାରେ ଜଣେ ରଙ୍ଗ ମିସ୍ତ୍ରି ଥିଲେ। କାମ ନ ମିଳିବାରୁ ତାଙ୍କ ସମସ୍ୟା ବଢ଼ିଥିଲା। କିଛିଦିନ ଦିନମଜୁରିଆ ଭାବେ ମଧ୍ୟ ସେ କାମ କରିଥିଲେ। ହେଲେ ଲକ୍‌ଡାଉନ୍ ପରେ ସମ୍ପୂର୍ଣ୍ଣ ଭାବେ କାମଧନ୍ଦା ବନ୍ଦ ହୋଇଯିବାରୁ ପରିବାର ପୋଷିବା କଷ୍ଟକର ହୋଇପଡ଼ିଲା। କିଛି ଋଣ କରିଥିବା ବେଳେ ତାକୁ ଶୁଝିପାରି ନ ଥିଲେ।

ଆମେରିକାକୁ କାଳ ଅସିଦ୍ଧ ପରୀକ୍ଷା

କରୋନା ମୁକାବିଲାରେ ପ୍ରତିବନ୍ଧକ ସାଜିଛି ଲାବ୍ ସମସ୍ୟା

ୱାଶିଂଟନ,୧୮।୪: କରୋନା ଭାଇରସ୍ ବିଶ୍ୱକୁ ଗ୍ରାସକରି ଚାଲିଥିବା ବେଳେ ଆମେରିକା ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସର୍ବାଧିକ ଭୂତାଣୁ ଆକ୍ରାନ୍ତ ଓ ମୃତ୍ୟୁସଂଖ୍ୟା ଏଠାରେ

୨୦ରୁ ପୂର୍ତ୍ତ ବିଭାଗ ଆରମ୍ଭ କରିବ ନିର୍ମାଣ କାର୍ଯ୍ୟ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ଲକ୍‌ଡାଉନ୍ ଯୋଗୁ ବନ୍ଦ ପଡ଼ିଥିବା କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ମାଣ କାର୍ଯ୍ୟକୁ ସରକାର ଆରମ୍ଭ କରିବାକୁ ଯାଉଛନ୍ତି। ଚଳିତ ମାସ ୨୦ରୁ ଏହି କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭାଗ ପକ୍ଷରୁ ଶନିବାର ସଂପୃକ୍ତ ଯନ୍ତ୍ରୀମାନଙ୍କୁ ଚିଠି ଲେଖାଯାଇଛି। ପୂର୍ତ୍ତ ବିଭାଗ ଅତିରିକ୍ତ ସଚିବ ଆର.କେ. ଆଚାର୍ଯ୍ୟଙ୍କ ପକ୍ଷରୁ ୪ ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖାଯାଇଛି। ଏହିମାନେ ହେଉଛନ୍ତି– ମୁଖ୍ୟଯନ୍ତ୍ରୀ(ଡିପିଆଇ ଆଣ୍ଡ ଆର୍), ମୁଖ୍ୟଯନ୍ତ୍ରୀ(ବିଲ୍ଡିଂ), ମୁଖ୍ୟଯନ୍ତ୍ରୀ(ବିଶ୍ୱ ବ୍ୟାଙ୍କ୍) ଏବଂ ମୁଖ୍ୟଯନ୍ତ୍ରୀ(ଏନ୍‌ଏଚ୍)। ଏଥିସହିତ ଭୁବନେଶ୍ୱରସ୍ଥିତ ଜାତୀୟ ରାଜପଥ ପ୍ରାଧିକରଣ(ଏନ୍‌ଏଚ୍‌ଏଆଇ)ର ସିଜିଏମ୍‌ଙ୍କୁ ମଧ୍ୟ ଚିଠି ଲେଖାଯାଇଛି। ନିର୍ମାଣ କାର୍ଯ୍ୟ ବେଳେ ସାମାଜିକ ଦୂରତାକୁ ଗୁରୁତ୍ୱ ଦେବାକୁ ଚିଠି ମାଧ୍ୟମରେ ଉଲ୍ଲେଖ କରାଯାଇଛି। ଏତଦ୍‌ବ୍ୟତୀତ ବିଭାଗ ପକ୍ଷରୁ ଅନ୍ୟ କେତେକ ନିୟମାବଳୀ ମଧ୍ୟ ଜାରି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଆବଶ୍ୟକ ଅନୁମତି ମିଳିବା ପରେ ପୂର୍ତ୍ତ ବିଭାଗ ଏପରି ନିଷ୍ପତ୍ତି ନେଇଥିବା ଜଣାପଡ଼ିଛି।

'ୱାନ୍ ୱାର୍ଲଡ୍: ଟୁଗେଦର୍ ଆଟ୍ ହୋମ୍'

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

କରୋନା ସଂକ୍ରମଣ ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ୱାସ୍ଥ୍ୟକର୍ମୀଙ୍କୁ ଉତ୍ସାହିତ କରିବା ଏବଂ ବିଶ୍ୱବାସୀଙ୍କୁ ଘରେ ରହିବା ଲାଗି ସଚେତନ କରିବା ପାଇଁ ଆୟୋଜିତ ହୋଇଛି ବିଶ୍ୱର ସର୍ବବୃହତ୍ ଭର୍ଚୁଆଲ୍ କନ୍‌ସର୍ଟ 'ୱାନ୍ ୱାର୍ଲଡ: ଟୁଗେଦର୍ ଆଟ୍ ହୋମ୍'। ଗ୍ଲୋବାଲ୍ ସିଟିଜେନ୍ ମୁଭ୍‌ମେଣ୍ଟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା କରାଯାଇଥିବା ଏହି କନ୍‌ସର୍ଟରେ ବିଶ୍ୱର ଖ୍ୟାତନାମା କଳାକାର ଓ କଣ୍ଠଶିଳ୍ପୀମାନେ ସାମିଲ ହୋଇଛନ୍ତି। ପପ୍ କୁଇନ୍ ଲେଡି ଗାଗାଙ୍କ ଉଦ୍ୟମରେ ହୋଇଥିବା ଏହି 'ୱାନ୍ ୱାର୍ଲଡ: ଟୁଗେଦର୍ ଆଟ୍ ହୋମ୍'କୁ ଷ୍ଟିଫେନ୍ କୋଲବର୍ଟ, ଜିମ୍ମି କିମେଲ ଓ ଜିମ୍ମି ଫାଲୋନ୍‌ଙ୍କ ଭଳି ବହୁଚର୍ଚ୍ଚିତ ଆମେରିକାନ୍ ଟେଲିଭିଜନ୍ ଷ୍ଟାର୍‌ମାନେ ହୋଷ୍ଟ କରିଛନ୍ତି। ଏଲ୍‌ଟନ୍ ଜନ୍, ଟେଲର ସ୍ୱିଫ୍ଟ, ବିଲି ଏଲିଶ, ପଲ୍ ମାକ୍‌କାର୍ଟନୀ, ସେଲିନ ଡିଅନ୍, ଜନ୍ ଲିଜେଣ୍ଡ ଏବଂ ଓପ୍ରା ୱିନ୍‌ଫ୍ରିଙ୍କ ଭଳି ବହୁ ବ୍ୟକ୍ତିତ୍ୱଙ୍କୁ ଏଥିରେ ଦେଖିବାକୁ ମିଳିଛି।

ଶନିବାର ବୁକ୍ ମାଇଁ ଶୋ'ରେ ଲାଇଭ୍ ଷ୍ଟ୍ରିମିଂ ହୋଇଥିବା ଏହି କନ୍‌ସର୍ଟ ରବିବାର ସକାଳ ୫ଟା ୩୦ ଏବଂ ସନ୍ଧ୍ୟା ୮ଟାରେ ରିପିଟ୍ ଟେଲିକାଷ୍ଟ ହେବ। ଏହାବ୍ୟତୀତ ସୋନୀ ପିକ୍ସ, ଏଏକ୍ସଏନ୍ ଏବଂ ସୋନୀ ଲାଇଭ୍‌ରେ ମଧ୍ୟ ସନ୍ଧ୍ୟା ୮ଟାରୁ ୧୦ଟା ମଧ୍ୟରେ ଦେଖିହେବ। ଭିଏଚ୍‌୧ ଇଣ୍ଡିଆ, କମେଡି ସେଣ୍ଟ୍ରାଲ ଇଣ୍ଡିଆ, କଲର୍ସ ଇନ୍‌ଫିନିଟି ଏବଂ ଭୁଟ୍‌ରେ ରବିବାର ସକାଳ ୫ଟା ୩୦ ଏବଂ ସନ୍ଧ୍ୟା ୮ଟାରେ ଦର୍ଶକ ଏହି ଶୋ' ଦେଖିପାରିବେ। ସେହିଭଳି ଡବ୍ଲ୍ୟୁଏଚ୍‌ଓର ୟୁଟ୍ୟୁବ୍ ସାଇଟ୍‌ରେ ମଧ୍ୟ ଏହି ସ୍ପେଶାଲ କନ୍‌ସର୍ଟ ଦେଖିହେବ। ଭାରତରୁ ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବଂ ବଲିଉଡ୍ କିଙ୍ଗ୍ ଖାନ୍ ଶାହରୁଖ୍ ଖାନ୍‌ଙ୍କୁ ଏଥିରେ ଦେଖିବାକୁ ମିଳିଥିବା ବେଳେ 'ରୋଲିଂ ଷ୍ଟୋନ୍‌ସ'ର ସମସ୍ତ ୪ଜଣ ସଦସ୍ୟ ଏଥିରେ ଅଂଶଗ୍ରହଣ କରିଥିଲେ। ସମଗ୍ର ବିଶ୍ୱରେ କରୋନା ମୁକାବିଲାରେ ସାମିଲ ହୋଇଥିବା ଆଗଧାଡ଼ିର ସ୍ୱାସ୍ଥ୍ୟକର୍ମୀଙ୍କୁ ଏହି କନ୍‌ସର୍ଟ ମାଧ୍ୟମରେ କୃତଜ୍ଞତା ଦିଆଯିବା ସହ ଏଥିରୁ ସଂଗୃହୀତ ଅର୍ଥକୁ ଡବ୍ଲ୍ୟୁଏଚ୍‌ଓର କୋଭିଡ୍–୧୯ ସଲିଡାରିଟି ରେସ୍‌ପନ୍ସ ଫଣ୍ଡକୁ ପ୍ରଦାନ କରାଯିବ।

ଶାହରୁଖ୍, ପ୍ରିୟଙ୍କା

ଲେଡି ଗାଗା

୬୦ବର୍ଷ ବ୍ୟକ୍ତିଙ୍କୁ କାମ କରିବାକୁ ମନା

- ରାଜସ୍ୱ କମିଶନର, ଜିଲାପାଳଙ୍କୁ ଚିଠି ଲେଖିଲେ ଏସ୍‌ଆର୍‌ସି
- ଏସଓପି ଅନୁସରଣ କରିବାକୁ ନିର୍ଦ୍ଦେଶ
- କାର୍ଯ୍ୟସ୍ଥଳରେ ଗୁଟଖା, ଛେପ ପକାଇବା ଉପରେ କଟକଣା
- ୧୧ଟା ରୁ ୩ଟା ମଧ୍ୟରେ କାମ କରିବା ନିଷେଧ

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ରାଜ୍ୟରେ ସରକାରୀ ଓ ବେସରକାରୀ ନିର୍ମାଣ କ୍ଷେତ୍ରରେ କୋଭିଡ୍–୧୯ ସଂକ୍ରମଣକୁ ରୋକିବା ପାଇଁ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଅର(ଏସ୍‌ଓପି) ପ୍ରସ୍ତୁତ କରାଯାଇଛି। ଏହାକୁ ପାଳନ କରିବା ପାଇଁ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ପ୍ରଦୀପ କୁମାର ଜେନା ସମସ୍ତ ବିଭାଗ, ରାଜସ୍ୱ କମିଶନର ଏବଂ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଏସ୍‌ଓପି ଅନୁସାରେ, ନିର୍ମାଣ କ୍ଷେତ୍ରରେ ଜଡ଼ିତ ଶ୍ରମିକ, ଟେକ୍ନିସିଆନ, ସୁପରଭାଇଜର ଏବଂ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟ କ୍ଷେତ୍ରରେ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରାଯିବ। ନିର୍ମାଣ ସ୍ଥାନରେ କାର୍ଯ୍ୟ କରୁଥିବା ସମୟରେ ସବୁ ବ୍ୟକ୍ତି ଫେସ୍ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି। କଣ୍ଟ୍ରାକ୍ଟର ବା ନିର୍ମାଣ ସଂସ୍ଥା ବାହାରୁ ଆସୁଥିବା ଶ୍ରମିକମାନଙ୍କ ପାଇଁ ସାଧାରଣ ପରିବହନ ବ୍ୟବସ୍ଥା ଉପରେ ନିର୍ଭର ନ କରି ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା କରିବେ। ସେହିପରି ୬୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଶ୍ରମିକମାନଙ୍କୁ କାର୍ଯ୍ୟ କ୍ଷେତ୍ରର କାମ କରିବାକୁ ଅନୁମତି ଦିଆଯିବ ନାହିଁ। କୌଣସି ଅସୁସ୍ଥ, ବୃଦ୍ଧ ଏବଂ ଥଣ୍ଡା, କାଶ, ଛିଙ୍କର ଲକ୍ଷଣ ଥିବା ଲୋକଙ୍କୁ କାମ କରିବାକୁ ଦିଆଯିବ ନାହିଁ। ଶ୍ରମିକମାନଙ୍କଠାରେ ଏଭଳି ଲକ୍ଷଣ ଦେଖାଦେଲେ କଣ୍ଟ୍ରାକ୍ଟର ବା ନିର୍ମାଣ ସଂସ୍ଥା ସମ୍ପୃକ୍ତ ଶ୍ରମିକଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରାଇବାର ବ୍ୟବସ୍ଥା କରାଇବେ। ନିର୍ମାଣ କାର୍ଯ୍ୟ ଚାଲୁଥିବା ସ୍ଥାନରେ ଗୁଟ୍‌କା, ତମାଖୁ ସେବନ ଏବଂ ଛେପ ପକାଇବା ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। ଶ୍ରମିକମାନେ ଖାଇବା, ଶୋଇବା ଓ କାର୍ଯ୍ୟକ୍ଷେତ୍ରରେ ଯେପରି ସାମାଜିକ ଦୂରତା ରକ୍ଷା କରିବେ ସେ ନେଇ କଣ୍ଟ୍ରାକ୍ଟରମାନେ ପଦକ୍ଷେପ ନେବେ। ଏଥିସହିତ ଶ୍ରମିକମାନଙ୍କ ସଚେତନତା ଓ ତାଲିମ କାର୍ଯ୍ୟକ୍ରମ କରିବାକୁ କୁହାଯାଇଛି।

ଅନ୍ୟପଟେ ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଛି। କେତେକ ସ୍ଥାନରେ ପାରଦ ୪୨ ଡିଗ୍ରୀ ମଧ୍ୟ ଛୁଇଁଲାଣି। ତେଣୁ ଶ୍ରମିକ ବା ନିମାଣ କର୍ମଚାରୀଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା କରିବା ପାଇଁ ଏକ ନିର୍ଦ୍ଦେଶାବଳୀ ମଧ୍ୟ ହୋଇଛି। ଏହି ନିର୍ଦ୍ଦେଶାବଳୀ ଅନୁଯାୟୀ, ନିର୍ମାଣସ୍ଥଳରେ ଖରାଦାଉରୁ ଶ୍ରମିକମାନଙ୍କୁ ରକ୍ଷା କରିବାକୁ ଛାଇ ବ୍ୟବସ୍ଥା କରାଯିବା ସହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କୌଣସି କାର୍ଯ୍ୟ କରିବା ଉପରେ କଟକଣା ଜାରି କରାଯାଇଛି। ଶମିକମାନଙ୍କ ପାଇଁ ନିର୍ମାଣ ସ୍ଥାନରେ ଅତ୍ୟାବଶ୍ୟକ ଔଷଧ, ଓଆର୍‌ଏସ୍, ଗ୍ଲୁକୋଜ୍ ଇତ୍ୟାଦି ପ୍ରାଥମିକ ଚିକିତ୍ସା ବକ୍ସର ବ୍ୟବସ୍ଥା କରିବା ପାଇଁ କୁହାଯାଇଛି।

ଦୂରଦର୍ଶନ ମାଧ୍ୟମରେ ପଢ଼ିବେ ଦଶମ ଛାତ୍ରୀଛାତ୍ର

ଭୁବନେଶ୍ୱର, ୧୮।୪(ବ୍ୟୁରୋ): କରୋନା ପାଇଁ ଲକ୍‌ଡାଉନ୍ ଜାରି ରହିଥିବାରୁ ପିଲାଙ୍କ ପାଠ ପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଦୂରଦର୍ଶନର ସହାୟତା ନିଆଯିବ। ଡିଡି ଓଡ଼ିଆରେ ଆସନ୍ତା ୨୦ ତାରିଖରୁ ଏଡୁସାଟ୍ ପକ୍ଷରୁ ପ୍ରସ୍ତୁତ ଶିକ୍ଷା ଭିଡିଓର ପ୍ରସାରଣ ପାଇଁ ନିଷ୍ପତ୍ତି ହୋଇଛି। ବିଶେଷକରି ଏଥିରେ ଦଶମ ଶ୍ରେଣୀ ପାଠ ପଢାଯିବ। ପ୍ରତି ସୋମବାରରୁ ଶୁକ୍ରବାର ଦିନକୁ ଦୁଇଥର ପୂର୍ବାହ୍ନ ୧୧ଟାରୁ ୧୨ଟା ଓ ଦିନ ୩ଟା ୩୦ରୁ ୪ଟା ୩୦ରେ ପ୍ରସାରିତ ହେବ।



ଗଣିତ, ଇଂଲିଶ, ଭୂଗୋଳ, ଭୌତିକ ବିଜ୍ଞାନ ଓ ଜୀବ ବିଜ୍ଞାନ ପାଠ୍ୟକ୍ରମ ପ୍ରସାରଣ କରାଯିବ। ଏପ୍ରିଲ ୨୦ରୁ ମେ' ୧୨ ତାରିଖ ମଧ୍ୟରେ ୩୪ଟି ଭିଡିଓର ପୁନଃ ପ୍ରସାରଣ ହେବ।

ଏହାଛଡ଼ା ଅନ୍ୟ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା କରାଯାଇଛି। ଛାତ୍ରୀଛାତ୍ର 'ମଧୁ' ଓ 'ଦୀକ୍ଷା' ଆପ୍ ଜରିଆରେ ପାଠ ପଢ଼ିପାରିବେ। ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହିତ ଯୋଡ଼ି ରଖିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଏ ନେଇ ଓସେପା ପକ୍ଷରୁ ସମସ୍ତ ଜିଲା ଶିକ୍ଷାଧିକାରୀ, ଜିଲା ପ୍ରକଳ୍ପ ସଂଯୋଜକ, ବ୍ଲକ୍ ଶିକ୍ଷାଧବକାରୀଙ୍କୁ ଚିଠି ଲେଖି ଜଣାଯାଇଛି। ଟିଭି ମାଧ୍ୟମରେ ଶିକ୍ଷା ପାଇଁ ଛାତ୍ରୀଛାତ୍ରଙ୍କୁ ସ୍କୁଲର ପ୍ରଧାନଶିକ୍ଷକ ଅବଗତ କରାଇବାକୁ ନିର୍ଦ୍ଦେଶ ଦିଆଯାଇଛି।

ରଥଯାତ୍ରା ପାଇଁ ଦଇତାପତି ସେବକଙ୍କ ପ୍ରସ୍ତାବ

- ସେବାୟତଙ୍କ ହେଉ କରୋନା ଟେଷ୍ଟ
- ପହଣ୍ଡିରେ ସାମାଜିକ ଦୂରତା ରକ୍ଷା ସମ୍ଭବ ନୁହେଁ
- ଶ୍ରଦ୍ଧାଳୁଙ୍କ ଉପରେ ଲାଗିପାରେ କଟକଣା

ପୁରୀ ଅଫିସ,୧୮।୪

କରୋନା ଯୋଗୁ ଗତ ମାସ ୨୦ ତାରିଖରୁ ଭକ୍ତଙ୍କ ପାଇଁ ବନ୍ଦ ରହିଛି ଶ୍ରୀମନ୍ଦିର। ପ୍ରାୟ ମାସେ ହେବ ଭକ୍ତ–ଭଗବାନଙ୍କ ମଧ୍ୟରେ ପାଚେରି ପଡ଼ିଛି। ହେଲେ ଏବେ ରଥଯାତ୍ରାକୁ ନେଇ ସମସ୍ତେ ଚିନ୍ତାରେ। କେମିତି ହେବ ରଥଯାତ୍ରା, ବଡଦାଣ୍ଡରେ ରଥଟଣା ହେବ କି ନାହିଁ ଆଦି ଅନେକ କଥାକୁ ନେଇ ଆଶା ଆଶଙ୍କା ଲାଗିରହିଛି। ସରକାରଙ୍କ ପକ୍ଷରୁ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ନାହିଁ। ମାତ୍ର ଠିକଣା ସମୟରେ ରଥଯାତ୍ରା ହେବ ବୋଲି କହିଛନ୍ତି ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ସୁଭଦ୍ରାଙ୍କ ବାଡ଼ଗ୍ରାହୀ ରାମଚନ୍ଦ୍ର ଦାସମହାପାତ୍ର। ତାଙ୍କ ମତରେ ମହାପ୍ରଭୁଙ୍କ କରୁଣାରୁ ଦୂରେଇଯିବ କରୋନା। ଜଗତ କଲ୍ୟାଣ ପାଇଁ ବଡ଼ଦାଣ୍ଡକୁ ଓହ୍ଲାଇବେ ମହାପ୍ରଭୁ। ତେବେ ଏଥର ଶ୍ରଦ୍ଧାଳୁଙ୍କ ଉପରେ କଟକଣା ଲାଗିପାରେ। କିନ୍ତୁ ରଥଯାତ୍ରାରେ ସାମିଲ ସେବାୟତଙ୍କ କରୋନା ଟେଷ୍ଟ କରାଯାଇ ସେମାନଙ୍କୁ ପରିଚୟପତ୍ର ଦିଆଯାଉ ବୋଲି କହିଛନ୍ତି ଦାସମହାପାତ୍ର। ଏ ନେଇ ସେବାୟତଙ୍କ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି।

ଜୁନ୍ ୨୩ରେ ରଥଯାତ୍ରା। ଏହାକୁ ଦୃଷ୍ଟିରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୨୬ତାରିଖ ପବିତ୍ର ଅକ୍ଷୟ ତୃତୀୟା। ମହାପ୍ରଭୁଙ୍କ ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ଆରମ୍ଭ। ଏହି ଦିନଠାରୁ ତିନିରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ହେବ। ଏଥିପାଇଁ ସପ୍ତମ ପର୍ଯ୍ୟାୟ ରଥକାଠ ପୁରୀରେ ପହଞ୍ଚି ସାରିଛି। ରାମନବମୀରେ କଟକ ଖପୁରିଆସ୍ଥିତ କରତ କଳରେ ରଥକାଠ କଟା ଅନୁକୂଳ ବି ହୋଇଛି। ଅନ୍ୟପକ୍ଷରେ ରଥଯାତ୍ରା ଆୟୋଜନକୁ ନେଇ ନାନା ଚର୍ଚ୍ଚା ଶୁଣିବାକୁ ମିଳୁଛି। କିଏ ଏବର୍ଷ ରଥଯାତ୍ରା ହୋଇ ନ ପାରେ ବୋଲି କହୁଥିବାବେଳେ ଆଉ କେହି ମହାପ୍ରଭୁଙ୍କ କୃପାରୁ ସବୁ କିଛି ଠିକ୍‌ଠାକ ଚାଲିବ ବୋଲି କହୁଛନ୍ତି। ସେବାୟତ ବିସକାରାତ୍ମକ ଆଭିମୁଖ୍ୟ ରଖିଛନ୍ତି। ଶନିବାର ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସମହାପାତ୍ର କହିଛନ୍ତି, ମହାପ୍ରଭୁ ଚାହୁଁଛନ୍ତି ରଥଯାତ୍ରା ହେଉ। ଯଦି କିଛି ଅଲଗାଥାନ୍ତା ତେବେ ଏ ପର୍ଯ୍ୟନ୍ତ ପୁରୀରେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥାନ୍ତେ। ସେମିତି କିଛି ହେବନି, ମହାପ୍ରଭୁଙ୍କ କରୁଣାରୁ କରୋନା ଦୂରେଇଯିବ। ଠିକଣା ସମୟରେ ରଥଯାତ୍ରା ହେବ। ସରକାର ଭକ୍ତଙ୍କ ଉପରେ କଟକଣା ଲଗାଇପାରନ୍ତି। ଅର୍ଥାତ୍ ଏଥର ରଥଯାତ୍ରାରେ ଭକ୍ତଙ୍କ ଗହଳିକୁ ବାରଣ କରାଯିବ। କିନ୍ତୁ ସେବାୟତଙ୍କ ମଧ୍ୟରେ ସାମାଜିକ ଦୂରତା ରକ୍ଷା କରିବା ସମ୍ଭବ ହେବ ନାହିଁ। ବିଶେଷକରି ପହଣ୍ଡି ସମୟରେ ଏହା ଆଦୌ ସମ୍ଭବପର ନୁହେଁ। ତେଣୁ ରଥଯାତ୍ରାରେ ସାମିଲ ସମସ୍ତ ସେବାୟତଙ୍କ କରୋନା ଟେଷ୍ଟ କରାଯାଇ ପରିଚୟପତ୍ର ଦିଆଯିବା ଦରକାର।

ଜୁନ୍ ୧୭ ପରେ ପରୀକ୍ଷା

ଭୁବନେଶ୍ୱର, ୧୮।୪(ବ୍ୟୁରୋ): କରୋନା ସ୍ଥିତିର ମୁକାବିଲା ପାଇଁ ଲକ୍‌ଡାଉନ୍ ଚାଲିଛି। ଏହା ମଧ୍ୟରେ କୌଣସି ପରୀକ୍ଷା କରିବା ସମ୍ଭବ ନୁହେଁ। ଆସନ୍ତା ଜୁନ୍ ୧୭ ଯାଏ ଶିକ୍ଷାନୁଷ୍ଠାନ ବନ୍ଦ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ତେଣୁ ଲକଡାଉନ୍ ଖୋଲିବା ପରେ ପରୀକ୍ଷା ସମ୍ପର୍କରେ ନିଷ୍ପତ୍ତି ନିଆଯିବ। ବାକି ରହିଯାଇଥିବା ପରୀକ୍ଷା ହେବ ବୋଲି ଶନିବାର ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ କହିଛନ୍ତି। ସେ କହିଛନ୍ତି ଯେ, ସ୍କୁଲ ଓ କଲେଜ ଖୋଲିବା ପରେ ଯେକୌଣସି ସମୟରେ ପରୀକ୍ଷା କରାଯିବ। ଏଥିପାଇଁ ଏକ ସିଡ୍ୟୁଲ ତିଆରି ହେବ। ଶିକ୍ଷା ବ୍ୟବସ୍ଥାର ସାମ୍ପ୍ରତିକ ସ୍ଥିତିକୁ ନେଇ ୟୁଜିସି ୭ ଜଣିଆ କମିଟି କରିଛି। ଖୁବ୍‌ଶୀଘ୍ର ଏହି ରିପୋର୍ଟ ଆସିବା ପରେ ଅନୁଧ୍ୟାନ କରାଯିବ। ୟୁଜିସି ରିପୋର୍ଟ ଆଧାରରେ ରାଜ୍ୟ ସରକାର ନିଷ୍ପତ୍ତି ନେବେ ବୋଲି ମନ୍ତ୍ରୀ କହିଛନ୍ତି। ତେଣୁ ଛାତ୍ରୀଛାତ୍ରମାନେ ଛୁଟିର ସଦ୍‌ଉପଯୋଗ କରନ୍ତୁ। ପରୀକ୍ଷା ପାଇଁ ପୂର୍ଣ୍ଣମାତ୍ରାରେ ପ୍ରସ୍ତୁତ ରହିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଆଉ କିଛିଦିନ ପରେ ଏ ସମ୍ପର୍କରେ ସମସ୍ତ କୁଳପତିଙ୍କୁ ଡକାଯାଇ ଆଲୋଚନା କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଆସନ୍ତା ୨୦ ତାରିଖରୁ ଉଚ୍ଚ ଶିକ୍ଷା ବିଭାଗର ଗ୍ରୁପ୍–ଏ ଅଫିସରମାନେ ଅଫିସ ଆସିବା ବାଧ୍ୟତାମୂଳକ କରାଯାଇଛି। ତେବେ ଗ୍ରୁପ୍–ସି ଏବଂ ଡି କର୍ମଚାରୀମାନେ ଅଳ୍ପ ସଂଖ୍ୟାରେ ଆସିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

ପ୍ରଶାସନିକ ଅଧିକାରୀଙ୍କୁ ମାଡ଼

- ଅମାନିଆଙ୍କୁ ଆକଟ କରିବାକୁ ଯାଇଥିଲେ
- ୩ କୋର୍ଟ ଚାଲାଣ
- ସଂଖ୍ୟାଲଘୁ ବସ୍ତିରେ ୧୪୪ ଧାରା

ରସୁଲପୁର,୧୮।୪(ଡିଏନଏ)

ଲକ୍‌ଡାଉନ ଅମାନିଆଙ୍କୁ ଆକଟ କରିବାକୁ ଯାଇଥିବା ପ୍ରଶାସନିକ ଅଧିକାରୀଙ୍କୁ ଯାଜପୁର ଜିଲା ରସୁଲପୁର ବ୍ଲକ ବଡ଼କଇଁଚି ପଞ୍ଚାୟତର ଏକ ସଂଖ୍ୟାଲଘୁ ବସ୍ତିରେ ଶନିବାର ସଂଘବଦ୍ଧ ଆକ୍ରମଣ କରାଯାଇଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ.୧୩୧/୨୦) ରୁଜୁ କରି ୩ ଅଭିଯୁକ୍ତ ସାଜନ ଖାନ୍ ଓ ପରଭେଜ ଖାନ୍, ସୋଫିଆନ୍ ରାଜା ଖାନ୍‌ଙ୍କୁ କୋର୍ଟଚାଲାଣ କରିଛି। ସନ୍ଧ୍ୟା ୬ଟାରୁ ଉକ୍ତ ବସ୍ତିରେ ପୋଲିସ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି।

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ ଓ ବିଡିଓ ଉମାକାନ୍ତ ପରିଡ଼ା ରସୁଲପୁର ବ୍ଲକ ମଧୁବନ ଅଞ୍ଚଳରେ କରୋନା ସ୍ଥିତି ଅନୁଧ୍ୟାନ କରିବା ପରେ ବାରବାଟୀକୁ ଯାଉଥିଲେ। ଜିଲାପାଳଙ୍କ ଗାଡ଼ି ଆଗରେ ଯାଉଥିବାବେଳେ ପଛରେ ବିଡିଓଙ୍କ ଗାଡ଼ି ଯାଉଥିଲା। ଏହି ସମୟରେ ବିନା ମାସ୍କ ଓ ହେଲମେଟରେ ୩ଜଣ ସଂଖ୍ୟାଲଘୁ ଯୁବକ ବାଇକରେ ଯାଉଥିବା ବିଡିଓ ଦେଖି ସେମାନଙ୍କୁ ଅଟକାଇ ଥିଲେ। ମାତ୍ର ସେମାନେ ନ ଅଟକି ଦ୍ରୁତଗତିରେ ବସ୍ତି ଭିତରକୁ ଚାଲି ଯାଇଥିଲେ। ବିଡିଓ ସେମାନଙ୍କୁ ପିଛା କରି ବସ୍ତିକୁ ଯାଇ ଉକ୍ତ ୩ ଅମାନିଆଙ୍କ ବାଇକ୍ ଜବତ କରିବାକୁ ସୁରକ୍ଷାକର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ବସ୍ତିର ୪୦ରୁ ୫୦ଜଣ ଲୋକ ଠେଙ୍ଗାବାଡ଼ି ଧରି ପଦାକୁ ଆସି ବିଡିଓ ଓ ସୁରକ୍ଷାକର୍ମୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ବିଡିଓଙ୍କୁ ଠେଲାପେଲା କରିବା ସହ ତାଙ୍କ ତଣ୍ଟି ଚିପିବାକୁ ପ୍ରୟାସ କରିଥିଲେ। ଖବରପାଇ ଘଟଣାସ୍ଥଳରେ ତହସିଲଦାର ଭୁଜବଳ ଓ ଜିଲାପାଳ ଦାସ ଆସି ପହଞ୍ଚି ଯିବାରୁ ଆକ୍ରମଣକାରୀମାନେ ସେମାନଙ୍କୁ ମଧ୍ୟ ଛାଡ଼ି ନ ଥିଲେ। ତହସିଲଦାରଙ୍କ ମୁଣ୍ଡକୁ ପ୍ରହାର କରିବାକୁ ଉଦ୍ୟମ କରିବା ସମୟରେ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏପରିକି ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ଜଣେ ଯୁବକ ଜିଲାପାଳଙ୍କ ଉପରକୁ ଖାମ୍ପି

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଆନ୍ଧା କଲି
ଗୋଡ଼ର କଠଉ କାହାକୁ ଦେଲି
ଗୋଇଠି ଖାଇଲା ଜନ୍ଦା
ଯାହା ସଙ୍ଗେ ମୁଁ ପୀରତି କଲି
କାନ ନୋଳି ନେଲା ବନ୍ଧା।

ପରକୁ ସହାନୁଭୂତି ଦେଖାଇବାକୁ ଯାଇ ବା ଆପଣାର କରିବାକୁ ଯାଇ ଠକି ହୋଇଯିବା। ପରୋକ୍ଷରେ ପ୍ରେମ ଯଦି ସାମାଜିକ ସ୍ୱୀକୃତି ରହିତ ଓ ଅବାଞ୍ଛିତ ହୋଇଥାଏ, ତାହାକୁ ସମ୍ପର୍କ ନୁହେଁ ପାପ ସମ୍ପର୍କ ବୋଲି କୁହାଯାଇଥାଏ। ପରକୀୟା ପ୍ରୀତିର ପରିଣତି ଅନେକ ସମୟରେ ସୁଖଦ ହୋଇ ନ ଥାଏ। ଅବୈଧ ସମ୍ପର୍କରେ ମାତି ଅର୍ଥ ଓ ସମ୍ମାନ ହରାଇ ବସିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି ।

ଆଖିଟି ବଡ଼
ପେଟଟି ଛୋଟ।

ଖାଇବାକୁ ଚାହିଁବା ଓ ଆହାର ପେଟକୁ ନେବା ଏକା କଥା ନୁହେଁ। ଖାଦ୍ୟଲୋଭୀ ବ୍ୟକ୍ତି ଲୋଭରେ ପଡ଼ି ଅଧିକ ଖାଇବାକୁ ମନ ବଳାଇଥାନ୍ତି। ପରନ୍ତୁ ନିଜ ସାମର୍ଥ୍ୟଠାରୁ ଅଧିକ ଖାଦ୍ୟ ଗ୍ରହଣ କରିପାରି ନ ଥାନ୍ତି। ଲୋଭ ବହୁତ ଅଥଚ ଆୟତ୍ତ କରିବା ପାଇଁ ଅସମର୍ଥ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଗୂଢ଼ି ପ୍ରୟୋଗ
-ଏ.କେ.ମିଶ୍ର ପବ୍ଲିଶର୍ସ ପ୍ରା.ଲି.

ପ୍ରତ୍ୟହ ୧୮ନିୟୁତ ଇମେଲ୍ ବ୍ଲକ୍ କରୁଛି ଗୁଗଲ

ନୂଆଦିଲ୍ଲୀ,୧୮।୪(ପି.ଟି.)

ସାରା ବିଶ୍ୱରେ ଏବେ କରୋନା ଭୂତାଣୁକୁ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହି ଭୂତାଣୁ ସମ୍ପର୍କରେ ଲୋକମାନଙ୍କୁ ଠିକ୍‌ଭାବେ ସଚେତନ କରାଇବା ସବୁଠାରୁ ବଡ଼ ବିଷୟ ପାଲଟିଛି। ଇଣ୍ଟରନେଟ ଏବଂ ଇମେଲ୍ ଜରିଆରେ ଲୋକଙ୍କ ମଧ୍ୟରେ କୋଭିଡ୍-୧୯ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଉଛି। ଲୋକମାନେ ଘରେ ବସି ଇଣ୍ଟରନେଟ ଓ ଇମେଲ୍ ଜରିଆରେ ବିଭିନ୍ନ ତଥ୍ୟ ପାଇପାରୁଛନ୍ତି। ଲକ୍‌ଡାଉନ ସମୟରେ ଏହା ଏକ ବଳିଷ୍ଠ ମାଧ୍ୟମ ସାଜିଥିବାବେଳେ କେତେଜଣ ଖଳପ୍ରକୃତିର ଲୋକ ବା ହ୍ୟାକର ବିଭିନ୍ନ ପ୍ରକାର ମିଥ୍ୟା ତଥ୍ୟ ପୋଷ୍ଟ କରି ଇମେଲ୍ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରିବାକୁ ଚେଷ୍ଟା କରୁଛନ୍ତି। ଏଭଳି ପ୍ରାୟ ୧୮ନିୟୁତ ବା ୧କୋଟି ୮୦ଲକ୍ଷ ମିଥ୍ୟା ଇମେଲ୍‌କୁ ପ୍ରତ୍ୟହ ଗୁଗଲ ପକ୍ଷରୁ ବ୍ଲକ ବା ଡିଲିଟ କରାଯାଉଛି। ଜଣେ ବୈଷୟିକ ବିଶେଷଜ୍ଞଙ୍କ କହିବା ହେଲା ବର୍ତ୍ତମାନ ପରିସ୍ଥିତିରେ ଅଧିକାଂଶ ଲୋକ କରୋନା ସମ୍ପର୍କରେ ଜାଣିବାକୁ ଚାହୁଁଛନ୍ତି। ଏପରି କି ଏଥିପାଇଁ ଏବେ ଇଣ୍ଟରନେଟ ବ୍ୟବହାରକାରୀଙ୍କ ସଂଖ୍ୟା ମଧ୍ୟ ଆଶାତୀତ ବୃଦ୍ଧି ପାଇଛି। ତେଣୁ ଅପରାଧୀମାନେ ମିଥ୍ୟା ଏବଂ ପ୍ରଲୋଭିତ

ବ୍ୟକ୍ତିଗତ ତଥ୍ୟ ଚୋରି ରୋକିବାକୁ ପ୍ରୟାସ

ହେବା ଭଳି ତଥ୍ୟ ପ୍ରଦାନ କରି ଇଣ୍ଟରନେଟ ବ୍ୟବହାରକାରୀଙ୍କ ବ୍ୟକ୍ତିଗତ ତଥ୍ୟ ଚୋରି କରିବାକୁ ଚେଷ୍ଟା କରୁଛନ୍ତି। ଗତ ସପ୍ତାହକ ମଧ୍ୟରେ କରୋନାଭାଇରସ୍ ସମ୍ପର୍କରେ ଆସୁଥିବା ପ୍ରତ୍ୟେକ ୫ଟି ତଥ୍ୟରୁ ଗୋଟିଏ ଫିସିଙ୍ଗ ଇମେଲ୍ ଆସୁଥିବା ଗୁଗଲ୍ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ସମୟରେ ଏହା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି ବୋଲି ଟେକ୍ନିକାଲ ଫାର୍ମର ବିଶେଷଜ୍ଞମାନେ ମତ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ସମ୍ପ୍ରତି ଦେଢ଼ଶହ କୋଟି ଜିମେଲ୍ ବ୍ୟବହାରକାରୀ ଅଛନ୍ତି। ହ୍ୟାକରମାନେ ଯେଉଁ ଇମେଲ ପଠାଉଛନ୍ତି, ତାହା କୌଣସି ସ୍ୱାସ୍ଥ୍ୟ ସଂଗଠନ କିମ୍ବା ସଂସ୍ଥା ପକ୍ଷରୁ ପଠାଯାଇଥିବା ଭଳି ଜଣାପଡ଼େ। ଉଦାହରଣ ସ୍ୱରୂପ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚ୍‌ଓ) ନାମରେ ହ୍ୟାକରମାନେ ଇମେଲ୍ ପଠାଇ ବ୍ୟବହାରକାରୀଙ୍କୁ ଏହାର ସଫ୍ଟୱେର ଡାଉନ୍‌ଲୋଡ କରିବାକୁ ପ୍ରବର୍ତ୍ତାଉଛନ୍ତି। ଫଳରେ ବ୍ୟବହାରକାରୀମାନେ ଏହାକୁ ବିଶ୍ୱାସ କରି ଡାଉନ୍‌ଲୋଡ କରନ୍ତି। ତାପରେ ଧୀରେ ଧୀରେ ନିଜର ବ୍ୟକ୍ତିଗତ ତଥ୍ୟ ମଧ୍ୟ ଶେୟାର କରିଥାନ୍ତି, ଯାହାକି ସବୁଠାରୁ ବଡ଼ ବିପଦ ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏପରି କି ହ୍ୟାକରମାନେ ବିଭିନ୍ନ ସରକାରୀ ସହାୟତା ପ୍ୟାକେଜକୁ ମଧ୍ୟ ହ୍ୟାକ୍ କରି ବ୍ୟବହାରକାରୀଙ୍କୁ ବିଭ୍ରାନ୍ତ କରାଉଥିବା ଦେଖିବାକୁ ମିଳୁଛି। ତେଣୁ ମେଶିନ ଲର୍ନିଂ ଟୁଲ୍‌ସ ମାଧ୍ୟମରେ ପ୍ରାୟ ୯୯% ଜାଲ୍ ଇମେଲ୍‌ଗୁଡ଼ିକୁ ଠାବ କରାଯାଇ ଏହା ବ୍ୟବହାରକାରୀଙ୍କ ଠାରେ ପହଞ୍ଚିବାପୂର୍ବରୁ ବ୍ଲକ କରି ଦିଆଯାଉଛି ବୋଲି ଗୁଗଲ ପକ୍ଷରୁ କୁହାଯାଇଛି। ଏଭଳି ଜାଲ୍ ଇମେଲ୍ କେବଳ ଗୁଗଲ୍ ନୁହେଁ ବରଂ ବିଭିନ୍ନ ସାଇବର ସିକ୍ୟୁରିଟି ସଂସ୍ଥାରେ ହେଉଥିବା ଦେଖିବାକୁ ମିଳୁଛି। ବାରାଚୁଡ଼ା ନେଟୱର୍କର କହିବା ହେଲା ଯେ, କରୋନା ଭୂତାଣୁକୁ ନେଇ ଇତିମଧ୍ୟରେ ଅନେକ ଫିସିଙ୍ଗ ଇମେଲ୍ ଆସିଛି। ଏପରି କି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନାମରେ ମିଥ୍ୟା ଇମେଲ୍ ମଧ୍ୟ ପଠାଯାଉଥିବା ଦେଖିବାକୁ ମିଳୁଛି।

ଆଜିଠୁ ଭିମ୍‌ସାରରେ ପୁଲ୍ ଟେଷ୍ଟ

ସମ୍ବଲପୁର,୧୮।୪(ବ୍ୟୁରୋ)

- **ଗୋଟିଏ ଦିନରେ ୯୦ ରକ୍ତ ନମୁନା ପରୀକ୍ଷା ହେବ**
- **ନିୟୋଜିତ ଡାକ୍ତରଙ୍କୁ ସମସ୍ତ ସୁବିଧା ମିଳିବ:ସ୍ୱାସ୍ଥ୍ୟମନ୍ତ୍ରୀ**

ରବିବାରଠାରୁ ବୁର୍ଲା ଭିମ୍‌ସାର(ବୀର ସୁରେନ୍ଦ୍ର ସାଏ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇସେନ୍ସ ଆଣ୍ଡ ରିସର୍ଚ୍ଚ) ରେ ପୁଲ୍ ଟେଷ୍ଟ ଆରମ୍ଭ ହେବ । ଗୋଟିଏ ଦିନରେ ୨ ପର୍ଯ୍ୟାୟରେ ୯୦ ରକ୍ତ,ସ୍ୱାବ୍ ନମୁନା ପରୀକ୍ଷା କରାଯିବ । ନୂତନ ଭାବେ ନିଯୁକ୍ତି ପାଇଥିବା କର୍ମଚାରୀମାନଙ୍କ ମଧ୍ୟରୁ ୨୧୨ ଜଣଙ୍କୁ ଭିମ୍‌ସାରରେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର କୋଭିଡ୍-୧୯ ମେଡିକାଲରେ ନିୟୋଜିତ ଡାକ୍ତରମାନଙ୍କ ଲାଗି ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେବାକୁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ସେମାନଙ୍କ ରହିବା,ଖାଇବା ବ୍ୟବସ୍ଥା ସହ ଆବଶ୍ୟକ ସମସ୍ତ ଖର୍ଚ୍ଚ ସରକାର ବହନ କରିବେ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି । କରୋନା ମୁକାବିଲା ପାଇଁ ଭିମ୍‌ସାର ଓ ଜିଲା ସଦରଡାକ୍ତରଖାନାରେ ଯାହା ଆବଶ୍ୟକ ରାଜ୍ୟ ସରକାର ଯୋଗାଇଦେବେ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

ଶନିବାର ଭିମ୍‌ସାର ଗସ୍ତ ଅବସରରେ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଜିଲା ସଦର ଡାକ୍ତରଖାନାରେ ଆରମ୍ଭ ହେବାକୁ ଥିବା କୋଭିଡ୍-୧୯ ମେଡିକାଲରେ ଭିମ୍‌ସାରର ଅଭିଜ୍ଞ ଓ ବରିଷ୍ଠ ଯଥା ପ୍ରଫେସର ଓ ଆସୋସିଏଟ ପ୍ରଫେସରମାନେ ରୋଗୀମାନଙ୍କ ଚିକିତ୍ସା କରିବେ। ଏଥିପାଇଁ ଏକ ଟିମ୍ ଗଠନ କରିବାକୁ ଭିମ୍‌ସାର କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟରେ କରୋନା ମୁକାବିଲା ପାଇଁ ନୂତନ କର୍ମଚାରୀମାନଙ୍କୁ ନିଯୁକ୍ତି କରାଯାଇଛି। ୧୦୪୦ ଜଣ ଡାକ୍ତର ମଧ୍ୟ ଯୋଗଦେଇଛନ୍ତି। ଗ୍ରାମାଞ୍ଚଳରେ ୬ ହଜାରରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ ସହିତ ୨ ଶହ ରେଡିଓଲୋଜିଷ୍ଟ ପଦବୀ ପୂରଣ କରାଯାଇଛି ।

ଏହି ଅବସରରେ ଭିମ୍‌ସାର ଅଧ୍ୟକ୍ଷଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଆଇସୋଲେଶନ ସେଣ୍ଟର କିଭଳି ଚାଲିଛି ସେ ନେଇ ମନ୍ତ୍ରୀ ଦାସ ସମୀକ୍ଷା କରିଥିଲେ। ରୋଗୀମାନଙ୍କ ଖାଦ୍ୟ ଓ ଚିକିତ୍ସା ସହିତ ଡାକ୍ତରମାନଙ୍କ ସମସ୍ୟା ଉପରେ ମନ୍ତ୍ରୀ ପଚାରି ବୁଝିଥିଲେ। ବୈଠକ ପରେ ମନ୍ତ୍ରୀ ଦାସ ଜିଲା ସଦର ଡାକ୍ତରଖାନାରେ ନିର୍ମାଣାଧୀନ କୋଭିଡ୍-୧୯ ମେଡିକାଲ ପରିଦର୍ଶନ କରି ଜିଲାପାଳ ଶୁଭମ ସକ୍‌ସେନାଙ୍କ ସହ କାମର ଅଗ୍ରଗତି ନେଇ ଆଲୋଚନା କରିଥିଲେ ।

ଡ. ରତ୍ନାକର ଚଇନୀଙ୍କ ପରଲୋକ

କଟକ ଅଫିସ,୧୮।୪

ସମାଲୋଚକ ତଥା ନାଟ୍ୟକାର ପ୍ରଫେସର ଡ.ରତ୍ନାକର ଚଇନୀଙ୍କ(୭୫)ର ଶନିବାର ଅପରାହ୍ନ ପ୍ରାୟ ୧ଟା ୩୫ରେ ହୃଦ୍‌ଘାତରେ ପରଲୋକ ଘଟିଛି। ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ ବାଦାମବାଡିସ୍ଥିତ ବାସଭବନରେ ଚିକିତ୍ସାଧୀନ ଥିଲେ। ଡ. ଚଇନୀଙ୍କ ପରଲୋକରେ ଓଡ଼ିଶା ସାହିତ୍ୟାକାଶର ଏକ ଉଜ୍ଜ୍ୱଳମୟ ତାରକା ଅସ୍ତମିତ ହୋଇଛି ବୋଲି କୁହାଯାଉଛି । ଖାନନଗର ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁତ୍ର ସତ୍ୟକାମ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

ଡ. ଚଇନୀ ୧୯୪୫, ଅଗଷ୍ଟ ୨୫ରେ ସାଲେପୁର ଅନ୍ତର୍ଗତ ଅରେଇ ଗ୍ରାମରେ ଜନ୍ମଲାଭ କରିଥିଲେ। ପିଲାଟି ଦିନରୁ ସାହିତ୍ୟ ପ୍ରତି ତାଙ୍କର ରୁଚି ଥିଲା। ତାଙ୍କ ପାଇଁ ସାହିତ୍ୟ ହିଁ ଥିଲା ଜୀବନ। ଜୀବନର ପ୍ରତ୍ୟେକ ପାହାଚରେ ସେ ସାହିତ୍ୟ ଓ ସଂସ୍କୃତିକୁ ନିବିଡ଼ ଭାବେ ଆପଣୋଇଥିଲେ । ଛାତ୍ର ଜୀବନରୁ ଲେଖା ଆରମ୍ଭ କରିଥିବା ଡ. ଚଇନୀଙ୍କର ରହିଛି ଶହେରୁ ଅଧିକ ସାହିତ୍ୟକୃତି। ନାଟକ, କ୍ଷୁଦ୍ରଗଳ୍ପ, ଉପନ୍ୟାସ, ଆଲୋଚନା ଓ ସମାଲୋଚନାମୂଳକ ପୁସ୍ତକ ରଚନା କରିବା ସହିତ ଅନେକ ରଚନାବଳୀର ସମ୍ପାଦନା ଦାୟିତ୍ୱ ମଧ୍ୟ ସେ ତୁଲାଇଥିଲେ। ଏତଦ୍‌ବ୍ୟତୀତ ଅଧ୍ୟାପନା ଓ ପ୍ରଶାସନିକ ଦାୟିତ୍ୱ ତୁଲାଇବାରେ ତାଙ୍କର ଦକ୍ଷତା ରହିଥିଲା। ରେଭେନ୍‌ଶା ସ୍ୱୟଂଶାସିତ କଲେଜ ପରୀକ୍ଷା ନିୟନ୍ତ୍ରକ ଦାୟିତ୍ୱରେ ରହିଥିଲେ। ରେଭେନ୍‌ଶା ସମେତ ବଲାଙ୍ଗୀର, ଢେଙ୍କାନାଳ କଲେଜ, ବିଜେବି କଲେଜ, ଖଲ୍ଲିକୋଟ କଲେଜରେ ଅଧ୍ୟାପକ ଭାବେ କାର୍ଯ୍ୟ କରିବା ପରେ ଶୈଳବାଳା ମହିଳା ମହାବିଦ୍ୟାଳୟରୁ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ ଭାବେ ଅବସର ଗ୍ରହଣ କରିଥିଲେ । ଜଣେ ଦକ୍ଷ ସାହିତ୍ୟ ସଙ୍ଗଠକ ଭାବେ ବହୁ ଅନୁଷ୍ଠାନ ସହ ଜଡିତ ଥିଲେ । ସେ ୧୯୯୨ରେ ଉତ୍କଳ ସାହିତ୍ୟ ସମାଜ ସମ୍ପାଦକ ଏବଂ ୨୦୦୧ ଏବଂ ୨୦୧୦ରେ ଏଠାରେ ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାଦାମବାଡିସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ। ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର(୧୯୭୫), ଧରିତ୍ରୀ ସାହିତ୍ୟ ସମ୍ମାନ(୧୯୮୦), ଶ୍ରେଷ୍ଠ ନାଟ୍ୟକାର ସମ୍ମାନ(୧୯୯୯), ନାଟ୍ୟଭୂଷଣ ସମ୍ମାନ(୨୦୦୩), ପଞ୍ଚସଖା ସାହିତ୍ୟ ସମ୍ମାନ(୨୦୦୪), ଗଣକବି ସମ୍ମାନ(୨୦୧୦) ଓ ସାହିତ୍ୟ ଭାରତୀ ସମ୍ମାନ ୨୦୧୭ ଆଦି ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ରତ୍ନାକର ଚଇନୀଙ୍କ ବିୟୋଗରେ ଉତ୍କଳ ସାହିତ୍ୟ ସମାଜ ସଭାପତି ବିଜୟାନନ୍ଦ ସିଂ, ଉପସଭାପତି ସଞ୍ଜିତ ପଟ୍ଟନାୟକ ଓ ଶିକ୍ଷାବିତ୍ ଜୈଳାସ ଚନ୍ଦ୍ର ବରାଳ ପ୍ରମୁଖ ଶୋକପ୍ରକାଶ କରିଛନ୍ତି।

ପ୍ରଥମ ପୃଷ୍ଠାରୁ...

ଟାର୍ଗେଟ ହେଉଛନ୍ତି...

କରିଥିବା ଡେଲଟୁମ୍ବଡେଙ୍କୁ ୨୦୧୮ ଭୀମା କୋରେଗାଓଁ ହିଂସା ମାମଲାରେ ଗିରଫ କରାଯାଇଛି। ବିଡ଼ମ୍ବନା ଯେ, ନିଜ ପ୍ରତି ବିପଦ ମନେକରୁଥିବା ବ୍ୟକ୍ତିମାନଙ୍କୁ ଦେଶରେ କିପରି ବଦନାମ ଓ ଶେଷ କରିବାକୁ ଉଦ୍ୟମ ହୋଇଥାଏ ସେନେଇ ଅତୀତରେ ଡେଲଟୁମ୍ବଡେ ଲେଖିଥିଲେ। ବରଦାରଞ୍ଜନଙ୍କ ପ୍ଲାଟଫର୍ମ 'ଦି ଓୟାର' ସରକାରଙ୍କ ସହ ସମ୍ପର୍କ ଥିବା କ୍ଷମତାଶାଳୀ ଓ ବିତ୍ତଶାଳୀ ଲୋକଙ୍କୁ ପୂର୍ବରୁ ସମାଲୋଚନା କରି ଭିନ୍ନ ଧରଣର ଅଭିଯୋଗକୁ ସାମ୍ନା କରିଥିଲା। କରୋନା ଭାଇରସ୍ ସଂକ୍ରମଣ ଆରମ୍ଭ ହେବା ପରଠୁ ଭାରତୀୟ ଗଣମାଧ୍ୟମ ଓ ଶାସକ ପକ୍ଷ ମୁସଲିମ୍ ସମ୍ପ୍ରଦାୟକୁ ଏହାର ବିସ୍ତାର ଲାଗି ଦାୟୀ କରୁଛନ୍ତି। ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଇ ରାଜନେତା ସାଜିଥିବା ଯୋଗୀ ଆଦିତ୍ୟନାଥ ଜଣେ ମୌଳବାଦୀ ହିନ୍ଦୁ ପୂଜକ ଏବେ ଭାରତର ସର୍ବବୃହତ୍ ରାଜ୍ୟ ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀ। ଝୁପିରେ ଏସବୁକୁ ନେଇ ଉତ୍ତେଜନା ବୃଦ୍ଧି ପାଇବାରେ ଲାଗିଛି। 'ଦି ୱେୟାର' ତାଙ୍କର ଏକ ମନ୍ତବ୍ୟକୁ ନିଜ ୱେବ୍‌ସାଇଟ୍‌ରେ ଭୁଲ୍ ଭାବେ ଉପସ୍ଥାପିତ କରିଥିଲେ ହେଁ ଉକ୍ତ ତ୍ରୁଟିକୁ ତୁରନ୍ତ ସଂଶୋଧନ ପୂର୍ବକ ଦୁଃଖ ପ୍ରକାଶ କରିଥିଲା। ବରଦାରଞ୍ଜନଙ୍କ ବିରୋଧରେ ଏବେ ଅବସ୍ତ୍ରବ ଅପରାଧଗୁଡ଼ିକୁ ନେଇ ସଙ୍ଗିନ ଅଭିଯୋଗ ଅଣାଯାଇଛି। ମାର୍ଚ୍ଚ ୨୪ରେ ଦେଶବ୍ୟାପୀ ଲକ୍‌ଡାଉନ୍ ଘୋଷଣା କରାଯିବା ପରେ ଯୋଗୀ ଆଦିତ୍ୟନାଥ ହିନ୍ଦୁମାନଙ୍କ ଏକ ସଭାରେ ଯୋଗଦେଇଥିଲେ। ଏନେଇ 'ଦି ୱାୟର'ର ଏକ ନିର୍ଭୁଲ ରିପୋର୍ଟ ପ୍ରସ୍ତୁତି ସେମାନଙ୍କ ପାଇଁ ପ୍ରକୃତ ସମସ୍ୟା ହୋଇଥାଇପାରେ। ଅନ୍ୟପକ୍ଷରେ ଦିଲ୍ଲୀର ନିଜାମୁଦ୍ଦିନ ମରକଜ୍‌ରେ ଲକ୍‌ଡାଉନ୍ ପୂର୍ବରୁ ଆୟୋଜିତ ତବଲିଘି ଜମାତ୍‌ରେ ଯୋଗଦେଇଥିବା କେତେଜଣ ଲୋକ ସଂକ୍ରମିତ ହୋଇଥିବାରୁ ଏହାକୁ ନେଇ ମୁସ୍‌ଲିମ ସମ୍ପ୍ରଦାୟ ବିରୋଧରେ ଲୋକଙ୍କ ମଧ୍ୟରେ ଆକ୍ରୋଶ ସୃଷ୍ଟି ହୋଇଥିଲା। ଏହି ଧର୍ମସଭା ସମ୍ପର୍କରେ ମଧ୍ୟ 'ଦି ୱାୟର' ରିପୋର୍ଟ କରିଥିଲା। ଭାରତକୁ ଦୀର୍ଘ ସମୟ ଧରି ବିଶ୍ୱର ସର୍ବବୃହତ୍ ଗଣତନ୍ତ୍ର ହେବାର ଫାଇଦା ମିଳିଛି। ଭାରତରେ ସାମ୍ବିଧାନିକ ଅଧିକାର ଓ ସ୍ୱାଧୀନତା ଉପରେ ଘୋର ବିପଦ ସୃଷ୍ଟି ହୋଇଥିଲେ ହେଁ ସେଗୁଡ଼ିକ ବଜାୟ ରହିଥିବା ବିଶ୍ୱାସ କରାଇ ଏହି ବିଶାଳ ଉପନାମ ବିଶ୍ୱକୁ ଶାନ୍ତ କରିବାରେ ଲାଗିଛି। ରାଷ୍ଟ୍ର କ୍ଷମତାର ଅପବ୍ୟବହାର ପୂର୍ବକ ସିଦ୍ଧାନ୍ତବାଦୀ ଖବରଦାତାମାନଙ୍କୁ ଭୟଭୀତ କରାଇ ଧର୍ମ ଆଧାରରେ ଭୋଟ ଧ୍ରୁବୀକରଣ କଂଗ୍ରେସ ସମେତ ପୂର୍ବ ସରକାରଗୁଡ଼ିକରେ ମଧ୍ୟ ଚାଲିଥିଲା। ତେବେ ମୋଦି ସରକାରଙ୍କ ବିଗତ ୬ ବର୍ଷରେ କ୍ୟାମ୍ପସଗୁଡ଼ିକରେ ଛାତ୍ର ଅଶାନ୍ତି ଓ ଖବରଦାତା ତଥା ଲେଖକମାନଙ୍କୁ ଅଧିକ କାର୍ଯ୍ୟାନୁଷ୍ଠାନ ଭୋଗିବାକୁ ପଡ଼ିଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ତାଙ୍କ ସରକାର ନିକଟରେ 'ନିରଙ୍କୁଶ କ୍ଷମତା' ରହିଥିବା ନେଇ ଭୁଲ୍ ଦାବି କରିଥାନ୍ତି। କରୋନା ଭାଇରସ୍ ବିରୋଧରେ ବିଶ୍ୱବ୍ୟାପୀ ଲକ୍‌ଡାଉନ୍ ଏକଚ୍ଛତ୍ରବାଦୀ ଶକ୍ତିଗୁଡ଼ିକର ବଳ ବୃଦ୍ଧି କରିପାରେ। ହଙ୍ଗେରିରେ ଜରୁରୀ କ୍ଷମତାଗୁଡ଼ିକୁ ବାଜ୍ୟାପ୍ତ କରିଥିବା ପ୍ରଧାନମନ୍ତ୍ରୀ ଭିକ୍ଟର ଓର୍ବାନଙ୍କ ଉପକ୍ରମରୁ ଏହା ଜଣାପଡ଼େ। ସେଭଳି ହେବାକୁ ନ ଦେବା ପାଇଁ ଉଭୟ ନାଗରିକ ଏବଂ ଗଣମାଧ୍ୟମକୁ ସତର୍କ ଓ ସଚେତନ ହେବାକୁ ପଡ଼ିବ। ଭାରତରେ ବହୁଳବାଦ ଓ ଗଣତନ୍ତ୍ରର ସୁରକ୍ଷା ପାଇଁ ନେତୃତ୍ୱ ନେଉଥିବା ଡେଲଟୁମ୍ବଡେଙ୍କ ଭଳି ଅସନ୍ତୁଷ୍ଟ ବୁଦ୍ଧିଜୀବୀ, ବରଦାରଞ୍ଜନଙ୍କ ପରି ପ୍ରଖ୍ୟାତ ସାମ୍ବାଦିକ ଓ ନବଲଖାଙ୍କ ଭଳି ପ୍ରତିଶ୍ରୁତିବଦ୍ଧ ଆକ୍ଟିଭିଷ୍ଟମାନେ ଏହି ଦାୟିତ୍ୱ ତୁଲାଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏବେ ବିଶ୍ୱ ଏହି ବୁଦ୍ଧିଜୀବୀମାନଙ୍କ ପାଇଁ ମୁହଁ ଖୋଲି ସେମାନଙ୍କ ସହ ଛିଡ଼ାହୋଇଛି। ଏପରି କରିବା ସକାଶେ ଆମେ ମଧ୍ୟ ଆମ ପାଇଁ ଠିଆ ହୋଇଛୁ। ଆଉ ମହାମାରୀ ପରେ ପରିବର୍ତ୍ତନ ଦେଖିବାକୁ ଚାହୁଁଥିବା ବିଶ୍ୱ ଲାଗି ଛିଡ଼ା ହୋଇଛୁ, ଯେଉଁଠି ଆମେ ସମସ୍ତେ ଅଧିକ ମୁକ୍ତ ଭାବେ ନିଃଶ୍ୱାସ ପ୍ରଶ୍ୱାସ ନେଇପାରିବା।

ଆଶା ଦେଖାଇଛି ...

ଉତ୍ପାଦନ ପାଇଁ ରିସ୍କ ନେଇଛୁ। ତାହା ବି ଅଳ୍ପ ପରିମାଣରେ ନୁହେଁ, ବରଂ ବିଶ୍ୱର ବିଭିନ୍ନ ସ୍ଥାନର ୭ଟି ଉତ୍ପାଦକଙ୍କ ନେଟ୍‌ୱର୍କ ସହିତ ଯୋଡ଼ିହୋଇଛୁ। ବ୍ରିଟେନରେ ଆମର ୩ ଜଣ ଉତ୍ପାଦନ ସହଯୋଗୀ ଥିବାବେଳେ ୟୁରୋପରେ ୨ଜଣ, ଚାଇନା ଏବଂ ଭାରତରେ ଜଣେ ଲେଖାଏ ଅଛନ୍ତି। ନିଜ ଟେକ୍ନୋଲୋଜି ଉପରେ ଅକ୍ସଫୋର୍ଡ ଗବେଷକମାନଙ୍କ ଦୃଢ଼ ବିଶ୍ୱାସ ରହିଛି ଯେ, ଅନ୍ୟମାନଙ୍କ ଟିକା ଅପେକ୍ଷା ସେମାନଙ୍କ ଟିକା ସୁରକ୍ଷିତ। ଏଥିସହିତ କ୍ଲିନିକାଲ ପରୀକ୍ଷା ଓ ପ୍ରାଧିକରଣ ପ୍ରକ୍ରିୟା କ୍ଷେତ୍

ମାସ୍କ ନ ପିନ୍ଧି ତଣ୍ଡ ଗଣିଲେ ୩୫୮: ୧୩୮୯ ଯାନବାହନ ଜବତ

ଭୁବନେଶ୍ୱର,୧୮।୪ (ବ୍ୟୁରୋ)- ଶୁକ୍ରବାର ଟ୍ରିନସିଟିର ବିଭିନ୍ନ ଥାନା ଅଞ୍ଚଳରେ ନିୟମ ଉଲ୍ଲଂଘନକରି ବାଇକ ଓ କାର ଧରି ବୁଲୁଥିବା ୧୩୮୯ ଚାଳକଙ୍କ ଯାନବାହନ ଜବତ କରାଯାଇଛି। ଏଥିସହ ସେମାନେ ୫ଶହରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ତଣ୍ଡ ଗଣିଛନ୍ତି। ମାସ୍କ ନ ପିନ୍ଧି ଖୁଲମଖୁଲା ବୁଲୁଥିବା ୩୫୮ ଜଣ ନିୟମ ଉଲ୍ଲଂଘନକାରୀଙ୍କ ଠାରୁ ମଧ୍ୟ ପୋଲିସ ୨ଶହରୁ ୫ଶହ ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରିଛି।

ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ନ କରି ଭଲ ସ୍ଥିତିରେ ହଂକଂ

- ତତ୍‌କ୍ଷଣାତ୍ ସୀମାନ୍ତକୁ ବନ୍ଦ, କ୍ୱାରାଣ୍ଟାଇନ୍ ଓ ସାମାଜିକ ଦୂରତ୍ୱର ଅନୁପାଳନ
- ୩୧ ମାର୍ଚ୍ଚ ପରେ ନିୟନ୍ତ୍ରଣରେ କରୋନା ଭୂତାଣୁ

ହଂକଂ, ୧୮।୪(ଆଇଏଏନ୍‌ଏସ୍)

ଚାଇନାର ପଡ଼ୋଶୀ ହଂକଂ। କରୋନା ଭୂତାଣୁକୁ ରୋକିବା ଦିଗରେ ହଂକଂ ଆଗତୁରା ନେଇଥିବା ପଦକ୍ଷେପ ଯୋଗୁ ଏହାକୁ ନିୟନ୍ତ୍ରଣ ମଧ୍ୟକୁ ଆଣିପାରିଛି। ସେଥିପାଇଁ ଏହି ଦେଶକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ ବା ଲୋକଙ୍କୁ ଘରେ ପୂରା ଆବଦ୍ଧ ହେବାକୁ ପଡ଼ି ନାହିଁ। ବିଶ୍ୱର ଅନେକ ବିକଶିତ ରାଷ୍ଟ୍ର ସମ୍ପୂର୍ଣ୍ଣ ଲକ୍‌ଡାଉନରେ ରହି ସେମାନଙ୍କ ଅର୍ଥନୀତିକୁ କ୍ଷତି ପହଞ୍ଚାଇଥିବା ବେଳେ ହଂ କଂ ନୂଆ ଉଦାହରଣ ସୃଷ୍ଟି କରିପାରିଛି ବୋଲି ଲାନ୍‌ସେଟ୍ ଷ୍ଟଡିରୁ ଜଣାପଡ଼ିଛି।

ଯେତେବେଳେ ଚାଇନାର ଉହାନରେ କୋଭିଡ୍-୧୯ ଯୋଗୁ ଲୋକଙ୍କ ସଂକ୍ରମଣ ଓ ମୃତ୍ୟୁ ସଂଖ୍ୟା ବଢ଼ିଲା, ସେତେବେଳେ ହଂ କଂ ନିଜକୁ ପ୍ରସ୍ତୁତ କରି ନେଇଥିଲା। ସୀମାନ୍ତ ଅଞ୍ଚଳକୁ ବନ୍ଦ କରିବା, ସଂକ୍ରମିତଙ୍କୁ ତତ୍‌କ୍ଷଣାତ୍ କ୍ୱାରାଣ୍ଟାଇନ୍ ବା ଏକାନ୍ତବାସରେ ରଖିବା, ସୋସିଆଲ ଡିଷ୍ଟାନ୍ସିଂ ବା ସାମାଜିକ ଦୂରତ୍ୱ ପାଳନ କରିବାରେ ତତ୍ପରତା ଦେଖାଇବାରୁ ୭୫ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ସହରରେ ସଂକ୍ରମଣ ଢେର କମିଯାଇଛି। ୩୧ ମାର୍ଚ୍ଚ ଠାରୁ ଅଦ୍ୟାବଧି ସଂକ୍ରମିତଙ୍କ ସଂଖ୍ୟା ବଢ଼ିନାହିଁ। ଚାଇନା, ଆମେରିକା ଏବଂ ପଶ୍ଚିମ ୟୁରୋପୀୟ ଦେଶ ସମ୍ପୂର୍ଣ୍ଣ ଲକ୍‌ଡାଉନ ଆପଣାଇବାରୁ ସେହିସବୁ ରାଷ୍ଟ୍ରର ଅର୍ଥନୀତି ଘୋର ପ୍ରଭାବିତ ହୋଇଛି। ହେଲେ ହଂକଂ ରୋଗ ନିୟନ୍ତ୍ରଣ କରିବାକୁ ଯାଇ ସ୍ୱାସ୍ଥ୍ୟ ସେବାରେ ବ୍ୟାପକ ପରିବର୍ତ୍ତନ ଆଣି ତୁରନ୍ତ ପଦକ୍ଷେପ ନେବାରୁ ଦେଶକୁ ସମ୍ପୂର୍ଣ୍ଣ ଲକ୍‌ଡାଉନ୍ ସ୍ଥିତିକୁ ଆଣିବାକୁ ପଡ଼ିଲା ନାହିଁ ବୋଲି ୟୁନିଭର୍ସିଟି ଅଫ୍ ହଂ କଂ ପ୍ରଫେସର ବେଞ୍ଜାମିନ୍ କାଓଲିଂ କହିଛନ୍ତି। ତେଣୁ ଅନ୍ୟ ଦେଶଗୁଡ଼ିକ ହଂ କଂଠାରୁ ଶିକ୍ଷା ଗ୍ରହଣ କରିବା ଉଚିତ।

ଯେତେବେଳେ ଚାଇନାରେ ଜାନୁୟାରୀରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଚାଲିଲା ସେତେବେଳେ ହଂକଂ ନିଜକୁ ସଜାଡ଼ି ନେଇଥିଲା। ଫଳରେ ୩୧ ମାର୍ଚ୍ଚ ଯାଏ ସେଠାରେ ୯୪ ଜଣ ଆସିମ୍ପଟୋମାଟିକ୍ (ଯେଉଁ ଲୋକ କରୋନା ଭୂତାଣୁରେ ସଂକ୍ରମିତ ହୋଇଥିଲେ ମଧ୍ୟ ତାଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳି ନ ଥାଏ) ଆକ୍ରାନ୍ତଙ୍କୁ ମିଶାଇ ୭୧୫ ଜଣ କୋଭିଡ୍-୧୯ରେ ସଂକ୍ରମଣ ହୋଇଥିବା ବେଳେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ସଂକ୍ରମଣକୁ ରୋକିବା ଦିଗରେ ହଂ କଂ ତ୍ୱରିତ ସ୍ୱାସ୍ଥ୍ୟ ସେବା ଆରମ୍ଭ କରିଦେବାରୁ ତାହା ବଢ଼ିପାରି ନ ଥିଲା। ହଂ କଂ ଜାନୁୟାରୀ ଶେଷ ଆଡ଼କୁ ସହର ମଧ୍ୟକୁ ଆସୁଥିବା ଯାତ୍ରୀଙ୍କ ସହ ସଂକ୍ରମିତଙ୍କ ଉପରେ ତୀକ୍ଷ୍ଣ ନଜର ରଖିଥିଲା। ବିଶେଷକରି ଚାଇନା ସୀମାନ୍ତରୁ ଯେଉଁମାନେ ଆସୁଥିଲେ ସମସ୍ତଙ୍କୁ ୧୪ ଦିନିଆ କ୍ୱାରାଣ୍ଟାଇନ୍‌ରେ ରଖିଥିଲା। ପୁଣି ମାର୍ଚ୍ଚରେ ପ୍ରତ୍ୟେକ ଦିନ ବାହାରେ ଥିବା ୪୦୦ ଓ ଘର ଭିତରେ ଥିବା ୬୦୦ ବ୍ୟକ୍ତିଙ୍କୁ ପରୀକ୍ଷା କରିବାରେ ଲାଗିଲା। ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କୁ ଏକାନ୍ତବାସରେ ରଖିବା ହଂ କଂ ପାଇଁ ଅଧିକ ଫଳପ୍ରଦ ହୋଇଥିଲା। ସ୍କୁଲ ବନ୍ଦ କରିବା, ବଡ଼ ବଡ଼ ଇଭେଣ୍ଟକୁ ତତ୍‌କ୍ଷଣାତ୍ ବାତିଲ କରିବା ସହ କାର୍ଯ୍ୟସ୍ଥଳକୁ ଏଭଳି ଭାବେ ସଜାଯାଇଥିଲା ଯେ କର୍ମଚାରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ବଜାୟ ରଖିବା ଅତି ସହଜ ହୋଇଥିଲା। ଗବେଷକମାନେ ଜାନୁୟାରୀ ଶେଷ ଓ ୩୧ ମାର୍ଚ୍ଚ ମଧ୍ୟରେ କରୋନା ଭୂତାଣୁ ସଂକ୍ରାନ୍ତ ତଥ୍ୟକୁ ବିଶ୍ଳେଷଣ କରି ତୁରନ୍ତ ପଦକ୍ଷେପ ନେଇଥିଲେ। ଚାଇନାର ପଡ଼ୋଶୀ ହୋଇଥିବାରୁ ହଂ କଂ ଧରି ନେଇଥିଲା ଯେ ତା' ପ୍ରତି ବିପଦ ଅଛି। ସେଥିଲାଗି ଭୂତାଣୁ ବ୍ୟାପିବା ପୂର୍ବରୁ ସତର୍କ ହୋଇଯାଇଥିଲା। ହଂ କଂ ଯେଭଳି ଭାବେ ଭୂତାଣୁକୁ ନିୟନ୍ତ୍ରଣ ମଧ୍ୟକୁ ନେଇ ଆସିଛି ତାହା ଅନ୍ୟ ରାଷ୍ଟ୍ର ପାଇଁ ଉଦାହରଣ ପାଲଟିପାରିଛି।

ସଂକ୍ଷେପରେ

କୋଭିଡ୍ ହସ୍ପିଟାଲ ପାଇଁ ଆସିଲା ୩ ଭେଣ୍ଟିଲେଟର, ୪ ମେଡିକାଲ ଆମ୍ବୁଲାନ୍ସ

ଭୁବନେଶ୍ୱର,୧୮।୪(ବ୍ୟୁରୋ): କରୋନା ସଂକ୍ରମଣଙ୍କ ଚିକିତ୍ସା ପାଇଁ ରାଜ୍ୟ ସରକାର ବିଭିନ୍ନ ସ୍ଥାନରେ ସ୍ୱତନ୍ତ୍ର କୋଭିଡ୍-୧୯ ହସ୍ପିଟାଲ ନିର୍ମାଣ କରିଛନ୍ତି। ଏହି ହସ୍ପିଟାଲଗୁଡିକରେ ଶୁକ୍ରବାର ମଧ୍ୟରାତ୍ର ସୁଦ୍ଧା ୧୪୪ଟି ଭେଣ୍ଟିଲେଟର ଏବଂ ୩୭ ମେଡିକାଲ ଆମ୍ବୁଲାନ୍ସର ବ୍ୟବସ୍ଥା କରିଛନ୍ତି। ଦିନକ ମଧ୍ୟରେ ୩ ଭେଣ୍ଟିଲେଟର, ୪ଟି ମେଡିକାଲ ଆମ୍ବୁଲାନ୍ସ ବୃଦ୍ଧି ପାଇଛି। ସ୍ୱାସ୍ଥ୍ୟ ବିଭାଗର ସରକାରୀ ୱେବସାଇଟ୍‌ରେ ଏହି ସୂଚନା ଦିଆଯାଇଛି। କରୋନା ପଜିଟିଭ ସଂକ୍ରମିତ ହୋଇଥିବା ୭ ଜଣ ବ୍ୟକ୍ତି ବିଭିନ୍ନ କୋଭିଡ ହସ୍ପିଟାଲରେ ଆଇସିୟୁରେ ଅଛନ୍ତି। ତନ୍ମଧ୍ୟରେ ୪ ପୁରୁଷ ଏବଂ ୩ ମହିଳା ସଂକ୍ରମିତ ରହିଛନ୍ତି। କାର୍ଯ୍ୟକ୍ଷମ ସମସ୍ତ କୋଭିଡ ହସ୍ପିଟାଲରେ ହ୍ୟାଣ୍ଡ ଷ୍ଟେରିଲାଇଜର ଅକ୍ସିଜେନ୍ ମହଜୁଦ୍ ରଖାଯାଇଥିବା ଜଣାପଡିଛି। ବର୍ତ୍ତମାନ ସୁଦ୍ଧା କରୋନା ସଂକ୍ରମିତ ଏବଂ ସନ୍ଦିଗ୍ଧଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ଭାବେ ଦୈନିକ ୩ ପର୍ଯ୍ୟାୟରେ ୩୨୩ ଡାକ୍ତର, ୭୬୧ ନର୍ସ, ୨୩୯ ପାରାମେଡିକାଲ ଷ୍ଟାଫ କାର୍ଯ୍ୟ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୪୧୨ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ଏହି ହସ୍ପିଟାଲରେ ନିୟୋଜିତ ହୋଇଛନ୍ତି।

ଚୋରା ମଦ କାରବାର ସପ୍ତାହରେ ୧୭ରୁ ଉର୍ଦ୍ଧ୍ୱ ମାମଲା

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ଲକ୍‌ଡାଉନ୍ ସମୟରେ ମଦ ଦୋକାନ ବନ୍ଦ ରହିଛି। ଏହି ସୁଯୋଗରେ ଚୋରା ମଦ ବେପାରୀ ସକ୍ରିୟ ହୋଇ ଉଠିଛନ୍ତି। ଅନ୍ୟ ଜିଲାରୁ ରାତି ଅଧିଆ ମଦ ଆଣି ଚଢ଼ାଦରରେ ବିକ୍ରି କରୁଛନ୍ତି। ଗୋଟିଏ ସପ୍ତାହରେ ଭୁବନେଶ୍ୱରରେ ଏକାଧିକ ଥାନାରେ ୧୭ରୁ ଉର୍ଦ୍ଧ୍ୱ ମାମଲା ରୁଜୁ ହେବା ସହ ୨୦ରୁ ଉର୍ଦ୍ଧ୍ୱ ଗିରଫ ହେଲେଣି। ହେଲେ ପୋଲିସ ଏହି ଚୋରା ମଦ ରୋକିବାରେ ବିଫଳ ହୋଇଛି। ପୋଲିସ ଏବଂ ଅବକାରୀ ବିଭାଗର କେତେକ କର୍ମଚାରୀ ଏମାନଙ୍କଠାରୁ ମଦ ପିଇବାକୁ ନେଉଥିବା ଅଭିଯୋଗ ହେଉଛି।

୪୦୫ ଅଣହିତାଧିକାରୀଙ୍କୁ ମିଳିଲା ରାଶନ
ଉତ୍ତର ଜୋନରେ ଆରମ୍ଭ ହୋଇନି

ଭୁବନେଶ୍ୱର, ୧୮।୪(ବ୍ୟୁରୋ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଶନିବାରଠାରୁ ସହରରେ ରହୁଥିବା ଅଣହିତାଧିକାରୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରିଛି। ଶନିବାର ପ୍ରଥମ ଦିନରେ ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ରେ ୨୦୧ ଓ ଦକ୍ଷିଣ ପଶ୍ଚିମ ଜୋନ୍‌ର ୨୦୪ଜଣଙ୍କୁ ରାଶନ ପ୍ରଦାନ କରାଯାଇଛି। ଏହି ପ୍ରକ୍ରିୟା ଆଗକୁ ମଧ୍ୟ ଜାରି ରହିବ। ସମସ୍ତଙ୍କୁ ଉତ୍ତମସେବା ଯୋଗାଇ ଦିଆଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସେହିପରି ଗତ ୩ଦିନ ତଳେ ବିଏମ୍‌ସିରେ ନିୟୋଜିତ ହୋଇଥିବା ବରିଷ୍ଠ ଆଇଏଏସ୍ ଅଧିକାରୀ ପରାମର୍ଶ ଦେବା ପରେ ମଧ୍ୟ ଏଯାବତ୍ ଉତ୍ତର ଜୋନରେ ବଣ୍ଟନ କାର୍ଯ୍ୟ ହୋଇନାହିଁ। ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟିଙ୍କ ପାଖରେ ଏଯାବତ୍ ଅଣହିତାଧିକାରୀଙ୍କ ତାଲିକା ପହଞ୍ଚିନାହିଁ। କାର୍ଯ୍ୟରେ ନିୟୋଜିତ ୱାର୍ଡ ଅଫିସରମାନେ ନିର୍ଦ୍ଧାରିତ ସମୟରେ ତାଲିକା ପ୍ରଦାନ କରିନଥିବାରୁ ବହୁ ଲୋକେ ଏବେ ଭୋକ ଉପାସରେ ଦିନ କଟୁଥିବାର ନଜରକୁ ଆସିଛି। ଆସନ୍ତା ଦିନେ କି ଦୁଇ ଦିନ ମଧ୍ୟରେ ତାଲିକା ହସ୍ତଗତ ହେଲେ ବଣ୍ଟନ କାର୍ଯ୍ୟ ଆରମ୍ଭ ହେବ ବୋଲି ଜୋନାଲ ଡେପୁଟି କମିଶନର ପୃଷ୍ଟି କହିଛନ୍ତି।

ଦୁର୍ଦ୍ଦିନରେ ଅଟୋ ଚାଳକ ମାସକୁ ୫ ହଜାର ଟଙ୍କା ଦାବିକଲା ସଂଘ

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ଲକ୍‌ଡାଉନର ପ୍ରଭାବ ଅଟୋ ଚାଳକଙ୍କ ଉପରେ ପଡ଼ିଛି। ଭୁବନେଶ୍ୱରରେ ପାଖାପାଖି ୨୦ ହଜାରରୁ ଉର୍ଦ୍ଧ୍ୱ ଏବଂ ରାଜ୍ୟରେ ୧ଲକ୍ଷରୁ ଉର୍ଦ୍ଧ୍ୱ ଅଟୋ ଚାଳକ ୧ ମାସଧରି କାମଧନ୍ଦା ହରାଇ ବସିଛନ୍ତି। ସେମାନେ କିଭଳି ଚଳିବେ ବୋଲି 'ଅଲ୍ ଓଡ଼ିଶା ଅଟୋ ମହାସଂଘର ସାଧାରଣ ସଂପାଦକ ପଦ୍ମନ କୁମାର ସାମଲ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ, ଅଟୋ ଚାଳକଙ୍କ ନିକଟରେ ଖାଇବାକୁ ଫୁଟି କଉଡ଼ିଟିଏ ବି ନାହିଁ। ବହୁତ ଲୋକଙ୍କ ପାଖରେ ରାଶନ କାର୍ଡ଼ କିମ୍ବା ଶ୍ରମିକ କାର୍ଡ଼ ନାହିଁ। ରାଶନ ସାମଗ୍ରୀ ପାଇବାରୁ ସେମାନେ ବଞ୍ଚିତ ହେଉଛନ୍ତି। ସରକାର ରାଜ୍ୟର ଅଟୋ ଚାଳକଙ୍କୁ ମାସକୁ ୫ ହଜାର ଟଙ୍କା ସହାୟତା ରାଶୀ ଦେବାକୁ ପଦ୍ମନ ଦାବି କରିଛନ୍ତି। ସରକାର ସହଯୋଗ ନ କଲେ ଚାଳକଙ୍କ ପରିବାର ଭୋକଉପାସରେ ମରିବେ ଆଉ ଏଥିପାଇଁ ସରକାରଦାୟୀ ରହିବେ ।

ବଜ୍ରପାତ ନେଲା ୩ ଜୀବନ

ଦିନରେ ତାତି, ରାତିରେ ଝଡ଼ତୋଫାନ

- ଗଞ୍ଜାମରେ ଜଣେ, ବାଲେଶ୍ୱରରେ ୨ ମୃତ
- ୪୦ ଡିଗ୍ରୀ ଉପରେ ୧୦ ସହର

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜ୍ୟରେ ଗତ କିଛିଦିନ ହେବ ଅସମ୍ଭାଳ ତାତି ଜାରି ରହିଛି। ଦିନରେ ଉହଡହ ଖରାକୁ ରାତିରେ ଝଡ଼ତୋଫାନ ସହ ବଜ୍ରପାତ ଲୋକଙ୍କ ମନରେ ଭୟ ସୃଷ୍ଟି କରୁଛି। ଶନିବାର ବିଭିନ୍ନ ସ୍ଥାନରେ ବର୍ଷା ସହ ପବନ ଓ ବଜ୍ରପାତ ହୋଇଛି। ବଜ୍ରପାତରେ ୩ଜଣଙ୍କ ମୃତ୍ୟୁ ଘଟିଥିବାବେଳେ କାଳବୈଶାଖୀ ତାଣ୍ଡବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ରାଜଧାନୀରେ ବର୍ଷା ଓ ଘଡ଼ଘଡ଼ି ସାଙ୍ଗକୁ ପ୍ରବଳ ପବନ ହୋଇଥିଲା। ଅପରାହ୍ନରେ ବାଲେଶ୍ୱର ଓ ଗଞ୍ଜାମ ଜିଲାର କେତେକ ସ୍ଥାନରେ କାଳବୈଶାଖୀ ତାଣ୍ଡବ ରଚିଥିଲା। ବାଲେଶ୍ୱରରେ ୨୦ ମିମି ବର୍ଷା ହୋଇଥିବାବେଳେ ପ୍ରବଳ ପବନରେ ବିଦ୍ୟୁତ୍ ଖୁଣ୍ଟ ଓ ଗଛ ଉପୁଡ଼ି ପଡ଼ିବା ସହ ଲୋକଙ୍କ ଚାଳ ଛପର ଉଡ଼ିଯାଇଥିଲା। ତେବେ ବଜ୍ରପାତ ଜିଲାର ୨ଜଣଙ୍କ ଜୀବନ ନେଇଛି। ମୃତକ ଦ୍ୱୟ ହେଲେ ସିଂଲା ଥାନା ଅନ୍ତର୍ଗତ ଆଲୁମେଦା ଗ୍ରାମର ବିମଳ ପ୍ରଧାନଙ୍କ ପୁଅ ଜଗନ୍ନାଥ (୨୨) ଓ କାର୍ତ୍ତିକ ପ୍ରଧାନଙ୍କ ପୁଅ କାଳୀଚରଣ (୧୯)। ବର୍ଷା ସମୟରେ ଉଭୟ ଘର ପାଖ ନଳକୂଅକୁ ପାଣି ଆଣିବା ପାଇଁ ଯାଇଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ଗୁରୁତର ଅବସ୍ଥାରେ ଉଭୟଙ୍କୁ ଚିକିତ୍ସା ପାଇଁ ବସ୍ତା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ ।

ସେହିଭଳି ଗଞ୍ଜାମ ଜିଲାରେ ମଧ୍ୟ ବଜ୍ରପାତ ଜଣଙ୍କ ଜୀବନ ନେଇଛି। ଆସିକା ଥାନା ଅନ୍ତର୍ଗତ କାଳଷଣ୍ଢପୁରର ଅଜୟ ବିଶ୍ୱାଳ (୩୦) ସହର ଉପକଣ୍ଠ ଋଷିକୁଲ୍ୟା ନଦୀରୁ ସ୍ନାନ ସାରି ଅପରାହ୍ନରେ ଘରକୁ ଫେରୁଥିବାବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା। ଫଳରେ ସେ ନଦୀ ପଠାରେ ଅଚେତ ଅବସ୍ଥାରେ ପଡିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ।

ତେବେ ବର୍ଷା ଯୋଗୁ ଅସହ୍ୟ ତାତିରୁ ଲୋକେ ଆଶ୍ୱସ୍ତ ହୋଇଥିଲେ ମଧ୍ୟ ବଜ୍ରପାତ ଚିନ୍ତା ବଢ଼ାଇଛି। ଶନିବାର ରାଜ୍ୟର ୧୦ ସହରରେ ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଥିବାବେଳେ ବଲାଙ୍ଗୀରରେ ସର୍ବାଧିକ ୪୧.୭ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପକ୍ଷରେ ଆସନ୍ତା ୪ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଏଥିସହ ଝଡ଼ତୋଫାନ ଓ ବଜ୍ରପାତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାରିପାଗ କେନ୍ଦ୍ର ସତର୍କ କରିଛି। ଏଥିପାଇଁ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

କୋଭିଡ୍-୧୯ ଟିମ୍ ପକ୍ଷରୁ ଶନିବାର ଭୁବନେଶ୍ୱର ରସୁଲଗଡ଼ ଓଭରବ୍ରିଜ୍ ତଳେ ଆଶ୍ରୟ ନେଇଥିବା ଅସହାୟଙ୍କୁ ଖାଦ୍ୟ ବଣ୍ଟନବେଳେ ଶକ୍ତି ସଚିବ ତଥା ଭୁବନେଶ୍ୱର ଉତ୍ତରଜୋନ୍ ଦାୟିତ୍ୱରେ ଥିବା ବିଷ୍ଣୁପଦ ସେଠୀ ଲୋକଙ୍କୁ ସଚେତନ କରୁଛନ୍ତି।

ଭୁବନେଶ୍ୱରରେ ନମୁନା ସଂଗ୍ରହ ଅଭିଯାନ ଆରମ୍ଭ

ଭୁବନେଶ୍ୱର, ୧୮।୪(ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ସର୍ବାଧିକ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାରୁ ସରକାର ଓ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ସହରକୁ ସଂକ୍ରମଣମୁକ୍ତ କରିବା ପାଇଁ ୭ଦିନରେ ୫ହଜାର ନମୁନା ପରୀକ୍ଷା କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ଶନିବାର ଏହି ଅଭିଯାନ ଆରମ୍ଭ ହୋଇଥିବାବେଳେ ପ୍ରଥମ ଦିନରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩ ଜୋନ୍‌ରୁ ପାଖାପାଖି ୭୫୦ ଲୋକଙ୍କ ସ୍ୱାବ୍ ନମୁନା ସଂଗ୍ରହ କରାଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ସଂକ୍ରମିତ ଓ ଆବଦ୍ଧ ଅଞ୍ଚଳଗୁଡ଼ିକୁ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ବିଏମ୍‌ସି ପକ୍ଷରୁ ୧୩ ଟିମ୍ ଗଠନ କରାଯାଇଥିବାବେଳେ ପ୍ରତି ଟିମ୍‌ରେ ଡାକ୍ତର, ଶିକ୍ଷକ, ପୋଲିସ ଓ ପରିମଳ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଗୋଟିଏ ଜୋନ୍‌କୁ ଦୁଇଟି ଲେଖାଏ ଟିମ୍ ଦିଆଯାଇଛି। ବାକି ୭ ଟିମ୍‌କୁ ଆବଶ୍ୟକସ୍ଥଳେ ବିଏମ୍‌ସି କିମ୍ବା ସ୍ୱାସ୍ଥ୍ୟ ବିଭାଗ ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ନିୟୋଜିତ କରିବ ବୋଲି ବିଏମ୍‌ସି କମିଶନର ପ୍ରେମ୍‌ଚନ୍ଦ୍ର ଚୌଧାରୀ କହିଛନ୍ତି।

ସକାଳ ୮ଟାରୁ ଦିନ ୧୧ଟା ଓ ଅପରାହ୍ନ ୪ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଦୁଇଟି ସିफ्टରେ ନମୁନା ସଂଗ୍ରହ କରାଯାଉଛି। ବିଏମ୍‌ସି ଦକ୍ଷିଣ ପୂର୍ବ ଜୋନ୍‌ରେ ସକାଳେ ଓ ସନ୍ଧ୍ୟାରେ ପାଖାପାଖି ୬୦୦ ନମୁନା ସଂଗ୍ରହ କରାଯାଇଛି। ସେହିପରି ବିଏମ୍‌ସି ଦକ୍ଷିଣ ପଶ୍ଚିମ ଜୋନର ୨ ସ୍ଥାନରୁ ୧୫୩ ନମୁନା ଓ ଉତ୍ତର ଜୋନର ଦୁଇ ସ୍ଥାନରୁ ୯୬ ନମୁନା ସଂଗୃହୀତ ହୋଇଥିବା ସମ୍ପୃକ୍ତ ଜୋନ୍‌ର ଜୋନାଲ ଡେପୁଟି କମିଶନରମାନେ କହିଛନ୍ତି। ସଂକ୍ରମିତ ଅଞ୍ଚଳରୁ ନମୁନା ସଂଗ୍ରହ ସରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଅନ୍ୟ ଅଞ୍ଚଳରେ ଏହି ଅଭିଯାନ ଚାଲିବ। ତେବେ ନମୁନା ସଂଗ୍ରହରର ୪ ବର୍ଗର ଲୋକଙ୍କୁ ଚୟନ କରାଯାଉଛି। ପ୍ରଥମେ ଟ୍ରାଭେଲ ହିଷ୍ଟ୍ରି ଥିବା ଲୋକ ଓ ଲକ୍ଷଣ ଥିବା ଲୋକ, ଦ୍ୱିତୀୟରେ ସେବା ପ୍ରଦାନ କରୁଥିବା ସ୍ୱାସ୍ଥ୍ୟ କର୍ମୀ, ପୋଲିସ ଓ ପରିମଳ କର୍ମଚାରୀ, ତୃତୀୟରେ ୬୦ ବର୍ଷରୁ ଅଧିକ ବୟସ୍କ ଓ ଚତୁର୍ଥ ବର୍ଗରେ ପୂର୍ବରୁ ବିଭିନ୍ନ ରୋଗ ଥିବା ଲୋକଙ୍କ ନମୁନା ପରୀକ୍ଷା ହେବ। ଏହି କାର୍ଯ୍ୟରେ ସହଯୋଗ କରିବାକୁ ବିଏମ୍‌ସି ପକ୍ଷରୁ ଜନସାଧାଣଙ୍କୁ ଅନୁରୋଧ କରାଯାଇଛି।

ଅନ୍ୟପକ୍ଷରେ ନମୁନା ସଂଗ୍ରହବେଳେ କେତେଜଣ ଲୋକ ଅନିଚ୍ଛା ପ୍ରକାଶ କରୁଛନ୍ତି। ଲୋକଙ୍କ ମନରେ ରହିଥିବା ନାନା ଆଶଙ୍କା ଦୂର ପାଇଁ ଭୁବନେଶ୍ୱରର ୩ଜଣ ବିଧାୟକ ନିଜର ନମୁନା ଦେଇଛନ୍ତି। ଶନିବାର ମନ୍ତ୍ରୀ ତଥା ଏକାମ୍ର ବିଧାୟକ ଅଶୋକଚନ୍ଦ୍ର ପଣ୍ଡା, ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଭୁବନେଶ୍ୱର-ଉତ୍ତର ବିଧାୟକ ସୁଶାନ୍ତ ରାଉତଙ୍କଠାରୁ କ୍ୟାପିଟାଲରେ ନମୁନା ସଂଗ୍ରହ କରାଯାଇଥିଲା। ରିପୋର୍ଟ ନେଗେଟିଭ୍ ଆସିଥିବା ଜଣାପଡିଛି।

ଲୋକଙ୍କଠାରୁ ସ୍ୱାବ୍ ନମୁନା ସଂଗ୍ରହ କରାଯାଉଛି।

ରାଜଧାନୀକୁ ସଂକ୍ରମଣମୁକ୍ତ ଲକ୍ଷ୍ୟ

- ପ୍ରଥମ ଦିନରେ ୭୫୦ ନମୁନା ସଂଗୃହୀତ
- କ୍ୟାପିଟାଲ ହସ୍ପିଟାଲରେ ନମୁନା ଦେଲେ ୩ ବିଧାୟକ

ମା' ମଙ୍ଗଳା ମନ୍ଦିର ହେଲା ବିଶୋଧନ

**କାକଟପୁର, ୧୮।୪(ଡି.

ଯଦି ତୁମେ ନିଜର ଦୋଷତ୍ରୁଟିକୁ ନିଜେ ଦେଖିପାରୁ ନାହଁ– ତା'ହେଲେ ଏହାକୁ ନିଜ ଭିତରେ କୋଉଠି ନା କୋଉଠି ନିଷ୍ଠାର ଅଭାବ ଥିବାର ସଂକେତ ବୋଲି ଜାଣିବ।...ଭୟ କର ନାହିଁ। ଅକପଟ ସରଳତା ହିଁ ତୁମର ରକ୍ଷା କବଚ ଅଟେ। –ଶ୍ରୀମା

ପରିବର୍ତ୍ତନ ଅପେକ୍ଷାରେ

ଆକାର ପଟେଲ

ଭାରତରେ ଲକ୍‌ଡାଉନ ୩ ମେ'ରେ ଶେଷ ହେଉଛି। କିନ୍ତୁ ୪ ମେ' କିମ୍ବା ଏହାପରେ ସମ୍ଭବତଃ ପରିସ୍ଥିତି ସମାନ ନ ଥିବ। ଜୁନ୍‌ରେ ସ୍କୁଲ୍ ଖୋଲିବାକୁ ସ୍ଥିର କରାଯାଇଛି, କିନ୍ତୁ ଅଭିଭାବକମାନେ ପିଲାମାନଙ୍କୁ ସ୍କୁଲ୍‌କୁ ପଠାଇବେ ନାହିଁ। ଏଣୁ ଶିକ୍ଷା ବର୍ଷରେ ବିଶେଷକରି ପାଠପଢ଼ାରେ କ'ଣ ଘଟିବ ତାହା ସ୍ୱଷ୍ଟ ଜଣାପଡୁଛି। ଆମ ଦେଶରେ ଭର୍ଚୁଆଲ କ୍ଲାସରୁମ୍‌ର ସୁବିଧା ନାହିଁ। ଏହାବାଦ୍ ପିଲାମାନେ ସ୍କୁଲରେ ଏକାଠି ଖେଳିବା ଓ ମିଳିମିଶି ରହିବାରେ ଭିନ୍ନ ଅନୁଭବ କରିଥାନ୍ତି। ଏହା ସେମାନଙ୍କ ପାଇଁ ବି ଏକ ମୁଖ୍ୟ ବିଷୟ। ଏହି ସପ୍ତାହରେ ଡେନ୍‌ମାର୍କରେ ସବୁ ସ୍କୁଲ୍ ଖୋଲାଯାଇଛି। ପିଲାମାନେ ୬ ଫୁଟ୍ ବ୍ୟବଧାନରେ ଡେସ୍କରେ ବସୁଛନ୍ତି। ଏହା ଭାରତରେ ଅଧିକାଂଶ ସ୍କୁଲରେ ସମ୍ଭବ ନୁହେଁ। ବହୁ ସମୟରେ ସ୍କୁଲରେ ଥିବା ରୁମ୍‌ଗୁଡିକରେ ବସିବାର ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଥାଏ। ଡେନ୍‌ମାର୍କରେ ବି ପିଲାମାନଙ୍କୁ ନ ଖେଳିବା ପାଇଁ କୁହାଯାଇଛି। କିନ୍ତୁ ବିନା ଦେଖାରଖାରେ ଏହା ସମ୍ଭବ ହୋଇପାରିବ କି? ସହଜେ ତ ଏମାନେ ପିଲା। ଅନ୍ୟମାନଙ୍କ ଉପସ୍ଥିତ ଏମାନଙ୍କ ମନରେ ଖେଳିବା ଲାଗି ଉତ୍ସାହ ଓ ଆଗ୍ରହ ସୃଷ୍ଟି ହେବା ସ୍ୱାଭାବିକ।

ସ୍କୁଲ୍‌ରେ ପିଲାମାନେ ସଂକ୍ରମିତ ହେବେ ନାହିଁ ବୋଲି ଏଭଳି ଗ୍ୟାରେଣ୍ଟି ନ ଦେଇ ସ୍କୁଲ ଖୋଲିଲେ କେତେ ଜଣ ଅଭିଭାବକ ସେମାନଙ୍କ ପିଲାଙ୍କ ଜୀବନକୁ ବିପଦକୁ ଠେଲଦେବାକୁ ଚାହେବେ? ନିଶ୍ଚିତ ଭାବେ ପିଲା ସଂକ୍ରମିତ ହେବାର ସମ୍ଭାବନା ରହିଛି। ଏହା ହେଲେ କ'ଣ ଘଟିବ? ପୁଣି ସ୍କୁଲ ପୂରା ବନ୍ଦ ହୋଇଯିବ ନା ଯେମିତି ଥିଲା ସେମିତି ଚାଲିବ? ଏହି ସମସ୍ୟା ପାଇଁ ଠିକ୍ ଉତ୍ତର ନାହିଁ। କ'ଣ କରିବାକୁ ହେବ ଓ କିଭଳି ସ୍ୱାଭାବିକ ସ୍ଥିତି ଅଣାଯାଇପାରିବ ସେ ସମ୍ପର୍କରେ ଆମେ କେବଳ ଚେଷ୍ଟା କରିବା। ଡେନ୍‌ମାର୍କ ସରକାର ଏଭଳି ଚେଷ୍ଟାକରି କିଛି ନିଆରା କରିବାରେ ନିଜର ସାହସିକତା ଦେଖାଇଛନ୍ତି।

ଲୋକମାନେ ଯେତେବେଳେ କର୍ମକ୍ଷେତ୍ରକୁ ଫେରିବେ ସେଠାରେ ପରିସ୍ଥିତି ଭିନ୍ନ ରହିବ। ସାଧାରଣତଃ ମାନବସମ୍ବଳ ବିଭାଗଗୁଡିକ କମ୍ପାନୀ ନିୟମଗୁଡିକୁ ସଞ୍ଚାଳନ କରିଥାନ୍ତି। ଦରମା, ପଦୋନ୍ନତି ଓ ଇନ୍‌କ୍ରିମେଣ୍ଟ, କାର୍ଯ୍ୟସ୍ଥଳୀରେ ବିବାଦ ଓ ଯୌନ ନିର୍ଯାତନା ମାମଲା ଏବଂ ନିଯୁକ୍ତି ଦେବା ଆଦି କାର୍ଯ୍ୟ କରିଥାନ୍ତି। ମେ'ରୁ ଯେଉଁ ଦିଗଗୁଡିକ ଉପରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ସେଥିପ୍ରତି ଏହି ବିଭାଗଗୁଡିକର ଅଭିଜ୍ଞତା ନାହିଁ। ଉଦାହରଣ ସ୍ୱରୂପ, କର୍ମଚାରୀମାନେ କାମକୁ ଯିବା ଉଚିତ କି? କମ୍ପାନୀ ଡ୍ରାଇଭର୍‌ମାନଙ୍କୁ ଅନୁମତି ଦିଆଯିବ କି? ଯଦି ଡ୍ରାଇଭର ସଂକ୍ରମିତ ହୁଅନ୍ତି କିମ୍ବା କର୍ମଚାରୀଙ୍କୁ ବାହାର କରିଦିଆଯାଏ ତେବେ କିଏ ଦାୟିତ୍ୱ ବହନ କରିବେ? ଦେଖିବାକୁ ଗଲେ ଲକ୍‌ଡାଉନ ପରେ କମ୍ପାନୀଗୁଡିକ ସେମାନଙ୍କ ଢାଞ୍ଚାରେ ପରିବର୍ତ୍ତନ କରିବାକୁ ଚାହିଁବେ। କିନ୍ତୁ ଅଧିକାଂଶ କମ୍ପାନୀର ଏହି କ୍ଷମତା ନାହିଁ। ବର୍ଷ ବର୍ଷ ଧରି ଶପ-ଫ୍ଲୋର୍ସ ଏବଂ ଆସେମ୍ବ୍ଲି ଲାଇନ ଆଦି କମ୍ପାନୀଗୁଡିକ ସେମାନଙ୍କର ସର୍ବାଧିକ ଦକ୍ଷତା ନିଶ୍ଚିତ କରିପାରିଛନ୍ତି। ହେଲେ ସେମାନେ କୌଣସି ସଂକ୍ରମଣ ଦୂର କରିବା ଉପରେ ଗୁରୁତ୍ୱ ଦେଇନାହାନ୍ତି କି ଏ ବାବଦରେ ଅଭିଜ୍ଞତା ବି ନାହିଁ। ଏବେ ଶ୍ରମିକମାନଙ୍କ ପାଇଁ ସୁରକ୍ଷା ନିୟମ ବାଧ୍ୟତାମୂଳକ କରାଯିବାବେଳେ କିଭଳି ସେମାନେ କାମ ଆରମ୍ଭ କରିବେ? ଏହି ଜଟିଳ ପ୍ରଶ୍ନଗୁଡିକର ଉତ୍ତର ନାହିଁ। କାର୍ଯ୍ୟସ୍ଥଳୀ ଓ ଅଫିସଗୁଡିକରେ ସମାନତା ନାହିଁ। ଏଣୁ ପ୍ରତ୍ୟକ କମ୍ପାନୀ ଓ ସଂସ୍ଥା ନିଜର ନୀତି ଓ ନିୟମ ଗଢିବା ଉଚିତ। କିନ୍ତୁ ଅନେକଙ୍କର ଏହା କରିବାକୁ କ୍ଷମତା ରହିବ ନାହିଁ। ସୁରକ୍ଷା ଓ ରୋଗ ନିବାରଣ ଲାଗି ବିଶେଷଜ୍ଞ ଦରକାର। ଏଚ୍‌ଆର୍ ବିଭାଗ କିମ୍ବା ଅନ୍ୟ ବିଭାଗର ଲୋକମାନଙ୍କର ଏ କ୍ଷେତ୍ରରେ ମଧ୍ୟ କୌଣସି ଅଭିଜ୍ଞତା ନାହିଁ।

ଭାରତକୁ ଏକ ମଡ୍ ଭାବେ ବିଶିଷ୍ଟ ଲେଖକ ସଲମାନ ରଶ୍‌ଡି କର୍ଣ୍ଣନା କରିଥିଲେ। ଯିଦଓ ଏହାକୁ ମଜାରେ କୁହାଯାଇଥିଲା, ଏହା ପୂରା ଠିକ୍। ନିତିଦିନଆ ବଜାରରେ ହେଉ ଅବା ରାଜନୈତିକ ରାଲି କିମ୍ବା ଧାର୍ମିକ ପୀଠରେ ଅଧିକ ସଂଖ୍ୟାରେ ଏକାଠି ହେବା ଆମ ଜୀବନଶୈଳୀକୁ ନିରୂପଣ କରେ। ୪ ମେ'ରେ ଏହି ସ୍ଥାନଗୁଡିକରେ କ'ଣ ଘଟିବ? ଆମେ ଯେଉଁ ଭଳି ଭାବେ ରହିଛେ ସେଥିରୁ ହଠାତ ବହାରି ଆସିବା ପରେ ସେତେବେଳେ ଆମର ଓ ଆମ ସମାଜର କ'ଣ ହେବ? ଏଭଳି ଅନେକ ପ୍ରଶ୍ନ ମନକୁ ଆସେ। ପୃଥିବୀରେ ଅସମାନତା ଥିବା ଅଧିକାଂଶ ସମାଜରେ ଏହି ରୋଗ କ'ଣ ଅଧିକ ସମାନତା ଆଣିପାରିବ? ପ୍ରକୃତ କଥା ହେଉଛି ଧନୀ ଉତ୍ତମ ସ୍ୱାସ୍ଥ୍ୟ ସେବା ପାଇବେ। ଏହା ସବୁବେଳେ ହିଁ ରହି ଆସିଛି। ଯଦି ଗରିବମାନେ ସେମାନଙ୍କ ପାଇଁ କିଛି ତ୍ୟାଗ କରାଯାଇନି କି ଧନୀ ଭଳି ସେମାନଙ୍କୁ ସମ୍ମାନ ମିଳିନି ବୋଲି ଦାବି କରିବେ ତେବେ କେଉଁ ପରିବର୍ତ୍ତନ ହେବ। ଦେଶରେ ଯେତେବେଳେ ଲକ୍‌ଡାଉନ ଲାଗୁ କରାଗଲା ବିନା ଟଙ୍କା, ଖାଦ୍ୟ ଓ କାମରେ ଥିବା ଲକ୍ଷ ଲକ୍ଷ ଗରିବ ଲୋକଙ୍କ ପାଇଁ ଦେଶ ଅନେକ କିଛି ତ୍ୟାଗ କରିଛି ବୋଲି ଗ୍ରହଣ କରିବା ଉଚିତ। ବିନା ବାଧାରେ ତ୍ୟାଗର ଧାରା ଜାରି ରଖିବା ସରାକରଙ୍କ ପାଇଁ ସହଜ ନୁହେଁ। ଅର୍ଥାତ ମୋ ମତରେ ଏବେ ଏହାଦ୍ୱାରା ସମାନତା ଆଣିବାର ସୁଯୋଗ ରହିଛି ଓ ଏକ ସମ୍ଭାବନା ମଧ୍ୟ ଦେଖାଦେଇଛି। ଏହି ସଂକଟ ଯେତେଦିନ ଲାଗି ରହିବ ତାହା ଦେଶ, ବ୍ୟବସ୍ଥା ଓ ଲୋକମାନଙ୍କୁ ପରିବର୍ତ୍ତନ କରିବା ସହ ତାକୁ ଗ୍ରହଣ କରିବାକୁ ସେତେ ଅଧିକ ଚାପ ସୃଷ୍ଟି କରିବ। ଶେଷ କଥା ହେଉଛି ପରିବର୍ତ୍ତନ କେଉଁ ହାରରେ ଘଟୁଛି ତାହା ଲକ୍ଷ୍ୟ କରିବା। ଏବକାର ପିଢି ବିକଶିତ ଇଣ୍ଟରନେଟ ଓ ମୋବାଇଲ ଟେଲିଫୋନ ଦେଖିଛନ୍ତି ଓ ଏଥିପାଇଁ ଦୁଇ ଦଶନ୍ଧି ଲାଗିଥିଲା। କିନ୍ତୁ ଏବେ ଏହି ପରିବର୍ତ୍ତନ କିଛିଦିନ ମଧ୍ୟରେ ସମସ୍ତଙ୍କୁ ଗ୍ରହଣ କରିବାକୁ ବାଧ୍ୟ କରିଛି। ଏହି କାରଣରୁ ଉକ୍ତ ପରିବର୍ତ୍ତନ କଠିନ ହେବ ଏବଂ ବହାରକୁ ଜଣାପଡିବ। ଆମ ସଂସ୍କୃତିରେ ଶହନଶୀଳତାଠାରୁ ଆରମ୍ଭ କରି ଅନୁଶାସନହୀନ ବ୍ୟବସ୍ଥାରେ ସମ୍ଭବତଃ ପରିବର୍ତ୍ତନ ହେବ। ଦାୟିତ୍ୱହୀନ ଭାବେ ଅନ୍ୟ ଜଣଙ୍କ ଜୀବନ ପ୍ରତି ବିପଦ ଆଣୁଥିବା ବ୍ୟକ୍ତିଙ୍କ ବ୍ୟବହାରରେ ପରିବର୍ତ୍ତନ ଆଣିବାପାଇଁ ସେମାନଙ୍କୁ ବାଧ୍ୟ କରିବାରେ ଲୋକମାନେ ସଂକୋଚ ପ୍ରକାଶ କରିବେ ନାହିଁ। ଏହା ସର୍ବସାଧାରଣ ସ୍ଥାନରେ ଛେପ ପକାଇବା କିମ୍ବା ଟ୍ରାଫିକରେ ଦୁର୍ବ୍ୟବହାର କରିବା ଭଳି କଥା ନୁହେଁ। ଆମେ ପ୍ରତ୍ୟେକେ ଅନ୍ୟମାନଙ୍କ ପାଇଁ ଉତ୍ତରଦାୟୀ। ଏହା ହିଁ ସବୁଠୁ ବଡ ପରିବର୍ତ୍ତନ ଯାହା ଆମ ଉପରେ ଚାପ ପକାଇବା ଯାଉଛି। ଏହା ଭଲ ପାଇଁ ଓ ଏହି ବିପର୍ଯ୍ୟୟ ମେ' ସକାଳୁ ଆମକୁ ବଦଳାଇ ଦେଉ ବୋଲି ଆଶାକରାଯାଏ।

Email:aakar.patel@gmail.com

ମୋର ମରିବାର ନାହିଁ

ଚିତ୍ର ଚରିତ୍ର

ଡ. ନିରଞ୍ଜନ ପାଢ଼ୀ

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ ବୋଲି ଜାଣିଥିଲେ ମଧ୍ୟ କିଏ କରିପାରେ ଏମିତି ଔଦ୍ଧତ୍ୟପୂର୍ଣ୍ଣ ଆସ୍ଫାଳନ, 'ମୋର ମରିବାର ନାହିଁ!' ବିଶେଷତଃ ସେଇ ସମୟରେ, ଯେତେବେଳେ 'କରୋନା' ନାମକ ଏକ ବିଷମ ବ୍ୟାଧି ରୂପରେ ମୃତ୍ୟୁ ତା'ର ଭୟଙ୍କର ରୂପ ନେଇ ସମଗ୍ର ବିଶ୍ୱକୁ କବଳିତ କରି ରଖିଛି। ଯେତେବେଳେ ସମଗ୍ର ବିଶ୍ୱରେ ସବୁ କ୍ଷେତ୍ରରେ ଅନ୍ୟ ରାଷ୍ଟ୍ରସମୂହଠାରୁ ଆଗରେ ଥିବା ଆମେରିକା ନିଜ ନାଗରିକଙ୍କ ମୃତ୍ୟୁ ସଂଖ୍ୟାରେ ବି ଆଗରେ ରହି କରୋନାର କରାଳ କୋପ ଆଗରେ ନିଜକୁ ସମର୍ପଣ କରିଦେଇଛି, ସେତେବେଳେ କିଏ ଏମିତି କରିପାରନ୍ତି ଉଦ୍ଧତ ଉଦ୍‌ଘୋଷଣା– 'ମୋର ମରିବାର ନାହିଁ!' କିଏ ସେହି ମୃତ୍ୟୁଞ୍ଜୟୀ ବୀର ପୁଙ୍ଗବ?

ଚାରିମାସ ପୂର୍ବରୁ ଯେତେବେଳେ ଚାଇନାର ଉହାନ ନଗରରୁ କରୋନାର କାୟା ବିସ୍ତାର ସମ୍ପର୍କରେ ଖବର ଭାରତବାସୀଙ୍କ କାନରେ ପଡ଼ିବାକୁ ଲାଗିଲା, ସେତେବେଳେ କେବଳ ଭାରତ କାହିକ, ଚାଇନାର ସେଇ ଅଭିଶପ୍ତ ଇଲାକାକୁ ବାଦ୍ ଦେଇ ବିଶ୍ୱର ଅବଶିଷ୍ଟ ଭୂଖଣ୍ଡରୁ ବୋଧହୁଏ ଗୁଞ୍ଜରିତ ହୋଇଥିବ ଆମ୍ଭ ଆଶ୍ୱାସନାମୂଳକ ଏମିତି ଏକ ସାନ୍ତ୍ୱନାର ସ୍ୱର– 'ଯାହା ହେଉ, ମୋର ମରିବାର ନାହିଁ!' ଅଥଚ ସବୁ କାଳରେ ମଣିଷର ଶିକ୍ଷା ଦୀକ୍ଷା, ଜ୍ଞାନ ବିଜ୍ଞାନ, ବିଜ୍ଞତା ଓ ବୌଦ୍ଧିକତାର ଉର୍ଦ୍ଧ୍ୱରେ ଏକ ଅଭେଦ୍ୟ ରହସ୍ୟ ହୋଇ ରହି ଆସିଥିବା ପ୍ରକୃତି ଯେ ସମଗ୍ର ବିଶ୍ୱ ଭୂଖଣ୍ଡ ଉପରେ ଏକ ଭୟଙ୍କର ଖେଳ ଖେଳିବାକୁ ଯାଉଛି, ଏକଥା ଦୂରରୁ ଦୂର ପର୍ଯ୍ୟନ୍ତ କେହି ବି କଳ୍ପନା କରିପାରି ନ ଥିଲେ। ନା ଏକଥା ଚିନ୍ତା କରିପାରିଥିଲେ କେଇ ହଜାର ମାଇଲ ଦୂରରେ ଥାଇ ଅଙ୍ଗୁଳି ଟିପରେ ରିମୋର୍ଟ ଚିପି ବିସ୍ଫୋରଣ ଘଟାଇପାରୁଥିବା ମିଶାଇଲ ନିର୍ମାତା ବୈଜ୍ଞାନିକଗଣ ନା ଅମାପ କ୍ଷମତାର ଅଧିକାରୀ ହୋଇ ଅଙ୍ଗୁଳି ମୁନରେ ବିଶ୍ୱକୁ ଉଠ୍‌ବସ୍ କରାଇପାରୁଥିବା ଯୁଦ୍ଧପ୍ରିୟ ରାଷ୍ଟ୍ରନାୟକଗଣ!

ସୁତରାଂ, ଯାହା ହେବାର କଥା, ତାହା ହୋଇ ଚାଲିଲା ଏବଂ ଏବେ ବି ହୋଇ ଚାଲିଛି। ପରମ ବିକ୍ରମରେ ପ୍ରମତ୍ତ ଗତିରେ ପ୍ରକୃତିର ଏଇ ବିଧ୍ୱଂସକାରୀ ଶକ୍ତି ଏକ ଭୂତାଣୁର ରୂପ ନେଇ ସମଗ୍ର ବିଶ୍ୱକୁ କବଳିତ କରି ରଖିଛି ନିଜର ଶକ୍ତ ପଞ୍ଜା ଭିତରେ। ବିଶ୍ୱର ଦୁଇ ଶତାଧିକ ଦେଶ ଏବେ ଏହି ଅଦୃଶ୍ୟ ହତ୍ୟାକାରୀର ସମ୍ଭାବ୍ୟ ଆକ୍ରମଣରେ ଆତଙ୍କିତ। ଅକାଳରେ ଝଡ଼ିଗଲାଣି ଲକ୍ଷାଧିକ ଅମୂଲ୍ୟ ଜୀବନ। କେବଳ ଆମେରିକା ଭଳି ବିଶ୍ୱ ତାଲିକାର ଶୀର୍ଷତମ ସ୍ଥାନର ଅଧିକାରୀ ପ୍ରତିଦିନ ସାମ୍ନା କରି ଚାଲିଛି ଦୁଇ ହଜାରରୁ ଅଧିକ ଲୋକଙ୍କର ଅକାଳ ମୃତ୍ୟୁ। ଇଟାଲୀ, ସ୍ପେନ୍ ଓ ଫ୍ରାନ୍ସ ଭଳି ଇଉରୋପ ମହାଦେଶର ଅଗ୍ରଣୀ ଦେଶଗୁଡିକ ନିଜ ନିଜର ଉନ୍ନତ ସ୍ୱାସ୍ଥ୍ୟସେବା ସତ୍ତ୍ୱେ ସାମ୍ନା କରି ଚାଲିଛନ୍ତି ମୃତ୍ୟୁର ତାଣ୍ଡବ ଲୀଳା। ଅବସ୍ଥା ଏମିତି ଯେ, ସେଇସବୁ ସମୃଦ୍ଧ ଦେଶଗୁଡିକ ସହ ସ୍ୱୟଂ ଆମେରିକାରେ ମଧ୍ୟ କରୋନା ପୀଡିତଙ୍କ ଚିକିତ୍ସା ପାଇଁ ହସ୍ପିଟାଲରେ ଖଟିଆର ଅଭାବ ପଡ଼ିଲାଣି ତ ମୃତ୍ୟୁ ପରେ ଶବ ସଂସ୍କାର ପାଇଁ ନିଅଣ୍ଟ ପଡ଼ିଲାଣି ଶ୍ମଶାନର ସ୍ଥାନ।

ଆମ ଭାରତରେ ମଧ୍ୟ କରୋନା ମହାଭାରତ କାହାଣୀର ସେଇ କଳ୍ପିତ ରାକ୍ଷସ କୋକୁଆର ଭୟ ସଞ୍ଚାର କରିଛି ପ୍ରତିଟି ହୃଦୟରେ। ପାଶ୍ଚାତ୍ୟ ଭୂଖଣ୍ଡରେ ଉଗ୍ରରୂପ ଧାରଣ କରି ଏ ପ୍ରାନ୍ତରୁ ସେ ପ୍ରାନ୍ତ ପର୍ଯ୍ୟନ୍ତ ନିର୍ବିରୋଧେ ସଞ୍ଚରି ଯାଉଥିବା କରୋନା ଆସର ଏହି ପ୍ରାଚ୍ୟ ଭୂଖଣ୍ଡଟିକୁ କଚ୍ଛପ ଗତିରେ ଗ୍ରାସ କରୁଥିଲେ ମଧ୍ୟ ଆଜିର ଚିତ୍ର କାଲିକୁ ଯେମିତି ବଦଳି ଯାଉଛି, ତହିଁରେ ଅତ୍ୟନ୍ତ ଅନିଶ୍ଚିତତା ଭିତରେ କାଳ କାଟୁଛନ୍ତି ଊଣା ଅଧିକେ ପ୍ରତ୍ୟେକ ଭାରତୀୟ ନାଗରିକ। କରୋନାର ଗତିରୋଧ ପାଇଁ ସଙ୍ଗରୋଧ ଓ ନିଃସଙ୍ଗବାସ ଭଳି ସତର୍କତା ଅବଲମ୍ବନ କରୁଥିବା ଓ ଏଥିପାଇଁ ବେଶ୍ କଠୋର ପଦ୍ଧତି ଆପଣାଇଥିବା ପ୍ରଶାସନ ଜାତୀୟ ଅର୍ଥନୀତିକୁ ରସାତଳକୁ ଫିଙ୍ଗି କେବଳ ଅମୂଲ୍ୟ ମାନବ ଜୀବନର ସୁରକ୍ଷାକୁ ପ୍ରାଥମିକତା ଦେଇ ଚାଲୁଛନ୍ତି। ନିତ୍ୟ ଚଳଚଞ୍ଚଳ ସଦା ବ୍ୟସ୍ତବହୁଳ ମଣିଷ ସମାଜକୁ ନିଷ୍ପ୍ରାଣ, ନିସ୍ପନ୍ଦ କରି ସବୁ କିଛିରେ ତାଲା ପକାଇ ଦେବାର ନିଷ୍ପତ୍ତି ନେଇଛନ୍ତି ବାଧ୍ୟ ବିବଶ ହୋଇ। ରାସ୍ତାଘାଟ, ହାଟବାଟ ସବୁ କିଛି ଶୂନ୍‌ଶାନ୍। ସମଗ୍ର ବିଶ୍ୱର ଅସୁସ୍ଥତା ଅବଲୋକନ କରି ମଣିଷ ଏଠି ନିଜର ଅସୁସ୍ଥତା ଭୁଲିଯାଉଛି। ସଭିଏଁ ସମ୍ମିଳିତ ଭାବେ ସବୁ ପ୍ରକାର ଅସ୍ୱସ୍ତି ଓ ଅସୁବିଧାକୁ ଆପଣେଇ ନେଇଛନ୍ତି କେବଳ ଏକମାତ୍ର ଲକ୍ଷ୍ୟ ହାସଲ ପାଇଁ। କରୋନାକୁ ପରାଜିତ କରି ଏହି ଗଣମୃତ୍ୟୁ ଉପରେ ବିଜୟ ହାସଲ ପାଇଁ। ଅଥଚ ଏହି ଗମ୍ଭୀର ସ୍ଥିତିକୁ ଗୋଟିଏ ଫୁତ୍‌କାରରେ ଉଡ଼ାଇ ଦେଇ ଆଉ ଥୋକେ ପାଗଳ ପ୍ରଳାପ କରୁଛନ୍ତି, 'ଆମର ମରିବାର ନାହିଁ!'

ତେବେ କିଏ ଏହି ପାଗଳମାନେ? ସମ୍ମୁଖରେ ଭୀମ ଭୈରବ ରୂପ ଧରି ମୃତ୍ୟୁକୁ ଡିଆଁ–କୁଦା ମାରୁଥିବାର ଦେଖି ତଥାପି ଏମାନେ ଏମିତି ପ୍ରଳାପ କରିପାରନ୍ତି କେମିତି? ମୃତ୍ୟୁକୁ କ'ଣ ଏମାନଙ୍କର ଭୟ ନାହିଁ? ଏ ସବୁ ପ୍ରଶ୍ନର ଉତ୍ତର ପାଇଁ ନିମ୍ନୋକ୍ତ କେତୋଟି ଚିତ୍ର ଓ ଚରିତ୍ରଙ୍କ ଉପରେ ଦୃଷ୍ଟି ପକାଯାଉ।

''କରୋନା ଆମ ପାଖକୁ ଆସିବ ନାହିଁ। ଆମ ସହ ଆମ ଖୋଦା ଅଛନ୍ତି। ମୃତ୍ୟୁ ସମସ୍ତଙ୍କୁ ଡରାଇପାରେ, ମାତ୍ର ଆମ ଖୋଦାଙ୍କୁ ଦେଖିଲେ ସେ ନିଜେ ଡରି ପଳାଇବ।'' ଏମିତି ଦର୍ପ ଓ ଦମ୍ଭର ସହ ଘୋଷଣା କରିପାରନ୍ତି ଏକ ନିର୍ଦ୍ଦିଷ୍ଟ ଧର୍ମର କେଇଜଣ ଧର୍ମାନ୍ଧମାନେ, ଯେଉଁମାନେ କରୋନା ଚିହ୍ନଟ ପାଇଁ ନମୁନା ସଂଗ୍ରହ କରିବାକୁ ଆସିଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଟେକାପଥର ମାରି ରକ୍ତାକ୍ତ କରନ୍ତି ଓ ଘଉଡ଼ାଇ ଦିଅନ୍ତି। ବଡ଼ ଅଜବ ଯୁକ୍ତି ସେମାନଙ୍କର। ମୃତ୍ୟୁଦୂତ କରୋନାର ଯେ ମଣିଷଙ୍କ ପରି ଧର୍ମଗତ ଭେଦଭାବ ଅଛି, ଏଭଳି ବିଚିତ୍ର ବିଶ୍ୱାସରେ କେବଳ ସେମାନେ ଆସ୍ଥା ସ୍ଥାପନ କରନ୍ତି ନାହିଁ, ବରଂ ଏ ପ୍ରକାର ଅନ୍ଧବିଶ୍ୱାସ ବିରୋଧରେ ସେମାନଙ୍କୁ ବୁଝାଉଥିବା ଲୋକମାନଙ୍କୁ ପଥର ମାଡ଼ କର ଲହୁଲୁହାଣ କରନ୍ତ।

କରୋନାକୁ ପ୍ରତିହତ କରିବାକୁ ସରକାରୀ ସ୍ତରରେ ଗତ କେଇ ସପ୍ତାହ ହେଲା ଯେଉଁ ଲକ୍‌ଡାଉନ୍ ବା ତାଲା ବନ୍ଦ ବ୍ୟବସ୍ଥାର ପ୍ରଚଳନ କରାଯାଇଛି, ତାହା ମଧ୍ୟରେ ଦୁଇଦିନ ଥିଲା ଅନ୍ୟ ଏକ କଠୋରତମ ପର୍ବ 'ସଟ୍‌ଡାଉନ୍'। ଦୁଇଟି ଯାକ ଇଂଲିଶ ଶବ୍ଦର ଗଠନ ପ୍ରକ୍ରିୟା ଭିତରେ ଏକ ସୂକ୍ଷ୍ମ ପ୍ରଭେଦ ଥିଲେ ମଧ୍ୟ କାର୍ଯ୍ୟତଃ ସଟ୍‌ଡାଉନ୍ ଥିଲା ସବୁକିଛି ବନ୍ଦ ହୋଇଯିବାର ଏକ କଠିନ ସମୟ। ଦୁଇଦିନ ପରିବା ଓ ତେଜରାତି ଦୋକାନ ବନ୍ଦ ରହିବ ବୋଲି ଘୋଷଣା ହେଲାପରେ ଏ ଦୁଇ ପ୍ରକାର ଦୋକାନ ଆଗରେ ସେଦିନ ଯେମିତି ଭିଡ ପରିଲକ୍ଷିତ ହୋଇଥିଲା, ତାହାକୁ ଦେଖି ଲାଗୁଥିଲା ପରସ୍ପରଠାରୁ ସାମାଜିକ ଦୂରତା ରକ୍ଷା କରିବାକୁ ବିଗତ ମାସେ ଧରି ଦିଆହୋଇ ଆସୁଥିବା ସ୍ଲୋଗାନଟିର ସତେ ଯେମିତି ଅକାଳ ଅପମୃତ୍ୟୁ ଘଟିଯାଇଛି। କଟକର ପରିବା ମାର୍କେଟରେ ପୁରୀର ରଥଯାତ୍ରା ଭଳି ଭିଡ଼ ଦେଖି ଲାଗୁଥିଲା ସତେ ଯେମିତି ପରିବା ଆଗରୁ ନ ଥିଲା କି ଦୁଇଦିନ ପରେ ବି ମିଳିବ ନାହିଁ। ସତେ ଯେମିତି ଦୁଇଦିନ ବିନା ପରିବାରେ ବଞ୍ଚିବା ବିନା ନିଃଶ୍ୱାସରେ ବଞ୍ଚିବା ଭଳି ଏକ ଅସମ୍ଭବ ବ୍ୟାପାର! ସର୍ବନିମ୍ନ ଦେଢ଼ ମିଟର ଦୂରତା ନିୟମ ଉଲ୍ଲଂଘନ କରି, ଦେହକୁ ଦେହ ଘଷି ହୋଇ, ମୁହଁକୁ ମୁହଁ ଲଗାଇ ପରିବା କିଣିବା ଏ ବିଚିତ୍ର ବ୍ୟାକୁଳତା ଭିତରେ ପ୍ରତିଧ୍ୱନିତ ହେଉଥିଲା ଅମରତ୍ୱର ଏକ ଅନୁଚ୍ଚାରିତ ଉଦ୍‌ଘୋଷଣା– 'ଆମର ମରିବାର ନାହିଁ!'

''ଯେଉଁମାନେ ମୃତ୍ୟୁ ସହ ମୁହାଁମୁହିଁ ହେବା ପାଇଁ ପରସ୍ପର ସହ ପ୍ରତିଯୋଗିତାରେ ଅବତୀର୍ଣ୍ଣ, ସେମାନେ ଏକା ଏକା ମରନ୍ତେ ସିନା! ମାତ୍ର ନିଜେ ମରିବା ପୂର୍ବରୁ ସେମାନେ ଯେ ଅନ୍ୟମାନଙ୍କୁ ମୃତ୍ୟୁ ବାଣ୍ଟି ଚାଲୁଛନ୍ତି, ତାହା ହିଁ ବିଡମ୍ବନା!'' ଏମିତି କଡ଼ା କଥା କହି ଅତି ନିର୍ମମ ମନ୍ତବ୍ୟ ଦେଇଥିଲା ଏ ଲେଖକ ଫେସ୍‌ବୁକ୍‌ରେ ଜଣେ ଯୁବ ଡାକ୍ତର ପୋଷ୍ଟ କରିଥିବା ଏକ ଉଦ୍‌ବେଗ ସୃଷ୍ଟିକାରୀ ଆଲେଖ୍ୟର ପ୍ରତିବେଦନରେ। ସଟ୍‌ଡାଉନ୍ ଉଠିବାର କେଇ ଘଣ୍ଟା ପରେ ଭଦ୍ରକ ସହରର ମାର୍କେଟ ଭିତରେ ଅଧିବାସୀମାନଙ୍କ ଅସମ୍ଭାଳ ଅବସ୍ଥା ଅବଲୋକନ କରି ସେହି ମାନବବାଦୀ ଡାକ୍ତର ଦୁଃଖରେ ମନ୍ତବ୍ୟ ଦେଇଥିଲେ, ''ଏମିତି ଭିଡ଼ ଦେଖି ଲାଗୁଛି କରୋନାର ପ୍ରମତ୍ତ ଗତିକୁ ରୋକିବା ଆଉ ବୋଧହୁଏ ସମ୍ଭବ ହେବନାହିଁ। ସୁତରାଂ, ସରକାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସଟ୍‌ଡାଉନ୍ ଘୋଷଣା କରିଦିଅନ୍ତୁ।''

ଟାଣ ଖରାରେ ରାଜରାସ୍ତାରେ ଛଡା ହୋଇଥିବା ପୋଲିସ ହୁଅନ୍ତୁ କି ନିଜ ପିଲା ପରିବାରକୁ ପର କରି ହସ୍ପିଟାଲରେ ରୋଗୀଙ୍କର ସେବା କରୁଥିବା ଡାକ୍ତର, ନର୍ସ ଓ ସ୍ୱାସ୍ଥ୍ୟକର୍ମୀ, ସମସ୍ତେ ନିଜ ନିଜ ଜୀବନକୁ ପାଣି ଛଡ଼ାଇ ଲାଗିଛନ୍ତି ଆମ ଜୀବନକୁ ବଞ୍ଚାଇବା ପାଇଁ। ଅଥଚ ଆମେ କରୁଛୁ କ'ଣ? କାଲି ଯଦି ଆମର କିଛି ହୋଇଯାଏ, ନିଜ ବେଖାତିର ମନୋଭାବ ପାଇଁ ଆମକୁ ଜୀବନ ହରାଇବାକୁ ପଡ଼େ, ତେବେ କରୋନାର

ସବୁ ବାହାଘରରେ ବରପକ୍ଷ ହିଁ ବରଯାତ୍ରୀ ନେଇ କନ୍ୟାଘରକୁ ଯାତ୍ରା କରନ୍ତି। କିନ୍ତୁ କନ୍ୟା ପକ୍ଷର ଲୋକେ କେହି କେବେ ବରଘରକୁ ବିବାହ ପାଇଁ ଯିବାର କେହି ହୁଏତ ଶୁଣି ନ ଥିବେ। ମାତ୍ର ଏମିତି ଏକ ଭିନ୍ନ ପରମ୍ପରା ଦେଖିବାକୁ ମିଳେ ଛତିଶଗଡ଼ ଜଗଦଲପୁରର ଅବୁଝମାଡ଼ରେ ଥିବା ନିବାସରତ ମାଡିଆ ଜନଜାତିଙ୍କ ମଧ୍ୟରେ। ମାଡିଆ ଜନଜାତିର ବାୟସନ୍ ହର୍ଣ୍ଣ ଏବଂ ଅବୁଝମାଡ଼ିଆ ବିବାହରେ ବିଶେଷଭାବେ କେତେକ ସ୍ୱତନ୍ତ୍ରତା ଦେଖିବାକୁ ମିଳିଥାଏ। ବିବାହ ନିମନ୍ତେ କନ୍ୟା ପାଇବା ପାଇଁ ବରପକ୍ଷ ବହୁ ମୂଲ୍ୟ ଦେଇଥାନ୍ତି।

ରାଗିଗଲେ ଡ୍ରିମ୍‌ଗର୍ଲ

ହେମାମାଳିନୀ

ମୁମ୍ବାଇ: କରୋନା ଭାଇରସ୍‌କୁ ନେଇ ସାରା ଦେଶରେ ଜାରି ରହିଛି ଲକ୍‌ଡାଉନ୍। ଆଉ କରୋନାକୁ ହରାଇବାକୁ ଅନେକ ଲୋକ ସେମାନଙ୍କ ଜୀବନକୁ ବାଜିଲଗାଇ ଦେଇଛନ୍ତି କହିଲେ ଚଳେ। ସେ ଡାକ୍ତର ହୁଅନ୍ତୁ ଅବା ପୋଲିସ। ଏମାନେ ସମସ୍ତେ ଦେଶବାସୀଙ୍କୁ କରୋନା ଦାଉରୁ ରକ୍ଷାକରିବା ପାଇଁ ଦିନରାତି ସେବା ଯୋଗାଇ ଚାଲିଛନ୍ତି। ହେଲେ କିଛି ସ୍ଥାନରେ ଏମାନଙ୍କ ଉପରକୁ ପଥର ଫିଙ୍ଗିବା, ଛେପ ପକାଇବା ଏମିତିକି ଏମାନଙ୍କୁ ଲହୁଲୁହାଣ କରିବା ପର୍ଯ୍ୟନ୍ତ କଥା ଯାଉଛି। ଏହାକୁ ନେଇ ଭାରତୀୟ ଜନତା ପାର୍ଟି (ଭାଜପା)ଏମ୍‌ପି ତଥା ବଲିଉଡ୍ ଅଭିନେତ୍ରୀ ହେମାମାଳିନୀ ରାଗି ଯାଇଛନ୍ତି। ସେ ଏକ ଭିଡିଓ ଜାରି କରି କହିଛନ୍ତି ଯେଉଁମାନେ ଡାକ୍ତର, ପୋଲିସ ଭଳି କରୋନା ଯୋଦ୍ଧାଙ୍କ ଉପରକୁ ଆକ୍ରମଣ କରୁଛନ୍ତି ସେମାନଙ୍କୁ ଲଜ୍ୟା ଲାଗିବା କଥା। କାରଣ ଏମାନେ ଅଛନ୍ତି ବୋଲି ଆମେ ସୁରକ୍ଷିତ ଅଛୁ। ଉକ୍ତ ଭିଡିଓରେ ହେମା ଦୁଇଦିନ ତଳେ ଆମ୍ବୁଲାନ୍ସ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଛନ୍ତି। ସେ କହିଛନ୍ତି ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ପୋଲିସ, ଖବରଦାତା ସମସ୍ତ କରୋନା ଯୋଦ୍ଧାଙ୍କ ଉପରେ ଯିଏବି ଆକ୍ରମଣ କରୁଛନ୍ତି ତାଙ୍କ ବିରୋଧରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନେବା ଉଚିତ। ସୂଚନାଯୋଗ୍ୟ, କରୋନା ଭାଇରସକୁ ନେଇ ଦେଶରେ ଲକ୍‌ଡାଉନ ଚାଲିଥିବା ବେଳେ ଇନ୍ଦୋର, ବିହାର, ଦିଲ୍ଲୀ ଭଳି କେତେକ ସ୍ଥାନରେ କରୋନା ଯୋଦ୍ଧାଙ୍କ ଉପରେ ଆକ୍ରମଣକୁ ପ୍ରାୟ ସବୁ ମହଲରେ ନିନ୍ଦା କରାଯାଇଛି।

କରୋନା ଯୋଦ୍ଧାଙ୍କୁ ସମ୍ମାନ

ନୂଆଦିଲ୍ଲୀ: ଆଗଧାଡ଼ିରେ ରହି କରୋନା ମୁକାବିଲା କରୁଥିବା ଯୋଦ୍ଧାଙ୍କୁ ସମ୍ମାନ ଜଣାଇଛି ଗୁଗଲ। ସର୍ଚ୍ଚ ଇଞ୍ଜିନ ଗୁଗଲ ଡୁଡୁଲସ୍ ସିରିଜରେ ଶନିବାର ସମସ୍ତ ଜରୁରିକାଳୀନ ସେବା କର୍ମଚାରୀଙ୍କୁ ଏକକାଳୀନ ଉପସ୍ଥାପନ କରି ସେମାନଙ୍କୁ ଧନ୍ୟବାଦ ଜଣାଇଛି। ସମସ୍ତ ଡାକ୍ତର, ସ୍ୱାସ୍ଥ୍ୟ କର୍ମଚାରୀ, ପରିମଳ କର୍ମଚାରୀ, କୃଷକ, ଗବେଷଣାରତ କର୍ମଚାରୀ, ଗ୍ରୋସରୀ, ଖାଦ୍ୟସେବା, ପରିବହନ, ବିତରଣ, ଶିଶୁ ଯତ୍ନ କର୍ମଚାରୀ, ପ୍ୟାକେଜିଂ, ଶିପିଂ କର୍ମଚାରୀ ପ୍ରମୁଖଙ୍କୁ ଏହି ଆଇକନ ମାଧ୍ୟମରେ କୃତଜ୍ଞତା ଜଣାଯାଇଛି। ଏହି କୋଲାଜ ଆଇକନରେ ଗୁଗଲ ବନାନ ପାଇଁ ଥିବା 'ଓ'ରେ ଏହି ଯୋଦ୍ଧାମାନଙ୍କୁ ଦର୍ଶାଯାଇଛି। 'ଓ' ମଝିରେ ଏବଂ ଚାରିପାଖରେ ହାର୍ଟ ବା ଲଭ୍ ଇମେଜ ରହିଛି।

କୋଭିଡ-୧୯ ସମଗ୍ର ବିଶ୍ୱକୁ ପ୍ରଭାବିତ କରିଥିବା ସମୟରେ ଲୋକେ ବର୍ତ୍ତମାନ ଅଧିକ ମାତ୍ରାରେ ପରସ୍ପରକୁ ସାହାଯ୍ୟ କରିବାକୁ ଏକାଠି ହେଉଛନ୍ତି। ସେମାନଙ୍କ ମଧ୍ୟରୁ ଆଗଧାଡ଼ିରେ ରହି କାମ କରୁଥିବା ବ୍ୟକ୍ତିମାନଙ୍କୁ ଚିହ୍ନିବା ଏବଂ ସମ୍ମାନ ଜଣାଇବା ପାଇଁ ଏପ୍ରିଲ ୬ରୁ ଏହି ଡୁଡୁଲ୍‌ସ ସିରିଜ ଆରମ୍ଭ କରାଯାଇଛି ବୋଲି ଡୁଡୁଲ ଟିମ୍ ପକ୍ଷରୁ ଏକ ବିବୃତ୍ତିରେ କୁହାଯାଇଛି। ପ୍ରତ୍ୟେକ ଦିନ ଗୋଟିଏ ଲେଖାଏଁ ଜରୁରିକାଳୀନ ବିଭାଗର କର୍ମଚାରୀଙ୍କୁ ଏଥିରେ ସ୍ଥାନିତ କରାଯାଉଥିବା ବେଳେ ଶନିବାର ସମସ୍ତଙ୍କୁ ମିଶାଇ ଏହି ଆଇକନ୍‌ରେ ରଖାଯାଇଛି। ଏଥିସହ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ ଦିଆଯାଉଥିବା ସମସ୍ତ ତଥ୍ୟ ଏବଂ ସଂକ୍ରମଣ ରୋକିବାକୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ୱେବସାଇଟରେ ସୂଚନା ଦିଆଯାଉଛି ବୋଲି ଏହି ଟିମ୍ ପ୍ରକାଶ କରିଛି।

ରାସ୍ତାରେ ବୁଲୁଛନ୍ତି ଯମରାଜ

ଇନ୍ଦୋର: ରାସ୍ତାରେ ଏବେ ବୁଲୁଛନ୍ତି ଯମରାଜ। ଆଉ ଘରୁ ବାହାରିବା ମାତ୍ରେ ସାଙ୍ଗରେ ନେଇ ଯାଉଛନ୍ତି। ତେଣୁ ଲକ୍‌ଡାଉନ୍ ସମୟରେ ଘରେ ରହିବା ପାଇଁ ଯମରାଜ ବାରମ୍ବାର କହୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳୁଛି ମଧ୍ୟପ୍ରଦେଶର ଇନ୍ଦୋରରେ। ଏଠାରେ ଏମ୍‌ଜି ରୋଡ୍‌ସ୍ଥିତ ଥାନାର କନଷ୍ଟେବଳ ଜବାହର ସିଂହ ଏବେ ନିଜକୁ ଯମରାଜଙ୍କ ବେଶରେ ସଜାଇ ଲୋକଙ୍କୁ କରୋନା ସଚେତନ କରିବା ପାଇଁ ବାହାରିଛନ୍ତି। ମଧ୍ୟପ୍ରଦେଶରେ କରୋନା ସଂକ୍ରମଣକୁ ରୋକିବା ପାଇଁ ଲୋକଙ୍କୁ ଲକ୍‌ଡାଉନ୍ ନିୟମକୁ ପାଳନ କରିବା ପାଇଁ ପ୍ରଶାସନ ବାରମ୍ବାର ନିର୍ଦ୍ଦେଶ ଦେଉଛି। କିନ୍ତୁ କିଛିଲୋକ ଏହି ନିୟମ ପାଳନ କରିବା ପାଇଁ ପ୍ରସ୍ତୁତ ହେଉନାହାନ୍ତି। ଏଭଳି ଲୋକଙ୍କ ପାଇଁ ଜବାହର ଯମରାଜଙ୍କ ବେଶ ଧାରଣ କରିଛନ୍ତି। ଲୋକଙ୍କୁ ସଚେତନ କରିବା ପାଇଁ ତାଙ୍କର ଏଭଳି ବେଶ ବିଶେଷ ପ୍ରଭାବ ପକାଇବ ବୋଲି ସେ କହନ୍ତି। ବିଶେଷକରି ଗ୍ରାମାଞ୍ଚଳ ଓ ବିଭିନ୍ନ ବସ୍ତି ଅଞ୍ଚଳରେ କମ୍ ଶିକ୍ଷିତ ଲୋକ ରହୁଥିବାରୁ ସେଠାରେ ଲୋକଙ୍କୁ ସଚେତନ କରିବା ପାଇଁ ସେ ଏପରି ନିଷ୍ପତ୍ତି ନେଇଛନ୍ତି। ତେବେ ବିଭିନ୍ନ ଅଞ୍ଚଳରେ ଲୋକଙ୍କୁ କରୋନା ସଂକ୍ରମଣ ନେଇ ସଚେତନ କରିବା ପାଇଁ ପୋଲିସ୍ ଅନେକ ସ୍ଥାନରେ ନୂଆ ନୂଆ ଉପାୟ ଆପଣେଇବାରେ ଲାଗିଛି। କେଉଁଠି ଗୀତବୋଲି, କେଉଁଠି ନାଚକରି ତ ପୁଣି କେଉଁଠି ଭିନ୍ନ ଭିନ୍ନ ରୂପରେ ପୋଲିସ୍ ଲୋକଙ୍କୁ ସଚେତନ କରୁଛି। ତେବେ ପୋଲିସର ଏଭଳି ଷ୍ଟାଇଲ୍ ବେଶ୍ ପ୍ରଭାବ ପକାଇ ପାରୁଛି।

କଥକ ଅଭ୍ୟାସ କଲେ ସୋନାଲି

ମୁମ୍ବାଇ: ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ସମସ୍ତେ ଘରେ ବନ୍ଦହୋଇ ରହିଛନ୍ତି। ଏଥିରୁ ବାଦ୍ ପଡ଼ିନାହାନ୍ତି ବଲିଉଡ ତାରକା। ଅଭିନେତା, ଅଭିନେତ୍ରୀମାନେ ଘରେ ରହି ବିଭିନ୍ନ ଉପାୟରେ ନିଜର ସମୟ ବିତାଉଛନ୍ତି। ଏମିତିରେ 'ପ୍ୟାର କା ପଞ୍ଚନାମା 'ର ଅଭିନେତ୍ରୀ ସୋନାଲୀ ସେହଗଲ ୮ବର୍ଷ ପରେ ପୁଣିଥରେ କଥକ ରିଆଜ ଆରମ୍ଭ କରିଛନ୍ତି। ସୋନାଲି କିଛିଦିନ ତଳେ କଥକ ନୃତ୍ୟର ଭିଡିଓ ଇନ୍‌ଷ୍ଟାରେ ଶେୟାର କରିଛନ୍ତି। ତାଙ୍କର ଏହି ନୃତ୍ୟକୁ ତାଙ୍କ ଫ୍ୟାନ୍‌ମାନେ ବେଶ୍ ପସନ୍ଦ କରିଛନ୍ତି। ସେ ଏହି ଭିଡିଓ ଶେୟାର କରି ଲେଖିଛନ୍ତି ଯେ, ୮ବର୍ଷ ହେଲା ଅଭ୍ୟାସ କରୁ ନ ଥିଲି। ତେବେ ବହୁତ ମନେ ପକାଇକି ଫୁଟ୍‌ୱାର୍କ ସହିତ ରିଭିଜନ ଆରମ୍ଭ କରିଛି। ଆଗକୁ ଏହିଭଳି ପ୍ରାକ୍ଟିସ୍ ଜାରି ରଖିବି। ସୋନାଲିଙ୍କ ଏହି କଥକ ଅଙ୍ଗଭଙ୍ଗୀରେ ବେଶ୍ ସୁନ୍ଦର ହୋଇଛି। ସେ ନିଜ ଘରର ଛାତ ଉପରେ ନୃତ୍ୟ କରୁଥିବାର ଭିଡିଓ ଶେୟାର କରିଛନ୍ତି। ସେ ଜଣେ ପ୍ରଫେସନାଲ କଥକ ଡ୍ୟାନ୍‌ସର। ଲକ୍‌ଡାଉନ୍ ସମୟ କାଟିବା ପାଇଁ ଏହା ଏକ ଭଲ ଉପାୟ। ସକାଳୁ ଛାତ ଉପରେ ଘୁଙ୍ଗୁର ପିନ୍ଧି ନୃତ୍ୟ କଲାବେଳେ ମନ ଏବଂ ଶରୀର ପୂରା ଫ୍ରେଶ୍ ହୋଇଯାଉଛି ବୋଲି ସୋନାଲୀ କହିଛନ୍ତି। ଏହା ସହିତ ନିଜ ଶରୀରକୁ ମଧ୍ୟ ଫିଟ୍ ରଖିହେବ ବୋଲି ସେ ଏଥିରେ ଉଲ୍ଲେଖ କରିଛନ୍ତି।

ଚିତ୍ରରେ କରୋନା ସଚେତନତା

ରାଞ୍ଚି: କରୋନା ଭାଇରସ୍‌ର ଭୟଙ୍କର ରୂପକୁ ନେଇ ଲୋକଙ୍କୁ ସଚେତନ କରାଇବା ପାଇଁ ଚିତ୍ରକଳାକୁ ମାଧ୍ୟମ କରିଛନ୍ତି ଝାଡ଼ଖଣ୍ଡ ରାଞ୍ଚିର କିଛି ଚିତ୍ରକର। ଏଠାରେ କେତେଜଣ ଚିତ୍ରକର ଏକାଠି ହୋଇ କରୋନା ସଚେତନତା ନିମନ୍ତେ ରାସ୍ତା ଉପରେ ପେଣ୍ଟିଂ କରୁଛନ୍ତି। ଚିତ୍ର ମାଧ୍ୟମରେ ଏମାନେ ଦର୍ଶାଇବାକୁ ଚାହୁଁଛନ୍ତି ଯେ, କରୋନା ସଂକ୍ରମଣ ଅତ୍ୟନ୍ତ ଭୟଙ୍କର ରୂପ ନେଇପାରେ। ତେଣୁ ଏଥିରୁ ରକ୍ଷାପାଇବା ପାଇଁ ହେଲେ ସାମାଜିକ ଦୂରତା ରକ୍ଷାକରି ଘରେ ରହିବା ହିଁ ଏକମାତ୍ର ଉପାୟ। କରୋନାର ଭୟାବହତାକୁ ଦର୍ଶାଇବା ପାଇଁ ଚିତ୍ରକରମାନେ ରାସ୍ତାର ବିଭିନ୍ନ ଅଞ୍ଚଳରେ ଅନେକ ପ୍ରକାରର ଚିତ୍ର ତିଆରି କରିଛନ୍ତି। ଚିତ୍ର ସହିତ ଏମାନେ ରାସ୍ତା ଉପରେ ସଚେତନତା ନେଇ ବିଭିନ୍ନ ବାର୍ତ୍ତା ବି ଲେଖିଛନ୍ତି। ଉଭୟ ଇଂରାଜୀ ଓ ସ୍ଥାନୀୟ ଭାଷାରେ ସଚେତନତା ନେଇ ବାର୍ତ୍ତା ଲେଖାଯାଇଛି। ଚିତ୍ରକରମାନଙ୍କ ଏଭଳି ଉଦ୍ୟମ ଏବେ ସାଧାରଣ ଲୋକଙ୍କ ସହିତ ସ୍ଥାନୀୟ ପ୍ରଶାସନର ମଧ୍ୟ ଦୃଷ୍ଟି ଆକର୍ଷଣ କରିପାରିଛି। ସେ ଯାହା ହେଉ ସମସ୍ତେ ଏବେ ନିଜ ନିଜ ସ୍ତରରେ ସାଧାରଣ ଲୋକଙ୍କୁ କରୋନା ଭାଇରସ୍ ନେଇ ସଚେତନ କରିବାକୁ ଚେଷ୍ଟା କରିଛନ୍ତି ଏବଂ ଖୁବଶୀଘ୍ର ଏହି ଭାଇରସ୍ କବଳରୁ କିଭଳି ମୁକ୍ତି ମିଳିବ ସେନେଇ ପ୍ରୟାସ ଜାରି ରଖିଛନ୍ତି।

ସଡ଼କରେ ସିଂହ ରାଜ୍

ନୂଆଦିଲ୍ଲୀ: ଲକ୍‌ଡାଉନ୍ ପାଇଁ ଏବେ ସବୁଦେଶରେ ଲୋକେ ବହୁ ଅସୁବିଧାର ସମୁଖୀନ ହେଉଥିବା ବେଳେ ପ୍ରକୃତି କିନ୍ତୁ ବେଶ୍ ଉପଭୋଗ୍ୟ ହୋଇପାରିଛି। ପ୍ରକୃତିର ବିଭିନ୍ନ ଦୃଶ୍ୟ, ଯାହାକୁ ବର୍ଷ ବର୍ଷ ଧରି ଦେଖିବା ସମ୍ଭବ ହେଉ ନ ଥିଲା, ସେ ସବୁକୁ ଏବେ ଦେଖିବାର ସୁଯୋଗ ଦେଇଛି ଲକ୍‌ଡାଉନ୍। ଏମିତି ଏକ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳିଛି ଦକ୍ଷିଣ ଆଫ୍ରିକାର କ୍ରୁଗେର୍ ଜାତୀୟ ଉଦ୍ୟାନ ନିକଟରେ। ଏଠାରେ ଲକ୍‌ଡାଉନ୍ ଯୋଗୁ ରାସ୍ତା ଉପରେ ସିଂହମାନେ ବେଶ୍ ଆରାମରେ ଆସି ସମୟ କଟାଉଛନ୍ତି। ଗୋଟିଏ ଦୁଇଟି ନୁହେଁ ଏକାବେଳକେ ୧୨ଟି ସିଂହ ରାସ୍ତା ଉପରେ ବେଶ୍ ଆରାମରେ ଶୋଇଥିବାର ଦୃଶ୍ୟ ଏବେ ଭାଇରାଲ୍ ହେବାରେ ଲାଗିଛି। ସାଧାରଣତଃ ପର୍ଯ୍ୟଟକମାନେ ରାସ୍ତାକଡ଼ ପାର୍କରେ କେବେ ଏତେ ସଂଖ୍ୟକ ସିଂହ ଦେଖିବାକୁ ପାଇନଥାନ୍ତି। କିନ୍ତୁ ଲକ୍‌ଡାଉନ୍ ସମୟରେ ଏତେସଂଖ୍ୟାକ ସିଂହ ବାହାରକୁ ଆସିବାର ଦୃଶ୍ୟ ଅତ୍ୟନ୍ତ ବିରଳ। ଦକ୍ଷିଣ ଆଫ୍ରିକାର ଏହି ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଏହି ଫଟୋକୁ ଏବେ ସୁଦ୍ଧା ପ୍ରାୟ ୧୯ହଜାର ଲୋକ ପସନ୍ଦ କରିଥିବାବେଳେ ପାଖାପାଖି ୭ହଜାର ଲୋକ ରିଟ୍ୱିଟ୍ କରି ସାରିଛନ୍ତି। ସାଧାରଣ ଲୋକେ ଏଭଳି ଏକ ଦୃଶ୍ୟକୁ ଫଟୋରେ ଦେଖି ବେଶ୍ ଖୁସି ହୋଇ ହଜାର ହଜାର କମେଣ୍ଟ ଦେଉଛନ୍ତି।

କୃତିଙ୍କ ହେୟାର ମସାଜ୍ କରୁଛନ୍ତି ପୁଲକିତ

ମୁମ୍ବାଇ: କୃତି ଖରବନ୍ଦା ଏବଂ ପୁଲକିତ ସମ୍ରାଟ ଦୁହେଁ ଦୀର୍ଘ ଦିନ ହେବ ଲିଭ୍ ଇନ୍ ରିଲେଶନସିପ୍‌ରେ ରହୁଛନ୍ତି। କରୋନା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଥିବା ବେଳେ ଏହି ଲଭ୍‌ବାର୍ଡ ଦୁହେଁ ଦୁହିଁଙ୍କ ସହିତ କ୍ୱାଲିଟି ସମୟ ବିତାଉଛନ୍ତି। ଦୁଇଣଙ୍କର ସୁନ୍ଦର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଶେୟାର କରୁଛନ୍ତି। ଗତ କିଛିଦିନ ତଳେ କୃତି ଦୁହିଁଙ୍କର ଏକ ଫନୀ ଭିଡିଓ ଇନ୍‌ଷ୍ଟାରେ ଶେୟାର କରିଥିଲେ, ଯେଉଁଥିରେ ପୁଲକିତଙ୍କୁ ଜବରଦସ୍ତି ହେୟାର୍‌ରେ ଅଏଲ୍ ମସାଜ୍ କରିବାକୁ କହୁଛନ୍ତି। ଏହି ଭିଡିଓରେ ପୁଲକିତଙ୍କୁ ସେ ଚମ୍ପକ ବୋଲି ସମ୍ବୋଧନ କରୁଛନ୍ତି। ପୁଲକିତ ତାଙ୍କ ହେୟାର ଚମ୍ପି ମଧ୍ୟ କରିଦେଉଛନ୍ତି। ତେବେ ଏହି ଭିଡିଓକୁ ଫ୍ୟାନ୍‌ମାନେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଶେଷରେ ପୁଲକିତଙ୍କୁ ଏତେ ସୁନ୍ଦର ମସାଜ୍ କରିଥିବାରୁ ଧନ୍ୟବାଦ ଦେଇଛନ୍ତି କୃତି । କୃତି କହିଛନ୍ତି, ଇଏ ହେଉଛି ଆମର କ୍ୱାରାଣ୍ଟାଇନ ମେମୋରି।



ପୁଲକିତଙ୍କ ଭାଇଙ୍କ ଏନ୍‌ଗେଜ୍‌ମେଣ୍ଟକୁ ଯାଇଥିଲି। ଦୁହେଁ ଇଣ୍ଟରନ୍ୟାସ୍‌ନାଲ ଫ୍ଲାଇଟ୍‌ରେ ମୁମ୍ବାଇ ଆସିଥିଲୁ। ସେବେ ଟିକେ ଫିଭର ଆସିଥିଲା। କରୋନା ସଂକ୍ରମଣକୁ ନେଇ ଡରିଯାଇଥିଲି। ସେଥିଲାଗି ଆମେ କ୍ୱାରାଣ୍ଟାଇନ୍‌ରେ ଥିଲୁ। କିନ୍ତୁ ଟେଷ୍ଟ ରିପୋର୍ଟ ନେଗେଟିଭ ଆସିଥିଲା।

ଡାଇବେଟିସ୍ ରୋଗୀଙ୍କୁ କରୋନା ସଂକ୍ରମଣ ଆଶଙ୍କା

ବେଜିଂ: କରୋନା ସଂକ୍ରମଣ ଯୋଗୁ ସାରା ପୃଥିବୀରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏପରିସ୍ଥଳେ ଚାଇନା ପକ୍ଷରୁ ଡାଇବେଟିସ୍ ସମସ୍ୟା ଥିବା ବ୍ୟକ୍ତି ବିଶେଷଙ୍କୁ କରୋନା ସଂକ୍ରମଣ ନେଇ ସତର୍କ କରାଯାଇଛି। ଏଭଳି ସମସ୍ୟା ଥିବା ଲୋକଙ୍କ କ୍ଷେତ୍ରରେ କରୋନା ସଂକ୍ରମଣ ହେବାର ଆଶଙ୍କା ଅଧିକ ରହିଥାଏ ବୋଲି ଚାଇନାରେ ହୋଇଥିବା ଏକ ସର୍ଭେ ରିପୋର୍ଟରେ ପ୍ରକାଶ ପାଇଛି। ସାଧାରଣତଃ ଡାଇବେଟିସ୍ ସମସ୍ୟା ଥିବା ଲୋକଙ୍କର ରୋଗ ପ୍ରତିରୋଧକ କ୍ଷମତା କମ୍ ରହିଥାଏ। ଶରୀରରେ ହ୍ୱାଇଟ୍ ବ୍ଲଡ୍ ସେଲ୍ ଦୁର୍ବଳ ରହିବା ଯୋଗୁ ଏଭଳି ସ୍ଥିତି ଉତ୍ପନ୍ନ ହୋଇଥାଏ। ତେଣୁ ସେମାନଙ୍କୁ ସହଜରେ ଇନଫ୍ଲୁଏଞ୍ଜା ଏବଂ ଅନ୍ୟ ସଂକ୍ରମଣ ହେବାର ଆଶଙ୍କା ଥାଏ। ଏହା ସହିତ ସେମାନଙ୍କର ଫୁସ୍‌ଫୁସ୍‌ର କାର୍ଯ୍ୟକାରିତା ଅନ୍ୟ ଲୋକଙ୍କ ତୁଳନା ମଧ୍ୟ କମ୍ ହୋଇଥାଏ। କରୋନା ସଂକ୍ରମଣରୁ ଦୂରେଇ ରହିବା ଲାଗି ସେମାନଙ୍କୁ କେତେକ ବିଷୟରେ ସଚେତନ ରହିବାର ଆବଶ୍ୟକତା ରହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଜାରି ହୋଇଥିବା ମାର୍ଗ ଦର୍ଶିକାକୁ ସେମାନେ ଅନୁସରଣ କରିବା ଜରୁରୀ। ନିୟମିତ ବ୍ୟବଧାନରେ ହାତ ଧୋଇବା ସହିତ ମାସ୍କର ବ୍ୟବହାର କରିବା ଜରୁରୀ। ସେହିପରି ସାମାଜିକ ଦୂରତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେବାର ମଧ୍ୟ ଆବଶ୍ୟକତା ରହିଛି। ଏହା ସହିତ ଡାଇବେଟିସ୍ ସମ୍ପର୍କିତ ସମସ୍ତ ଟେଷ୍ଟ୍ ଅପଡେଟ୍ ରଖିବା ନେଇ ଏହି ସର୍ଭେ ରିପୋର୍ଟରେ ଗୁରୁତ୍ୱ ପ୍ରଦାନ କରାଯାଇଛି। ରକ୍ତଚାପ ଯାଞ୍ଚ, ହାର୍ଟ ଯାଞ୍ଚ୍ ଆଦିକୁ ନିୟମିତ ଅନ୍ତରରେ କରାଇବା ଜରୁରୀ। ଘରେ ଜ୍ୱର ଉପଶମକାରୀ ଔଷଧ ମହଜୁଦ୍ ରଖିବା ମଧ୍ୟ ଆବଶ୍ୟକ। ଯଦି ଡାଇବେଟିସ୍ ସମସ୍ୟା ଥିବା ଲୋକ କରୋନା ଦ୍ୱାରା ସଂକ୍ରମିତ ହୁଅନ୍ତି ତେବେ ଭୟ ନ କରି ପ୍ରଚୁର ପାଣି ପିଇବା ଦରକାର। ଏହା ସହିତ ରକ୍ତଚାପକୁ ନିୟନ୍ତ୍ରିତ କରିବା ମଧ୍ୟ ଜରୁରୀ। ଅପରପକ୍ଷରେ କରୋନାକୁ ଭୟ ନ କରି ମାନସିକସ୍ତରରେ ସୁଦୃଢ଼ ରହିବାର ପ୍ରୟାସ କରନ୍ତୁ। ଏହା କରୋନା ଆଗରେ ଆପଣଙ୍କୁ ହାରିବାକୁ ଦେବନି ବୋଲି ରିପୋର୍ଟରେ ଦର୍ଶାଯାଇଛି।

ବିବାହକୁ ନେଇ ରାଗିଲେ ରବୀନା

ନୂଆଦିଲ୍ଲୀ: ଦେଶ ସାରା ଲକ୍‌ଡାଉନ୍ ହୋଇଥିବା ବେଳେ କର୍ନାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏଚ୍‌ଡି କୁମାରସ୍ୱାମୀଙ୍କ ପୁଅ ନିଖିଲ ଗୌଡା ବିବାହ କରିଛନ୍ତି। ଏହି ବିଷୟ ବର୍ତ୍ତମାନ ବଡ଼ ଚର୍ଚ୍ଚାର ବିଷୟ। ଏହାକୁ ନେଇ ବଲିଉଡ୍ ଅଭିନେତ୍ରୀ ରବିନା ଟଣ୍ଡନ ଖୁବ୍ ରାଗିଯାଇଛନ୍ତି ଏବଂ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ, ଏହା ଅତ୍ୟନ୍ତ ଦୁଃଖର ବିଷୟ। ସମସ୍ତେ ଏଥିପ୍ରତି ଦାୟିତ୍ୱବାନ ହେବା ଦରକାର। ରବୀନା ନିଜ ଟ୍ୱିଟରରେ ଏହି ବିବାହ ଖବର ଶେୟାର କରି ଲେଖିଛନ୍ତି, ଠିକ୍ ଅଛି ଏହି ବିବାହରେ ଯେଉଁ ବିଚରା ଲୋକ ଯୋଗ ଦେଇଥିଲେ, ସେମାନେ ହୁଏତ ଜାଣିନାହାନ୍ତି ଦେଶରେ କ'ଣ ଚାଲିଛି। ଗରିବ, ଅସହାୟମାନେ ଖାଇବାକୁ ପାଉ ନ ଥିବାବେଳେ କେତେକ ଲୋକ ଅନ୍ୟ ରାଜ୍ୟ ଏବଂ ଦେଶରେ ଫସି ରହିଛନ୍ତି। ଏହି ଅସହାୟ ଲୋକଙ୍କୁ ବିପଦ ସମୟରେ ସାହାଯ୍ୟ କରାଯାଉଛି। ମୁଁ ଭାବୁଛି ବିବାହ ଭୋଜିରେ କ'ଣ ପରଶା ଯାଇଥିବ। ସେ ଆଉ ମଧ୍ୟ କହିଛନ୍ତି ଯେ, ଆମେମାନେ ନିଜ ଭିଟାମାଟିର ବହୁତ କ୍ଷତି କରୁଛେ। ସେଥିଲାଗି ପ୍ରକୃତି ଏବେ ଆମକୁ ଘରୁ ବାହାରିବାକୁ ଦେଉନାହିଁ। ଏବେ ସମସ୍ତେ ସମାନ। ଧନୀ, ଗରିବ କେହିନାହାନ୍ତି। ଏହିଭଳି ବିପଦ ସମୟରେ କାହାକୁ ଚାକିରିରୁ ନ କାଢ଼ିବାକୁ ସେ ନିବେଦନ କରିଛନ୍ତି। ଦରମା ମଧ୍ୟ ନ କାଟିବାକୁ କହିଛନ୍ତି। ଲୋକେ ବହୁତ କଷ୍ଟରେ ଅଛନ୍ତି। କରୋନା ଭଳି ମହାମାରୀକୁ ଜିତିବାକୁ ହେଲେ ସମସ୍ତଙ୍କୁ ସାମାଜିକ ଦୂରତା ପାଳନ କରିବାକୁ ପଡ଼ିବ। ଘରେ ସତର୍କର ସହ ସୁରକ୍ଷିତ ରହିବାକୁ ପଡ଼ିବ ବୋଲି ରବୀନା କହିଛନ୍ତି।

ପାରିବାରିକ ହିଂସା: ୯ କୋର୍ଟ ଚାଲାଣ

ସାକ୍ଷୀଗୋପାଳ,୧୮।୪(ଡି.ଏନ.ଏ.): ସତ୍ୟବାଦୀ ଥାନା ଅନ୍ତର୍ଗତ ଷୋହଳ ଗ୍ରାମରେ ଦୁଇ ପରିବାର ମଧ୍ୟରେ ପାରିବାରିକ ହିଂସା ଘଟିଥିଲା। ଏହି ଘଟଣାରେ ପୋଲିସ ଶନିବାର ୯ ଜଣ ଅଭିଯୁକ୍ତଙ୍କୁ ପୁରୀ କୋର୍ଟକୁ ଚାଲାଣ କରିଛନ୍ତି। ସେମାନେ ହେଲେ ଏକାଦଶୀ ବେହେରା, ମାଧୁ ବେହେରା, ଧଡିଆ ବେହେରା, କୁମର ବେହେରା, ଦୟାନିଧି ବେହେରା, ମିଥୁନ ବେହେରା, ସୁବାସ ବେହେରା, ଶଙ୍କର ବେହେରା ଓ ଉମାକାନ୍ତ ବେହେରା। ଦୁଇ ପରିବାର ମଧ୍ୟରେ ପୂର୍ବ ବିବାଦକୁ ନେଇ ମାର୍‌ପିଟରେ ଦୁଇଜଣ ଆହତ ହୋଇଥିଲେ। ବାସନ୍ତୀ ବେହେରା ଓ ରାମମଣି ବେହେରାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦୁଇଟି ପୃଥକ୍ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

ମନେପଡ଼େ କଳାବେଠିଆଙ୍କ ସେବା

ରଥଯାତ୍ରାକୁ ନେଇ ବଢୁଛି ଉତ୍କଣ୍ଠା

ପୁରୀ ଅଫିସ,୧୮।୪

ଶାସ୍ତ୍ରରେ ରହିଛି ରଥେ ତୁ ବାମନଂ ଦୃଷ୍ଟ୍ୱା, ପୁନର୍ଜନ୍ମ ନ ବିଦ୍ୟତେ। ଅର୍ଥାତ୍ ରଥ ଉପରେ ମହାପ୍ରଭୁଙ୍କୁ ବାମନ ରୂପରେ ଦର୍ଶନ କଲେ ପୁନର୍ଜନ୍ମ ହୋଇ ନ ଥାଏ। ଏହି ଆସ୍ଥା ଓ ବିଶ୍ୱାସରେ କ'ଣ ଏଥର ଘଟିବ ବ୍ୟତିକ୍ରମ। ସତରେ କ'ଣ ବଡ଼ଦାଣ୍ଡରେ ଗଡ଼ିବନି ରଥ? ରଥ ଉପରେ କାଳିଆ ଠାକୁରଙ୍କୁ ଭକ୍ତ ଦେଖିପାରିବେ ନାହିଁ? ପବିତ୍ର ଶରଧାବାଲିରେ କ'ଣ ଭକ୍ତ–ଭଗବାନଙ୍କ ହେବନାହିଁ ମହାମିଳନ? ଏମିତି ଅନେକ ପ୍ରଶ୍ନ ଏବେ କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଛି। କରୋନାର ଭୟାବହତାକୁ ଦେଖି ରଥଯାତ୍ରା ଆୟୋଜନକୁ ନେଇ ସମସ୍ତେ ଆଶା ଆଶଙ୍କା ରହିଛନ୍ତି। ସେପଟେ ସରକାରଙ୍କ ପକ୍ଷରୁ ଏନେଇ କିଛି ସ୍ପଷ୍ଟ କରାଯାଇ ନ ଥିବାବେଳେ ଦରକାର ପଡ଼ିଲେ ବିନା ଭକ୍ତରେ ବଡ଼ଦାଣ୍ଡରେ ମହାପ୍ରଭୁଙ୍କ ରଥ ଗଡ଼ିପାରିବ। ଠିକଣା ସମୟକୁ କରୋନାର ପ୍ରଭାବ ଯଦି ସୁଧୁରି ନ ଥାଏ ତେବେ ସେବାୟତ, ପୋଲିସ ଏବଂ ପ୍ରଶାସନିକ ଅଧିକାରୀଙ୍କୁ ନେଇ ରଥଯାତ୍ରା ହୋଇପାରିବ ବୋଲି ଆଲୋଚନା ହେଉଛି। ଠିକ୍ ଏହି ସମୟରେ ଅନେକ କଳାବେଠିଆଙ୍କୁ ମନେ ପକାଉଛନ୍ତି। ପୂର୍ବରୁ ଯେପରି କଳାବେଠିଆମାନେ ମହାପ୍ରଭୁଙ୍କ ରଥ ଟାଣୁଥିଲେ ଚଳିତବର୍ଷ ସେମାନଙ୍କୁ ତାଙ୍କ ପୁରୁଣା ସେବାରେ ଦେଖିବାକୁ ମିଳିବ କି ବୋଲି ଚର୍ଚ୍ଚା ହେଉଛି।

କଳାବେଠିଆ କିଏ, କାହିଁକି ରଥଟଣା ସମୟରେ ସେମାନଙ୍କୁ ଦେଖିବାକୁ ମିଳୁନାହିଁ ଅନେକଙ୍କ ମନରେ ଏମିତି ପ୍ରଶ୍ନ ଉଠିବା ସ୍ୱାଭାବିକ। ଏସମ୍ପର୍କରେ ଐତିହ୍ୟ ବିଶାରଦ ଡ. ସୁରେନ୍ଦ୍ର କୁମାର ମିଶ୍ର କୁହନ୍ତି, ମହାପ୍ରଭୁଙ୍କ ବିଲୁପ୍ତ କେତେକ ସେବା ମଧ୍ୟରୁ କଳାବେଠିଆ ଅନ୍ୟତମ। ପୂର୍ବରୁ ରଥ ଯାତ୍ରାରେ ଆଗ ଲୋଡ଼ା ହେଉଥିଲେ କଳାବେଠିଆ। ସେତେବେଳେ ବାଲି, କାଦୁଅ ବଡ଼ଦାଣ୍ଡରେ ରଥ ଚକ ଦବିଯାଉଥିଲା। ଫଳରେ ରଥ ଗଡ଼ିବା ସମ୍ଭବ ହେଉ ନ ଥିଲା। ଏପରି କି ବର୍ଷେ ବର୍ଷେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ଲାଗି ୨/୩ ଦିନ ଲାଗିଯାଉଥିଲା। ଭକ୍ତ ଓ ସେବକଙ୍କ ପକ୍ଷେ ରଥ ଟାଣିବା ସମ୍ଭବ ନ ଥିଲା। ତେଣୁ ଏହି କାର୍ଯ୍ୟ ସମ୍ପାଦନ ଲାଗି ଆସୁଥିଲେ କଳାବେଠିଆ। ମାଗଣାରେ ଯେହେତୁ ସେମାନେ କଳାଠାକୁରଙ୍କ ପାଇଁ ବେଠି ଖଟୁଥିବାରୁ ସେମାନଙ୍କୁ କଳାବେଠିଆ ଆଖ୍ୟା ଦିଆଯାଇଛି। ରଥଯାତ୍ରାରେ ଏମାନଙ୍କ ଭୂମିକା ଥିଲା ବେଶ୍ ଗୁରୁତ୍ୱପୂର୍ଣ୍ଣ। ଗୁଣ୍ଡିଚା ଯାତ୍ରା, ଦକ୍ଷିଣମୋଡ଼, ବାହୁଡା ଯାତ୍ରାରେ କଳାବେଠିଆମାନେ ରଥ ଟାଣିଥାନ୍ତି ଏବଂ ରଥ ପଛରେ ରହି ଠେଲିଥାନ୍ତି। ହେଲେ ଏବେ ଆଉ ସେ ସ୍ଥିତି ନାହିଁ। ସମୟ ପରିବର୍ତ୍ତନ ହୋଇଛି। ବାଲି, କାଦୁଅ ହଟି ବଡ଼ଦାଣ୍ଡ ଏବେ ପକ୍କା ସଡ଼କରେ ପରିଣତ ହୋଇଛି। ଗମନାଗମନ ବ୍ୟବସ୍ଥାର ଉନ୍ନତି ଯୋଗୁ ଭକ୍ତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ତେଣୁ ଭକ୍ତମାନେ ରଥକୁ ସହଜରେ ଟାଣି ନେଉଥିବାରୁ କଳାବେଠିଆଙ୍କ ଆବଶ୍ୟକ ଆଉ ପଡୁନାହିଁ। ସେମାନେ ଧୀରେ ଧୀରେ ଅଲୋଡ଼ା ହୋଇଗଲେ। ସେମାନଙ୍କୁ ଗଜପତି ଯେଉଁ ଯେଉଁ ଅଞ୍ଚଳରେ ଜମି ଖଞ୍ଜା ଦେଇଥିଲେ ସେହି ଅଞ୍ଚଳରେ ଚାଷବାସ କରି ରହିଗଲେ। ପୁରୀ ଜିଲାର କାକଟପୁର, ନିମାପଡ଼ା, କୋଣାର୍କ, ଡେଲାଙ୍ଗ, କଣାସ ଓ ବ୍ରହ୍ମଗିରିର ବିଭିନ୍ନ ଗ୍ରାମାଞ୍ଚଳରେ କଳାବେଠିଆ ପରିବାର ରହୁଛନ୍ତି।

ହେଲେ ଚଳିତବର୍ଷ କରୋନା ଟାଣିଛି ଲକ୍ଷ୍ମଣରେଖା। ସିଂହଦ୍ୱାର ଡେଇଁପାରୁ ନାହାନ୍ତି ଭକ୍ତ। ଗତମାସ ୨୦ତାରିଖରୁ ବଡ଼ଦେଉଳରେ ଭକ୍ତଙ୍କ ଦର୍ଶନ ସମ୍ପୂର୍ଣ୍ଣ ବନ୍ଦ ରହିଛି। ସେହିପରି କରୋନା ପାଇଁ ସରକାର ରୁକୁଣା ରଥଯାତ୍ରା ବନ୍ଦ କରିଥିବାରୁ ମହାପ୍ରଭୁଙ୍କ ରଥଯାତ୍ରାକୁ ନେଇ ସନ୍ଦେହ ବଢିଛି। ଜୁନ୍ ୨୩ରେ ରଥଯାତ୍ରା। ଯଦିଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରଥ ନିର୍ମାଣ ଲାଗି ପ୍ରକ୍ରିୟା ଜାରି ରହିଛି କିନ୍ତୁ ରଥଯାତ୍ରା ହେବା ନେଇ କିଛି ସ୍ପଷ୍ଟ ହୋଇପାରି ନାହିଁ। ରଥଯାତ୍ରାରେ ୫ରୁ ୧୦ଲକ୍ଷ ଭକ୍ତଙ୍କ ସମାଗମ ହୋଇଥାଏ, ତେଣୁ ଏତେ ସଂଖ୍ୟକ ଲୋକଙ୍କ ସମାଗମକୁ ଅନୁମତି ଦିଆଯାଇ ପାରିବ କି ? ଠିକଣା ସମୟକୁ ସ୍ଥିତି ସୁଧୁରିଯାଇଥିଲେ କଳାଠାକୁର ନିଶ୍ଚିତ ବଡ଼ଦାଣ୍ଡକୁ ଓହ୍ଲାଇବେ ବୋଲି ବିଶ୍ୱାସ ରଖିଛନ୍ତି ଭକ୍ତ। ସେହିପରି ଯଦି କରୋନାର ସ୍ଥିତି ଆୟତ୍ତରେ ନ ଥାଏ ତେବେ ବିନା ଭକ୍ତରେ ରଥଯାତ୍ରା ହୋଇପାରିବ। ବାହାରୁ କୌଣସି ଭକ୍ତ ନ ଆସି ସେବାୟତ, ପୋଲିସ ଓ ପ୍ରଶାସନିକ ଅଧିକାରୀଙ୍କୁ ନେଇ ଯଥା ସମ୍ଭବ ସାମାଜିକ ଦୂରତ୍ୱ ରକ୍ଷା କରି ରଥଯାତ୍ରା ସମ୍ପନ୍ନ କରାଯାଇପାରିବ। ଏଭଳିସ୍ଥଳେ ରଥଟାଣିବା ପାଇଁ କଳାବେଠିଆଙ୍କୁ ମଧ୍ୟ ଡକାଯାଇପାରେ ବୋଲି ବରିଷ୍ଠ ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି। ଏସମ୍ପର୍କରେ ଅତିବଡ଼ୀଜଗନ୍ନାଥ ଦାସଙ୍କ ଗାଁ କପିଳେଶ୍ୱରପୁର ତୃତୀୟ ଶର ପ୍ରସନ୍ନ ଜେନା କୁହନ୍ତି, ଆମ ପୂର୍ବପୁରୁଷମାନେ କଳାବେଠିଆ ସେବା କରିଆସୁଥିଲେ। ସରକାରଙ୍କ ହାତକୁ ମନ୍ଦିର ଚାଲିଯିବା ପରେ ଏହା ବନ୍ଦ ହୋଇଯାଇଛି। ଏବେ ଯଦି ମହାପ୍ରଭୁଙ୍କ ସେବା କରିବାର ସୁଯୋଗ ମିଳେ ତାହା ଆମ ପାଇଁ ଗର୍ବର କଥା। ଆମକୁ ଯଦି ଡକାଯାଏ ନିଶ୍ଚିତ ଆମେ ରଥଟଣାରେ ସାମିଲ ହେବୁ ବୋଲି ପ୍ରସନ୍ନ କହିଛନ୍ତି।

ସଂକ୍ଷେପରେ

୨୦ ସନ୍ଦିଗ୍ଧଙ୍କ ନମୁନା ସଂଗ୍ରହ

କଟକସଦର, ୧୮।୪ (ଡି.ଏନ.ଏ.): କଟକ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶନିବାର କଟକସଦର ବ୍ଲକ ଅନ୍ତର୍ଗତ ଦେଉଳସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିବିର ଆୟୋଜନ କରାଯାଇଥିଲା। କରୋନା ଲାଗି ୨୬ ଦିନ ଧରି କ୍ୱାରାଣ୍ଟାଇନରେ ଥିବା ୨୦ ସନ୍ଦିଗ୍ଧଙ୍କଠାରୁ ନମୁନା ସଂଗ୍ରହ କରାଯାଇଥିଲା। ବେଣ୍ଟକର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଡା. ବସନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଡା. ଶୁଭ୍ରଜ୍ୟୋତି ରାଓ, ଡା. ଜୟଶ୍ରୀ ଦାସ ପ୍ରମୁଖ ବିଦ୍ୟାପୀଠ ପରିଚାଳନା କମିଟି ସଦସ୍ୟ ଡା. ବିଜୟ ଭୂଷଣ ପତି ଓ ପ୍ରଧାନଶିକ୍ଷକ ଅନୁପ ପଟ୍ଟନାୟକ ସହାୟତା କରିଥିଲେ।

ଦୁର୍ଘଟଣାରେ ଯୁବକ ମୃତ

ନିମାପଡା, ୧୮।୪ (ଡି.ଏନ.ଏ.): ନିମାପଡା-ଚାରିଛକ ରାସ୍ତାର ସାଇଲୋ ଛକ ନିକଟରେ ଶନିବାର ଭୋରରୁ ଏକ ବାଇକ୍ ଧକ୍କାରେ ନିମାପଡା ଥାନା ଅନ୍ତର୍ଗତ ନଢଣା ଗାଁର ପ୍ରଶାନ୍ତ କୁମାର ଖୁଣ୍ଟିଆ(୨୮)ଙ୍କ ମୃତ୍ୟୁ ଘଟିଛି। ପ୍ରଶାନ୍ତ ଭୋରରୁ ଶୌଚ କାର୍ଯ୍ୟ ସାରି ଉକ୍ତ ରାସ୍ତାର ଏକ ବ୍ରିଜ ନିକଟରେ ପୋଛାପୋଛି ହେଉଥିଲେ। ଚାରିଛକ ପଟୁ ଦ୍ରୁତଗତିରେ ଅସୁଥିବା (ନଂ.ଓଡି ୦୨ ଏଫ ୫୧୫୮) ବାଇକ୍‌ଟି ପ୍ରଶାନ୍ତଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ସେ ରାସ୍ତାରେ ପଡିଥିବା ଦେଖି ସ୍ଥାନୀୟ ଲୋକେ ନିମାପଡା ଡାକ୍ତରଖାନାରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ନିମାପଡା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ଡାକ୍ତରଖାନାକୁ ପଠାଇଥିଲା। ଥାନାରେ ନଂ.୯୧/୨୦ରେ ମାମଲା ରୁଜୁ ହୋଇଛି। ଗାଁର ଯୁବକମାନେ ଦୁର୍ଘଟଣା ଘଟାଇଥିବା ବାଇକ୍‌କୁ ଠାବ କରି ପୋଲିସକୁ ଜଣାଇଛନ୍ତି।

ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ଡେଲାଙ୍ଗ,୧୮।୪(ଡି.ଏନ.ଏ.): ଡେଲାଙ୍ଗ ବ୍ଲକ ଜେନାପୁର ପଞ୍ଚାୟତର ସତରବାଟି ଗ୍ରାମରେ ବିଦ୍ୟୁତ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ସତରବାଟି ଗ୍ରାମର ଶ୍ୟାମ ଭୋଇଙ୍କ ପୁଅ ଜୟନ୍ତ ଭୋଇ (୧୮)। ସେ ତାଙ୍କ ଘର ପଛପଟ ପୋଖରୀରୁ ମାଛ ଧରି ପଙ୍କ କାଦୁଅ ହୋଇ ଘରକୁ ଆସିଥିଲେ। ଗାଧୋଇବା ପାଇଁ କରେଣ୍ଟ ଥିବା ବୋର୍ଡରେ ପାଣି ମୋଟରକୁ ସଂଯୋଗ କରୁଥିବାବେଳେ ଅସାବଧାନତାବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଥିଲେ। ଫଳରେ ସେଠାରେ ଢଳି ପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

'ସନ୍ଦିଗ୍ଧ ଅଞ୍ଚଳ ଉପରେ ରହିଛି ନଜର' ୬୭୦ ସ୍ୱାବ୍‌ରୁ ୪୧୫ ନେଗେଟିଭ

ଖୋର୍ଦ୍ଧା ଅଫିସ,୧୮।୪: ଖୋର୍ଦ୍ଧା ଜିଲାରେ ଭୁବନେଶ୍ୱର ମ୍ୟୁନିସିପାଲ କର୍ପୋରେଶନକୁ ବାଦ୍ ଦେଇ ଶନିବାର ସୁଦ୍ଧା ୬୭୦ ଜଣଙ୍କ ସ୍ୱାବ୍ ନମୁନା ପରୀକ୍ଷା ଲାଗି ଭୁବନେଶ୍ୱର ପଠାଯାଇଛି। ତନ୍ମଧ୍ୟରୁ ୪୧୫ଟିର ରିପୋର୍ଟ ଆସିଛି। ସବୁଗୁଡ଼ିକ ନେଗେଟିଭ ରହିଛି। ଶନିବାର ୬୪ଟି ସ୍ୱାବ୍ ପଠାଯାଇଛି। ତନ୍ମଧ୍ୟରୁ ଖୋର୍ଦ୍ଧାରୁ ୯, ଟାଙ୍ଗୀରୁ ୭, ବୋଲଗଡରୁ ୧୧, ବାଲକାଟିରୁ ୨୩, ବାଣପୁରରୁ ୧୪ଟି ରହିଥିବା ଜିଲାପାଳ ଶୀତାଂଶୁ ରାଉତ କହିଛନ୍ତି। ଜିଲାପାଳ କହିଛନ୍ତି, ଜିଲାରେ ୨୮୬ ବିଦେଶ ଫେରନ୍ତାଙ୍କ ହୋମ କ୍ୱାରାଣ୍ଟାଇନ ସରିଛି। ସେହିପରି ବାହାର ରାଜ୍ୟରୁ ଆସିଥିବା ୩୩୨୭ ଜଣଙ୍କ ରିପୋର୍ଟ ନେଗେଟିଭ ରହିଛି। ଜିଲାର ସନ୍ଦିଗ୍ଧ ଅଞ୍ଚଳରୁ ଦୈନିକ ସ୍ୱାବ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଉଛି। ଜିଲାର ୧୯୦ ପଞ୍ଚାୟତରେ ଓ ୪ ଯୁଏଲ୍‌ବିରେ ରାପିଡ ରେସପନ୍ସ ଟିମ୍ ଗାଁ ଗାଁ ବୁଲି ରିପୋର୍ଟ ସଂଗ୍ରହ କରୁଛନ୍ତି। ସମସ୍ତଙ୍କ ସ୍ୱାସ୍ଥ୍ୟବସ୍ଥା ସମ୍ପର୍କରେ ପଚାରି ବୁଝୁଛନ୍ତି। ଜିଲାର ସମସ୍ତ ହିତାଧିକାରୀଙ୍କୁ ଆଗୁଆ ଖାଉଟି ସାମଗ୍ରୀ ଓ ଭତ୍ତା ଦିଆ ସରିଛି। ନିର୍ମାଣ ଶ୍ରମିକଙ୍କୁ ଭତ୍ତା ଦିଆଯାଉଛି। କେତେକ ବ୍ଲକରେ ନିର୍ମାଣ ଶ୍ରମିକଙ୍କୁ ଭତ୍ତା ମିଳି ନ ଥିବା ଅଭିଯୋଗ ଆସିଛି। କମ୍ପୁଟର ତ୍ରୁଟି ଯୋଗୁ ଏଭଳି ସମସ୍ୟା ହୋଇଛି। ତୁରନ୍ତ ପଦକ୍ଷେପ ନିଆଯିବ। ରାଶନକାର୍ଡ ନ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଖାଦ୍ୟ ସାମଗ୍ରୀ ଦିଆଯିବ। ଜିଲାରେ ହ୍ୱାଟ୍‌ସ ଆପ ଗ୍ରୁପ୍ ମାଧ୍ୟମରେ ପିଲାଙ୍କ ପାଠପଢା ଆରମ୍ଭ ହୋଇଛି। ଖୁବଶୀଘ୍ର ବହିପତ୍ର ଯୋଗାଇ ଦିଆଯିବ ବୋଲି ଜିଲାପାଳ ରାଉତ ସୂଚନା ଦେଇଛନ୍ତି।

କଟକ ବାଉଁଶଗଳିରେ ଏକ କଣ୍ଟ୍ରୋଲ ଦୋକାନରୁ ରାଶନ ସାମଗ୍ରୀ ପାଇଁ ଆସିଥିବା ଲୋକେ ପାଖାପାଖି ବସିଥିବାବେଳେ ଚପଲଗୁଡ଼ିକ ବୃତ୍ତାକାର ଚିହ୍ନ ମଧ୍ୟରେ ରହିଛି।

କେନାଲରେ ବୁଡ଼ି ଛାତ୍ର ମୃତ

ବାଲିଅନ୍ତା,୧୮।୪(ଡି.ଏନ.ଏ.)

ବାଲିଅନ୍ତା ଥାନା ଅଧୀନ ରୁଦ୍ରପୁର–ସୁନ୍ଦରାପାଟଣା ଗ୍ରାମ ନିକଟରେ ପ୍ରବାହିତ ପୁରୀ ମୁଖ୍ୟ କେନାଲରେ ବୁଡି ଶନିବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୋମପ୍ରକାଶ ଭୂୟାଁ। ସେ ନହରକଣ୍ଠସ୍ଥିତ ସରସ୍ୱତୀ ଶିକ୍ଷା ମନ୍ଦିରର ୫ମ ଶ୍ରେଣୀର ଛାତ୍ର ଥିଲେ। ତାଙ୍କ ନିଜ ଘର ଯାଜପୁର ଅଞ୍ଚଳରେ। ସେ ତାଙ୍କ ପରିବାର ସହ ଏଠାରେ ରହୁଥିଲେ। ଶନିବାର ପୂର୍ବାହ୍ନ ୧୧ଟାରେ ସାଙ୍ଗମାନଙ୍କ ସହ ଗାଧୋଇବାକୁ ନିକଟସ୍ଥ କେନାଲକୁ ଆସିଥିଲେ। ଗାଧୋଇବା ସମୟରେ କେନାଲରେ ଗୋଡ ଖସିଯାଇଥିଲା। ସେ ପାଣି ସ୍ରୋତରେ ଭାସି ଯାଇ ବୁଡି ଯାଇଥିଲେ। ଭୁବନେଶ୍ୱର ଅଗ୍ନିଶମ କର୍ମଚାରୀ ପାଣିରେ ଖୋଜି ମୃତଦେହ ପାଇଥିଲେ। ଏ ନେଇ ଏକ ଅପମୃତ୍ୟୁ ମାମଲା (୧୨/୨୦) ରୁଜୁ ହୋଇଛି।

ସ୍ୱତନ୍ତ୍ର ଫିଭର କ୍ଲିନିକ ଖୋଲିବାକୁ ନିର୍ଦ୍ଦେଶ

କଟକ ଅଫିସ୍,୧୮।୪

କଟକ ଜିଲାରେ କରୋନା ସଂକ୍ରମଣ ମୁକାବିଲା ନିମନ୍ତେ ହସ୍ପିଟାଲଗୁଡ଼ିକରେ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। କିନ୍ତୁ ଅନେକ ଘରୋଇ ନର୍ସିଂହୋମ୍‌ରେ ସାଧାରଣ ଲୋକଙ୍କ ପାଇଁ ଫିଭର କ୍ଲିନିକ ନାହିଁ। ଫଳରେ ସାଧାରଣ ଲୋକଙ୍କଠାରେ ଦେଖା ଦେଉଥିବା ବିଭିନ୍ନ ଲକ୍ଷଣ ଯଥା ଇନ୍‌ଫ୍ଲୁଏଞ୍ଜା, ନିଃଶ୍ୱାସ ପ୍ରଶ୍ୱାସରେ ଅସୁବିଧା, ଥଣ୍ଡା, କାଶର ଚିକିତ୍ସା ହୋଇପାରୁନି। ଏଣୁ ତୁରନ୍ତ ସ୍ୱତନ୍ତ୍ର ଫିଭର କ୍ଲିନିକ୍ ଖୋଲିବା ପାଇଁ ୧୦ ନର୍ସିଂହୋମ୍‌କୁ ଜିଲାପାଳ ଭବାନୀ ଶଙ୍କର ଚୟିନୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ନର୍ସିଂହୋମ୍‌ଗୁଡ଼ିକ ହେଲା, ତୁଳସୀପୁର ସନ୍ ହସ୍ପିଟାଲ୍, ଥୋରିଆସାହି ଶାନ୍ତି ମେମୋରିଆଲ୍ ହସ୍ପିଟାଲ୍, ମହାନଦୀ ବିହାର ସାବରମତି ଜେନେରାଲ୍ ହସ୍ପିଟାଲ୍, ଜଗତପୁର ସଦ୍‌ଗୁରୁ ମେଡ଼ିକାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍, ରାଣୀହାଟ ଚାଣକ୍ୟ ହସ୍ପିଟାଲ୍, ରାଣୀହାଟ ଓମ୍ ଶୁଭମ୍ ହସ୍ପିଟାଲ୍, ମଙ୍ଗଳାବାଗ୍ ଗୁଡ୍‌ଲକ୍ ହସ୍ପିଟାଲ୍ ଓ ସୃଷ୍ଟି ହସ୍ପିଟାଲ୍, ଗୋପାଳପୁର ରୁଦ୍ର ହସ୍ପିଟାଲ୍ ଏବଂ ରାଇସୁଙ୍ଗୁଡ଼ା ଶକ୍ତି ସାଇ ହସ୍ପିଟାଲ୍ ଆଣ୍ଡ ରିସର୍ଚ୍ଚ ସେଣ୍ଟର୍। ଯଦି ସାଧାରଣ ଲୋକଙ୍କଠାରେ ଉପରୋକ୍ତ ଲକ୍ଷଣ ଦେଖାଦେବ ଏଠାରେ ସେମାନଙ୍କୁ ପରୀକ୍ଷା ଓ ଚିକିତ୍ସା କରାଇପାରିବେ।

ରକ୍ତ ଦେଇ ଉତ୍ସାହିତ କଲେ ଡିସିପି

କଟକ ଅଫିସ୍,୧୮।୪: ଲକ୍‌ଡାଉନ୍ ଯୋଗୁ ରକ୍ତଭଣ୍ଡାରଗୁଡ଼ିକରେ ରକ୍ତ ଅଭାବ ଦେଖାଦେଇଛି। ଏହାର ମୁକାବିଲା ପାଇଁ ରକ୍ତଦାନ ଶିବିର ଉପରେ ଗୁରୁତ୍ୱ ଦିଆଯାଉଛି। ଶନିବାର ଚାଉଳିଆଗଞ୍ଜ ଥାନା ପୋଲିସ ପକ୍ଷରୁ ଏକ ଶିବିର ଆୟୋଜିତ ହୋଇଥିଲା। ଏଥିରେ ମୋଟ ୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କଟକ ଡିସିପି ଅଖିଳେଶ୍ୱର ସିଂ ଯୋଗଦେଇ ରକ୍ତ ଦେଇଥିଲେ। ଏଥି ସହ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

ଫୋନ୍ ଅପ୍: ପ୍ରଥମ ଦିନରେ ୩ଶହ କଲ୍

କଟକ ଅଫିସ୍,୧୮।୪

ଘରୋଇ ହିଂସା ସମ୍ପର୍କରେ ଅଭିଯୋଗ ଏବଂ ସୂଚନା ଗ୍ରହଣ କରିବା ପାଇଁ ପୋଲିସ ତରଫରୁ 'ଫୋନ୍ ଅପ୍' କାର୍ଯ୍ୟକ୍ରମ ଶନିବାର ଆରମ୍ଭ ହୋଇଛି। ରାଜ୍ୟ ଅପରାଧ ନଥି ସଂସ୍ଥା (ଏସ୍‌ସିଆର୍‌ବି) ତରଫରୁ ଏହି ରାଜ୍ୟସ୍ତରୀୟ କଲ୍‌ସେଣ୍ଟର୍ କାର୍ଯ୍ୟ କରୁଛି। ଶନିବାର ପ୍ରଥମ ଦିନରେ କଲ୍ ସେଣ୍ଟର୍‌କୁ ୩୦୪ କଲ୍ ଆସିଥିବା ରାଜ୍ୟ ପୋଲିସ ମୁଖ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ତେବେ ୭ ଅଭିଯୋଗ ଗୁରୁତର ଥିବା ଯୋଗୁ ସେଗୁଡ଼ିକ ରେକର୍ଡ଼ କରି ରଖାଯାଇଛି। ଅଭିଯୋଗଗୁଡ଼ିକୁ ସମ୍ପୃକ୍ତ ଜିଲା ପୋଲିସକୁ ପଠାଇ ଦିଆଯାଇଛି। ତଦନ୍ତ ଏବଂ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କୁହାଯାଇଛି। ଜିଲାର ଆଇଏସିଏଡବ୍ଲ୍ୟୁ ଡିଏସ୍‌ପି କିମ୍ବା ଅତିରିକ୍ତ ଏସ୍‌ପି ଏହି ଅଭିଯୋଗଗୁଡ଼ିକର ତଦାରଖ କରିବେ। ଲକ୍‌ଡାଉନ୍ ସମୟରେ ଘରୋଇ ହିଂସା ଦେଖାଦେବା ଆଶଙ୍କା ଥିବାରୁ ଏହାକୁ ରୋକିବା ଦିଗରେ ବିଭାଗ ତରଫରୁ ପଦକ୍ଷେପ ନିଆଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ସ୍ୱତନ୍ତ୍ର ଭାବେ ଗାଇଡ୍‌ଲାଇନ୍ ଜାରି ହୋଇଛି। ଅଭିଯୋଗ ଦାଖଲ ପାଇଁ ଥାନାକୁ ଆସିବାକୁ ହେବନି, ବରଂ ଫୋନ୍ କଲେ ପୋଲିସ ନିଜେ ଘରକୁ ଆସି ଅଭିଯୋଗ ଗ୍ରହଣ କରିବ । ମାମଲାଗୁଡ଼ିକୁ ସବ୍–ଇନ୍ସପେକ୍ଟର କିମ୍ବା ତଦର୍ଦ୍ଧ୍ୱ ପାହ୍ୟାର ଅଧିକାରୀମାନେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ଆଇନଜୀବୀଙ୍କୁ ସରକାର ଦିଅନ୍ତୁ ଆର୍ଥିକ ସହାୟତା

ଭୁବନେଶ୍ୱର,୧୮।୪(ଡି.ଏନ.ଏ.)

- କରୋନା କଟକଣା ଯୋଗୁ କୋର୍ଟ କାର୍ଯ୍ୟ ବନ୍ଦ
- ଦୋହଲିଯାଇଛି ଆର୍ଥିକ ସ୍ଥିତି
- ସ୍ୱତନ୍ତ୍ର କର୍ପସ୍ ଫଣ୍ଡ ଗଠନ ପାଇଁ ଦାବି

ରାଜ୍ୟରେ ବଳବତ୍ତର ଥିବା ଲକ୍‌ଡାଉନ୍ କଟକଣା ଯୋଗୁ ଦୀର୍ଘଦିନ ହେଲା କୋର୍ଟ କାର୍ଯ୍ୟ ହୋଇପାରୁ ନାହିଁ। ଫଳରେ ଓଡ଼ିଶା ରାଜ୍

କରୋନା ଭୂତାଣୁ ଗବେଷଣା ଉପରେ ଚାଇନାର କଟକଣା

ହଂକଂ,୧୮।୪

ମାରାତ୍ମକ କରୋନା ଭୂତାଣୁର ଉତ୍ପତ୍ତିସ୍ଥଳ ହେଉଛି ଚାଇନା। ଏହି ଭୂତାଣୁ ଏବେ ବିଶ୍ୱକୁ କବଳିତ କରି ନାହିଁ ନ ଥିବା କ୍ଷତି ଘଟାଇ ଚାଲିଛି। ସବୁଠାରୁ ଅଧିକ ପ୍ରଭାବିତ ତାଲିକାରେ ରହିଛନ୍ତି ଆମେରିକା ଓ ୟୁରୋପୀୟ ରାଷ୍ଟ୍ର। ଭୂତାଣୁ ସଂକ୍ରମଣ ନେଇ ଏହି ରାଷ୍ଟ୍ରଗୁଡ଼ିକ ଚାଇନାକୁ ସମାଲୋଚନା ମଧ୍ୟ କରିଚାଲିଛନ୍ତି। ସେପଟେ ଚାଇନା କରୋନା ଭୂତାଣୁର ଉତ୍ପତ୍ତି ସମ୍ପର୍କରେ କରାଯାଉଥିବା ଶୈକ୍ଷିକ ଗବେଷଣା ଓ ପ୍ରକାଶନ ଉପରେ କଟକଣା ଜାରି କରିଛି। ସରକାରଙ୍କ ନିର୍ଦ୍ଦେଶ ପରେ ଦୁଇଟି ବିଶ୍ୱବିଦ୍ୟାଳୟର ୱେବ୍‌ରୁ ଏହାକୁ ହଟାଇଦିଆଯାଇଛି। ନୂଆ ନିୟମ ଅନୁଯାୟୀ, କରୋନା ଉପରେ ହେଉଥିବା ଶୈକ୍ଷିକ ଗବେଷଣାର ପ୍ରକାଶନ ପୂର୍ବରୁ ଅତିରିକ୍ତ ପଶୁ ଚିକିତ୍ସକମାନେ ନିରୀକ୍ଷଣ କରିବେ ଓ କେନ୍ଦ୍ର ସରକାରଙ୍କ ଅଧିକାରୀମାନେ ସମୀକ୍ଷା କରିବେ। ହଂକଂର ଡାକ୍ତରୀ ବିଶେଷଜ୍ଞ ଏନେଇ ଗତ ଫେବୃୟାରୀରେ ଏକ କ୍ଲିନିକାଲ ବିଶ୍ଳେଷଣ କରିଥିବା ବେଳେ ଅନ୍ତର୍ଜାତୀୟ ଚିକିତ୍ସା ପତ୍ରିକା(ନ୍ୟୁ ଇଂଲଣ୍ଡ ଜର୍ନାଲ୍ ଅଫ୍ ମେଡିସିନ୍‌ରେ ଏହା ଛପାଯାଇଛି। ଗତ ଡିସେମ୍ବରରେ ଚାଇନାର ଉହାନ ସହରରୁ ବ୍ୟାପିଥିବା ଏହି ଭୂତାଣୁ ମହାମାରୀର ରୂପ ନେଇଥିବା ବେଳେ ଗତ ଜାନୁୟାରୀରୁ ଚାଇନାର ବିଶେଷଜ୍ଞମାନେ ଏନେଇ ଅନେକ ଅନ୍ତର୍ଜାତୀୟ ଚିକିତ୍ସା ପତ୍ରିକାରେ ଛାପିଛନ୍ତି। ଏହାକୁ ନେଇ ଚାଇନିଜ୍ ସୋସିଆଲ ମିଡିଆରେ ବିବାଦମାନ ଦେଖାଦେଇଛି। ଏବେ ଚାଇନାର ଅଧିକାରୀମାନେ କରୋନା ଗବେଷଣା ପ୍ରକାଶନ ଉପରେ କଟକଣା ଜାରି କରିଛନ୍ତି। ଫଳରେ ବୈଜ୍ଞାନିକ ଗବେଷଣା ଉପରେ ଏହା ପ୍ରତିକୂଳ ପ୍ରଭାବ ପକାଇଛି।

ଶିକ୍ଷା, ବିଜ୍ଞାନ ଓ କାରିଗରି ବିଭାଗ ପକ୍ଷରୁ ଜାରି ନିର୍ଦ୍ଦେଶନାମାରେ କରୋନା ଭାଇରସ୍‌ର ଉତ୍ପତ୍ତି ସମ୍ପର୍କରେ ଉଲ୍ଲେଖ ହୋଇଥିବା ଶୈକ୍ଷିକକୁ ତନ୍ନ ତନ୍ନ କରି ଯାଞ୍ଚ କରାଯିବା ଲାଗି କୁହାଯାଇଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଶୈକ୍ଷିକ କମିଟି ଏଗୁଡ଼ିକୁ ଯାଞ୍ଚ କରିବା ଲାଗି ମଧ୍ୟ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହା ପରେ ଶିକ୍ଷା ମନ୍ତ୍ରଣାଳୟର ବିଜ୍ଞାନ ଓ କାରିଗରି ବିଭାଗ ଏହାକୁ ଅନୁମୋଦନ କରି ରାଜ୍ୟ ପ୍ରାଣୀ ଚିକିତ୍ସକ ପରିଷଦ ଟାସ୍କଫୋର୍ସକୁ ପଠାଇବ। ଏଠାରୁ ସବୁଜ ସଙ୍କେତ ମିଳିବା ପରେ ପତ୍ରିକାରେ ପ୍ରକାଶନ ଲାଗି ଯୋଗ୍ୟ ହେବ। ଶୈକ୍ଷିକ ମୂଲ୍ୟ ଓ ପ୍ରକାଶନର ସମୟ ଠିକ୍ ଥିବା ଜରୁରୀ। ମାର୍ଚ୍ଚ ୨୫ରେ ଅନୁଷ୍ଠିତ ରାଜ୍ୟ ପରିଷଦର ଟାସ୍କଫୋର୍ସ ବୈଠକରେ ଏହାକୁ ଅନୁମୋଦନ ମିଳିଥିଲା। ସାଘାଂଇ ସ୍ଥିତ ଫୁଡାନ୍ ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ଶୁକ୍ରବାର ପ୍ରଥମ ଥର ଲାଗି ଏହାକୁ ପୋଷ୍ଟ କରାଯାଇଛି। ଉହାନସ୍ଥିତ ଚାଇନା ଜିଓସାଇନ୍ସ ବିଶ୍ୱବିଦ୍ୟାଳୟ ମଧ୍ୟ ଏଭଳି ନୋଟିସ ଜାରିକରିଛି। ଏସବୁ ଗୁପ୍ତରେ କରାଯାଉଥିବାରୁ ପରେ ଏ ସବୁକୁ ଡିଲିଟ୍ କରାଯାଇଛି। କରୋନା ଭୂତାଣୁ ବାଦୁଡ଼ି, ବଜ୍ରକାପ୍ତାରୁ ଆସିଥିବା କେତେକେ କହୁଥିବା ବେଳେ ପ୍ରକୃତରେ ଭୂତାଣୁର ଉତ୍ପତ୍ତି ସମ୍ପର୍କରେ ସମସ୍ତେ ସନ୍ଦିହାନ। ଏନେଇ ଅଧିକ ଗବେଷଣାର ଆବଶ୍ୟକତା ରହିଛି। ଆମେରିକା ଏହି ଭୂତାଣୁ ଚାଇନାରୁ ଆସିଥିବା ଅଭିଯୋଗ କରୁଥିବା ବେଳେ ଚାଇନାର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଝାଓ ଲିଜିଆନ୍ ଆମେରିକା ସେନା ଚାଇନାକୁ ଏହି ଭୂତାଣୁ ଆଣିଥିବା ଦାବି କରୁଛନ୍ତି। ଏହାର ବୈଜ୍ଞାନିକ ଗବେଷଣା କରାଯିବା ଜରୁରୀ ହୋଇପଡ଼ିଥିବା ବେଳେ ଚାଇନା ଏହି ଭୂତାଣୁ ସମ୍ପର୍କରେ ଗବେଷଣା ଲାଗି କଟକଣା ଜାରି କରିବା ପରିତାପର ବିଷୟ।

ମେ' ୩ ପର୍ଯ୍ୟନ୍ତ ବଳବତ୍ତର ରହିବ ଲକ୍‌ଡାଉନ କଟକଣା

ରାଜସ୍ୱ ବିଭାଗ ଜାରି କଲା ସାନି ବିଜ୍ଞପ୍ତି

ଭୁବନେଶ୍ୱର,୧୮।୪(ବ୍ୟୁରୋ)

କୋଭିଡ-୧୯ ସଂକ୍ରମଣ ଆଶଙ୍କାକୁ ଦେଖି କେନ୍ଦ୍ର ସରକାର ଲକ୍‌ଡାଉନ ଅବଧିକୁ ଆସନ୍ତା ମେ' ୩ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ପୂର୍ବରୁ ରାଜ୍ୟ ସରକାର ଏପ୍ରିଲ ୩୦ତାରିଖ ମଧ୍ୟ ରାତ୍ରି ଯାଏ ଲକ୍‌ଡାଉନକୁ ବୃଦ୍ଧି କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଲକ୍‌ଡାଉନ ବେଳେ ରାଜ୍ୟସରକାର କେତେକ କ୍ଷେତ୍ରକୁ କୋହଳ କରିଛନ୍ତି। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ବିଭାଗ ପକ୍ଷରୁ ଗତ ୧୫ ତାରିଖରେ ଏକ ସଂଶୋଧିତ ଗାଇଡ୍‌ଲାଇନ ଜାରି କରାଯାଇଥିଲା। ତାହା ଏପ୍ରିଲ ୧୬ ତାରିଖରୁ କାର୍ଯ୍ୟକ୍ଷମ ରହିଛି। କେନ୍ଦ୍ର ସରକାର ଲକ୍‌ଡାଉନ ଅବଧିକୁ ମେ' ୩ ତାରିଖକୁ ବଢ଼ାଇଥିବାରୁ ବିଭାଗ ପକ୍ଷରୁ ପୂର୍ବ ଆଦେଶନାମାକୁ ରଦ୍ଦ କରାଯାଇ ଶନିବାର ଆଉ ଏକ ଗାଇଡ୍‌ଲାଇନ ଜାରି କରାଯିବା ସହ ପୂର୍ବରୁ ପ୍ରକାଶିତ ସମସ୍ତ କଟକଣା ମେ' ୩ତାରିଖ ଯାଏ ବଳବତ୍ତର ରହିବ। ଲକ୍‌ଡାଉନ ସମୟରେ ମାଲ୍‌ବାହୀ ଟ୍ରେନ୍ ଓ ଟ୍ରକ୍ ପରିବହନ, ସ୍ୱାସ୍ଥ୍ୟ ସେବା ଛଡ଼ା ଆନ୍ତଃରାଜ୍ୟ ଯିବାଆସିବା, ଟ୍ୟାକ୍ସି, ଅଟୋ ରିକ୍ସା ଚଳାଳ ବନ୍ଦ ରହିବ, ଏଥିସହିତ ମଲ୍, ସୁଇମିଂ ପୁଲ, ସିନେମା ହଲ୍, ସାମାଜିକ, ରାଜନୈତିକ କାର୍ଯ୍ୟକ୍ରମ, ଅନ୍ତ୍ୟେଷ୍ଟିକ୍ରିୟା ବେଳେ ୨୦ ଜଣରୁ ଅଧିକ ଏକାଠି ନ ହେବା ଉପରେ କଟକଣା ଲଗାଯାଇଛି।

ଶନିବାର ପୁରୀ ସହରର ଶୂନଶାନ ରାସ୍ତାରେ ଟ୍ରଲି ଚାଳକ ଜଣେ ମହିଳାଙ୍କୁ ଟ୍ରଲିରେ ବସାଇ ହସ୍ପିଟାଲ ନେଇ ଯାଉଛନ୍ତି।

ଝିଅକୁ କମେଣ୍ଟ ମାରିଲେ, ବିରୋଧ କରିବାରୁ ବାପାଙ୍କୁ ହତ୍ୟା

ଧର୍ମଶାଳା,୧୮।୪(ଡିଏନଏ): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ବଳରାମପୁର ତଳଗଡ଼ ନୂଆସାହିରେ ଜଣେ ଯୁବତୀଙ୍କୁ ଶନିବାର ଦୁଇ ଯୁବକ କମେଣ୍ଟ ମାରିଥିଲେ। ଏହାକୁ ଯୁବତୀଙ୍କ ବାପା ସନାତନ ମଲିକ (୬୫) ବିରୋଧ କରିବାରୁ ଉକ୍ତ ୨ ଯୁବକ ତାଙ୍କୁ ଠେଙ୍ଗାରେ ମାଡ଼ ମାରି ହତ୍ୟା କରିଛନ୍ତି। ଏନେଇ ସନାତନଙ୍କ ପୁଅ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୦୯/୨୦) ରୁଜୁ କରିଛି। ଅଭିଯୁକ୍ତ ଦୀପକ ମଲିକ(୨୮) ଓ ପ୍ରକାଶ ମଲିକ(୨୬) ଫେରାର ହୋଇଯାଇଥିବା ଜଣାପଡିଛି।

ପ୍ରକାଶ ଯେ, ସନାତନଙ୍କ ଝିଅ ଗାଁରେ ଚାଲିଚାଲି ଆସୁଥିବାବେଳେ ତାଙ୍କୁ ଦୁଇଭାଇ ଦୀପକ ଓ ପ୍ରକାଶ କମେଣ୍ଟ ମାରିଥିଲେ। ଏନେଇ ଯୁବତୀ ଜଣକ ଘରେ କହିବାରୁ ତାଙ୍କ ବାପା ସନାତନ ଓ ଭାଇ ସୁଶାନ୍ତ ସେମାନଙ୍କୁ ଏ ସମ୍ପର୍କରେ ପଚାରିଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରଦୀପ ଓ ଦୀପକ ଠେଙ୍ଗାରେ ସନାତନଙ୍କୁ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ସନାତନଙ୍କର ପ୍ରାଣବାୟୁ ଉଡ଼ି ଯାଇଥିଲା। ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଫେରାର ଦୁଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଥାନାଧିକାରୀ ସୂଚନା ଦେଇଛନ୍ତି।

ବାରିପଦାରେ ରଥ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ

ବାରିପଦା ଅଫିସ,୧୮।୪: ଦ୍ୱିତୀୟ ଶ୍ରୀକ୍ଷେତ୍ର ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରି ବଳଦେବଜୀଉ ଜଗନ୍ନାଥ ମହାପ୍ରଭୁଙ୍କ ଚଳିତ ବର୍ଷର ରଥ ଯାତ୍ରା ଲାଗି ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଛି। ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ମହାରଣାମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ଏପ୍ରିଲ ୨୬ରେ ଅକ୍ଷୟ ତୃତୀୟା ପଡୁଥିବାରୁ ଏହା ପୂର୍ବରୁ ରଥ ନିର୍ମାଣ କାର୍ଯ୍ୟ ଅନୁକୂଳ ନିମନ୍ତେ ସମସ୍ତ ପ୍ରକାର ବ୍ୟବସ୍ଥା କରିବା ପାଇଁ ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ଜୁନ୍ ୨୩ ତାରିଖରେ ମହାପ୍ରଭୁ ରଥକୁ ପହଣ୍ଡି କରିବେ। ଏଥି ନିମନ୍ତେ ଦରକାର ହେଉଥିବା ରଥ ବାଛିଆ, ପୋଟଳ ଚିରା, ବିନ୍ଧାଣି ଏବଂ ଦଉଡ଼ିବଳାମାନଙ୍କୁ ନେଇ ରଥ କାର୍ଯ୍ୟ ଜୁନ୍ ୨୦ ତାରିଖ ସୁଦ୍ଧା ଶେଷ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। କରୋନା ଭାଇରସ୍‌କୁ ନେଇ ହୋଇଥିବା ଲକ୍ ଡାଉନ ସମୟରେ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀକୁ ପାଳନ କରିବା ପାଇଁ ମଧ୍ୟ କୁହାଯାଇଛି। ରଥ ନିର୍ମାଣ ବେଳେ ସାମାଜିକ ଦୂରତ୍ୱ ପ୍ରତି ଦୃଷ୍ଟି ଦେବାକୁ ମହାରଣାମାନଙ୍କୁ କୁହାଯାଇଛି। ପ୍ରଶାସନର ନିର୍ଦ୍ଦେଶକ୍ରମେ ରଥ ନିର୍ମାଣ କାର୍ଯ୍ୟ କରାଯିବ ବୋଲି ରଥ ମହାପାତ୍ର ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି।

ରଥଯାତ୍ରା ନେଇ ସରକାର ତୁରନ୍ତ ନିଷ୍ପତ୍ତି ସ୍ପଷ୍ଟ କରନ୍ତୁ

ମୁଖ୍ୟମନ୍ତ୍ରୀଙ୍କୁ ପ୍ରତାପ ଷଡ଼ଙ୍ଗୀଙ୍କ ଚିଠି

ଭୁବନେଶ୍ୱର,୧୮।୪(ବ୍ୟୁରୋ)

ରଥଯାତ୍ରା ସହ ଓଡ଼ିଆଙ୍କ ଭାବଗତ ସମ୍ପର୍କ ରହିଛି। ବହୁ ପ୍ରାଚୀନ କାଳରୁ ଏହି ପରମ୍ପରା ଚଳି ଆସୁଛି। ହେଲେ ବର୍ତ୍ତମାନ କରୋନା ମୁକାବିଲା ଜାରି ରହିଛି। କେତେକ ଗଣମାଧ୍ୟମ ରିପୋର୍ଟରେ ରଥଯାତ୍ରା ସମ୍ପର୍କିତ ଅନିଶ୍ଚିତତା ନେଇ ଖବର ପ୍ରକାଶ ପାଉଛି। ଏହି ରିପୋର୍ଟ କୋଟି କୋଟି ଭକ୍ତଙ୍କ ଭାବାବେଗକୁ ଆନ୍ଦୋଳିତ କରୁଥିବା କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ କହିଛନ୍ତି। ଏଥିସହିତ ଏ ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରି କେନ୍ଦ୍ରମନ୍ତ୍ରୀ ଷଡ଼ଙ୍ଗୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖିଛନ୍ତି।

ଏଥିରେ କେନ୍ଦ୍ରମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ, ଚଳିତ ବର୍ଷ ଜୁନ୍ ୨୩ରେ ଘୋଷଯାତ୍ରା ପଡୁଅଛି। ଏଥିରେ ବହୁ ସଂଖ୍ୟାକ ଲୋକ ଭାଗ ନେଇଥାନ୍ତି। ବର୍ତ୍ତମାନ କରୋନା ମୁକାବିଲା ପାଇଁ ସାମାଜିକ ଦୂରତାକୁ ବ୍ୟାପକ ଗୁରୁତ୍ୱ ଦିଆଯାଉଛି। ତେଣୁ ପ୍ରଶାସନ ଏହି ବିଶେଷ ପରିସ୍ଥିତିରେ ସର୍ବନିମ୍ନ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯାତ୍ରା ସମ୍ପନ୍ନ କରିବାକୁ ପ୍ରତାପ ପ୍ରସ୍ତାବ ଦେଇଛନ୍ତି। ସେହିପରି ରଥଯାତ୍ରା ସମ୍ପର୍କିତ ଜନସାଧାରଣରେ ସୃଷ୍ଟି ହୋଇଥିବା ଗୁଜବକୁ ପ୍ରତିହତ କରାଯାଉ। ତୁରନ୍ତ ପୁରୀସ୍ଥିତ ଶ୍ରୀମନ୍ଦିର ପ୍ରଶାସନ ରଥଯାତ୍ରା ସମ୍ପର୍କିତ ସବିଶେଷ ନିଷ୍ପତ୍ତି ଗ୍ରହଣ ପୂର୍ବରୁ ଗୋବର୍ଦ୍ଧନ ପୀଠର ଶଙ୍କରାଚାର୍ଯ୍ୟ, ପୁରୀ ଗଜପତି ଦିବ୍ୟସିଂହଦେବ, ମୁକ୍ତିମଣ୍ଡପ ବିଜ୍ଞମଣ୍ଡଳୀ, ଦଇତାପତି ଏବଂ ମନ୍ଦିର ସେବକଙ୍କ ପରାମର୍ଶ ନେବା ପାଇଁ କେନ୍ଦ୍ରମନ୍ତ୍ରୀ କହିଛନ୍ତି।

ଠେଲାଗାଡ଼ିରେ ବୁଲି ପରିବା ବିକୁଛନ୍ତି ମହିଳା

ଖୋର୍ଦ୍ଧା ଅଫିସ,୧୮।୪

ଏସ୍‌ଏଚ୍‌ଜି ସଦସ୍ୟାମାନେ ପନିପରିବା ବିକୁଛନ୍ତି।

କରୋନା ମୁକାବିଲା ଲାଗି ମେ ୩ତାରିଖ ପର୍ଯ୍ୟନ୍ତ ଦେଶରେ ଲକ୍‌ଡାଉନ ଜାରି ରହିଛି। ଏଥିଯୋଗୁ ସବୁଠି ଦୋକାନ ବଜାର ବନ୍ଦ। ଏଭଳି ସ୍ଥିତିରେ ଜନସାଧାରଣଙ୍କୁ ସହଯୋଗ ଲାଗି ଆଗେଇ ଆସିଛନ୍ତି ଖୋର୍ଦ୍ଧା ସହରର ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)। ଏହି ଗ୍ରୁପ୍‌ର ମହିଳାମାନେ ନିଜସ୍ୱ ଖର୍ଚ୍ଚରେ ପନିପରିବା, ଆଳୁ, ପିଆଜ, ବିଭିନ୍ନ ପ୍ରକାର ଫଳ କିଣିଆଣି ଠେଲାଗାଡ଼ିରେ ସାହି ସାହି ବୁଲି ବିକ୍ରି କରୁଛନ୍ତି। ଏଥିରେ ସେମାନଙ୍କୁ ସହଯୋଗ ଯୋଗାଇ ଦେଉଛନ୍ତି ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥି।

ମା' ଭୈରବୀ ଏବଂ ମା' ଜ୍ୟୋତି ସ୍ୱୟଂ ସହାୟକ ଗୋଷ୍ଠୀର ସୋନି ଡାକୁଆ, ସୋନି ବେଗମ, ସଂଯୁକ୍ତା ଭୂୟାଁ, ରଶ୍ମିବାଳା ପୃଷ୍ଟି, ଅପର୍ଣ୍ଣା ଚାଟାର୍ଜୀଙ୍କ ସମେତ ଏକାଧିକ ସଦସ୍ୟା ପରିବା ମଣ୍ଡି ଏବଂ ଚାଷୀଙ୍କଠାରୁ ପନିପରିବା କିଣି ଠେଲାଗାଡ଼ିରେ ରଖି ପ୍ରତିଦିନ ସାହିକୁ ସାହି ବୁଲି ବିକ୍ରି କରୁଛନ୍ତି। ଶନିବାର ଏମାନେ ବିଭିନ୍ନ ୱାର୍ଡରେ ସୁଲଭ ଦରରେ ପରିବା ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା।

ବେଆଇନ ଚିଙ୍ଗୁଡ଼ି ଘେରି ବନ୍ଦ ନିର୍ଦ୍ଦେଶ

ଏରସମା, ୧୮।୪ (ସ୍ୱ.ପ୍ର.)

ଏରସମା ବ୍ଲକ ଅଧୀନ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ ସମେତ ନଦୀ, ନାଳ ଓ ସଫେଇ ନିକଟରେ ଚିଙ୍ଗୁଡ଼ି ଘେରି କରିବାକୁ ଶହ ଶହ ଜମି ଖୋଳାଯାଇଥିବା ବେଳେ ତାହାକୁ ବନ୍ଦ କରିବାକୁ ବ୍ଲକ ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଏରସମା ତହସିଲଦାର ଚିତ୍ତରଞ୍ଜନ ମହାନ୍ତ ଚିଠି ନଂ. ୧୩୯୧ରେ ଏକ ନିଷେଧାଦେଶ ଜାରି କରିଛନ୍ତି। ପ୍ରକାଶ ଯେ, ଏରସମା ବ୍ଲକ ସାଧାରଣତଃ ଏକ କୃଷିପ୍ରଧାନ ଅଞ୍ଚଳ। ଏଠାକାର ଲୋକେ ବିଶେଷକରି ଧାନଚାଷ ଉପରେ ନିର୍ଭରକରି ଜୀବିକା ନିର୍ବାହ କରିଥାନ୍ତି। ମାତ୍ର ଦିନକୁ ଦିନ ବ୍ଲକ ଅଞ୍ଚଳରେ ଚିଙ୍ଗୁଡ଼ି ଘେରି ସଂଖ୍ୟା ବୃଦ୍ଧି ପାଇବା ଯୋଗୁ ଆଖପାଖ ଜମିରେ ଧାନ ଚାଷ ହୋଇପାରୁନାହିଁ। ତେବେ ଚାଷ ଜମି ନିକଟରୁ ଘେରି ଉଚ୍ଛେଦ ପାଇଁ ଦୀର୍ଘ ଦିନ ଧରି ଚାଷୀମାନେ ଦାବି କରି ଆସୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉ ନ ଥିବା ଚାଷୀମାନେ ଦୀର୍ଘଦିନ ଧରି ଅଭିଯୋଗ କରିଆସୁଥିଲେ। ଚାଷୀଙ୍କ ଅଭିଯୋଗ ଆଧାରରେ ଏଭଳି ପଦକ୍ଷେପ ନିଆଯାଇଥିବା ତହସିଲଦାର ମହାନ୍ତ କହିଛନ୍ତି।

ନିୟନ୍ତ୍ରିତ ବଜାରକୁ ଉଠିଲା ପରିବା, ମାଛ ଦୋକାନ

ସାକ୍ଷୀଗୋପାଳ,୧୮।୪(ଡି.ଏନ.ଏ.)

ସାକ୍ଷୀଗୋପାଳ ବଜାର ମୁଖ୍ୟ ରାସ୍ତାପାର୍ଶ୍ୱରେ ପ୍ରତିଦିନ ଖୋଲୁଥିବା ପନିପରିବା, ମାଛ ଓ ଅନ୍ୟାନ୍ୟ ଅସ୍ଥାୟୀ ଦୋକାନଗୁଡିକ ସ୍ଥାନୀୟ ନିୟନ୍ତ୍ରିତ ବଜାର ପ୍ରାଙ୍ଗଣକୁ ଉଠାଇ ଦିଆଯାଇଛି। କରୋନା ସତର୍କତା ପାଇଁ ପରସ୍ପରଠାରୁ ଦୂରତାରେ ରହି ଦୋକାନରୁ ସାମଗ୍ରୀ ନେବା ସମୟରେ ଏବଂ ରାସ୍ତା ଉପରେ ବାଇକ୍ ରଖି ଲୋକେ ଭିଡ ଜମାଉଥିବାରୁ ସତ୍ୟବାଦୀ ପ୍ରଶାସନ ଓ ପୋଲିସ ଏହି ପଦକ୍ଷେପ ଗ୍ରହଣ କରିଛନ୍ତି। ଏ ନେଇ ଶୁକ୍ରବାର ସନ୍ଧ୍ୟାରେ ବଜାରରେ ଉଠା ଦୋକାନ ନ ଖୋଲିବାକୁ ପ୍ରଚାର କରାଯାଇଛି। ଏଥିସହ ଉଠା ଦୋକାନୀମାନଙ୍କ ସହ ନିୟନ୍ତ୍ରିତ ବଜାର ପରିସରରେ ପ୍ରଶାସନ ପକ୍ଷରୁ ଆଲୋଚନା କରାଯାଇଥିଲା। ଅନ୍ୟପକ୍ଷରେ ସାକ୍ଷୀଗୋପାଳ ମନ୍ଦିରକୁ ସଂଯୋଗ କରୁଥିବା ଏହି ମୁଖ୍ୟ ରାସ୍ତା ପାର୍ଶ୍ୱରେ ପସରା ଖୋଲି ପନିପରିବା ବିକ୍ରି କରିବା କାରଣରୁ ସେଠାରେ ସର୍ବଦା ଭିଡ ସୃଷ୍ଟି ହେଉଥିଲା। ମନ୍ଦିରକୁ ଚଳାଚଳ କରୁଥିବା ଯାତ୍ରୀବାହୀ ଗାଡିଗୁଡିକ ଗମନାଗମନରେ ବାଧା ଉପୁଜୁଥିଲା।

କରୋନା: ଜନ ସହାୟତା କେନ୍ଦ୍ର ଆରମ୍ଭ

ଜାରି ହେଲା ଟୋଲ୍ ଫ୍ରି ନମ୍ବର

ଭୁବନେଶ୍ୱର, ୧୮।୪(ବ୍ୟୁରୋ): କରୋନା ମୁକାବିଲାରେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ରାଜ୍ୟ ସରକାରଙ୍କ ସହ କାନ୍ଧ ମିଳାଇଛନ୍ତି। ସାମାଜିକ ଅନୁଷ୍ଠାନ ସିୱାଇଏସ୍‌ଡି ଓ ଏହାର ସହଯୋଗୀ ସଙ୍ଗଠନଗୁଡିକ ମିଳିତ ଭାବେ ଏକ ଜନସହାୟତା କେନ୍ଦ୍ର ଆରମ୍ଭ କରି ଏକ ନିଃଶୁଳ୍କ ନଂ. ୮୮୮୦୫୯୨୫୯୨ ଜାରି କରିଛନ୍ତି। ଏହି ନମ୍ବରକୁ ଜନସାଧାରଣ ପ୍ରତ୍ୟେକ ଦିନ ସକାଳ ୧୦ରୁ ସନ୍ଧ୍ୟା ୫ ମଧ୍ୟରେ ଫୋନ୍ କରି କରୋନା ସମ୍ପର୍କିତ ତଥ୍ୟ ଓ ପରାମର୍ଶ ପାଇବେ ବୋଲି ଶନିବାର ସିୱାଇଏସ୍‌ଡିର ମାର୍ଗଦର୍ଶକ ଜଗଦାନନ୍ଦ କହିଛନ୍ତି। ସରକାରଙ୍କ ଦ୍ୱାରା ଲୋକମାନଙ୍କ ପାଇଁ ଘୋଷଣା କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦିଆଯିବ। ଉକ୍ତ ନମ୍ବରକୁ ଫୋନ କରି ଜନସାଧାରଣ ମାନସିକ ଚାପ ହ୍ରାସ ପାଇଁ ପରାମର୍ଶ ଓ ସ୍ୱାସ୍ଥ୍ୟ ସମସ୍ୟା ସମାଧାନ ନିମନ୍ତେ ବିଶେଷଜ୍ଞଙ୍କ ସହ ବାର୍ତ୍ତାଳାପ କରିପାରିବେ। ସିୱାଇଏସ୍‌ଡି ନିଜ ସହଯୋଗୀ ଅନୁଷ୍ଠାନ ହ୍ୟୁମାନ୍ କନ୍‌ଟେକସ୍ଟ, ହେଲ୍‌ଥ ବୁଟ୍ ଓ ଆଇନା ଦ୍ୱାରା ଏହାକୁ ପରିଚାଳନା କରିବ।

ରୋକାଗଲା ନାବାଳିକା ବିବାହ

ନୟାଗଡ଼ ଅଫିସ,୧୮।୪: ରଣପୁର ଥାନାର ଶିଖରପୁର ମଝିଆଖଣ୍ଡ ସିଦ୍ଧେଶ୍ୱରୀଙ୍କ ପୀଠରେ ଶନିବାର ଏକ ନାବାଳିକା ବିବାହ ଅନୁଷ୍ଠିତ ହେଉଥିଲା। ଝିଅକୁ ୧୭ ବର୍ଷ ହୋଇଥିବାବେଳେ ପୁଅର ବୟସ ୧୯ ଥିଲା। ଖବର ପାଇ ବାଲ୍ୟବିବାହ ନିରୋଧ ଅଧିକାରୀ ବ୍ରହ୍ମୋତ୍ରୀ ମିଶ୍ର, ଚାଇଲ୍ଡ ଲାଇନ୍ ସଦସ୍ୟ ଚନ୍ଦ୍ର ଶେଖର ବେହେରା, ରଣପୁର ଏସ୍‌ଆଇ ପ୍ରୀତିରଞ୍ଜନ ମହାନ୍ତି ପହଞ୍ଚି ଉଭୟ ପକ୍ଷଙ୍କୁ ବୁଝାଶୁଝା କରି ବାହାଘରକୁ ରୋକିଥିଲେ।

ନମୁନା ସଂଗ୍ରହ ତାଲିକାରେ ବହୁ ମୃତକଙ୍କ ନାମ

- ଆକ୍ରାନ୍ତଙ୍କ ବଡ଼ ପୁଅଙ୍କୁ ଦେଖି ତାତିଲେ ଲୋକେ
- ମିଛ ରିପୋର୍ଟକୁ ନେଇ ପ୍ରଶ୍ନ ଉଠାଇଲେ

ଭୁବନେଶ

ସଂକ୍ଷେପରେ

ମୁକାବିଲା ପାଇଁ ଆଗେଇ ଆସିବାକୁ ଆହ୍ୱାନ

ମାଧପୁର, ୧୮।୪: କରୋନା ମୁକାବିଲା ଉଦ୍ଦେଶ୍ୟରେ ଭାଜପାର ଆଠମଲ୍ଲିକ ନିର୍ବାଚନମଣ୍ଡଳୀସ୍ତରୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭିଡିଓ କନଫରେନ୍ସ ଜରିଆରେ ଆୟୋଜିତ ଏହି ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ସମସ୍ତ ଦଳୀୟ କର୍ମୀ କରୋନା ମୁକାବିଲା ନିମନ୍ତେ ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଏମ୍‌ପି ନିତେଶ ଗଙ୍ଗଦେବ ଯୋଗ ଦେଇଥିଲେ। ଜିଲା ଭାଜପା ସଭାପତି ଦୀଲେଶ୍ୱର ପ୍ରଧାନ, ବରିଷ୍ଠ ନେତା ରୁଦ୍ରନାରାୟଣ ପାଣି, ଭାଗୀରଥି ପ୍ରଧାନ, ଜିଲା ସମ୍ପାଦକ ଚିତ୍ତରଞ୍ଜନ ମେହେର, ଜିଲାପରିଷଦ ସଭ୍ୟା ଜୟନ୍ତୀ ପ୍ରଧାନ, ଯୁବମୋର୍ଚ୍ଚା ଜିଲା ସମ୍ପାଦକ ମନୋଜ କୁମାର ପ୍ରଧାନଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ନେତୃବର୍ଗ ଯୋଗଦେଇଥିଲେ। ଜିଲା ଯୁବମୋର୍ଚ୍ଚା ସଭାପତି ପ୍ରଶାନ୍ତ ନନ୍ଦ ଏବଂ ବିଶ୍ୱଜିତ ଗାଇଗରିଆ ସହାୟତା କରିଥିଲେ।

ପିଇଓଙ୍କ ବିରୋଧରେ ଅସଦାଚରଣ ଅଭିଯୋଗ

ଢେଙ୍କାନାଳ ଅଫିସ, ୧୮।୪: ଢେଙ୍କାନାଳ ସଦର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଗୋପାଳ ଚରଣ ସ୍ୱାଇଁଙ୍କ ବିରୋଧରେ ଜଣେ ମହିଳା ଶ୍ରମଜୀବୀ ଅସଦାଚରଣ ଅଭିଯୋଗ ଆଣିଛନ୍ତି। ଏ ନେଇ ଥାନାରେ ନଂ. ୧୪୬/୨୦ରେ ମାମଲା ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, କରୋନା ସହାୟତା ରାଶି ବାଣ୍ଟିବାକୁ ପିଇଓ ଶନିବାର ସକାଳେ ଗ୍ରାମକୁ ଆସିଥିଲେ। ସହାୟତା ରାଶି ଦେବାବେଳେ ମହିଳାଙ୍କୁ ଟଣାଓଟଣା କରିଥିଲେ। ଏ ନେଇ ଥାନାଧିକାରୀ ସନ୍ଧ୍ୟାରାଣୀ ବେଉରିଆ କୁହନ୍ତି, ପିଇଓଙ୍କ ନାମରେ ଅଭିଯୋଗ ହୋଇଛି। ଘଟଣାର ତଦନ୍ତ ଚାଲିଛି। ତଦନ୍ତ ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

ଖଗେଶ୍ୱର ସମ୍ମାନ ପ୍ରଦାନ ଉତ୍ସବ ସ୍ଥଗିତ

ବିଜେପୁର,୧୮।୪ (ଡି.ଏନ.ଏ.): ଲକ୍‌ଡାଉନ ଯୋଗୁ ବରଗଡ ଜିଲା ବିଜେପୁରରେ ଚଳିତ ବର୍ଷ ରାଜ୍ୟସ୍ତରୀୟ ଖଗେଶ୍ୱର ସେଠ ଜୟନ୍ତୀକୁ ଡିଜିଟାଲାଇଜେସନ୍ ମାଧ୍ୟମରେ ପାଳନ କରାଯିବା ତେବେ ଚଳିତ ବର୍ଷ ଖଗେଶ୍ୱର ସମ୍ମାନ ପ୍ରଦାନ ଉତ୍ସବକୁ ସ୍ଥଗିତ ରଖାଯିବ ବୋଲି ଖଗେଶ୍ୱର ସାହିତ୍ୟ କଳାପରିଷଦ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଅନୁଷ୍ଠାନର କର୍ମକର୍ତ୍ତା ସୂଚନା ଦେଇଛନ୍ତି।

ଅସହାୟଙ୍କୁ ଖାଦ୍ୟ ବଣ୍ଟନ

ବଇଣ୍ଡା, ୧୮।୪(ଡି.ଏନ.ଏ.): କିଶୋରନଗର ବ୍ଲକ ଲୁହାମୁଣ୍ଡା ପଞ୍ଚାୟତ କ୍ଷେତ୍ରପାଳ, ଡାଙ୍ଗିନାଳୀସାହି, ଡେବେରାପାଲି ଆଦି ଗ୍ରାମର ଦଳିତ ସାହିରେ ଶନିବାର ବିଶ୍ୱଯୁବକେନ୍ଦ୍ର ବଣିନାଳୀ ଓ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଅନୁଗୋଳ ପକ୍ଷରୁ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଏଥିରେ ସଙ୍ଗଠନ ଉପସଭାପତି ଶରତ କୁମାର ମିଶ୍ର, ଅଶୋକ ମାଣ୍ଡୋଠିଆ, ସାଧାରଣ ସମ୍ପାଦକ ଅର୍ଜୁନ କୁମାର ମୁଦୁଲି, ଯୁଗ୍ମ ସମ୍ପାଦକ ଗୋଲକ ଚନ୍ଦ୍ର ସାହୁ, ବିଶ୍ୱଯୁବକେନ୍ଦ୍ର ନିର୍ଦ୍ଦେଶକ ମନୋଜ କୁମାର ମହାପାତ୍ର, ସମ୍ପାଦିକା ନମିତା ପ୍ରଧାନ, ଶିକ୍ଷାବିତ୍ ବିଚିତ୍ରାନନ୍ଦ ସାହୁ ପ୍ରମୁଖ ଯୋଗଦେଇ ୫୪ଜଣଙ୍କୁ ଚୁଡ଼ା, ଚିନି, ତେଲ ଆଦି ସାମଗ୍ରୀ ବଣ୍ଟନ କରିଥିଲେ।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଜୁନାଗଡ,୧୮।୪(ଡି.ଏନ୍.ଏ.): କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଦାସିଗାଁ ପଞ୍ଚାୟତ ବାନ୍ଧନପଲା ଗାଁ ନିକଟ କ୍ଷେତରେ ଥିବା ଏକ ମହୁଲ ଗଛରୁ ଶନିବାର ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ବାନ୍ଧନପଲା ଗ୍ରାମର ପର୍ଶୁରାମ ମାଝୀ(୪୫)। ଜୁନାଗଡ ପୋଲିସ ମୃତଦେହ ଜବତ ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ହସ୍ତାନ୍ତର କରିଛି। ଏ ନେଇ ଜୁନାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୮/୨୦) ରୁଜୁ ହୋଇଛି।

କରୋନା ଯୋଦ୍ଧାଙ୍କୁ ଉତ୍ସର୍ଗ ଐତିହ୍ୟ ଦିବସ

ଝଲସିଲା ଜାତୀୟ ସ୍ମାରକୀ

ନୂଆଦିଲ୍ଲୀ



ବିଶ୍ୱବ୍ୟାପୀ କରୋନା ସଙ୍କଟର କଳାବାଦଲ ଛାଇ ରହିଥିବାବେଳେ ପର୍ବପର୍ବାଣି, ଜାନିଯାତ୍ରା ସବୁକିଛି ଫିକା ପଡ଼ିଛି। ଚଳିତ ବର୍ଷ ଅନେକ ପରମ୍ପରାରେ ଲାଗିଛି କରୋନା ଅଙ୍କୁଶ। କୋଭିଡ୍-୧୯କୁ ହରାଇବାକୁ ସରକାର ଆପ୍ରାଣ ଉଦ୍ୟମ ଚଳାଇଥିବାବେଳେ ଏଥିରେ ଉଣା ଅଧିକେ ସାମିଲ ହୋଇଛନ୍ତି ପ୍ରତ୍ୟେକ ଭାରତୀୟ। ସଫେଇ କର୍ମଚାରୀଙ୍କଠାରୁ ଆରମ୍ଭ କରି ଡାକ୍ତର, ଚପରାସୀଙ୍କଠାରୁ ପ୍ରଶାସନିକ ଅଧିକାରୀ ଯାଏ ସମସ୍ତେ କରୋନା ବିରୋଧୀ ଯୁଦ୍ଧ ଜିତିବାକୁ ଦିନରାତି ଏକ୍ କରିଦେଇଛନ୍ତି। ସେମାନଙ୍କ ମନୋବଳ ବଢ଼ାଇବା, ସଙ୍ଗଠିତ ହୋଇ ଲଢ଼େଇକୁ ଆହୁରି ଶାଣିତ କରିବାକୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ପରିପ୍ରେକ୍ଷୀରେ କୋଭିଡ୍-୧୯ ଯୋଦ୍ଧାଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଛି ବିଶ୍ୱ ଐତିହ୍ୟ ଦିବସ। ଏହି ଅବସରରେ ଦୀପ, ଉଜ୍ଜ୍ୱଳ ଆଲୋକମାଳାରେ ଝଲସି ଉଠିଥିଲା ଦେଶର ଅନ୍ୟତମ ଶ୍ରେଷ୍ଠ ୫ ଐତିହାସିକ ସ୍ମାରକ।

ଲାଲ୍‌କିଲ୍ଲା, କୁତବ ମିନାର, ହୁମାୟୁନ କବର, ପୁରାନା କିଲ୍ଲା, ସଫଦରଜଙ୍ଗ କବର ସ୍ଥଳ ପ୍ରତିଦିନ ଉଜ୍ଜ୍ୱଳ ଆଲୋକମାଳାରେ ଝଲସିଥାଏ। ହେଲେ ଶନିବାର ଏସବୁ ଐତିହ୍ୟସ୍ଥଳକୁ ଭିନ୍ନ ରୂପରେ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରାମର୍ଶରେ '୯ ପିଏମ୍ ୯ ମିନିଟ୍' କାର୍ଯ୍ୟକ୍ରମକୁ ନେଇ ବେଶ୍ ଉତ୍ସାହ ଦେଖାଇଥିଲେ ଭାରତୀୟ। କୋଟିକୋଟି ଦେଶବାସୀ ଲାଇଟ୍ ବନ୍ଦ କରି କରୋନା ଲଢ଼େଇରେ ସାମିଲ ହୋଇଥିବା ସଫେଇ କର୍ମଚାରୀ, ଡାକ୍ତର, ନର୍ସ, ପୋଲିସ, ପ୍ରଶାସନିକ ଅଧିକାରୀଙ୍କୁ ବଳ ଦେଇଥିଲେ। ଅନୁରୂପ ଭାବେ ଏପରି ମହାମାରୀ ସମୟରେ ଏକତାର ବନ୍ଧନକୁ ଆହୁରି ସୁଦୃଢ଼ କରିବାକୁ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ପକ୍ଷରୁ ଉକ୍ତ ଐତିହ୍ୟସ୍ଥଳକୁ ମହମବତି ଏବଂ ଦୀପରେ ସଜାଯାଇଥିଲା। କରୋନା ଯୁଦ୍ଧରେ ଜୀବନକୁ ବାଜି ଲଗାଇ ଦିନରାତି ସେବା କରିଚାଲିଥିବା ସମସ୍ତ କରୋନା ଯୋଦ୍ଧାଙ୍କ ଭିତରେ ନୂଆ ଉତ୍ସାହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଏଏସ୍‌ଆଇ ଦିଲ୍ଲୀ ସର୍କଲ ପକ୍ଷରୁ କୁହାଯାଇଛି।

ଚାଇନା ପରି ତଥ୍ୟ ପରିବର୍ତ୍ତନ କରିପାରନ୍ତି ଅନ୍ୟ ଦେଶ: ଡବ୍ଲ୍ୟୁଏଚ୍‌ଓ

ଜେନେଭା, ୧୮।୪

ବିଶ୍ୱବ୍ୟାପୀ କରୋନା ମହାମାରୀ ରୂପ ନେଇଥିବା ବେଳେ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକାରେ ମୃତ୍ୟୁର ତାଣ୍ଡବ ରହୁଛି। ଏ ପର୍ଯ୍ୟନ୍ତ ଆମେରିକାରେ ୭ଲକ୍ଷରୁ ଊର୍ଦ୍ଧ୍ୱ ଲୋକ କରୋନା ସଂକ୍ରମିତ ହୋଇଥିବା ବେଳେ ୩୭ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିଲାଣି। ହେଲେ ଚାଇନାରେ କରୋନା ରୋଗୀଙ୍କ ମୃତ୍ୟୁ ସଂଖ୍ୟାକୁ ନେଇ ବିଭିନ୍ନ ଦେଶ ସନ୍ଦେହ କରୁଥିବା ବେଳେ ଅନେକ ଦେଶ ଦେଉଥିବା ତଥ୍ୟକୁ ପରେ ଚାଇନା ଭଳି ସଂଶୋଧନ କରିପାରନ୍ତି ବୋଲି ଶୁକ୍ରବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ କୁହାଯାଇଛି। ଚାଇନାର ଉହାନରେ ଏହି ସଂକ୍ରମଣ ଅତି ଶୀଘ୍ର ବ୍ୟାପିଗଲା। ଫଳରେ ପ୍ରତ୍ୟେକ ମୃତ୍ୟୁ ଏବଂ ସଂକ୍ରମଣ ମାମଲା ପଞ୍ଜୀକରଣ କରିବା କର୍ତ୍ତୃପକ୍ଷଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଲା। ସଂକ୍ରମଣ ଜାରି ରହିଥିବାବେଳେ ପ୍ରତ୍ୟେକ ମାମଲା ଏବଂ ମୃତକଙ୍କୁ ଚିହ୍ନଟ କରିବା ସହଜ ହୋଇପାରିଲାନାହିଁ ବୋଲି ଡବ୍ଲ୍ୟୁଏଚ୍‌ଓ ପକ୍ଷରୁ ମାରିଆ ୱାନ କେରଖୋଭ କହିଛନ୍ତି। ପରବର୍ତ୍ତୀ ସମୟରେ ସଂକ୍ରମିତ ଦେଶଗୁଡ଼ିକର ରେକର୍ଡକୁ ସମୀକ୍ଷା କଲେ ତଥ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିପାରେ ବୋଲି ସେ କହିଛନ୍ତି। ଡବ୍ଲ୍ୟୁଏଚ୍‌ଓର ଫଣ୍ଡ କାଟିବା ବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଚାଇନା ମୃତ୍ୟୁସଂଖ୍ୟା ଲୁଚାଉଥିବା ନେଇ କହିଥିଲେ। ଆଗାମୀ ଦିନରେ ଏନେଇ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ ବୋଲି ମଧ୍ୟ ଆମେରିକା ଚେତାବନୀ ଦେଇଥିଲା। ଏହାର ଦିନକ ପରେ ଚାଇନାର ଉହାନରେ କରୋନା ମୃତ୍ୟୁ ସଂଖ୍ୟା ୫୦ ପ୍ରତିଶତ ବୃଦ୍ଧି ପାଇଥିଲା।

୭୦ ଗାଡ଼ି ଜବତ, ୧.୪୦ ଲକ୍ଷ ଜରିମାନା

ଢେଙ୍କାନାଳ ଅଫିସ, ୧୮।୪: ଡାକବାଜି ଯନ୍ତ୍ର ସହାୟତାରେ ପ୍ରଚାର, ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯିବା ସତ୍ତ୍ୱେ ଢେଙ୍କାନାଳ ସହରରେ ଅମାନିଆ ବାଇକ୍ ଚାଳକଙ୍କ ଉତ୍ପାତ କମୁନାହିଁ। ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ସେମାନେ ମନଇଚ୍ଛା ବୁଲୁଛନ୍ତି। ଏପରି ଗାଡ଼ି ଚାଳକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି ଢେଙ୍କାନାଳ ପୋଲିସ। ଶନିବାର ସହରର ବିଭିନ୍ନ ସ୍ଥାନରୁ ୭୦ ବାଇକ୍ ଜବତ କରାଯିବା ସହ ୯ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୧ଲକ୍ଷ ୪୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଜବତ ଗାଡ଼ିଗୁଡ଼ିକୁ ଥାନାକୁ ଅଣାଯାଇଥିବା ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

ବାପାଙ୍କ ଅନ୍ତ୍ୟେଷ୍ଟି ସାରି କାର୍ଯ୍ୟକୁ ଫେରିଲେ ଏଏସ୍‌ଆଇ

ପାଲଲହଡା, ୧୮।୪(ଡି.ଏନ.ଏ.)

ଉଦାହରଣ ସୃଷ୍ଟି କଲେ କରୋନା ଯୋଦ୍ଧା

ପ୍ରଦୀପ କୁମାର ପଟ୍ଟନାୟକ

ମହାମାରୀ କରୋନା ମୁକାବିଲା କ୍ଷେତ୍ରରେ ଅନ୍ୟତମ ଯୋଦ୍ଧା ସାଜିଥିବା ଜଣେ ପୋଲିସ ଏଏସ୍‌ଆଇ ବାପାଙ୍କ ଅନ୍ତ୍ୟେଷ୍ଟି ଶେଷକରି ତୁରନ୍ତ କାର୍ଯ୍ୟକୁ ଫେରିବା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏହି ପୋଲିସ କର୍ମଚାରୀ ହେଲେ ଅନୁଗୋଳ ଜିଲା ପାଲଲହଡା ଥାନା ଏଏସ୍‌ଆଇ ପ୍ରଦୀପ କୁମାର ପଟ୍ଟନାୟକ।

ଗତ ୧୫ ତାରିଖରେ ଏଏସ୍‌ଆଇ ପଟ୍ଟନାୟକ ଡ୍ୟୁଟି କରୁଥିବା ବେଳେ ରାତି ପ୍ରାୟ ୧୦ଟାରେ ତାଙ୍କ ବାପା ଦାଶରଥି ପଟ୍ଟନାୟକଙ୍କ ପରଲୋକ ହୋଇଯାଇଥିବା ଖବର ପାଇଥିଲେ। ବଡ଼ପୁଅ ହୋଇଥିବାରୁ ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରିବାକୁ ସେ ନିଜ ଗ୍ରାମ ଢେଙ୍କାନାଳ ଜିଲା ଦୁଦୁରକୋଟ ଯାଇଥିଲେ। ତେବେ ବାପାଙ୍କ ମୃତ୍ୟୁର ମାତ୍ର ୩୬ ଘଣ୍ଟା ମଧ୍ୟରେ ସେ ପୁନର୍ବାର କାର୍ଯ୍ୟକ୍ଷେତ୍ରକୁ ଫେରି ଆସିଥିଲେ। ପୋଲିସ ବିଭାଗରୁ ଅବସର ନେଇଥିବା ବାପା ସଦାବେଳେ ଲୋକଙ୍କ ସେବାପାଇଁ ପ୍ରେରଣା ଦେଉଥିଲେ ବୋଲି ଏଏସ୍‌ଆଇ ପଟ୍ଟନାୟକ କହିଛନ୍ତି।

ବିଶ୍ରାରେ ପୁଣି ବଢ଼ିଲା କଣ୍ଟେନମେଣ୍ଟ ଅବଧି

ସୁନ୍ଦରଗଡ଼,୧୮।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବିଶ୍ରାରେ ଲାଗୁ ହୋଇଥିବା କଣ୍ଟେନମେଣ୍ଟ ଅବଧିକୁ ଜିଲା ପ୍ରଶାସନ ପକ୍ଷରୁ ଆହୁରି ୪୮ ଘଣ୍ଟାକୁ ବୃଦ୍ଧି କରାଯାଇଛି । ସେହି ଅଞ୍ଚଳରେ ୨ଜଣଙ୍କ ଠାରେ କରୋନା ପଜିଟିଭ ଚିହ୍ନଟ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ୧୨ ତାରିଖରେ ପ୍ରଥମ କରି ସଂପୃକ୍ତ ଅଞ୍ଚଳକୁ ୪୮ଘଣ୍ଟା ପାଇଁ କଣ୍ଟେନମେଣ୍ଟ ପାଇଁ ଘୋଷଣା କରାଯାଇଥିଲା । ଏହା ପରେ ଦ୍ୱିତୀୟ ଓ ତୃତୀୟ ଥର ପାଇଁ ଏହି ଅବଧିକୁ ବୃଦ୍ଧି କରାଯାଇଥିଲା । ପରେ ଶନିବାର ଏହି ଅବଧିକୁ ୨୦ ତାରିଖ ପର୍ଯ୍ୟନ୍ତ ପୁଣି ବୃଦ୍ଧି କରାଯାଇଛି ।

ହୋଟେଲ ଉପରକୁ ମାଡ଼ିଗଲା ଟ୍ରକ୍

ବୌଦ୍ଧ, ୧୮।୪(ସ୍ୱ.ପ୍ର.)

ବୌଦ୍ଧ ସହରର ପୂରୁଣା ବ୍ଲକ ଛକଠାରେ ଥିବା ଏକ ହୋଟେଲ ଉପରକୁ ଶନିବାର ଏକ ଟ୍ରକ ମାଡି ଯାଇଥିଲା। ଟ୍ରକ ହୋଟେଲର ଟିଣଛାତ ଓ କାନ୍ଥରେ ମାଡ ହୋଇ ଅଟକି ଯାଇଥିଲା। ଦୁର୍ଘଟଣାରେ କେହି ଆହତ ହୋଇ ନାହାନ୍ତି। ତେବେ ଲକ୍‌ଡାଉନ ଯୋଗୁଁ ହୋଟେଲ ବନ୍ଦ ଥିବାରୁ ଏକ ବଡ ଦୁର୍ଘଟଣାରୁ ରକ୍ଷା ମିଳିଛି। ପୋଲିସ ଗାଡିକୁ ଜବତ କରଛି। ପ୍ରକାଶ ଯେ, ଖୋଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥରେ ବଲାଙ୍ଗୀର ପଟରୁ ଆସୁଥିବା ଟ୍ରକ(ଏମପି୩୮ଏଚ୧୨୩୯) ଦ୍ରୁତ ଗତି ଯୋଗୁଁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଲକ୍‌ଡାଉନ ସ୍ଥିତି ପରଖିଲେ ଡିଜିପି

ଜୟପୁର,୧୮।୪(ଡି.ଏନ୍.ଏ./ନି.ପ୍ର.)

ଡିଜିପି ବିଭାଗୀୟ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ପୋଲିସ ମହାନିର୍ଦ୍ଦେଶକ ଅଭୟ ଶନିବାର କୋରାପୁଟ ଜିଲା ଗସ୍ତରେ ପହଞ୍ଚି ଲକ୍‌ଡାଉନ ସ୍ଥିତି ସମୀକ୍ଷା କରିଛନ୍ତି। ପୂର୍ବାହ୍ନରେ କୋରାପୁଟ ସଦରସ୍ଥିତ ସୀମା ସୁରକ୍ଷା ବାହିନୀର ସେକ୍ଟର ପଡ଼ିଆରେ ହେଲିକପ୍ଟର ଯୋଗେ ପହଞ୍ଚିଥିଲେ। ସେଠାରୁ କୋରାପୁଟ ସଦର ଓ ଟାଉନଥାନା ପରିଦର୍ଶନ କରିଥିଲେ ପୋଲିସ ଡିଜି। ଆଇନ ଶୃଙ୍ଖଳା, ମାଓବାଦୀ ଗତିବିଧି, କରୋନା ମୁକାବିଲା ପାଇଁ ସ୍ଥାନୀୟ ପୋଲିସ କିପରି କାର୍ଯ୍ୟ କରୁଛି, ତାହାର ତଦାରଖ କରିଛନ୍ତି ଡିଜି। ରାସ୍ତା ଓ ଚେକପୋଷ୍ଟରେ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଓ ଗୃହରକ୍ଷୀଙ୍କ ସହ ମଧ୍ୟ ସେ ଆଲୋଚନା କରିଥିଲେ। ସେହିପରି ଜିଲା ପୋଲିସ ପକ୍ଷରୁ ଚାଲିଥିବା କଲ୍ୟାଣ ଯୋଜନାର ସମୀକ୍ଷା ମଧ୍ୟ କରିଥିଲେ। କୋରାପୁଟ ଜିଲାର ଉଭୟ ପଟେ ଦୁଇଟି ରାଜ୍ୟର ସୀମା ରହୁଥିବା ଯୋଗୁ ଆଗାମୀ ଦିନରେ ନିରାପତ୍ତା ଦାୟିତ୍ୱ ଅଧିକ ରହିବ ବୋଲି

କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କ ଭିତରେ ଭରିଲେ ଉତ୍ସାହ

ଡିଜି ଅଭୟ କହିଥିଲେ। ଏହି ଅବସରରେ ତୃତୀୟ ଓଏସ୍‌ଏପି, ୭ମ ଆଇଆର ବାଟାଲିୟନ ଭଳି ବିଭିନ୍ନ ପୋଲିସ ବାରାକ୍ ବୁଲି ଦେଖିଥିଲେ। ଏହାସହ ଲକ୍‌ଡାଉନରେ ଜିଲାରେ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ସେ ଉତ୍ସାହିତ ମଧ୍ୟ କରିଥିଲେ। ତାଙ୍କ ଗସ୍ତ ସମୟରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ସାଫିନ ଅହମ୍ମଦ କେ., ଏସ୍‌ପି ମୁକେଶ କୁମାର ଭାମୋ ଉପସ୍ଥିତ ଥିଲେ। ଗସ୍ତକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।

କ୍ୱାରାଣ୍ଟାଇନରେ ୨ ଅଧିକାରୀ

ଜୟପୁର,୧୮।୪(ଡି.ଏନ୍.ଏ.)

କୋରାପୁଟ ଜିଲାରେ କାର୍ଯ୍ୟରତ ଦୁଇ ଅଧିକାରୀ ଏବେ ହୋମ କ୍ୱାରାଣ୍ଟାଇନରେ। ଜିଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ ମହାନ୍ତି ଓ ଜୟପୁର ଷ୍ଟେଶନରେ କାର୍ଯ୍ୟରତ ଆରପିଏଫ ଏସ୍‌ଆଇ ଏ.କେ. ମିଶ୍ରଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଛି। ଜୟପୁର କୋଭିଡ ନୋଡାଲ ଅଧିକାରୀ ସୁବାସ ଚନ୍ଦ୍ର ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ମେଡିକାଲ ଟିମ୍ ଉଭୟ ଅଧିକାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ୧୪ ଦିନିଆ ହୋମ କ୍ୱାରାଣ୍ଟାଇନରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜିଲା ମୁଖ୍ୟ କୃଷି ଅଧିକାରୀ ଗତ ୨୮ରୁ ଭୁବନେଶ୍ୱରରେ ଥିବାବେଳେ ଗତ ଶୁକ୍ରବାର ଜୟପୁର ଫେରିଥିଲେ। ଆରପିଏଫ୍ ଏସ୍‌ଆଇ ନିଜ ବାସସ୍ଥାନ ଉତ୍ତରପ୍ରଦେଶରୁ ମାଲବାହୀ ଗାଡ଼ି ଯୋଗେ ଗତ ଗୁରୁବାର ଜୟପୁର ଷ୍ଟେଶନ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେହିପରି ସମବାୟ ବ୍ୟାଙ୍କର ଜଣେ ଅଧିକାରୀ ନିଜ ଡ୍ରାଇଭରଙ୍କ ସହ ଗତ ସପ୍ତାହରେ ଭୁବନେଶ୍ୱରରୁ ଫେରିଛନ୍ତି। ଏହାର ଯାଞ୍ଚ କରାଯାଇ ସେମାନଙ୍କୁ କ୍ୱାରାଣ୍ଟାଇନରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯିବ ବୋଲି ନୋଡାଲ ଅଧିକାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, କୋରାପୁଟ ଜିଲାର ୨୩୮ ନମୁନାରୁ ୯୪ ଜଣଙ୍କ ରିପୋର୍ଟ ଆସିଥିବା ବେଳେ ସମସ୍ତଙ୍କ ନେଗେଟିଭ ଥିବା ସିଡିଏମ୍‌ଓ ଡା. ମକରାନନ୍ଦ ବେଉରା କହିଛନ୍ତି।

ସୁନ୍ଦରଗଡ଼ରେ ୨୦୦ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ହସ୍ପିଟାଲ

ସୁନ୍ଦରଗଡ଼,୧୮।୪(ଡି.ଏନ୍.ଏ.)

ସୁନ୍ଦରଗଡ଼ରେ ନିର୍ମାଣାଧୀନ ମେଡିକାଲ କଲେଜ ଓ ହସ୍ପିଟାଲରେ ୨୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ କେୟାର ୱାର୍ଡର କାମ ସରିଛି। ଏହି ହସ୍ପିଟାଲକୁ ଜିଲା ପ୍ରଶାସନକୁ ହସ୍ତାନ୍ତର କରାଯାଇଛି । ଏଥିରେ ଥିବା ୧୪ଟି ୱାର୍ଡରେ ୧୮ଟି କୋଠରି ରହିଛି। ପ୍ରତି କୋଠରିରେ ୧୨ଟି ଲେଖାଏଁ ବେଡ୍ ଯୋଗାଇ ଦେବା ସହ ନିୟୋଜିତ ମେଡିକାଲ କର୍ମଚାରୀଙ୍କ ସକାଶେ ସ୍ୱତନ୍ତ୍ର ଗୃହ ରହିଛି । ଏହି ପ୍ରକଳ୍ପରେ କାର୍ଯ୍ୟରତ ଏନ୍‌ଟିପିସିର ସମସ୍ତ କର୍ମଚାରୀମାନେ ଗୋଟିଏ ଦିନର ଦରମା ଓ ଅଭିଳାଷ ଲେଡିସ କ୍ଲବର ସଦସ୍ୟାମାନେ ୧ଲକ୍ଷ ଟଙ୍କା ପ୍ରଧାନମନ୍ତ

ଦୂରେ ଥାଇ ବି ପାଖରେ

ବର୍ତ୍ତମାନ କରୋନାର କରାଳ ରୂପ ସମଗ୍ର ପୃଥିବୀବାସୀଙ୍କ ଲାଗି ମହାବିପତ୍ତି ସାଜିଛି। ସୁରକ୍ଷା ଦୃଷ୍ଟିରୁ ମଣିଷ ଏକ ପ୍ରକାର ଗୃହବନ୍ଦୀ ହୋଇରହିଛି ଏବଂ ଦୂରରେ ଥିବା ଆପଣାର ଲୋକ ହୁଅନ୍ତୁ ଅବା ବନ୍ଧୁ ପରିଜନଙ୍କ ସହ ଭେଟିବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ତେବେ ଏଭଳି ପରିସ୍ଥିତିରେ ଦୂରରେ ଥିଲେ ମଧ୍ୟ ନିକଟରେ ଥିବାର ଅନୁଭବ ଦେଉଛି ଭିଡିଓ କଲିଂ...

କରୋନା ମହାମାରୀଠାରୁ ରକ୍ଷାପାଇବା ଲାଗି ଲକ୍‌ଡାଉନ୍ ଚାଲିଥିବାରୁ ସମସ୍ତେ ଘରେ ରହୁଛନ୍ତି। ଅଧିକାଂଶ କର୍ମଜୀବୀଙ୍କୁ ମଧ୍ୟ ୱାର୍କ ଫ୍ରମ୍ ହୋମ୍ ବା ଘରେ ରହି ଅଫିସ୍ କାମ କରିବାକୁ ପଡୁଛି। ଏମିତି କି ବାହାରେ ରହୁଥିବା ଅନେକଙ୍କ ପରିବାର ସଦସ୍ୟ ଏବେ ଘରକୁ ମଧ୍ୟ ଫେରି ପାରୁ ନାହାନ୍ତି। ପରିବାର, ଆତ୍ମୀୟ ସ୍ୱଜନ, ସାଙ୍ଗସାଥୀ ତଥା ପରିଚିତଙ୍କ ସହ ସାକ୍ଷାତ ହୋଇପାରୁନାହିଁ। ହେଲେ ଏଭଳି ପରିସ୍ଥିତିରେ ଯେତେ ଦୂରରେ ଥିଲେ ସୁଦ୍ଧା ପରସ୍ପରକୁ ଆଖି ଆଗରେ ଦେଖି କଥା ହେବାର ସୁବିଧା ଯୋଗାଇ ଦେଉଛି ବିଭିନ୍ନ ଭିଡିଓ କଲିଂ ଆପ୍। ଯଦିଓ ଏହାଦ୍ୱାରା ଦୂରରେ ଥିଲେ ମଧ୍ୟ ନିକଟରେ ଥିବାର ଅନୁଭବ ଦେଉଥିବାରୁ ଅଧିକାଂଶ ଏହାକୁ ବେଶ୍ ପସନ୍ଦ କରୁଛନ୍ତି, ହେଲେ ଏହାକୁ ବ୍ୟବହାର କରିବା ସମୟରେ ମଧ୍ୟ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଆବଶ୍ୟକ...

- ଭିଡିଓ ଚାଟିଂ ବା କଲିଂ କରିବାର ସବୁଠୁ ବଡକଥା ହେଉଛି କୌଣସି ରେଜିଷ୍ଟର୍ଡ ସାଇଟ୍ ବ୍ୟବହାର କରିବା। କାରଣ ଅନ୍‌ଲାଇନ୍‌ରେ ଡାଟା ଚୋରିହେବା ସହ ବିଭିନ୍ନ ପ୍ରକାରର ସାଇବର କ୍ରାଇମ୍‌ର ନଜିର ରହିଛି। ତେଣୁ ଏକ ସୁରକ୍ଷିତ ସାଇଟ୍‌ରେ ଆକାଉଣ୍ଟ ଖୋଲନ୍ତୁ ଏବଂ ପାସୱାର୍ଡକୁ ଗୋପନ ରଖନ୍ତୁ।
- ଭିଡିଓ ଚାଟିଂ ଦୂରରେ ଥିବା ପରିବାର ଲୋକ, ବନ୍ଧୁ କିମ୍ବା ପରିଚିତମାନଙ୍କ ମଧ୍ୟରେ ସୀମିତ ରଖନ୍ତୁ। ଅନ୍‌ଲାଇନ୍ ଫ୍ରେଣ୍ଡ ହୋଇଥିବା ଅଜଣା ବ୍ୟକ୍ତିଙ୍କ ସହ ଭିଡିଓ କଲିଂ ନିରାପଦ ନୁହେଁ। କାରଣ ପରବର୍ତ୍ତୀ ସମୟରେ କେବେ ଏହି ଭିଡିଓର ଅପବ୍ୟବହାର ଯୋଗୁ ବିଭିନ୍ନ ସମସ୍ୟା ଉପୁଜିବାର ଆଶଙ୍କା ରହିଛି।
- ତା'ଛଡା ମନେରଖନ୍ତୁ ଯଦି କୌଣସି ଅପରିଚିତଙ୍କ ସହ ଅନ୍‌ଲାଇନରେ ବନ୍ଧୁତା ହୋଇଥାଏ ଏବଂ ଭିଡିଓ ଚାଟିଂ କରୁଥାନ୍ତି ତେବେ ତାଙ୍କର କୌଣସି କଥାରେ ପ୍ରଭାବିତ ହୋଇ କିମ୍ବା ଭାବପ୍ରବଣ ହୋଇ ନିଜର ସମସ୍ତ ବ୍ୟକ୍ତିଗତ ତଥ୍ୟ ଦେଇଦେବାର ଭୁଲ୍ ଆଦୌ କରନ୍ତୁ ନାହିଁ। ନଚେତ୍ ଏହା ମଧ୍ୟ କୌଣସି ଅସୁବିଧା ଉପୁଜାଇପାରେ।
- ଅଡିଓ ହେଉ ଅବା ଭିଡିଓ ହେଉ ପ୍ରତ୍ୟେକ କଲ୍ ରେକର୍ଡ ହୋଇଥାଏ। ତେଣୁ ଏହାକୁ ବ୍ୟବହାର କରିବା ସମୟରେ ଏଭଳି କିଛି କଥା କୁହନ୍ତୁ ନାହିଁ, ଯେଉଁଥିପାଇଁ ଆପଣଙ୍କୁ ପରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡିପାରେ।
- ବିଶେଷ କରି ଭିଡିଓ କଲିଂ ପାଇଁ ହ୍ୱାଟ୍ସଆପ୍ ଭଳି ସୋସିଆଲ୍ ମିଡିଆ ବ୍ୟବହାର କରୁଥିଲେ କରୋନା ସମ୍ପର୍କିତ କୌଣସି ଭୁଲ୍ କଥା ନ କହିବା ପ୍ରତି ସଜାଗ ରୁହନ୍ତୁ। କାରଣ ଏନେଇ ସରକାରଙ୍କ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ ବୋଲି ସୂଚନା ଦିଆଯାଉଛି।
- ଯାହା ସହ ଭିଡିଓ କଲିଂ କରୁଛନ୍ତି ତାଙ୍କ ବୟସ ଅନୁସାରେ ନିଜ କଥାବାର୍ତ୍ତା ଶୈଳୀ ଉପରେ ଗୁରୁତ୍ୱ ଦିଅନ୍ତୁ।
- ଯଦି ପରିବାରର ଅନ୍ୟ ସଦସ୍ୟମାନେ ଆପଣଙ୍କ ସହ ଭିଡିଓ କଲିଂରେ ସାମିଲ ହେଉଛନ୍ତି ତେବେ ଏଥିପାଇଁ ବେଡ୍‌ରୁମ୍ ପରିବର୍ତ୍ତେ ଡ୍ରଇଂ ରୁମ୍ କିମ୍ବା କମନ୍‌ରୁମ୍ ବାଛନ୍ତୁ। ହେଲେ ଯଦି କଲ୍ ପର୍ସନାଲ୍ ତେବେ ଘରେ ଅନ୍ୟମାନଙ୍କୁ ଡିଷ୍ଟର୍ବ ନ କରି ଏକା ବେଡ୍‌ରୁମ୍ କିମ୍ବା ଘରର ଅନ୍ୟ ସୁବିଧାଜନକ ସ୍ଥାନ ବାଛନ୍ତୁ।
- ଯଦି ଆପଣ ୱାର୍କ ଫ୍ରମ ହୋମ୍ କରୁଛନ୍ତି ଏବଂ ଆପଣଙ୍କୁ ଅଫିସିଆଲ୍ କାମ ଭିଡିଓ କଲିଂର ଆବଶ୍ୟକତା ପଡୁଛି ତେବେ, ଘରେ ଏଭଳି ସ୍ଥାନ ବାଛନ୍ତୁ ଯେଉଁଠି କଲ୍ ସମୟରେ ଅନ୍ୟ କୌଣସି ଶବ୍ଦ ନ ଆସେ। ଆଉ ଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅଫିସିଆଲ୍ ଭିଡିଓ କଲିଂ ଲାଗି ସବୁବେଳେ ପ୍ଲେନ୍ କାନ୍ଥକୁ ବ୍ୟାକ୍‌ଗ୍ରାଉଣ୍ଡ ଭାବେ ବାଛନ୍ତୁ।
- ଯେହେତୁ କରୋନା ଲାଗି ବର୍ତ୍ତମାନ ଲକ୍‌ଡାଉନ୍ ଘୋଷଣା ହୋଇଥିବାରୁ ସମସ୍ତେ ଘରେ ରହୁଛନ୍ତି, ଏମିତି ସମୟ ହ୍ୟାକରମାନଙ୍କ ଲାଗି ସୁବିଧାଜନକ। ମନେରଖନ୍ତୁ ଯଦି ଆପଣ ଏଥିପାଇଁ ୱେବ୍ କ୍ୟାମେରା ବ୍ୟବହାର କରୁଛନ୍ତି ତେବେ ଏଥିପ୍ରତି ସତର୍କତା ଅବଲମ୍ବନ କରନ୍ତୁ। କାରଣ କ୍ୟାମେରା ଟ୍ୟାପ୍ କରି ହ୍ୟାକର କିମ୍ବା ଚୋରମାନେ ଆପଣଙ୍କ ଘର ଉପରେ ନଜର ରଖିପାରନ୍ତି ଏବଂ ପରବର୍ତ୍ତୀ ସମୟରେ ଏହାକୁ ବ୍ୟବହାର କରି ଚୋରି, ଡକାୟତି ମଧ୍ୟ କରିପାରନ୍ତି।

ପ୍ରଜ୍ଞା

କ'ଣ କୁହନ୍ତି ଏମାନେ...

ପ୍ରଜ୍ଞା ପାରମିତା ସେନାପତି(ଫୁଲନଖରା, କଟକ)–
ନିଶ୍ଚିତ ଭାବେ ଭିଡିଓ କଲିଂର ସୁବିଧା ଥିବାରୁ ସମସ୍ତଙ୍କ ଲାଗି ନିଜ ଆତ୍ମୀୟ କିମ୍ବା ବନ୍ଧୁମାନଙ୍କ ମଧ୍ୟରେ ଦୂରତା ଏତେଟା କଷ୍ଟଦାୟକ ହେଉନି। କରୋନା ଲାଗି ମୋର ବିବାହ ସ୍ଥଗିତ କରିବାକୁ ପଡିଲା, ହେଲେ ଏ ସମୟରେ ଭିଡିଓ କଲିଂ ଦ୍ୱାରା ଉଭୟ ପରିବାର ଯୋଗାଯୋଗରେ ରହିପାରୁଛୁ। ତା'ଛଡ଼ା ଘରେ ରହି ରହି ବୋର୍ ଲାଗୁଥିବାରୁ ଅନେକ ସମୟରେ ସାଙ୍ଗସାଥୀମାନେ ଗ୍ରୁପ୍ ଭିଡିଓ ଚାଟ୍ କରି ଖୁବ୍ ମଜାରେ ଟାଇମ୍ ପାସ୍ କରୁଛୁ। ତେବେ ଏଥିପାଇଁ ଏଣୁତେଣୁ ସାଇଟ୍ ବଦଳରେ କେବଳ ରେଜିଷ୍ଟର୍ଡ ସାଇଟ୍ ବ୍ୟବହାର କରୁଛି।

ରାକେଶ

ରାକେଶ କୁମାର ଦାସ(କର୍ମଜୀବୀ, ମସୌରୀ, ଉତ୍ତରାଖଣ୍ଡ)–
ଜୀବନକାଳ ଭିତରେ କରୋନା ଭଳି ଏକ ବିଶ୍ୱବ୍ୟାପୀ ମହାମାରୀ ଦେଖିବାକୁ ପଡ଼ିବ କେବେ ପରିକଳ୍ପନା କରି ନ ଥିଲି। ଏଥିରୁ ସୁରକ୍ଷିତ ରହିବା ଲାଗି ଲକ୍‌ଡାଉନ୍ ଚାଲିଥିବାରୁ ଭୁବନେଶ୍ୱରରେ ଥିବା ନିଜ ଘରକୁ ମଧ୍ୟ ଫେରିପାରିନାହିଁ। ତେଣୁ ଦିନ ମଧ୍ୟରେ ଅତି କମ୍‌ରେ ୩–୪ ଥର ଭିଡିଓ କଲିଂରେ କଥା ହେଉଛି। ଏହାଦ୍ୱାରା ପରିବାର ଲୋକଙ୍କର ମୋ ପାଇଁ ଥିବା ଟେନ୍‌ସନ୍ କିଛି ମାତ୍ରାରେ କମ୍ ହୋଇପାରୁଛି। ଏହାବ୍ୟତୀତ ବାହାରକୁ ଯାଇ ହେଉ ନ ଥିବାରୁ ଅନେକ ସମୟରେ ଅଫିସ କାମ ଲାଗି ମଧ୍ୟ ଭିଡିଓ କଲିଂ ବେଶ୍ କାମରେ ଆସୁଛି।

ଏ ସପ୍ତାହର ପ୍ରଶ୍ନ

୧– ଭାରତର ମୁଖ୍ୟ ଇଲେକ୍ସନ କମିଶନରଙ୍କୁ..... ନିଯୁକ୍ତି ଦେଇଥାନ୍ତି ?
୨–ଇନ୍‌ଟ୍ରୋଡକ୍ସନ ଟୁ ଦ କନ୍‌ଷ୍ଟିଚ୍ୟୁଶନ ଅଫ ଇଣ୍ଡିଆର ଲେଖକ..... ?
୩– ଭାରତରେ ପ୍ରଥମ ରେଳ ଲାଇନ..... ମସିହାରେ ଆରମ୍ଭ ହୋଇଥିଲା ?
୪– ଭାରତର ଗଭୀରତମ ସ୍ୱିମିଙ୍ଗ୍‌ପୁଲ..... ?
୫– ବର୍ଡର ରୋଡ ଅର୍ଗାନାଇଜେଶନର ଡାଇରେକ୍ଟର ଜେନେରାଲ..... ?

ଗତ ଥରର ଉତ୍ତର

୧ – ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ଫିଫ୍‌ଟି
୨ – ମାର୍ଚ୍ଚ ୨୨
୩ – ଶୁକ୍ରାଣୁ
୪ – ଜାମନଗର ତୈଳ ବିଶୋଧନାଗାର, ଗୁଜରାଟ
୫ – ଚିତ୍ରକର

ଉତ୍ତର ଦାତା

ନରେଶ କୁମାର କର,
ହାଇଦ୍ରାବାଦ

ପ୍ରତାପ କୁମାର ମହାନ୍ତି,
ବାଲେଶ୍ୱର

ସୂଚନା: ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ–ମେଲ୍ ଠିକଣା: dharitriagamiasha @gmail.com

ଟପ୍ ୧୦

ପୃଥିବୀର ସୌନ୍ଦର୍ଯ୍ୟମୟ ଉଦ୍ୟାନ

୧– କେନ୍‌ରୋକୁଏନ..... ଜାପାନ
୨– କେଉକେନ୍‌ହଫ୍..... ନେଦରଲାଣ୍ଡ
୩– ନଙ୍ଗ୍ ନୁଚ୍ ଟ୍ରପିକାଲ ବଟାନିକାଲ ଗାର୍ଡେନ..... ଥାଇଲାଣ୍ଡ
୪– ଭର୍ସେନ୍ସ ଅଫ୍ ଭର୍ସାଇଲେସ୍..... ଫ୍ରାନ୍ସ
୫– କିୟୁ ରୟାଲ ବଟାନିକ ଗାର୍ଡେନ..... ଲଣ୍ଡନ
୬– ବ୍ରୁକ୍‌ଲିନ୍ ବଟାନିକ ଗାର୍ଡେନ..... ନ୍ୟୁୟର୍କ
୭– ଜାର୍ଡିନ ମେଜୋରେଲେ..... ମୋରୋକୋ
୮– କିର୍‌ଷ୍ଟେନବସ୍କ ନ୍ୟାଶନାଲ ବଟାନିକାଲ ଗାର୍ଡେନ..... ସାଉଥ୍ ଆଫ୍ରିକା
୯– ଭିଲା ଡିଇଷ୍ଟେ..... ଇଟାଲୀ
୧୦– ସମର ପ୍ୟାଲେସ୍..... ଚାଇନା

ଚାକିରି ଚିନ୍ତା

ଏବେ ଲକ୍‌ଡାଉନ୍ ଚାଲିଥିବାରୁ କେତେକ ଯୁବପିଢ଼ି ନିଜର ଚାକିରିକୁ ନେଇ ସନ୍ଦିହାନ ଅବସ୍ଥାରେ ଅଛନ୍ତି। ଲକ୍‌ଡାଉନ୍ ପରେ ସେମାନଙ୍କ ଭବିଷ୍ୟତ କ'ଣ ହେବ ସେ ନେଇ ସେମାନେ ଚିନ୍ତିତ । ଆପଣ ଯଦି ଏଭଳି ଚିନ୍ତାରେ ପଡ଼ିଛନ୍ତି ତେବେ କ'ଣ କରିବେ ସେ ସମ୍ପର୍କରେ ଜାଣିରଖନ୍ତୁ...

- ଆପଣଙ୍କ ମନକୁ ଏଭଳି ଚିନ୍ତା କାହିଁକି ଆସୁଛି ସେ ନେଇ ପ୍ରଥମେ ବିଚାର କରନ୍ତୁ। ଅନ୍ୟ କାହାଠାରୁ ଏପରି କିଛି ଆଭାସ ପାଇଛନ୍ତି ଅବା ନିଜେ ଅଫିସ ପରିସ୍ଥିତିରୁ ବୁଝିପାରୁଛନ୍ତି, ସେନେଇ ପ୍ରଥମେ ସମୀକ୍ଷା କରନ୍ତୁ।
- ନିଜର ସହକର୍ମୀମାନଙ୍କ ସହିତ ଏନେଇ କଥାବାର୍ତ୍ତା କରନ୍ତୁ। ଯଦି ସେପରି କିଛି ସୂଚନା ମିଳି ନ ଥାଏ ତେବେ ଅନାବଶ୍ୟକ ଚିନ୍ତା କରନ୍ତୁ ନାହିଁ।
- ଏଭଳି ସମୟରେ ସକାରାତ୍ମକ ଚିନ୍ତାଧାରା ରଖିବା ନିହାତି ଜରୁରୀ। ନକାରାତ୍ମକ ଚିନ୍ତା ଦୂର କରିବା ପାଇଁ ଆପଣ ଯୋଗ, ବ୍ୟାୟାମ ଆଦି କରନ୍ତୁ। ମନର ଶାନ୍ତି ବଜାୟ ରଖିବା ପାଇଁ ବିଭିନ୍ନ ପ୍ରକାରର ଯୋଗ ରହିଛି, ଯାହାକୁ ଅନ୍‌ଲାଇନ୍ ମାଧ୍ୟମରେ ଦେଖି କରିପାରିବେ।
- ସମୟ ସବୁବେଳେ ସମାନ ରହେନାହିଁ। ଏକଥାକୁ ମନେରଖନ୍ତୁ। କିଛିଦିନ ପରେ ସମୟ ନିଶ୍ଚୟ ପରିବର୍ତ୍ତନ ହେବ।
- ଏସବୁ ପରେ ବି ଆପଣଙ୍କୁ ଚାକିରି ଯିବାର ଚିନ୍ତା ଅଧିକ ମନେହେଲେ ନିଜର ବ୍ୟକ୍ତିତ୍ୱ କଥା ଚିନ୍ତା କରନ୍ତୁ। କେଉଁ ସବୁ କାମ ପାଇଁ ଆପଣଙ୍କର ପ୍ରତିଭା ରହିଛି ଓ ଆପଣ କାହାଠାରୁ ସାହାଯ୍ୟ ପାଇପାରିବେ ସେନେଇ ବିଚାର କରି ନିଜର ଭବିଷ୍ୟତ ଯୋଜନା ବି ପ୍ରସ୍ତୁତ କରନ୍ତୁ।

କ୍ରୋଧ ନିୟନ୍ତ୍ରଣ କରନ୍ତୁ

କ୍ରୋଧ ମଣିଷର ସବୁଠୁ ବଡ଼ ଶତ୍ରୁ । ତେଣୁ କ୍ରୋଧ ଉପରେ ନିୟନ୍ତ୍ରଣ ରଖି ଯେ କୌଣସି କାମ କଲେ ସଫଳତା ନିଶ୍ଚୟ ମିଳିବ। ଆଉ ଯୁବପିଢ଼ି ତ ନିଶ୍ଚିତଭାବେ କ୍ରୋଧ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିବା ଆବଶ୍ୟକ। ତେବେ ଜାଣି ରଖନ୍ତୁ ଏହା କିପରି କରିବେ...

- ପ୍ରତିଦିନ କିଛି ସମୟ ପାଇଁ ନିଶ୍ଚିତରୂପେ ଧ୍ୟାନ, ଯୋଗ ଆଦି କରନ୍ତୁ। ଏହି ସମୟରେ ଏକାନ୍ତରେ ରହି କେବଳ ନିଜ କଥା ଚିନ୍ତାକରି ମାନସିକ ଶାନ୍ତି ଅନୁଭବ କରିବାକୁ ଚେଷ୍ଟା କରନ୍ତୁ।
- ନିଜର ବନ୍ଧୁ ଏବଂ ସମ୍ପର୍କୀୟମାନଙ୍କ ସହ କଥା ହୁଅନ୍ତୁ ଓ ସେମାନଙ୍କ ସୁଖ ଦୁଃଖରେ ସାମିଲ ହୁଅନ୍ତୁ। ଯଥାସମ୍ଭବ ଅନ୍ୟ ସମସ୍ତଙ୍କ ମନରେ ସକାରାତ୍ମକ ଚିନ୍ତାଧାରା ନିମନ୍ତେ ପ୍ରେରଣା ଦିଅନ୍ତୁ।
- ନିଜର ଆତ୍ମବିଶ୍ୱାସକୁ ଦୃଢ଼ କରନ୍ତୁ। ପ୍ରତ୍ୟେକ ପରିସ୍ଥିତିରେ ଆପଣ ଖାପଖୁଆଇ ଚାଲିପାରିବେ ଏହି ବିଶ୍ୱାସ ରଖନ୍ତୁ।
- ପରିବାରର ସବୁ ଲୋକଙ୍କ ସହ ସମୟ ବିତାନ୍ତୁ। ପିଲାମାନଙ୍କ ସହ ଇନ୍‌ଡୋର ଗେମ୍ ଖେଳନ୍ତୁ। ବଡ଼ମାନଙ୍କ ସହ ବିଭିନ୍ନ ବିଷୟରେ ପରାମର୍ଶ କରନ୍ତୁ।
- ଯଦି ଘରୁ ବାହାରି ପାରୁନାହାନ୍ତି ତେବେ ଘର ଭିତରେ ଅତି କମ୍‌ରେ ଦଶ ହଜାର ଷ୍ଟେପ ନିଶ୍ଚୟ ଚାଲନ୍ତୁ।
- ଯଦି ୱାକ୍ ଫ୍ରମ୍ ହୋମ୍ ବା ଘରୁ କାମ କରୁଛନ୍ତି ତେବେ ସବୁଦିନ ଅଫିସରେ ଥିବା ଭଳି କାମ କରନ୍ତୁ। ବିଛଣାରେ ଶୋଇ ରହି କାମ କରନ୍ତୁ ନାହିଁ। ଏହା ଫଳରେ ନିଷ୍ଠାର ସହ କାମରେ ମନ ଲାଗିବ ନାହିଁ।
- ନିଜର ସ୍ୱାସ୍ଥ୍ୟ ଏବଂ ସୌନ୍ଦର୍ଯ୍ୟ ପ୍ରତି ଧ୍ୟାନଦେବାକୁ ଭୁଲନ୍ତୁ ନାହିଁ। ସମୟ ବାହାର କରି ମସାଜ୍ ଫେସିଆଲ୍ ଆଦି କରନ୍ତୁ। ଏହାଫଳରେ ସବୁ ସମୟରେ ଫ୍ରେଶ୍ ଅନୁଭବ କରିବେ।
- ବହୁ ପ୍ରୟାସ କରିବା ସତ୍ତ୍ୱେ ଯଦି ଆପଣଙ୍କର କ୍ରୋଧ କମ୍ ହେଉନାହିଁ ତେବେ କୌଣସି ଥେରାପିଷ୍ଟ କିମ୍ବା ମନୋବିଜ୍ଞାନୀଙ୍କ ପରାମର୍ଶ ନିଅନ୍ତୁ।

ମୁକ୍ତାକାଶ କାରାଗ୍ରମରେ ନୂଆ ଜେଲର

ବାରଙ୍ଗ,୧୮।୪(ଡି.ଏନ.ଏ.): ଜାମୁଝରୀସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଗ୍ରମରେ ନୂତନ ଜେଲର ଭାବେ ସସ୍ମିତା ମହାନ୍ତି ଯୋଗ ଦେଇଛନ୍ତି। ସେ ବାଙ୍କୀ ଉପକାରାଗାରରୁ ବଦଳି ହୋଇ ଏଠାକୁ ଆସିଛନ୍ତି। ଏଠାରେ ଥିବା ଜେଲର ସଞ୍ଜୟ ବର୍ମାଙ୍କର ମାଲକାନଗିରିସ୍ଥିତ ସ୍ୱତନ୍ତ୍ର କାରାଗାରକୁ ବଦଳି ହୋଇଛି ବୋଲି ଅଧୀକ୍ଷକ ସତ୍ୟପ୍ରକାଶ ସ୍ୱାଇଁ ପ୍ରକାଶ କରିଛନ୍ତି।

ଲକ୍‌ଡାଉନ୍: କୋହଳ ହେଉଛି ପୋଲିସ

କଟକ ଅଫିସ,୧୮।୪

କରୋନା ସଂକ୍ରମଣ ରୋକିବା ପାଇଁ ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ତରଫରୁ ଲକ୍‌ଡାଉନ୍ ଘୋଷଣା ହୋଇଛି। ପ୍ରଥମେ ଏହାର ଅବଧି ଏପ୍ରିଲ୍ ୧୪ ଯାଏ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ବଢ଼ାଇ ମେ' ୩ ତାରିଖ କରାଯାଇଛି। ଏହି ସମୟରେ କଟକଣାଗୁଡ଼ିକୁ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ରାଜ୍ୟ ପୋଲିସକୁ ଦିଆଯାଇଛି। ହେଲେ ଧୀରେ ଧୀରେ ପୋଲିସ ମଧ୍ୟ କଟକଣା ପାଳନ କରିବାରେ କୋହଳ ହେଉଛି। କାରଣ ଲକ୍‌ଡାଉନ୍ ଆରମ୍ଭ ଦିନଗୁଡ଼ିକରେ

କମିବାରେ ଲାଗିଛି କଟକଣା ଉଲ୍ଲଂଘନ ମାମଲା ଢିଲା ହେଉଛି ପାଟ୍ରୋଲିଂ

ରାଜ୍ୟର ବିଭିନ୍ନ ଥାନାରେ ଯେତିକି ମାମଲା ରୁଜୁ ହେଉଥିଲା, ଗତ କିଛିଦିନ ହେଲା ଏଥିରେ ଦ୍ରୁତ ହ୍ରାସ ହେଉଥିବା ଦେଖିବାକୁ ମିଳିଛି।

ରାଜ୍ୟ ପୋଲିସ ମୁଖ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ଲକ୍‌ଡାଉନ୍‌ର ପ୍ରଥମ ଦିନ ଅର୍ଥାତ୍ ମାର୍ଚ୍ଚ ୨୪ରୁ ୨୫ ତାରିଖ ସକାଳ ଭିତରେ କରୋନାକୁ ନେଇ ଲାଗୁ ହୋଇଥିବା ବିଭିନ୍ନ ପ୍ରକାର କଟକଣା ଉଲ୍ଲଂଘନ ଅଭିଯୋଗରେ ରାଜ୍ୟବ୍ୟାପୀ ବିଭିନ୍ନ ଥାନାରେ ମୋଟ ୧୪୯ ମାମଲା ରୁଜୁ ହୋଇଥିଲା। ସେଥିରୁ କେବଳ ଲକ୍‌ଡାଉନ୍ ଉଲ୍ଲଂଘନ ମାମଲାର ସଂଖ୍ୟା ଥିଲା ୧୩୭। ମାର୍ଚ୍ଚ ୨୫ରୁ ୨୬ ତାରିଖ ସକାଳ ଭିତରେ ୨୪୩ ମାମଲା ରୁଜୁ ହୋଇଥିଲା। ୨୬ତାରିଖ ସକାଳରୁ ୨୭ ତାରିଖ ସକାଳ ଭିତରେ ରେକର୍ଡ଼ ସଂଖ୍ୟକ ୩୬୮ ମାମଲା ରୁଜୁ ହୋଇଥିବା ବେଳେ ୨୭ରୁ ୨୮ତାରିଖ ସକାଳ ଭିତରେ ୩୦୮, ୨୮ରୁ ୨୯ ତାରିଖ ସକାଳ ଭିତରେ ୨୩୮, ୨୯ରୁ ୩୦ ତାରିକ ସକାଳ ଭିତରେ ୨୨୧ ଏବଂ ୩୦ରୁ ୩୧ ତାରିଖ ସକାଳ ଭିତରେ ୧୯୮ଟି ମାମଲା ରୁଜୁ ହୋଇଛି।

ପ୍ରଥମ ପର୍ଯ୍ୟାୟ ଲକ୍‌ଡାଉନ୍ ଶେଷ ହେବା ପୂର୍ବରୁ ଓଡ଼ିଶାରେ ଦ୍ୱିତୀୟ ପର୍ଯ୍ୟାୟ ଘୋଷଣା ହୋଇଥିଲା। କେବଳ ଜିଲା ସୀମାକୁ ସିଲ୍ ଏବଂ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଛାଡ଼ିଲେ, ଅନ୍ୟ ଜାଗାରେ ପୋଲିସକୁ ଦେଖିବାକୁ ମିଳୁନି। ପ୍ରମୁଖ ବଜାର ଏବଂ ଛକରେ ପୋଲିସ ଯାଞ୍ଚ ଆଉ ପୂର୍ବ ଭଳି କଡ଼ାକଡ଼ି ନାହିଁ। ଏହାର ପ୍ରଭାବରେ ରୁଜୁ ହେଉଥିବା ମାମଲାରେ ମଧ୍ୟ ଦ୍ରୁତ ହ୍ରାସ ଦେଖାଦେଇଛି।

୫ ଶହ ଅସହାୟଙ୍କୁ ମାସ୍କ, ସାନିଟାଇଜର ବଣ୍ଟନ

ଅସହାୟ ଓ ମହିଳାଙ୍କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମାସ୍କ, ସାନିଟାଇଜର ବଣ୍ଟନ କରୁଛନ୍ତି।

ନିମାପଡା, ୧୮।୪(ଡି.ଏନ.ଏ.)

ଓଡ଼ିଶା ଜୀବିକା ମିଶନ ସହାୟତାରେ ମଲଙ୍ଗ ପଞ୍ଚାୟତର କରୋନାର ମୁକାବିଲା ପାଇଁ ମାତୃକୃପା ମହିଳା ମହାସଂଘ ପକ୍ଷରୁ ଶତାଧିକ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ସହାୟତାର ହାତ ବଢାଇଛନ୍ତି। ମହିଳା ମହାସଂଘ ପକ୍ଷରୁ ୨୫ ହଜାର ୫ ଶହ ଟଙ୍କା ଆର୍ଥିକ ସହାୟତା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଉଦ୍ଦେଶ୍ୟରେ ଶନିବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଚେକ୍ ପ୍ରଦାନ କରିଛନ୍ତି। ଚେକ୍ ପ୍ରଦାନ ସମୟରେ ମହିଳା ମହାସଂଘର ପୁଷ୍ପଲତା ରାଉତ, ସଭାନେତ୍ରୀ ଅନସୂୟା ସ୍ୱାଇଁ, ସମ୍ପାଦିକା ଚିନ୍ମୟୀ ମିଶ୍ର, ଓଡ଼ିଶା ଜୀବିକା ମିଶନ ନିମାପଡା ବ୍ଲକ୍‌ର ପ୍ରୋଜେକ୍ଟ ମ୍ୟାନେଜର ମଧୁଛନ୍ଦା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ନିମାପଡା ବ୍ଲକ ଅନ୍ତର୍ଗତ ସଲଙ୍ଗ ଗ୍ରାମରେ ମନ୍ତ୍ରୀ ଦାଶ ୫ ଶହ ଅସହାୟ ବ୍ୟକ୍ତି, ମହିଳାମାନଙ୍କୁ ମାସ୍କ ଓ ସାନିଟାଇଜର ବଣ୍ଟନ କରିଥିଲେ। ପ୍ରତ୍ୟେକ ବ୍ୟକ୍ତି ନିଜ ଘରେ ସୁସ୍ଥରେ ଲକ୍‌ଡାଉନରେ ରହିବା, ସାମାଜିକ ଦୂରତା ରକ୍ଷା କରିବା, ସମସ୍ତେ ମାସ୍କ ପିନ୍ଧିବା, ନୋ ମାସ୍କ ନୋ ରାଶନ ବାର୍ତ୍ତା ବାଣ୍ଟିଗାଁଗଣ୍ଡାର ଲୋକମାନଙ୍କୁ ମହାମାରୀ କରୋନା ସମ୍ପର୍କରେ ମହିଳାମାନେ ସଚେତନ କରିଥିଲେ।

ସଂକ୍ଷେପରେ

ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ୨ ଗିରଫ

ଖୁଣ୍ଟୁଣୀ,୧୮।୪(ଡି.ଏନ.ଏ.): ଖୁଣ୍ଟୁଣୀ ଓ ଆଠଗଡ଼ ବନାଞ୍ଚଳରେ ଥିବା ସୁବାସୀ ଓ ରାଶିବଣିଆ ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଉଥିବା ବେଳେ ୨ ଜଣ ଶୁକ୍ରବାର ଗିରଫ ହୋଇଛନ୍ତି। ସେମାନଙ୍କଠାରୁ ଦିଆସିଲି, କାଠ ସହ ସାଇକେଲ ଜବତ କରାଯାଇଛି। ବାରମ୍ବାର ଜଙ୍ଗଲରେ ନିଆଁ ଲାଗୁଥିବାରୁ ଡିଏଫଓ ସସ୍ମିତା ଲେଙ୍କାଙ୍କ ନିର୍ଦ୍ଦେଶକ୍ରମେ ଜଗୁଆଳି ଜଙ୍ଗଲକୁ ଜଗି ରହିଥିଲେ। ଜଙ୍ଗଲରେ ଶୁଖିଲା କାଠ କାଟିବା ସହ ନିଆଁ ଲଗାଉଥିବାବେଳେ ଆଠଗଡ ଥାନା ହରିଶରଣପୁର ଗାଁର ରବି ମହାନ୍ତି ଓ ପବିତ୍ର ପ୍ରଧାନଙ୍କୁ ବନବିଭାଗକର୍ମଚାରୀମାନେ ଗିରଫ କରିଥିଲେ। ଏମାନଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ମାଗୁଣି ବେହେରା କହିଛନ୍ତି। ଏହି ଦୁଇଜଣ ୩ ଦିନ ତଳେ ସୁବାସୀ ଓ ରାଶି ସଂରକ୍ଷିତ ଜଙ୍ଗଲରେ ନିଆଁ ଲଗାଇଥିବା ସ୍ୱୀକାର କରିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

ପୁରୀ ଅଫିସ,୧୮।୪: କରୋନା ମୁକାବିଲା ନିମନ୍ତେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ କର୍ମଚାରୀମାନେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧୦ହଜାର ଟଙ୍କା ଦାନ କରିଛନ୍ତି। ଶୁକ୍ରବାର ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା ଏହି ଚେକ୍ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ସେହିପରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୪୨ହଜାର ଟଙ୍କା ଭାମସେନ ପଲଙ୍କଧାରୀ ୧୧ ହଜାର, ବଡ଼ଶିରିବିଲ ମିଶନ ଶକ୍ତି ସଂଘ ୫ ହଜାର, ପ୍ରବୋଧ କୁମାର ବାରିକ ୧ ହଜାର, ଶ୍ରୀମୁଖ ପଲାଇ ୨୦ ହଜାର, ସୁଶୀଲ କୁମାର ପାତ୍ର ୧୦ ହଜାର, ଜାତୀୟ ସ୍ୱାସ୍ଥ୍ୟ ମିଶନ ପୁରୀ ଆୟୁଷ ଡାକ୍ତର ସଂଘ ୪୧ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ଏ ପର୍ଯ୍ୟନ୍ତ ଜିଲାର ୪୫ ସଂସ୍ଥା ଓ ବ୍ୟକ୍ତିବିଶେଷ ଜିଲା ପ୍ରଶାସନ ମାଧ୍ୟମରେ ୨୪ଲକ୍ଷ ୪୩ ହଜାର ୪୨୫ ଟଙ୍କା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିସାରିଛନ୍ତି।

ସହାୟତା ରାଶି ଦାବିକଲେ ଦୋକାନୀ

ଭୁବନେଶ୍ୱର,୧୮।୪ (ବ୍ୟୁରୋ): ଲକ୍‌ଡାଉନ୍ ଯୋଗୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ୍ ପରିସରରେ ଥିବା ପ୍ରାୟ ୧୩୦ ଦୋକାନୀଙ୍କ ପରିବାର ପ୍ରଭାବିତ ହୋଇଛନ୍ତି। ବାରମ୍ବାର ଦାବି ପରେ ମଧ୍ୟ ସେମାନଙ୍କୁ ସରକାରଙ୍କ ପକ୍ଷରୁ କୌଣସି ଆର୍ଥିକ ସହଯୋଗ ନ ମିଳିବାରୁ ଦୋକାନୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସରକାର ସମସ୍ତ ସଂଗଠିତ,ଅଣସଂଗଠିତ ଶ୍ରମିକ ଓ ବ୍ୟବସାୟୀଙ୍କ ପାଇଁ ପ୍ୟାକେଜ ଘୋଷଣା କରୁଛନ୍ତି। ବସ୍ ଷ୍ଟାଣ୍ଡ ପରିସରରେ ଥିବା ଦୋକାନୀଙ୍କ ପାଇଁ ସରକାର ଯେମିତି ଆଖି ବୁଜି ଦେଇଛନ୍ତି। ସହାୟତା ରାଶି ଘୋଷଣା କରିବାକୁ ଗୋପବନ୍ଧୁ କ୍ଷୁଦ୍ର ବ୍ୟବସାୟୀ ସଂଘର ସଭାପତି ରାହାସ ଖୁଣ୍ଟିଆ ଓ ସାଧାରଣ ସମ୍ପାଦକ ରାମଚନ୍ଦ୍ର ରଣସିଂହ ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

ରିଲିଫ ପାଣ୍ଠିକୁ ଦାନ

ବାଲିଅନ୍ତା,୧୮।୪(ଡି.ଏନ.ଏ.): କରୋନା ଲଢ଼େଇରେ ଯୋଗଦେବା ସ୍ୱରୂପ ଓଡ଼ିଶା ପ୍ରସିଦ୍ଧ ପାହାଳ ରସଗୋଲା ବଜାର ବ୍ୟବସାୟୀ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୦ ହଜାର ଟଙ୍କାର ସହାୟେତା ରାଶି ପ୍ରଦାନ କରାଯାଇଛି। ସଂଘର ସଭାପତି ଅକ୍ଷୟ କୁମାର ଲେଙ୍କା, ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ ତାଙ୍କ ପ୍ରକୋଷ୍ଠରେ ଭେଟି ଚେକ୍ ପ୍ରଦାନ କରିଥିଲେ।

ମାସ୍କ ତିଆରି କରି ବାଣ୍ଟୁଛନ୍ତି ସର୍ବୋଦୟ କର୍ମୀ

କଟକ ଅଫିସ,୧୮।୪: କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ମାସ୍କ ଜରୁରୀ। ସରକାର ଗତ ଏପ୍ରିଲ ୯ ତାରିଖରୁ ମାସ୍କ ବ୍ୟବହାରକୁ ବାଧ୍ୟତାମୂଳକ କରିଛନ୍ତି। ତେବେ ଆବଶ୍ୟକତା ମୁତାବକ ମାସ୍କ ବଜାରରେ ମିଳୁନାହିଁ। ଏସବୁକୁ ଦୃଷ୍ଟିରେ ରଖି ଥୋରିଆ ସାହିସ୍ଥିତ ଉତ୍କଳ ସର୍ବୋଦୟ ମଣ୍ଡଳର କେତେଜଣ ସଦସ୍ୟା ନିଜେ ମାସ୍କ ପ୍ରସ୍ତୁତ କରି ଲୋକଙ୍କୁ ବାଣ୍ଟୁଛନ୍ତି। ଇନ୍ଦୁମତି ସାହୁ, ମାଳତୀ ପାତ୍ର, ରେଣୁକା ସାହୁ ନିଜସ୍ୱ ପ୍ରଚେଷ୍ଟାରେ ପ୍ରତିଦିନ ଦୁଇ ଶହରୁ ତିନି ଶହ ମାସ୍କ ତିଆରି କରୁଛନ୍ତି। ଏଥିରେ ସେମାନଙ୍କୁ ଅନୁଷ୍ଠାନର ସଦସ୍ୟ ରମାକାନ୍ତ ମଣ୍ଡଳ ସହଯୋଗ କରନ୍ତି। ଏହି ମାସ୍କ ଖଦି କପଡ଼ାରେ ତିଆରି କରାଯାଉଛି। ଏଥିପାଇଁ ୪ରୁ ୫ ଘଣ୍ଟା ସମୟ ଲାଗୁଛି। ମାସ୍କଗୁଡ଼ିକୁ ମେଡିକାଲ ଏବଂ ବିଭିନ୍ନ ସାହିରେ ମାଗଣାରେ ଲୋକଙ୍କୁ ବଣ୍ଟାଯିବା ସହ ସଚେତନତା କରାଯାଉଛି।

ଘରକୁ ଘର ବୁଲି ବହି ବାଣ୍ଟିଲେ ଶିକ୍ଷୟିତ୍ରୀଶିକ୍ଷକ

ଅବୁଝା ହେଲେ ପଚାରିବାକୁ ଦେଲେ ଫୋନ୍ ନମ୍ବର

ଶିକ୍ଷକ ଜଣେ ଛାତ୍ରୀଙ୍କୁ ପାଠ୍ୟପୁସ୍ତକ ଦେଉଛନ୍ତି।

କୃଷ୍ଣପ୍ରସାଦ, ୧୮।୪ (ଡି.ଏନ.ଏ.)

କରୋନା ଯୋଗୁ ଜାରି ହୋଇଥିବା ଲକ୍‌ଡାଉନ ଲାଗି ଶିକ୍ଷାର୍ଥୀଙ୍କ ପାଠପଢାରେ ଡୋରି ବନ୍ଧା ହୋଇଛି। ପାଠ ପଢିବାର ସୁଯୋଗ ସୃଷ୍ଟି କରିବା ପାଇଁ ଗଣଶିକ୍ଷା ବିଭାଗ ଶିକ୍ଷୟିତ୍ରୀଶିକ୍ଷକମାନେ ଶିକ୍ଷାର୍ଥୀମାନଙ୍କ ଘରକୁ ଯାଇ ସେମାନଙ୍କ ଆବଶ୍ୟକ ବହି ଦେବାକୁ ନିର୍ଦ୍ଦେଶ ରହିଛି। ଏହି ଆଇନକୁ କାର୍ଯ୍ୟକାରୀ କରି କୃଷ୍ଣପ୍ରସାଦ ବ୍ଲକରେ ଆରମ୍ଭ ହୋଇଛି ଶିକ୍ଷକମାନଙ୍କ ପାଠ୍ୟ ପୁସ୍ତକ ବଣ୍ଟନ। ମାଲୁଦ ସାଧନକେନ୍ଦ୍ରରେ ସିଆରସିସି ରମାକାନ୍ତ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷୟିତ୍ରୀଶିକ୍ଷକମାନେ ଶିକ୍ଷାର୍ଥୀଙ୍କ ଘରକୁ ଘର ବୁଲି ପାଠ୍ୟପୁସ୍ତକ ବଣ୍ଟିଛନ୍ତି। ବହି ବଣ୍ଟନ କରି ମାଲୁଦ ସରକାରୀ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପ୍ରବୀଣା ଦାସ ଏବଂ ଅର୍ଜୁନ ଦାସ ଉକ୍ତ ବହିକୁ ଘରେ ରହି ପିଲାମାନେ ପ୍ରତିଦିନ ପଢିବାକୁ କହିଥିଲେ। ବୁଝି ନ ହେଲେ ବୁଝିବା ପାଇଁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଟେଲିଫୋନ ନଂ. ନେଇ ଫୋନ ମାଧ୍ୟମରେ ସେମାନଙ୍କ ସହ ଯୋଗାଯୋଗ କରିବା ପାଇଁ ଅଭିଭାବକଙ୍କୁ କହିଥିବା ଜଣାପଡିଛି। ଉକ୍ତ ବହି ବଣ୍ଟନ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ବିଦ୍ୟାଳୟରେ ଆରମ୍ଭ ହୋଇଛି। ଏଭଳି କାର୍ଯ୍ୟକୁ ଅଭିଭାବକ, ଶିକ୍ଷାବିତ୍‌ମାନେ ପ୍ରଶଂସା କରିଛନ୍ତି।

କରୋନା ମୁକାବିଲ ପାଇଁ ୨ ମହିଳା ସଂଘର ସହାୟତା

ବଡ଼ମ୍ବା,୧୮।୪(ଡି.ଏନ.ଏ.)

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ସହାୟତାର ହାତ ବାଢ଼ାଇଛନ୍ତି ବଡ଼ମ୍ବା ବ୍ଲକର ୨ ମହିଳା ସଂଘ। ସେମାନେ ହେଲେ ବ୍ଲକ ଜୀବିକା ମିଶନ ଦ୍ୱାରା ପରିଚାଳିତ ଅଭିମାନପୁରର ମା' କଳାପାଟ ପଞ୍ଚାୟତସ୍ତରୀୟ ସଂଘ ଓ ଗୋପପୁରର ତ୍ରିନାଥ ପଞ୍ଚାୟତସ୍ତରୀୟ ସଂଘ। ଉଭୟ ସଂଘ ୨୦ ହଜାର ଲେଖାଏ ମୋଟ୍ ୪୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ବଡ଼ମ୍ବା ବ୍ଲକ ସଭାଗୃହରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କଳାପାଟ ସଂଘ ସଭାନେତ୍ରୀ ଅହଲ୍ୟା ପଣ୍ଡିତ, ସମ୍ପାଦିକା ରୀନା କୁଣ୍ଡୁ ଓ ତ୍ରିନାଥ ସଂଘ ସଭାନେତ୍ରୀ ମମତା ପଣ୍ଡା ଓ ସମ୍ପାଦିକା ସୁଲୋଚନା ପାତ୍ର ଉପସ୍ଥିତ ରହି ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟଙ୍କୁ ଉକ୍ତ ଅର୍ଥ ରାଶିର ୨ଟି ଚେକ୍ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଅନୀଲ କୁମାର ପଟ୍ଟନାୟକ, ବ୍ଲକ ଅଧ୍ୟକ୍ଷା ଅନୁସୟା ନାଏକ, ଉପାଧ୍ୟକ୍ଷ ସଦାନନ୍ଦ ସ୍ୱାଇଁ, ସହକାରୀ ଯନ୍ତ୍ରୀ ଅଶୋକ ଦାସ, ଦୀପକ କୁମାର ସାହୁଙ୍କ ସମେତ ଅନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ଜୀବିକା ମିଶନ ବଡ଼ମ୍ବା ବ୍ଲକ୍ ପ୍ରକଳ୍ପ ପରିଚାଳିକା ମୋନାଲିସା ତ୍ରିପାଠୀଙ୍କ ପରିଚାଳନାରେ ବିଭାଗୀୟ କର୍ମକର୍ତ୍ତା ଯୋଗ ଦେଇଥିଲେ।

ମାସ୍କ ଦେଲା କୁମାର ଉତ୍ସବ ସମିତି

ପୁରୀ ଅଫିସ,୧୮।୪

କୁମାର ଉତ୍ସବ ସମିତି ପକ୍ଷରୁ ଜନସାଧାରଣଙ୍କୁ ବଣ୍ଟନ ଲାଗି ଜିଲା ପ୍ରଶାସନକୁ ମାସ୍କ ପ୍ରଦାନ କରାଯାଇଛି। ସମିତି ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡାଙ୍କ ନେତୃତ୍ୱରେ ସମୀର ଶତପଥୀ, ଗଣେଶ୍ୱର ଦାସ, ସାଗରିକା ଜୟସିଂ, ବିଦ୍ୟୁତ୍‌ଲତା ଆଚାର୍ଯ୍ୟ, କଳ୍ପନା ମୁଦୁଲି, ଅସୀମା ରାଉଳ, ପ୍ରତିମା ବିଶ୍ୱାଳ, ମନସ୍ୱିନୀ ଘଟୁଆରୀ, ମାୟାଶ୍ରୁତି ଆପଟ, ଶୁଭଶ୍ରୀ ଜୟସିଂ ପ୍ରମୁଖ ୫୦୦ ମାସ୍କ ତିଆରି କରି ଶନିବାର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁଙ୍କୁ ପ୍ରଦାନ କରିଛନ୍ତି। ଏଥିସହ ସମିତି ପକ୍ଷରୁ ଅସହାୟଙ୍କୁ ଚାଉଳ, ଡାଲି, ପନିପରିବା ବଣ୍ଟାଯିବା ସହ ସଭାପତି ଗୋପାଳ ଚନ୍ଦ୍ର ଖୁଣ୍ଟିଆ ୨୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରିଛନ୍ତି।

ହେବନି ଭଗବତ ବାସୁଦେବ ମେଳଣ

କଟକରୋଡ,୧୮।୪(ଡି.ଏନ.ଏ)

ରାଜ୍ୟରେ କରୋନା ଭୂତାଣୁ ରୋକିବାକୁ ସମସ୍ତ ସାମାଜିକ କାର୍ଯ୍ୟକ୍ରମ ବନ୍ଦ ରହିଛି। ଏହି କ୍ରମରେ ଲକ୍ଷ୍ମୀସାଗର ଭଗବତ ବାସୁଦେବ ମେଳଣ ପରିଚାଳନା କମିଟି ଚଳିତବର୍ଷ ମେଳଣ ବନ୍ଦ କରିବାକୁ ନିଷ୍ପତ୍ତି ନେଇଥିବା କମିଟି ସଭାପତି ଶ୍ରୀବସ ରାଉତ କହିଛନ୍ତି। ଶନିବାର ଅପରାହ୍ନରେ ଲକ୍ଷ୍ମୀସାଗର ମେଳଣ ପଡିଆରେ କମିଟିର କେତେଜଣ ସଭ୍ୟଙ୍କୁ ନେଇ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଅନ୍ୟପକ୍ଷରେ କମିଟି ଅନୁମୋଦନକ୍ରମେ କରୋନା ମୁକାବିଲା ଲାଗି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୨୧ ହଜାର ଟଙ୍କା ପ୍ରଦାନ କରାଯାଇଛି। ବୈଠକରେ ମେଳଣ କମିଟି ସମ୍ପାଦକ ପ୍ରମୋଦ କୁମାର ନାୟକ, ନରେନ୍ଦ୍ର ସାହୁ , ଗୋପବନ୍ଧୁ ଜେନା, ପ୍ରଶାନ୍ତ ପରିଡା ଉପସ୍ଥିତ ଥିଲେ।

ଦୁର୍ଦ୍ଦିନରେ ସାକ୍ଷୀଗୋପାଳ ମନ୍ଦିର ସେବାୟତ

ସାକ୍ଷୀଗୋପାଳ, ୧୮।୪(ଡି.ଏନ.ଏ.)

ସହାୟତା ପାଇଁ ଆଇନମନ୍ତ୍ରୀଙ୍କୁ ପତ୍ର

ଲକ୍‌ଡାଉନ ପାଇଁ ସାକ୍ଷୀଗୋପାଳ ମନ୍ଦିର ସେବାୟତମାନେ ଦୁର୍ଦ୍ଦିନରେ କାଳ କାଟୁଛନ୍ତି। ଦାନ ଦକ୍ଷିଣା ନେଇ ପରିବାର ପ୍ରତିପୋଷଣ କରୁଥିବା ଶତାଧିକ ସେବାୟତ ଏବେ ଅଭାବ ଅନଟନରେ ଗତି କରୁଛନ୍ତି। ସେମାନଙ୍କୁ ସହାୟତା ପ୍ରଦାନ ପାଇଁ ଆଇନମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ଠାକୁରଙ୍କ ସେବାରେ ପୂଜାପଣ୍ଡା, ସିଂହାରୀ, ପାଳିଆପତ୍ରୀ, ଭଣ୍ଡାର ମେକାପ, ପ୍ରତିହାରୀ, ପୁରାଣ ପଣ୍ଡିତ, ପୁରୋହିତ, ପଡିସୁଆର, ପାଳିଆ ସୁଆର, ଆପଟ, ଛତିତ୍ରାସ, ଚନ୍ଦନଘୋରା, ବଲ୍ଲଭବିଶୋଇ, ଟେରାଭୋଗ ବିଶୋଇ, କାହାଳିଆ, ମାଳାକାର, ମଣ୍ଡଣି ସୁଆଁସିଆଁ, ଛାମୁ ମଶାଲ, ବାଦ୍ୟକାର ଓ ଭୋଇ ସେବକମାନେ ନିୟୋଜିତ ହୋଇଛନ୍ତି। ସେମାନେ ଦୈନନ୍ଦିନ ଏବଂ ଠାକୁର ପର୍ବପର୍ବାଣିରେ ନିରବଚ୍ଛିନ୍ନ ସେବା ଯୋଗାଇ ଦେଉଛନ୍ତି। ମାତ୍ର ସ୍ୱଳ୍ପ ପାରିଶ୍ରମିକରେ ସେମାନଙ୍କ ପରିବାର ଭରଣପୋଷଣ କରିବା ଅସମ୍ଭବ ହୋଇପଡୁଛି। ସେହିପରି ମନ୍ଦିର କର୍ମଚାରୀମାନେ ମଧ୍ୟ ଅନୁରୂପ ସମସ୍ୟା ଦେଇ ଗତି କରୁଛନ୍ତି। ସେବାୟତମାନଙ୍କୁ ଏହି ଦୁର୍ଦ୍ଦିନରେ ଆର୍ଥିକ ସହାୟତା ଯୋଗାଇ ଦେବାକୁ ସାକ୍ଷୀଗୋପାଳ ମନ୍ଦିର ସେବାୟତ ସଂଘ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଗତ ୧ ତାରିଖଠାରୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ପରେ ରାଜ୍ୟ ଦେବୋତ୍ତର କମିଶନର, ମନ୍ଦିର ପରିଚାଳନା କମିଟି ସଭାପତି, ଆଇନ ସଚିବ ଓ ପୁରୀ ଜିଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଜଣାଇ ଦିଆଯାଇଛି। ଶ୍ରୀମନ୍ଦିର ସେବାୟତମାନଙ୍କ ପରିବାରକୁ ସହାୟତା ରାଶି ଯୋଗାଇ ଦେବାକୁ ଶ୍ରୀମନ୍ଦିର ପ୍ରଶାସନ ଘୋଷଣା କରିଛି। ହେଲେ ସାକ୍ଷୀଗୋପାଳ ସେବାୟତମାନଙ୍କୁ ଅଣଦେଖା କରାଯା

ମିଳୁନି ରନ୍ଧା ଖାଦ୍ୟ, ଭୋକରେ ଦିବ୍ୟାଙ୍ଗ

ରସୁଲପୁର,୧୮।୪(ଡିଏନଏ): ରସୁଲପୁର ବ୍ଲକ ବନ୍ଧଡିହ ପଞ୍ଚାୟତ ମଠସାହିର ଦିବ୍ୟାଙ୍ଗ (ମାନସିକ ଅନଗ୍ରସରତା ୭୦ ଶତକଡା) କୃଷ୍ଣଚନ୍ଦ ମିଶ୍ରଙ୍କୁ ମାଗଣା ରନ୍ଧାଖାଦ୍ୟ ମିଳୁନି। ସେ ଭୋକ ଉପାସରେ ଏକ ଭଙ୍ଗା କୁଡ଼ିଆରେ ପଡି ରହିଛନ୍ତି। କରୋନା ସମୟରେ ନିରାଶ୍ରୟ, ଅବହେଳିତ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ପଞ୍ଚାୟତରେ ମାଗଣା ରନ୍ଧାଖାଦ୍ୟ ପ୍ରଦାନ କରିବାର ନିୟମ ଥିଲେ ମଧ୍ୟ ଏହା ଏଠାରେ କାର୍ଯ୍ୟକାରୀ ହେଉନାହିଁ। କୃଷ୍ଣଚନ୍ଦ୍ର ଅବିବାହିତ ହୋଇଥିବାବେଳେ ତାଙ୍କ ଅନଗ୍ରସରତା ପାଇଁ ମାସକୁ ତାଙ୍କୁ ୫୦୦ଟଙ୍କା ଭତ୍ତା ମିଳୁଛି। ହେଲେ ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ରାଶନ କାର୍ଡ ମିଳି ନ ଥିବାରୁ କରୋନା ପୂର୍ବରୁ କୃଷ୍ଣଚନ୍ଦ୍ର ବୁଲି ମାଗି ଖାଉଥିଲେ। ଏବେ କରୋନା କଟକଣା ଯୋଗୁ ସବୁ ଦୋକାନ ବଜାର ବନ୍ଦ ହୋଇଗଲା। ସ୍ଥାନୀୟ ଅଞ୍ଚଳର ଲୋକେ ବି ତାଙ୍କୁ ଅନାଉ ନ ଥିବାବେଳେ ତାଙ୍କୁ ରନ୍ଧା ଖାଦ୍ୟ ମଧ୍ୟ ମିଳୁନାହିଁ। ଗ୍ରାମର କିଛି ବାଦାନ୍ୟ ବ୍ୟକ୍ତି ତାଙ୍କୁ ଶୁଖିଲା ଖାଦ୍ୟ ଦେଉଥିବାରୁ ତାକୁ ଖାଇ ସେ ବଞ୍ଚିଛନ୍ତି। ଏହି ବ୍ଲକର ୨୮ଟି ପଞ୍ଚାୟତରୁ ୨୦ଟିରେ ମାଗଣା ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ଫଳରେ କୃଷ୍ଣଚନ୍ଦ୍ରଙ୍କ ଭଳି ଅନେକ ଅତି ଦୟନୀୟ ଅବସ୍ଥାରେ କାଳ କାଟୁଛନ୍ତି। ସେ ସମସ୍ତଙ୍କୁ ଦୁରନ୍ତ ପ୍ରଶାସନ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯିବାକୁ ଦିବ୍ୟାଙ୍ଗ କମିଟି ସଭାପତି ମଣ୍ଟୁ ଦାସ ଦାବି କରିଛନ୍ତି। ଏ ସମ୍ପର୍କରେ ବନ୍ଧଡିହ ସରପଞ୍ଚ ଅମଲତା ଜେନାଙ୍କୁ ପଚାରିବାରୁ ସେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ମୁଣ୍ଡକୁ ଦୋଷ ଠେଲି ଦେଇଛନ୍ତି। ତାଙ୍କୁ ବ୍ଲକରେ ସହଯୋଗ କରାଯାଉ ନ ଥିବାରୁ ସେ କୌଣସି କାମ କରିପାରୁ ନାହାନ୍ତି ବୋଲି ମତ ରଖିଛନ୍ତି। ତେବେ ସ୍ୱୟଂସହାୟିକା ଗୋଷ୍ଠୀ ରାଜିହେଲେ ସେ ପଞ୍ଚାୟତରେ ଥିବା ଅବହେଳିତ ଲୋକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରିବେ ବୋଲି ପ୍ରକାଶ କରିଛନ୍ତି।

ମନ୍ଦିରରେ ପୂଜା କରିବାକୁ ନେଇ ଆକ୍ରମଣ

ବିଞ୍ଝାରପୁର, ୧୮।୪ (ଡି.ଏନ.ଏ.): ଯାଜପୁର ଜିଲା ବିଞ୍ଝାରପୁର ଥାନା ଶାସନ୍ଦା ପଞ୍ଚାୟତ ତାଉଁତରା ଗ୍ରାମରେ ମନ୍ଦିର ପୂଜାକୁ ନେଇ ଗୋଟିଏ ପରିବାରର ୩ଜଣଙ୍କୁ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବିଞ୍ଝାରପୁର ପୋଲିସ ଏକ ମାମଲା(ନଂ.୧୧୪/୨୦)ରୁଜୁକରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଶାସନ୍ଦା ପଞ୍ଚାୟତ ତାଉଁତରା ଗ୍ରାମରେ ଥିବା ନୀଳକଣ୍ଠେଶ୍ୱର ମନ୍ଦିରରେ ପ୍ରଫୁଲ୍ଲ କୁମାର ସାମଲଙ୍କ ପରିବାରକୁ ସେହି ଗ୍ରାମର କିଛି ଲୋକ ପୂଜା କରିବାକୁ ବାରଣ କରିବା ସହ ଗାଳିଗୁଳଜ କରି ମନ୍ଦିରକୁ ନ ଆସିବାକୁ ଧମକ ଦେଇଥିଲେ। ଏନେଇ ପ୍ରଫୁଲ୍ଲ ଶୁକ୍ରବାର ପୂର୍ବାହ୍ନରେ ଥାନାରେ ଏକ ଅଭିଯୋଗ କରିଥିଲେ। ସେହିଦିନ ସନ୍ଧ୍ୟାରେ ଉକ୍ତ ଗ୍ରାମର ସୁଜିତ ସାମଲ, ରଣଜିତ ସାମଲ, ବିଶ୍ୱଜିତ ସାମଲ, ଜ୍ଞାନରଞ୍ଜନ ସାମଲ, ସୌମ୍ୟରଞ୍ଜନ ସାମଲ, ସୁରେନ୍ଦ୍ର ସାମଲ, ଦେବେନ୍ଦ୍ର ସାମଲ, ମହେନ୍ଦ୍ର ସାମଲ ପ୍ରମୁଖ ପ୍ରଫୁଲ୍ଲଙ୍କ ଘରକୁ ଯାଇ ଗାଳିଗୁଳଜ କରିବା ସହ କାହିଁକି ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଛ ବୋଲି କହି ସଂଘବଦ୍ଧଭାବେ ମାଡ ମାରିଥିଲେ। ପାଟିଶୁଣି ପ୍ରଫୁଲ୍ଲଙ୍କ ସ୍ତ୍ରୀ ସୁଜାତା ଘଟଣାସ୍ଥଳରେ ପହଞ୍ଚିବାରୁ ଅଭିଯୁକ୍ତମାନେ ତାଙ୍କୁ ଓ ତାଙ୍କ ଝିଅକୁ ମାଡ ମାରିଥିବା ସୁଜାତା ଥାନାରେ ଅଭିଯୋଗ କରିଛନ୍ତି।

ମହାବିପତ୍ତି ଆଣିବ ନକଲି ମଦ

ଜଗତ୍‌ସିଂହପୁର ଜିଲା

- ଅବାଧରେ ଚାଲିଛି ଚୋରା ମଦ କାରବାର
- ଖଜୁରି ତାଡିର ବଢୁଛି ଚାହିଦା

ଜଗତ୍‌ସିଂହପୁର ଅଫିସ,୧୮।୪

ଲକ୍‌ଡାଉନ ଯୋଗୁ ଅତ୍ୟାବଶ୍ୟକକୁ ବାଦ୍ ଦେଲେ ଅବଶିଷ୍ଟ ସାମଗ୍ରୀ ବିକ୍ରି ଉପରେ କଟକଣା ଜାରି କରାଯାଇଛି। ବିଶେଷକରି ମଦ ଦୋକାନଗୁଡିକ ବନ୍ଦ ହୋଇଯାଇଥିବା କୁହାଯାଉଥିଲେ ସୁଦ୍ଧା ପୂର୍ବରୁ ସଂରକ୍ଷିତ ଥିବା ମଦ ଚୋରାରେ ଦୁଇଗୁଣ ଦରରେ ବିକ୍ରି ଚାଲିଛି। ସେହିପରି ବଜାରରେ ପ୍ରାୟ ବିଦେଶୀ ମଦ ମିଳୁ ନ ଥିବାରୁ ଖଜୁରି ତାଡି ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ମଦ୍ୟପାନ କରୁଥିବା ଲୋକଙ୍କ ଦୁର୍ବଳକତାକୁ ଦେଖି କେତେଜଣ ଅସାଧୁ ବ୍ୟବସାୟୀ ଏହାର ଫାଇଦା ଉଠାଇବାକୁ ଚେଷ୍ଟା କରିଛନ୍ତି। ସେମାନେ ଏକାଧିକ ବ୍ରାଣ୍ଡର ନକଲି ମଦ ବିକ୍ରି କରି ଚାଲିଛନ୍ତି। ଯାହାକି ଜିଲାରେ ବଡ଼ଧରଣର ମଦ ମୃତ୍ୟୁ ଘଟଣା ଘଟାଇପାରେ ବୋଲି ଆଶଙ୍କା କରାଯାଉଛି। ଜଗତ୍‌ସିଂହପୁର ଜିଲାରେ ୨୭ ଅନ୍ ଶପ୍, ୧୪ ଅଫ୍ ଶପ୍ ଓ ୧୨ଟି ଦେଶୀ ମଦ ଦୋକାନ ରହିଛି। ଏଥିମଧ୍ୟରୁ ଅଧିକାଂଶ ଦୋକାନୀ ଲକ୍‌ଡାଉନ୍ ହେବା ଜାଣି ଅଧିକ ପରିମାଣର ମଦ ଉଠାଇଥିଲେ। ପରେ ତାହାକୁ ଚୋରା ମଦ ବେପାରୀଙ୍କୁ ବିକ୍ରି କରିଥିଲେ। ସେମାନେ ମଧ୍ୟ ତାହାକୁ ଚଢା ଦରରେ ବିକ୍ରି କରି ଚାଲିଛନ୍ତି।

ସୂଚନା ଅନୁଯାୟୀ, ଯେଉଁ ନିବ୍‌ର ସର୍ବନିମ୍ନ ଦର ୧୩୦ ଟଙ୍କା ଥିଲା ତାହା ଏବେ ୪୦୦/୫୦୦ ଟଙ୍କାରେ ବିକ୍ରି ହେଉଛି। ୨୬୦ ଟଙ୍କାରେ ବିକ୍ରି ହେଉଥିବା ପାଣ୍ଟ ୮୦୦ ଓ ୩୦୦ ଟଙ୍କା ଥିବା ମଦର ଦାମ ୯୦୦/୧୦୦୦ ଟଙ୍କାରେ ବିକ୍ରି ଚାଲିଛି। ପୂର୍ବରୁ ୬୦୦ ଟଙ୍କାରେ ବିକ୍ରି ହେଉଥିବା କ୍ୱାର୍ଟ ପିଛା ୧,୫୦୦ରୁ ସ୍ଥାନ ବିଶେଷରେ ୨,୦୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଦେଶୀ ମଦର ମଧ୍ୟ ଚାହିଦା ବଢିଛି। ଯେଉଁଠି ବିଦେଶୀ ମିଳୁନି ଦେଶୀ କିଣିବାକୁ ଅନେକ ପଛାଉ ନାହାନ୍ତି। ଯେଉଁ ଦେଶୀ ମଦ ବୋତଲର ଦାମ ୮୦ ଟଙ୍କା ଥିଲା ତାହା ଏବେ ୨୫୦ ଟଙ୍କାରେ ବିକ୍ରି ହେଉଛି। ବିଦେଶୀ ମଦର ଅଭାବ ଦେଖି କେତେଜଣ କଟକ ଜିଲାର ନିଆଳି ଓ ପୁରୀର ନୂଆହାଟ ପଟୁ ନକଲି ମଦ ଆଣି ନାଉଗାଁ, ଜଗତ୍‌ସିଂହପୁର ଓ ବାଲିକୁଦା ଆଦି ଅଞ୍ଚଳରେ ବିକ୍ରି କରୁଛନ୍ତି। ନିକଟରେ ଜଗତ୍‌ସିଂହପୁର ଅବକାରୀ ବିଭାଗ ପକ୍ଷରୁ ମଙ୍ଗଳପୁର ଓ ଚାନ୍ଦଗଡ଼ ଆଦି ଅଞ୍ଚଳର ଏକାଧିକ ସ୍ଥାନରେ ଚଢାଉ ହୋଇଥିଲେ ସୁଦ୍ଧା ମାତ୍ର ଜଣଙ୍କୁ ଗିରଫ କରାଯାଇ ପାରିଥିଲା। ସେହିପରି ପୂର୍ବରୁ ଯେଉଁ ପରିମାଣର ଗଞ୍ଜେଇ, ବ୍ରାଉନସୁଗାର ବିକ୍ରି ହେଉଥିଲା ତାହା ଏବେ ବ୍ୟାପକ ହୋଇଛି। ଗଞ୍ଜେଇ ଚୋରା ଚାଲାଣ କଥା ନ କହିଲେ ଭଲ। ପୋଲିସ ହେଲମେଟ୍ ଚେକିଂଠାରୁ ଆରମ୍ଭ କରି ଗହଳି ହଟାଇବାରେ ବ୍ୟସ୍ତ ଥିବା ବେଳେ ଅବକାରୀ କାରବାର ଉପରେ କାହାର ନଜର ପଡୁନି। ଏ ସମ୍ପର୍କରେ ଜିଲା ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ରତିକାନ୍ତ ପଣ୍ଡା କହିଛନ୍ତି ଯେ, ନିଆଳି ଓ ନୂଆହାଟ ପଟୁ ନକଲି ମଦ ଆସୁଥିବା ଶୁଣି ନାଉଗାଁ, ଜଗତ୍‌ସିଂହପୁର ଓ ବାଲିକୁଦା ଥାନା ଅଞ୍ଚଳରେ ପାଟ୍ରୋଲିଂ ଜୋରଦାର କରାଯାଇଛି। ତାଡି, ବ୍ରାଉନସୁଗାର, ଗଞ୍ଜେଇ ଓ ଚୋରା ମଦ କାରବାର ରୋକିବା କ୍ଷେତ୍ରରେ ଯଥା ସମ୍ଭବ ଚଢାଉ ଜାରି ରହିଛି।

ଅନ୍ୟପକ୍ଷରେ ଅବକାରୀ ବିଭାଗର କର୍ମଚାରୀ ଓ ଗାଡିର ଅଭାବ ଥିବାରୁ ସନ୍ତୋଷଜନକ ଚଢାଉ କରିହେଉ ନ ଥିବା କୁହାଯାଇଛି। ବିଭାଗୀୟ ସୂଚନା ଅନୁଯାୟୀ ଏବେ ଜିଲାରେ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ବାଦ୍ ଦେଲେ ଜଣେ ଇନ୍ସପେକ୍ଟର, ୩ ଏସ୍‌ଆଇ, ୨ ଏଏସ୍‌ଆଇ, ୧୧ ଜଣ କନ୍‌ଷ୍ଟେବଳ କାର୍ଯ୍ୟରତ ଅଛନ୍ତି। ୯ଟି କନ୍‌ଷ୍ଟେବଳ ପଦବୀ ଖାଲି ଅଛି। ଏଗୁଡିକ ଆଉ କିଛି ଦିନ ଭିତରେ ପୂରଣ ହୋଇଯିବ। ସେହିପରି ଜଣେ ଏସ୍‌ଆଇ ଓ ୨ ଏଏସ୍‌ଆଇ ପଦବୀ ଖାଲି ପଡିଛି। ଆସନ୍ତା ୩୦ ତାରିଖରେ ସୁପରିଣ୍ଟେଣ୍ଡେଣ୍ଟ ଅବସର ନେଉଥିବାରୁ ଏହି ପଦବୀ ମଧ୍ୟ ଖାଲି ପଡିବ। ସାରା ଜିଲାରେ ଗୋଟିଏ ଗାଡିରେ କାମ ଚାଲିଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ଲୋକଙ୍କ କହିବା କଥା ହେଲା ଜିଲାରେ ଅବକାରୀ ବିଭାଗ ଥିବା ଭଳି ଅନୁଭବ ହେଉନି। ଅନୁମୋଦିତ ପଦବୀ ସଂଖ୍ୟା ୨୯ ଥିବା ବେଳେ ଅଛନ୍ତି ୧୮ ଜଣ। ବାସ୍ତବରେ ଜିଲାରେ ଅତି କମରେ ୨ ଜଣ ଇନ୍ସପେକ୍ଟର ଓ ୪୦ ଜଣ କର୍ମଚାରୀ ରହିବା କଥା। ତିର୍ତ୍ତୋଲ, ଜଗତ୍‌ସିଂହପୁର, ବାଲିକୁଦା ଓ ପାରାଦୀପରେ ପୃଥକ ଭାବେ ଗାଡି ସହ ୧୦ ଜଣ ଲେଖାଏଁ କର୍ମଚାରୀ ଆବଶ୍ୟକ।

ଜିଲା ପ୍ରଶାସନର ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ

ପ୍ରଶାସନିକ ଅଧିକାରୀମାନେ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରୁଛନ୍ତି।

ସଞ୍ଚାର ହେଲା ଡାକ୍ତରଖାନା ସ୍ଥାନାନ୍ତରଣ ଆଶା

ରସୁଲପୁର,୧୮।୪(ଡିଏନଏ): ରସୁଲପୁର ବ୍ଲକ ଅଧୀନ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶନିବାର ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ବିଡିଓ ଉମାକାନ୍ତ ପରିଡା, କୁଆଖିଆ ଥାନାଧିକାରୀ ମନୋଜ କୁମାର ସ୍ୱାଇଁ ପ୍ରମୁଖ ପରିଦର୍ଶନ କରିଥିଲେ। ସଦଳେବଳେ ଡାକ୍ତରଖାନା ପରିସରରେ ପହଞ୍ଚି କୋଭିଡ-୧୯ର ସ୍ଥିତି ସମୀକ୍ଷା କରିବା ସହ ଆଇସୋଲେଶନ କେନ୍ଦ୍ର ପରୀକ୍ଷଣ କରିଥିଲେ। ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ ନିର୍ମାଣ ବର୍ଷକ ତଳୁ ଶେଷ ହୋଇଛି। ସ୍ଥାନୀୟ ଅଞ୍ଚଳର ବିବାଦ ଯୋଗୁ ପୁରୁଣା ଡାକ୍ତରଖାନା ସ୍ଥାନାନ୍ତର ହୋଇପାରୁ ନାହିଁ। ଫଳରେ ଏଠାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଉକ୍ତ ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ରାଜନୈତିକ ବିବାଦ ଯୋଗୁ ଏହା କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେବେ ପ୍ରଶାସନିକ ଅଧିକାରୀମାନେ ଡାକ୍ତରଖାନା ପାଇଁ ଉଦ୍ଦିଷ୍ଟ ନୂତନ କୋଠା ପରିସରରେ ଚାଲିଥିବା କୋଭିଡ-୧୯ କେନ୍ଦ୍ରକୁ ବୁଲି ଦେଖିବା ସହ ଏଠାରେ ଅଧୁରା ଥିବା ନିର୍ମାଣ କାର୍ଯ୍ୟ ଦୁରନ୍ତ ସାରିବାକୁ ପରାମର୍ଶ ଦେଇଛନ୍ତି। ଏହି ଘଟଣା ପରେ ଡାକ୍ତରଖାନା ସ୍ଥାନାନ୍ତରଣ ଆଶା ସଞ୍ଚାର ହୋଇଛି।

ତହସିଲ ପକ୍ଷରୁ ଗୁଣିଆ ଘର ଉପରେ ଚଢ଼ାଉ

ରସୁଲପୁର,୧୮।୪(ଡିଏନଏ): ରସୁଲପୁର ବ୍ଲକ ସାମନ୍ତରାପୁର ପଞ୍ଚାୟତର ଅସନଶାହା ନାମକ ଜଣେ ଧର୍ମଗୁରୁ ଏକ ଧର୍ମାନୁଷ୍ଠାନରେ ଗୁଣିଗାରେଡି କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଅଞ୍ଚଳର ଲୋକେ ଅଭିଯୋଗ କରିଥିଲେ। ଗୁଣି ଗାରେଡିକୁ ଆଶ୍ରା କରାଯାଇ ପରିବାରର ସମସ୍ୟା, ରୋଗ ଭଲ କରିବା, ନିଃସନ୍ତାନଙ୍କୁ ସନ୍ତାନପ୍ରାପ୍ତି ହେବା, ଜମିବାଡି ସମସ୍ୟା ଦୂର କରିବା ଭଳି ନାନା ସମସ୍ୟା ଦୂର କରିବାର ପ୍ରଲୋଭନ ଦେଖାଇ ଲୋକଙ୍କୁ ପଥଭ୍ରଷ୍ଟ କରୁଥିବା ଅଭିଯୋଗ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ତଦନ୍ତ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଶନିବାର ସକାଳ ସାଢେ ୫ଟାରେ ତହସିଲଦାର ଭୁଜବଳ ଓ ଯାଜପୁର ସଦର ଥାନା ଅଧିକାରୀ ବଂଶୀଧର ବେହେରା ପ୍ରମୁଖଙ୍କୁ ନେଇ ତଦନ୍ତକାରୀ ଦଳ ଅସନ ଶାହାଙ୍କ ଗୁଣିଆ ଘର ଉପରେ ଚଢାଉ କରିଥିଲେ। ମାତ୍ର ସେଠାରେ କାହାରିକୁ ଠାବ କରି ନ ପାରି ପ୍ରଶାସନ ଫେରି ଯାଇଥିଲା।

ପୋଲିସ ଟିମ୍ ଚଢ଼ାଉ କରୁଛନ୍ତି।

ସେବାୟତଙ୍କୁ ମିଳୁ ସହାୟତା

ନୟାଗଡ଼ ଅଫିସ,୧୮।୪: ନୟାଗଡ଼ ଜିଲା ଶରଣକୁଳରେ ଲଡୁବାବା, ଓଡଗାଁର ରଘୁନାଥ ଜୀଉ ଓ ଦୂତିକେଶ୍ୱର, କଣ୍ଟିଲୋର ନୀଳମାଧବ, ନୟାଗଡର ଜଗନ୍ନାଥ ଓ ମା' ଦକ୍ଷିଣକାଳୀ, ଦଶପଲ୍ଲାର ମହାବୀର, ରଣପୁରର ମଣିନାଗଙ୍କ ପୀଠ ଭଳି ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। କରୋନା ଯୋଗୁ ଭକ୍ତଆସୁ ନ ଥିବାରୁ ଏସବୁ ପୀଠ ଖାଁଖାଁ ହୋଇପଡିଛି। ଏହା ଦ୍ୱାରା ସେବାୟତ ପ୍ରଭାବିତ ହେଉଛନ୍ତି। ସରକାରଙ୍କ ପକ୍ଷରୁ ସେମାନଙ୍କୁ ସହାୟତା ରାଶି ପ୍ରଦାନ କରିବାକୁ ନୟାଗଡ ଜିଲା ଭାଜପା ସଭାପତି ଲାଲା ମନୋଜ ରାୟ ଦାବି କରିଛନ୍ତି। ସେ ନୟାଗଡ ଜିଲାପାଳ, ମୁଖ୍ୟମନ୍ତ୍ରୀ ଓଡିଶା, ରାଜ୍ୟ ଓ ଜାତୀୟ ଭାଜପା ସଭାପତିଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି।

୨ ଦୋକାନ ସିଲ୍ କଲା ପ୍ରଶାସନ

ଯାଜପୁର ଟାଉନ,୧୮।୪(ଡିଏନଏ): ଯାଜପୁର ଜିଲା ଦଶରଥପୁର ବ୍ଲକ ଝୁଣ୍ଟୁରୀ ବଜାରରେ ଥିବା ୨ଟି ଦୋକାନକୁ ଜିଲାଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଓ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ନିର୍ଦ୍ଦେଶରେ ଶନିବାର ସିଲ୍ କରାଯାଇଛି। ଶନିବାର ପୂର୍ବାହ୍ନରେ ଉଭୟ ଅଧିକାରୀ ଝୁଣ୍ଟୁରୀ ବଜାରର ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନରେ ସାମାଜିକ ଦୂରତାକୁ ଅନୁଧ୍ୟାନ କରିବା ସମୟରେ ସଞ୍ଜୟ ସାହୁଙ୍କ ଲୁଗା ଦୋକାନ ଖୋଲାଥିବା ଦେଖିଥିଲେ। ସେହିପରି ଉକ୍ତ ଲୁଗା ଦୋକାନ ସମ୍ମୁଖସ୍ଥିତ ଏକ କ୍ୟାବିନରେ ଚା ବିକ୍ରି ହେଉଥିବା ସନ୍ଦେହ କରି ତାହାକୁ ଖୋଲିବା ପରେ ସେଠାରେ ଗରମ ପାଣି କେଟ୍‌ଲି ଓ ଚା' କରାଯାଇଥିବା ଦେଖିଥିଲେ। ଏହାପରେ ଉଭୟ ଦୋକାନୀଙ୍କ ନାମରେ ମାମଲା ରୁଜୁ କରିବା ମହେଶ୍ୱର ସାହୁଙ୍କୁ ଅଟକ ରଖିବା ସହ ୨ଟି ଯାକ ଦୋକାନକୁ ସିଲ୍ କରିବାକୁ ତହସିଲଦାର ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରେ ଉଭୟ ଅଧିକାରୀ କାଟିଆ, ମଙ୍ଗଳପୁର ଇତ୍ୟାଦି ଅଞ୍ଚଳ ବୁଲି ଅମାନିଆଙ୍କୁ ଧରି ଫାଇନ୍ ଆଦାୟ କରିଥିଲେ। ଯେଉଁ ଗ୍ରାହକମାନେ ମାସ୍କ ଲଗାଉ ନାହାନ୍ତି ସେମାନଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ ନ କରିବାକୁ ଦୋକାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ମିଳିଲାନି ମଧ୍ୟାହ୍ନଭୋଜନ ବାବଦ ଚାଉଳ

- ଟୋକନରେ ଡିଲରଙ୍କ ନାଁ ନ ଥିବା ଅଭିଯୋଗ
- ୨୦ଦିନ ହେଲା ଅପେକ୍ଷାରେ ଅଭିଭାବକ

ଏରସମା, ୧୮।୪ (ସ୍ୱ.ପ୍ର.)

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ସାରାଦେଶରେ ଲକ୍‌ଡାଉନ୍ ଜାରି କରାଯାଇଥିବା ବେଳେ ସମସ୍ତ ସ୍କୁଲକୁ ଜୁନ୍ ୧୭ ପର୍ଯ୍ୟନ୍ତ ବନ୍ଦ କରି ଦିଆଯାଇଛି। ତେବେ ସ୍କୁଲ ପିଲାଙ୍କ ମଧ୍ୟାହ୍ନଭୋଜନ ନିମନ୍ତେ ପିଲାମାନଙ୍କୁ ଚାଉଳ ଯୋଗାଇ ଦେବାକୁ ସରକାର ନର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଅଭିଭାବକମାନଙ୍କୁ ସ୍କୁଲ ପକ୍ଷରୁ ଟୋକନ୍ ପ୍ରଦାନ କରାଯାଉଥିବା ବେଳେ ପାଖ ଡିଲର ଚାଉଳ ପ୍ରଦାନ କରିବା ବ୍ୟବସ୍ଥା କରାଯାଇଛି। ହେଲେ ଏରସମା ବ୍ଲକ ଅଞ୍ଚଳରେ ପିଲାଙ୍କ ମଧ୍ୟାହ୍ନଭୋଜନ ଚାଉଳ ପାଇଁ ଅଭିଭାବକମାନେ ହଇରାଣ ହେଉଥିବା ଦେଖାଯାଇଛି। ସ୍କୁଲ ପକ୍ଷରୁ ମିଳିଥିବା ଟୋକନ୍‌ରେ ଡିଲରଙ୍କ ନାମ ଉଲ୍ଲେଖ କରାଯାଇ ନ ଥିବାରୁ ଅଭିଭାବକମାନେ ଏ ପର୍ଯ୍ୟନ୍ତ ଚାଉଳ ପାଇପାରି ନାହାନ୍ତି। ଲକ୍‌ଡାଉନ୍‌କୁ ଇତିମଧ୍ୟରେ ୨୦ ଦିନ ବିତିଥିଲେ ବି ମଧ୍ୟାହ୍ନଭୋଜନ ଚାଉଳ ମିଳି ନ ଥିବା ନେଇ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। କେତେଜଣ ଅଭିଭାବକ କହିଛନ୍ତି, ସ୍କୁଲରୁ ମିଳିଥିବା ଟୋକନ୍‌ରେ ଡିଲରଙ୍କ ନାଁ ଲେଖାଯିବା କଥା। ମାତ୍ର ତାହା କରାଯାଇନାହିଁ, ଯାହାଫଳରେ ଅଭିଭାବକମାନେ ଆଖପାଖ ଅଞ୍ଚଳରେ ପିଡିଏସ୍ ସାମଗ୍ରୀ ଯୋଗାଉଥିବା ଡିଲରଙ୍କ ନିକଟକୁ ଯାଇ ଫେରିବାକୁ ପଡୁଛି। ସ୍କୁଲ ପକ୍ଷରୁ ମାର୍ଚ୍ଚ ୨୯ରୁ ୩୦ ତାରିଖ ମଧ୍ୟରେ ଟୋକନ୍ ବଣ୍ଟା ଯାଇଥିଲେ ବି ଏ ପର୍ଯ୍ୟନ୍ତ ଚାଉଳ ମିଳିପାରିନାହିଁ। ଏ ସମ୍ପର୍କରେ ଏରସମା ବ୍ଲକ ଯୋଗାଣ ଅଧିକାରୀ ଯଶୋବନ୍ତ ମଲ୍ଲିକଙ୍କୁ ପଚାରିବାରେ ସ୍କୁଲ ପକ୍ଷରୁ ଡିଲରଙ୍କ ନାମ ଜଣାଇ ଦିଆଯିବ। ବ୍ୟବସ୍ଥା ହୋଇଗଲାଣି। ଖୁବ୍ ଶୀଘ୍ର ଚାଉଳ ଯୋଗାଇ ଦିଆଯିବ ବୋଲି କହିଥିଲେ।

ସୂଚନାଯୋଗ୍ୟ, ଏରସମା ବ୍ଲକର ୧୭ଟି କ୍ଲଷ୍ଟର ଅଧୀନରେ ମୋଟ ୧୩, ୬୩୪ ଜଣ ଛାତ୍ରୀଛାତ୍ର ୨୧୬ ସ୍କୁଲରେ ପାଠ ପଢୁଛନ୍ତି। ସେହି ଛାତ୍ରୀଛାତ୍ରମାନଙ୍କୁ ମଧ୍ୟାହ୍ନଭୋଜନ ଚାଉଳ ଯୋଗାଇ ଦେବା ପାଇଁ ସ୍କୁଲ ପକ୍ଷରୁ ଟୋକନ୍ ପ୍ରଦାନ କରାଯାଇଛି। ମାତ୍ର ତାହା କେଉଁ ଡିଲରଙ୍କଠାରୁ ମିଳିବ, ସେ ନେଇ ଉଲ୍ଲେଖ କରାଯାଇ ନଥିବାରୁ ଅଭିଭାବକମାନେ ଅସୁବିଧା ଭୋଗୁଛନ୍ତି।

ଟେଲିକ୍ୟାସ ବ୍ୟବସ୍ଥା ଆରମ୍ଭ

ଯାଜପୁର ଟାଉନ,୧୮।୪ (ଡିଏନଏ): ଯାଜପୁରରେ ବ୍ୟାଙ୍କ ଦ୍ୱାରା ଟେଲିକ୍ୟାସ ବ୍ୟବସ୍ଥା ଆରମ୍ଭ ହୋଇଛି। ଭିଡ଼ ରୋକିବା ପାଇଁ ଏହି ବ୍ୟବସ୍ଥା ବ୍ୟାଙ୍କଗୁଡ଼ିକ ସହଯୋଗରେ ହୋଇଛି। ଏହାଦ୍ୱାରା ବ୍ୟାଙ୍କ ହିତାଧିକାରୀ ସୁବିଧା ପାଇପାରିବେ ବୋଲି ଜିଲାପ

ନିର୍ମାଣ ଶ୍ରମିକଙ୍କୁ ମିଳିନି ସହାୟତା

ଖଇରା, ୧୮।୪(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ସମେତ ସମଗ୍ର ଜିଲାରେ ପ୍ରମାଣପତ୍ର ଚିହ୍ନୁ ଆଲରେ ବହୁ ନିର୍ମାଣ ଶ୍ରମିକଙ୍କୁ ସରକାରଙ୍କ ତରଫରୁ ଯୋଗାଇ ଦିଆଯାଇଥିବା ସହାୟତା ରାଶି ୧ହଜାର ୫ଶହ ଟଙ୍କାରୁ ବଞ୍ଚିତ କରାଯାଇଛି। ନିର୍ମାଣ ଶ୍ରମିକମାନଙ୍କୁ ସହାୟତା ପ୍ରଦାନ ଲାଗିଜିଲା ନିର୍ମାଣ ଶ୍ରମିକ ସଂଘ ଉପସଭାପତି ଜଗତାନନ୍ଦ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଅନୁଯାୟୀ ଯେଉଁମାନେ ୨୦୦୯-୧୦ରେ ପରିଚୟପତ୍ର ପାଇଥିଲେ ସେମାନେ ୬ରୁ ୭ବର୍ଷ ପର୍ଯ୍ୟନ୍ତ ପରିଚୟପତ୍ର ନବୀକରଣ କରିଥିଲେ। ହେଲେ ଜିଲା ଶ୍ରମ କାର୍ଯ୍ୟାଳୟରେ ଅଧିକାରୀମାନେ ଅନୁପସ୍ଥିତ ରହିବା କାରଣରୁ ଆଉ ଖର୍ଚ୍ଚାନ୍ତ ହୋଇ ବାଲେଶ୍ୱର ପର୍ଯ୍ୟନ୍ତ ଦୌଡି ନବୀକରଣ କରିବାକୁ ସକ୍ଷମ ହୋଇପାରିନାହାନ୍ତି। ଏହି କ୍ରମରେ ଜିଲାରୁ ୪୫ ହଜାର ଶ୍ରମିକ ନବୀକରଣ ଅଭାବରୁ ସହାୟତାରୁ ବାଦ୍ ପଡିଛନ୍ତି। ଲକ୍‌ଡାଉନ ସମୟରେ କାର୍ଯ୍ୟ ପାଉ ନ ଥିବା ଶ୍ରମିକମାନଙ୍କୁ ସହାୟତାରୁ ବଞ୍ଚିତ କରାଯାଇ ତାଙ୍କୁ ପରୋକ୍ଷ ନିର୍ଯାତନ ଦିଆଯାଉଥିବାର ସେ ଉଲ୍ଲେଖ କରିଛନ୍ତି।

ରବିବାର ଖୋଲିବ ବହି ଦୋକାନ

ଭଦ୍ରକ ଅଫିସ,୧୮।୪

ଏଣିକି ଭଦ୍ରକରେ ରୋଗୀ ନେବା ଆଣିବା ପାଇଁ ଅଟୋ ଚଳାଚଳ କରିବା ପାଇଁ ପ୍ରଶାସନ ଅନୁମତି ପ୍ରଦାନ କରିଛି। ଏଥିଲାଗି ଜିଲା ଆଞ୍ଚଳିକ ପରିବହନ ଅଧିକାରୀଙ୍କଠାରୁ ଅନୁମତି ନେବାକୁ କୁହାଯାଇଛି। ଏହା ସହିତ ନିର୍ଦ୍ଦିଷ୍ଟ ଭାବେ ଭଡ଼ା ମଧ୍ୟ ପ୍ରଶାସନ ଧାର୍ଯ୍ୟ କରିଛି। କେବଳ ରବିବାର ସକାଳ ୬ଟାରୁ ମଧ୍ୟାହ୍ନ ୧ଟା ପର୍ଯ୍ୟନ୍ତ ବହି ଦୋକାନ ଖୋଲାଯିବା ପାଇଁ ଜିଲାପାଳ ଡ. ଜ୍ଞାନ ରଞ୍ଜନ ଦାସ ସୂଚନା ଦେଇଛନ୍ତି।

୯୨ ଗାଡ଼ିରୁ ଆଦାୟ ହେଲା ୧.୨ ଲକ୍ଷ ଜରିମାନା

ଭଦ୍ରକ ଅଫିସ,୧୮।୪

ଭଦ୍ରକ ଜିଲାର ବିଭିନ୍ନ ଥାନା ଅଞ୍ଚଳରୁ ଶୁକ୍ରବାର ୯୨ଟି ଗାଡ଼ି ଯାଞ୍ଚ କରାଯାଇ ୧.୨ ଲକ୍ଷ ଜରିମାନା ଆଦାୟ କରାଯାଇଛି। ଚାନ୍ଦବାଲି ପୋଲିସ ୨୯ ଟି ଗାଡ଼ିରୁ ସର୍ବାଧିକ ୨୯ ହଜାର ଟଙ୍କା ଜରିମାନା ଆଦାୟ କରିଛି। ସେହିଭଳି ମାସ୍କ ପିନ୍ଧି ନ ଥିବା ୧୦ ଜଣଙ୍କଠାରୁ ପୋଲିସ ୨ ହଜାର ଟଙ୍କା ଜରିମାନା ଆଦାୟ କରିଛି।

୨ ବଖରା ଜଳିଗଲା

ଆରଡି, ୧୮।୪ (ଡି.ଏନ.ଏ.)

ଭଦ୍ରକ ଜିଲା ଧୃଷ୍ଟୁରୀ ଥାନା ଅନ୍ତର୍ଗତ ରଇପୁର ପଞ୍ଚାୟତର କାଠମୁଣ୍ଡା ପାଳରେ ଥିବା ଭାଗିରଥି ପଲାଇଙ୍କ ୨ ବଖରା ଘର ଶନିବାର ଜଳିଯାଇଛି। ଖବର ପାଇ ଧାମନଗରରୁ ୨ ଗୋଟି ଦମକଳ ଆସି ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ମାନେ ନିଆଁକୁ ଆୟତ୍ତ କରିସାରିଥିଲେ। ବିଦ୍ୟୁତ୍ ସର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି।

ରୋଜଗାର ଚିନ୍ତାରେ ପରିବା ଚାଷୀ

ସୋର, ୧୮।୪(ଡି.ଏନ.ଏ.)

ବାଇଗଣ କ୍ଷେତରେ ଚାଷୀ ।

କରୋନା ପାଇଁ ଦେଶସାରା ଲକ୍‌ଡ଼ାଉନ କରାଯାଇଥିବା ବେଳେ ଏହାର ପ୍ରଭାବ କୃଷିକ୍ଷେତ୍ର ଉପରେ ପଡିଛି। ଅମଳ ଫସଲକୁ ବିକ୍ରି କରି ନ ପାରି ଚାଷୀମାନେ ହଇରାଣ ହେଉଛନ୍ତି। ବାଲେଶ୍ୱର ଜିଲା ସୋର ଅଞ୍ଚଳରେ ଖରାଦିନିଆ ପନିପରିବା ଚାଷ କରୁଥିବା ଚାଷୀମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି। ଦୋକାନ ବଜାର ବନ୍ଦ ରହିବା ଦ୍ୱାରା ପରିବା ଚାଷୀ କେଉଁଠି ଯାଇ କରି ଗ୍ରାହକଙ୍କୁ ଶସ୍ତାରେ ପ୍ରଦାନ କରୁଛନ୍ତି ତ ପୁଣି କେଉଁଠି ନିଜ ଘରପାଖ ରାସ୍ତାକଡ଼ରେ ବସି ବାଟୋଇଙ୍କୁ ଅପେକ୍ଷା କରି ରହୁଛନ୍ତି। ଅନେକ ପନିପରିବା ଚାଷଜମିରେ ପଡ଼ି ନଷ୍ଟ ହୋଇଯାଉଛି। ଏହି ଲକ୍‌ଡ଼ାଉନ ସମୟରେ ପରିବା ଦୋକାନ ଖୋଲାଯିବା ପାଇଁ ନିର୍ଦ୍ଦିଷ୍ଟ ସମୟସୀମା ରଖାଯାଇଛି। ପରିବା ଚାଷୀ ତାର ଚାଷଜମିରୁ ପନିପରିବା ତୋଳି ଦୈନିକ ପରିବା ମାର୍କେଟକୁ ପଠାଇବା ସମ୍ଭବପର ହୋଇପାରୁନାହିଁ। ଯେଉଁ ପରିବା ଚାଷୀ ନିଜ ଚାଷ ଜମିରେ ପନିପରିବା ଚାଷ କରିଛନ୍ତି, ତାଙ୍କ ପାଖରୁ ମାର୍କେଟରେ ବ୍ୟବସାୟ କରୁଥିବା ଅନ୍ୟ ଦୋକାନୀମାନେ ପ୍ରାୟତଃ କ୍ରୟ କରି ଆଣିଥାନ୍ତି। ଲକ୍‌ଡ଼ାଉନ ଯୋଗୁ ତାହା ବାଧାପ୍ରାପ୍ତ ହୋଇଛି।

ସୋର ବ୍ଲକ ଏକ ଅଣଜଳସେଚିତ ଅଞ୍ଚଳ ହୋଇଥିଲେ ହେଁ ଏହି ଅଞ୍ଚଳରେ ବହୁ ପନିପରିବା ଚାଷୀ ନିଜର ଉଦ୍ୟମରେ ଶହ ଶହ ଏକର ଜମିରେ ପରିବା ଚାଷ କରନ୍ତି। ଏହି ବ୍ଲକରେ ପାଖର ପଞ୍ଚାୟତ ହାଟସାହି ଗ୍ରାମର ୫୬ଟି ପରିବାର ୧୦ରୁ ୧୫ ଏକର ଜମିରେ ବ୍ୟବସାୟୀ ପନିପରିବା ଚାଷ କରନ୍ତି। ସେହିପରି କଳମଙ୍ଗା, ଅନନ୍ତପୁର, ଗୋପୀନାଥପୁର, ବାଳଙ୍ଗ, ମୁଲିସିଂ, ଦହିସଡ଼ା, ନଦୀଗାଁ, ନିଶ୍ଚିନ୍ତପୁର, ମଙ୍ଗଳପୁର ଆଦି ଗ୍ରାମରେ ଶତାଧିକ ପରିବା ଚାଷୀଙ୍କ ଦ୍ୱାରା ଏକର ଏକର ଜମିରେ ବାଇଗଣ, ପୋଟଳ, ଭେଣ୍ଡି, ବିମ୍‌ସ, ସଲରା, କଲରା ଓ କାକୁଡି ସହିତ କ୍ୟାପସିକମ ଆଦି ପରିବା ଚାଷ ହୋଇଛି। ମୁଖ୍ୟତଃ କଳମଙ୍ଗା ଗ୍ରାମର ଏହି ପରିବା ଚାଷୀମାନେ ସୋର, ଅନନ୍ତପୁର, ପାଖରଛକ ତଥା ସାପ୍ତାହିକ ବାରିକପୁର ହାଟକୁ ପରିବା ନେଇ ସଜ ପରିବା ବିକ୍ରୀ କରିଥାନ୍ତି। ଲକ୍‌ଡ଼ାଉନ ହେବା ଦ୍ୱାରା ଦୈନିକ ମାର୍କେଟକୁ ପରିବା ନେଇ ବିକ୍ରି କରିବାରେ ବହୁ ବାଧା ଦେଖାଦେଇଥିବାରୁ ଦୈନିକ ପରିବା ନେଇ ବିକ୍ରୀ କରିପାରୁ ନ ଥିବା ନାରାୟଣ ସେଠୀ, ନରହରି ଯେନା, ରମାକାନ୍ତ ସେଠୀ, ବିଜୟ କୁମାର ସେଠୀ, ମନ୍ମଥ ସେଠୀ ନଦୀଗାଁ ଗ୍ରାମର ହରିହର ପରିଡ଼ା ପ୍ରମୁଖ ପରିବା ଚାଷୀଙ୍କୁ ସାମ୍ପ୍ରତିକ ପରିସ୍ଥିତିରେ ବିପୁଳ କ୍ଷତି ସହିବାକୁ ପଡ଼ିଛି। ବିଗତ ଦିନରେ ଏହି ସମୟରେ ପରିବା ଚାଷୀମାନେ ବେଶ କିଛି ଅର୍ଥ ରୋଜଗାର କରିପାରିଥିଲେ। ବର୍ତ୍ତମାନ ଏହି ଲକଡ଼ାଉନ ଯୋଗୁ ଅନେକ ମାତ୍ରାରେ ଆର୍ଥିକ କ୍ଷତିଗ୍ରସ୍ତ ହୋଇପଡ଼ିଥିବାରୁ ମାନସିକ ସ୍ତରରେ ଆଘାତ ପାଇଛନ୍ତି।

ଲକ୍‌ଡାଉନ୍ ବେଳର ବନ୍ଧୁ

ଭଦ୍ରକ ଅଫିସ, ୧୮।୪

ଚା' ବାଣ୍ଟୁଥିବା ଦୁଇବନ୍ଧୁ।

ଭଦ୍ରକରେ ଲକ୍‌ଡାଉନ ସମୟରେ ଦୁଇ ବନ୍ଧୁ ନିରବିଚ୍ଛିନ୍ନ ଭାବେ ସେବା ଯୋଗାଇ ଚର୍ଚ୍ଚାକୁ ଆସିଛନ୍ତି। ଏଥିରେ ଅଶେଷ ଶାନ୍ତି ମିଳୁଛି ବୋଲି ସେମାନେ କୁହନ୍ତି। ଉଭୟଙ୍କ ବୟସ ୬୦ରୁ ଊର୍ଦ୍ଧ୍ୱ ହେବ। ଏହି ଦୁଇ ବନ୍ଧୁ ହେଲେ ଶିକ୍ଷାବିତ୍ ସୁବାସ ରାୟ ଓ ସମାଜସେବୀ ତଥା ଅବସରପ୍ରାପ୍ତ କର୍ମଚାରୀ ଦୀଲିପ ନାୟକ। ଉଭୟେ ସହରରେ ବୁଲି ବୁଲି ସନ୍ଧ୍ୟାରୁ ରାତି ଯାଏ ଚା' ବାଣ୍ଟନ୍ତି। ଆରଡ଼ିଛକଠାରୁ ଶନିମନ୍ଦିର ଛକ ପର୍ଯ୍ୟନ୍ତ ରାସ୍ତାରେ ଯାଉଥିବା ଲୋକଙ୍କୁ ମାଗଣାରେ ଚା' ଦେଇଥାନ୍ତି। ଏହାସହ ମେଡିକାଲରେ ରୋଗୀଙ୍କ ସମ୍ପର୍କୀୟ, କାର୍ଯ୍ୟରତ ପୋଲିସ କର୍ମଚାରୀ, ଖବରଦାତା, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଚା' ବାଣ୍ଟନ୍ତି। ଏହି ସମୟରେ ପ୍ରାୟ ୨୫ଲିଟର ଏକ କଣ୍ଟେନର୍‌ରେ ଚା' ଧରି ଘୂରି ବୁଲନ୍ତି। ଲକ୍‌ଡାଉନ କଟକଣା କାରଣରୁ ସହରର ସମସ୍ତ ଚା' ଦୋକାନ ବନ୍ଦ ରହିଛି। ସନ୍ଧ୍ୟା ହେଲା କ୍ଷଣି ଲୋକେ ଏହି ଦୁଇ ବନ୍ଧୁଙ୍କୁ ଅପେକ୍ଷା କରି ରହିଥାନ୍ତି। ସକାଳ ସମୟରେ ଲୋକଙ୍କୁ କେତେବେଳେ ରନ୍ଧାଖାଦ୍ୟ ତ ଅନ୍ୟ କେତେବେଳେ ଶୁଖିଲା ଖାଦ୍ୟ ବାଣ୍ଟି ମାନବିକତାର ପରିଚୟ ଦେଇଛନ୍ତି।

୩୬ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଅବଧି ସରିଲା

କେନ୍ଦୁଝର,୧୮।୪(ସ୍ୱ.ପ୍ର.): କେନ୍ଦୁଝର ଜିଲାକୁ୩୭ଜଣ ବ୍ୟକ୍ତି ବିଦେଶରୁ ଫେରିଛନ୍ତି। ସେମାନଙ୍କ ମଧ୍ୟରୁ ଶନିବାର ସୁଦ୍ଧା ୩୬ ଜଣଙ୍କ ହୋମ୍ କ୍ୱାରାଣ୍ଟାଇନ ଅବଧି ଶେଷ ହୋଇଛି। ପ୍ରଶାସନ ତରଫରୁ ଲୋକଙ୍କୁ ସଚେତନ କରାଯିବା ସହ ଚାଗିଆଡ଼େ ସାନିଟାଇଜେଶନ ଜୋରଦାର କରାଯାଉଛି। ଗ୍ରସେରି ଦୋକାନ ତଥା ପରିବା, ମାଛ, ମାଂସ ଦୋକାନ ଆଦିରେ ସାମାଜିକ ଦୂରତା ବଜାୟ ରଖିବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି। ଜିଲାରେ ଲକ ଡାଉନ ଆଇନ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

'ମାସ୍କ ନାହିଁ ତ ଜିନିଷ ନାହିଁ'

ବାଲେଶ୍ୱର ଅଫିସ, ୧୮।୪

ଦୋକାନ ଆଗରେ ଲାଗିଲା ପୋଷ୍ଟର

ଦୋକାନ ଆଗରେ ପୋଷ୍ଟର ମରାଯାଇଛି ।

କରୋନା ମୁକାବିଲା ନେଇ ରାଜ୍ୟ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। କରୋନାଠାରୁ ସୁରକ୍ଷା ଲାଗି ବିଭିନ୍ନ ଉପାୟରେ ଲୋକଙ୍କୁ ସଚେତନ କରାଯାଉଛି। ମାସ୍କ ନାହିଁ ତ ଜିନିଷ ନାହିଁ ବୋଲି କେତେକ ଗ୍ରସେରି (ସଉଦା) ଦୋକାନୀ ଲୋକଙ୍କୁ କହି ସଚେତନ କରାଉଛନ୍ତି। ବାଲେଶ୍ୱର ଜିଲାର ବସ୍ତା, ବାଲିଆପାଳ ବ୍ଲକ ଅଞ୍ଚଳରେ ଦୋକାନୀମାନେ ଏଭଳି ସଚେତନ କରାଉଥିବା ଦେଖିବାକୁ ମିଳିଛି। ଏପରିକି କେତେକ ଦୋକାନୀ ଦୋକାନ ଆଗରେ " ମାସ୍କ ନ ପିନ୍ଧିଲେ ଜିନିଷ ମିଳିବ ନାହିଁ " ବୋଲି ଲେଖି ଦେଇଛନ୍ତି। ଲୋକଙ୍କୁ ସଚେତନ କରିବା ପାଇଁ ଏହା ଭଲ ପଦକ୍ଷେପ ବୋଲି କୁହାଯାଉଛି।

ବସ୍ତା ବ୍ଲକ ଅମର୍ଦ୍ଧା ରୋଡ୍ ଅଞ୍ଚଳର ଗ୍ରସେରି ଦୋକାନୀ ବୈଦ୍ୟନାଥ ଖଣ୍ଡେଲୱାଲ କହିଛନ୍ତି, ପୋଲିସ ତରଫରୁ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ଏଭଳି ଲେଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ତେଣୁ ଆମେ ଦୋକାନ ଆଗରେ ଏଭଳି ଲେଖିଛୁ। ବାଲିଆପାଳ ଅଞ୍ଚଳର ଜଣେ ବ୍ୟବସାୟୀ ସୁରେଶ ଚନ୍ଦ୍ର କହିଛନ୍ତି, ଲୋକଙ୍କୁ ସଚେତନ କରିବା ପାଇଁ ଲେଖିଛୁ। ଅମର୍ଦ୍ଧା ରୋଡ୍ ପୋଲିସ ଫାଣ୍ଡି ଅଧିକାରୀ ରସାନନ୍ଦ ବେହେରା କହିଛନ୍ତି, ମାସ୍କ ନ ଲଗାଇଲେ ଜିନିଷ ମିଳିବ ନାହିଁ ବୋଲି ଦୋକାନୀମାନଙ୍କୁ ଲେଖିବାକୁ କୁହାଯାଇଛି। କେତେକ ଦୋକାନୀ ମାନୁଛନ୍ତି, କେତେକ ମାନୁ ନାହାନ୍ତି ।

ଭ୍ରାମ୍ୟମାଣ ଭ୍ୟାନ୍‌ରେ ଦିଆଗଲା ସହାୟତା ରାଶି

ପାଟଣା,୧୮।୪(ସ୍ୱ.ପ୍ର.)

ପାଟଣା ବ୍ଲକ ମୁଖ୍ୟାଳୟ ସ୍ଥିତ ଅଗ୍ରଣୀ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ସ୍ୱାମ ପାଟଣା ତରଫରୁ ଶନିବାର ଭ୍ରାମ୍ୟମାଣ ଭ୍ୟାନ ଯୋଗେ ବ୍ୟାଙ୍କ ଅଧିକାରୀ ଗାଁକୁ ଗାଁ ବୁଲି ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ଆସିଥିବା କରୋନା ସହାୟତା ଅର୍ଥ ରାଶି ଯୋଗାଇ ଦେଇଛନ୍ତି। କେନ୍ଦୁଝର ବ୍ୟାଙ୍କ ଅଫ ଇଣ୍ଡିଆର ଆଞ୍ଚଳିକ ପ୍ରବନ୍ଧକ ସୌନ୍ଦର୍ଯ୍ୟ ଭୂଷଣ ସାହାଣୀ ଓ ପାଟଣା ଶାଖା ପରିଚାଳକ ଗୋବିନ୍ଦ ସାହୁଙ୍କ ତତ୍ତ୍ୱାବଧାନରେ ୧୦ ଟି ସର୍ଭିସ ଗ୍ରାମର ୧୮୧ ଜଣ ବୃଦ୍ଧ, ମହିଳା ଓ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଛି। କରୋନା ସକାଶେ ଦେଶ ଲକ ଡାଉନ ରହିଥିବା ବେଳେ ଗ୍ରାହକଙ୍କୁ ବ୍ୟାଙ୍କକୁ ନ ଆସି କେନ୍ଦ୍ରସରକାରଙ୍କର କରୋନା ସହାୟତା ରାଶି ଘର ମୁହଁରେ ଯୋଗାଇ ଦେବାକୁ ବ୍ୟାଙ୍କ ଅଫ ଇଣ୍ଡିଆର ଏହି ପ୍ରୟାସ ବୋଲି ଶାଖା ପରିଚାଳକ ଗୋବିନ୍ଦ ସୂଚନା ଦେଇଛନ୍ତି। ହିତାଧିକାରୀଙ୍କୁ ଉଜ୍ଜ୍ୱଳା ଯୋଜନାରେ ୮୦୪ ଟଙ୍କା ଓ ଜନଧନ ଯୋଜନା ରେ ୫୦୦ ଟଙ୍କା ଲେଖାଏ ଦିଆଯାଇଛି।

ଶିକାରୀଙ୍କୁ ସୁହାଉଛି ଲକ୍‌ଡାଉନ

ସଜନାଗଡ, ୧୮।୪(ଡି.ଏନ.ଏ.)

କରୋନା ସଂକ୍ରମଣକୁ ରୋକିବା ଲାଗି ଲକଡାଉନ ଜାରି ରହିଥିବା ବେଳେ ଏହାର ଅବଧିକୁ ସରକାର ବୃଦ୍ଧି କରିଛନ୍ତି। ଏହି ଲକ୍‌ଡାଉନ ଏବେ ବନ୍ୟଜନ୍ତୁ ଶିକାରୀଙ୍କ ପାଇଁ ଅନୁକୂଳ ସମୟ ପାଲଟିଛି। ଏହାର ଉଦାହରଣ ଦେଖିବାକୁ ମିଳିଛି ବାଲେଶ୍ୱର ଜିଲା ନୀଳଗିରି ଉପଖଣ୍ଡ ଅଧୀନ କୁଲଡିହା ଅଭୟାରଣ୍ୟରେ। ମାର୍ଚ୍ଚ ୧ତାରିଖଠାରୁ ଏଯାଏ ୫ରୁ ଊର୍ଦ୍ଧ୍ୱ ଶିକାରୀ ଗିରଫ ହେଲେଣି। ଶୁକ୍ରବାର ନୀଳଗିରି ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ କଣ୍ଟାବଣିଆ ଗ୍ରାମର ମଧୁ ସିଂ ଏବଂ ତାଙ୍କର କେତେକ ସହଯୋଗୀ କୁଲଡିହା ଅଭୟାରଣ୍ୟରେ ଏକ କୁଟୁରାକୁ ଶିକାର କରି ଆଣି ମାଂସ ଭାଗ କରୁଥିବା ବେଳେ ବନବିଭାଗ ଖବର ପାଇ ଚଢାଉ କରିଥିଲା। ମଧୁ ସିଂଙ୍କୁ ଗିରଫ କରାଯାଇଛି। ତାଙ୍କର ଅନ୍ୟ ଦୁଇ ସହଯୋଗୀ ଫେରାର ହୋଇଯାଇଛନ୍ତି। ମଧୁ ସିଂଙ୍କ ନିକଟରୁ କୁଟୁରା ମାଂସ, ମୁଣ୍ଡ, ଚମଡା ସମେତ ଛୁରୀ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ କରାଯାଇଛି। ଏନେଇ ଏକ ମାମଲା (ନଂ.୪/୨୦୨୦) ରୁଜୁ କରାଯାଇଛି। ଚଢାଉରେ କୁଲଡିହାର ରେଞ୍ଜର ବିଜୟ ମହାପାତ୍ର, ପଞ୍ଚୁଲିଙ୍ଗେଶ୍ୱରର ରାମେଶ୍ୱର ମୁର୍ମୁ ଜୋଡାଗୁଆର ଫରେଷ୍ଟର ପରମାନନ୍ଦ ନାୟକ, ଝରଣାଘାଟିର ଫରେଷ୍ଟର ସୌମ୍ୟରଞ୍ଜନ ମାଝି, ସନ୍ତରାଗଡିଆ ଫରେଷ୍ଟଗାର୍ଡ ଜ୍ୟୋସ୍ନା ଦତ୍ତ ଏବଂ ସବୁଜ ବାହିନୀର କର୍ମକର୍ତ୍ତା ଉପସ୍ଥିତ ଥିଲେ।

ବିଦେଶୀ ମଦ ଭର୍ତ୍ତି ଟ୍ରକ୍ ଜବତ

ଭଞ୍ଜନଗର,୧୮।୪(ଡି.ଏନ.ଏ.)

ଲକ୍‌ଡ଼ାଉନ ପୂର୍ବରୁ ଏକ ବିଦେଶୀ ମଦ ଭର୍ତ୍ତି ଟ୍ରକ ଭୁବନେଶ୍ୱରରୁ ବ୍ରହ୍ମପୁର ଅଭିମୁଖେ ବାହାରିଥିଲା। ଲକ୍‌ଡ଼ାଉନ ଲାଗୁ ହେବା ପରେ ଚାଳକ ନିଜ ଗ୍ରାମକୁ ଟ୍ରକଟିକୁ ନେଇ ଆସିଥିଲେ। ଗାଁରେ ରଖିବା ସମୟରେ ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ ଚାଳକ। ଏନେଇ ପୋଲିସ ପ୍ରଶାସନ ପାଖରେ ଖବର ପହଞ୍ଚିଥିଲା। ଉପ ଜିଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ନେତୃତ୍ୱରେ ବେଲଗୁଣ୍ଡା ଫାଣ୍ଡି ପୋଲିସ ଉପସ୍ଥିତିରେ ଶନିବାର କେବିରିବରପୁରରେ ଚଢ଼ାଉ କରାଯାଇ ଉକ୍ତ ଟ୍ରକଟିକୁ ଜବତ କରାଯାଇଥିଲା। ଚାଳକଙ୍କୁ ଥାନାରେ ଅଟକ ରଖି ପୋଲିସ ତଦନ୍ତ ଚଳାଇଛି।

ବାଇକ୍ ଧକ୍କା, ଜଣେ ମୃତ

ଶେରଗଡ଼,୧୮।୪(ଡି.ଏନ୍.ଏ.)

ଶେରଗଡ଼-ବଡ଼ଗଡ଼ ରାସ୍ତାରେ ଶନିବାର ସକାଳେ ୨ ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମଛାକୋଟର ନାରାୟଣ ପ୍ରଧାନ। ବଡ଼ଗଡ଼ ପୋଲିସ ନଂ.୮୯/୨୦ରେ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ ପାଇଁ ଆସିକା ପଠାଇଛି। ମଛାକୋଟର ନାରାୟଣ ପ୍ରଧାନ ବାଇକ୍ ଯୋଗେ ଶେରଗଡ଼ ଆସୁଥିବାବେଳେ ଗଜେନ୍ଦ୍ର ମଲ୍ଲିକ ତାଙ୍କ ବାଇକ୍‌ରେ ଗୁହାଲପୁର ଫେରୁଥିଲେ। ମଛାକୋଟ ଘାଇ ରାସ୍ତାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଶେରଗଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ନାରାୟଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗଜେନ୍ଦ୍ରଙ୍କ ଚିକିତ୍ସା ଚାଲିଛି।

ବି.ନୂଆଗାଁ ହାଟ ବନ୍ଦ କଲା ପ୍ରଶାସନ

ପାଟ୍ରପୁର,୧୮।୪(ଡି.ଏନ୍.ଏ.)

ପାଟ୍ରପୁର ବ୍ଲକ ବି.ନୂଆଗାଁ ହାଟ ସକାଳେ ଚାଲିଥିବାବେଳେ ତହସିଲଦାର ପହଞ୍ଚି ଅଧଘଣ୍ଟାଏ ମଧ୍ୟରେ ବନ୍ଦ କରିବାକୁ କହିଥିଲେ। ମେ'୩ ପର୍ଯ୍ୟନ୍ତ ଖୋଲିବାକୁ ବ୍ୟବସାୟୀଙ୍କୁ ବାରଣ କରିଛନ୍ତି।

ବ୍ରହ୍ମପୁର

କୋଭିଡ୍ ହସ୍ପିଟାଲରେ ଯୋଗଦେବେ ଏମ୍‌କେସିଜିର ୧୬ ଡାକ୍ତର

ଛତ୍ରପୁର, ୧୮।୪(ଡି.ଏନ୍.ଏ.)

ଶୀତଳାପଲ୍ଲିଠାରେ ଥିବା ଟାଟା ଷ୍ଟିଲ ମେଡ଼ିକା ହସ୍ପିଟାଲ ଗତ ୧୦ ତାରିଖରୁ କୋଭିଡ୍ ହସ୍ପିଟାଲ ରୂପେ କାର୍ଯ୍ୟକ୍ଷମ ହୋଇଛି। ପ୍ରଥମ ପର୍ଯ୍ୟାୟରେ ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲର ୧୬ ଡାକ୍ତର, ନର୍ସ ଓ ଟେକ୍ନିକାଲ ଷ୍ଟାଫ କୋଭିଡ୍ ହସ୍ପିଟାଲରେ ନିଯୁକ୍ତ ହୋଇଥିଲେ। ଆସନ୍ତା ୨୪ ତାରିଖରୁ ଏମ୍‌କେସିଜିର ଆଉ ୧୬ ଡାକ୍ତର ସେଠାକୁ ଯିବେ ବୋଲି ଜଣାପଡିଛି। ଆସନ୍ତା ୨୪ ତାରିଖରେ ଏମାନେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶ ହୋଇଛି। କୋଭିଡ୍ ହସ୍ପିଟାଲ କ୍ୟାମ୍ପସ୍‌ରେ ସମସ୍ତ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ରହିବା ବ୍ୟବସ୍ଥା କରାଯାଇଛି। ଏହି ହସ୍ପିଟାଲରେ ୨୦୦ ଶଯ୍ୟା ରହିଛି। ୧୫ ଆଇସିୟୁ ବେଡ଼ (ଭେଣ୍ଟିଲେଟର ସହିତ) ସୁବିଧା ଅଛି।

ଏମ୍‌କେସିଜିରେ ଜଣେ ସନ୍ଦିଗ୍ଧ ଭର୍ତ୍ତି

ବ୍ରହ୍ମପୁର ଅଫିସ,୧୮।୪

ଏମ୍‌କେସିଜି ମେଡିକାଲରେ ଶନିବାର ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଛନ୍ତି । ବ୍ରହ୍ମପୁର ରେଳଷ୍ଟେଶନ ନିକଟରୁ ତାଙ୍କୁ ପୋଲିସ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛି। ତାଙ୍କ ଦେହରେ ଜ୍ୱର ଥିବା ବେଳେ କାଶ ମଧ୍ୟ ହେଉଛି । ସ୍ୱତନ୍ତ୍ର କରୋନା ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇଛି ବୋଲି ମେଡିକାଲ ଅଧୀକ୍ଷକ ପ୍ରଫେସର ଡ଼. ସନ୍ତୋଷ କୁମାର ମିଶ୍ର କହିଛନ୍ତି। ସ୍ୱାବ୍ ନମୁନା ସଂଗ୍ରହ କରାଯାଇ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି। ମେଡିକାଲରେ ପୂର୍ବରୁ ୩ ଜଣ ସନ୍ଦିଗ୍ଧ ରହିଥିବା ବେଳେ ଜଣଙ୍କର ସ୍ୱାବ୍ ପରୀକ୍

ଅନୁଗୋଳରେ ପାରଦ ୪୧.୩ ଡିଗ୍ରୀ

ଅନୁଗୋଳ ଅଫିସ, ୧୮।୪: ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ଶନିବାର ଅନୁଗୋଳ ସହରର ତାପମାତ୍ରା ୪୧.୩ ଡିଗ୍ରୀ ଥିବା ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଶୁକ୍ରବାର ସହରର ସର୍ବାଧିକ ତାପମାତ୍ରା ୪୧.୫ ଥିଲା। ଅନୁଗୋଳରେ କାଳବୈଶାଖୀର ସମ୍ଭାବନା ନ ଥିବାରୁ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି।

ସଂକ୍ଷେପରେ

୨ ଶହ ମାସ୍କ ବଣ୍ଟନ

ବଇଣ୍ଡା, ୧୮।୪(ଡି.ଏନ.ଏ.): କିଶୋରନଗର ବ୍ଲକ ବଇଣ୍ଡା ଛକରେ ଥିବା ବିଭିନ୍ନ ଦୋକାନ, ଷ୍ଟେଟ ବ୍ୟାଙ୍କ, ସ୍ୱାସ୍ଥ୍ୟକେନ୍ଦ୍ର, ବେସରକାରୀ କାର୍ଯ୍ୟାଳୟରେ ଶନିବାର ମାସ୍କ ବଣ୍ଟନ କରାଯାଇଛି। ଆଠମଲ୍ଲିକର ସାମାଜିକ କର୍ମୀ ଅର୍ଜୁନ କୁମାର ସାହୁ, ହରିହର ସାହୁ, ପ୍ରଫୁଲ୍ଲ କୁମାର ବାହିନୀପତି, ପ୍ରଦୀପ କୁମାର ସାହୁ ପ୍ରାୟ ୨ଶହ ମାସ୍କ ବାଣ୍ଟିଥିଲେ। ଏଥିସହ ଘରୁ ବାହାରକୁ ନ ବାହାରିବା, ସାମାଜିକ ଦୂରତା ରକ୍ଷା କରିବା, ମାସ୍କ ବ୍ୟବହାର କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ପାଇକସାହି, ଟାପଢୋଲ, ସାପଘରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ମାସ୍କ ବଣ୍ଟନ କରାଯାଇଥିଲା।

ଲକ୍‌ଡାଉନ ଉଲ୍ଲଂଘନ, ୨ ଗିରଫ

ଆଠମଲ୍ଲିକ, ୧୮।୪(ଡି.ଏନ.ଏ.): ଆଠମଲ୍ଲିକ ଥାନା ଅଞ୍ଚଳରେ ଶୁକ୍ରବାର ଲକ୍‌ଡାଉନ ନିୟମ ଉଲଂଘନ ଅଭିଯୋଗରେ ପୋଲିସ ମାଧପୁର ଓ ଅଏଡାର ୨ ଜଣଙ୍କୁ ଗିରଫ କରିଥିଲା। ଏ ନେଇ ଦୁଇଟି ମାମଲା ରୁଜୁ ହୋଇଛି। ପରେ ୪୧ ନୋଟିସରେ ସେମାନଙ୍କୁ ଥାନାରୁ ଛଡାଯାଇଥିବା ଜଣାପଡ଼ିଛି।

୭ ଶିକାରୀ ଗିରଫ

ବଇଣ୍ଡା, ୧୮।୪(ଡି.ଏନ.ଏ.): ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ରେଞ୍ଜ ଚପଲାଖୋଲ ଜଙ୍ଗଲ ନିକଟରୁ ଶନିବାର ବନ ବିଭାଗ ୫ କେଜି ବାର୍‌ହା ମାଂସ ଜବତ କରିଛି। ଏଥିସହ ୭ଜଣ ଶିକାରୀ ଠାକୁରଗଡ଼ ଥାନା ମହାଧରପୁରର ହୃଷିକେଶ ମାଝି, କ୍ଷୀରୋଦ ଦେହୁରୀ, ଜନକ ମାଝି, ଜୟଦେବ ମାଝି, ରାଜକିଶୋର ନାୟକ, ନୀଳାଚଳ ସାହୁ, ଚୈତନ୍ୟ ମାଝିଙ୍କୁ ଗିରଫ କରିଛି। ଧଣ୍ଡାତୋପା ରେଞ୍ଜର ରାହାସ ସାହୁ, ଫରେଷ୍ଟର ସୁବ୍ରତ ସାହୁ, ସନ୍ତୋଷ ସାହୁ, ଅଞ୍ଜଳି ବେହେରା, ସନ୍ତୋଷ ଦେହୁରୀ ପ୍ରମୁଖ ଚଢ଼ାଉ କରିଥିଲେ।

କୂଅରେ ପଡ଼ି ବୃଦ୍ଧା ମୃତ

ବନ୍ତଳା, ୧୮।୪(ଡି.ଏନ.ଏ.): ବନ୍ତଳା ଥାନା ହମାମିରା ଗ୍ରାମର ଏକ ପରିତ୍ୟକ୍ତ କୂଅରେ ପଡି ଶୁକ୍ରବାର କଣ୍ଢେଇ ବେହେରା (୭୦)ଙ୍କ ମୃତ୍ୟୁ ଘଟିଛି। ସକାଳେ ପରିବାର ବର୍ଗ ଖୋଜିବା ସମୟରେ କୂଅରେ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି।

ମଦ ଜବତ, ମହିଳା ଗିରଫ

ଢେଙ୍କାନାଳ ଅଫିସ, ୧୮।୪: ଢେଙ୍କାନାଳ ସଦର ଥାନା ପୋଲିସ ଶୁକ୍ରବାର ସନ୍ଧ୍ୟାରେ ବଡ଼ହତା ଗ୍ରାମରେ ଚଢ଼ାଉ କରି ୪୦୦ଟି ଦେଶୀ ମଦ ପାଉଚ୍, ୪୨ ବୋତଲ ବିୟର ଏବଂ ୫୦ ବୋତଲ ରମ୍ ଜବତ କରିଛି। ବେଆଇନ ମଦ କାରବାର ଅଭିଯୋଗରେ ଆରତୀ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୧୪୪/୨୦, ଦଫା ୫୨ (ଏ), ଓଡ଼ିଶା ଅବକାରୀ ଆକ୍ଟରେ ମାମଲା ରୁଜୁ କରାଯାଇଛି।

ଆଶ୍ୱସ୍ତି ଦେଲା ଝଡ଼ବର୍ଷା

ଢେଙ୍କାନାଳ ଅଫିସ, ୧୮।୪: ଢେଙ୍କାନାଳ ସହରରେ ଶନିବାର ସନ୍ଧ୍ୟା ୬ଟାରୁ ଘଣ୍ଟାଏ ଧରି ପ୍ରବଳ ଝଡ଼ବର୍ଷା ହୋଇଥିଲା। ସହରର ତାପମାତ୍ରା ୪୦ ଛୁଇଁଥିବାବେଳେ ବର୍ଷା ଯୋଗୁ ତାପମାତ୍ରା ହ୍ରାସ ପାଇଛି। ଶୀତଳ ପବନ ପ୍ରବାହିତ ହେବାରୁ ସହରବାସୀ ସାମାନ୍ୟ ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପଟେ ବର୍ଷାପବନ ଯୋଗୁ ବିଦ୍ୟୁତ୍ ବିଭ୍ରାଟ ଦେଖାଦେଇଛି।

କରୋନା ଯୋଦ୍ଧାଙ୍କୁ ମିଳୁନି ଦରମା

ଅନୁଗୋଳ ଅଫିସ, ୧୮।୪

ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ

କରୋନା ମୁକାବିଲା ପାଇଁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରସ୍ତୁତ ଥିବା ୧୦୪ ଜଣ ଆଉଟସୋର୍ସିଂ କର୍ମଚାରୀଙ୍କୁ ୩ ମାସ ହେଲା ଦରମା ମିଳିନାହିଁ। ମେଡିକାଲ କର୍ତ୍ତୃପକ୍ଷଙ୍କ ଖାମଖିଆଲ ମନୋଭାବ କାରଣରୁ ଏହି କରୋନା ଯୋଦ୍ଧାମାନେ ଆର୍ଥିକ ଅନଟନର ଶିକାର ହେଉଥିବା ଅଭିଯୋଗ ହେଉଛି। ଏ ନେଇ ଠିକାଦାରଙ୍କ ପାଖରୁ ଆରମ୍ଭ କରି ଉଚ୍ଚ କର୍ତ୍ତୃପକ୍ଷଙ୍କଠାରେ ବାରମ୍ବାର ଅଭିଯୋଗ କରାଯାଉଥିଲେ ମଧ୍ୟ ପଦକ୍ଷେପ ନିଆଯାଉ ନ ଥିବା କର୍ମଚାରୀମାନେ ଅଭିଯୋଗ କରିଛନ୍ତି।

କର୍ମଚାରୀମାନ କହିଛନ୍ତି ଯେ, ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍)ରୁ ଆଉଟ୍‌ସୋର୍ସିଂ ଭାବେ ଆଟେଣ୍ଡାଣ୍ଟ, ଫାର୍ମାସିଷ୍ଟ, ଷ୍ଟାଫ ନର୍ସ ଓ ଡ୍ରାଇଭର ଆଦି ପଦବୀରେ ୧୦୪ଜଣଙ୍କୁ ନିଯୁକ୍ତି ଦିଆଯାଇଥିଲା। କିନ୍ତୁ ଦରମା ଦେବା ସମୟ ହେଲେ ଆଜି ଦିଆଯିବ, କାଲି ଦିଆଯିବ କହି କର୍ତ୍ତୃପକ୍ଷ ସମୟ ଗଡ଼ାଇ ଚାଲିଛନ୍ତି। ସରକାର ମେଡିକାଲ କର୍ମଚାରୀଙ୍କୁ ଆଗୁଆ ୩ ମାସର ଦରମା ପ୍ରଦାନ କରାଯିବ ବୋଲି ଘୋଷଣା କରିଥିବା ବେଳେ ଅନୁଗୋଳରେ ଏହାର ଓଲଟା ଚିତ୍ର ଦେଖିବାକୁ ମିଳୁଛି। ଶେଷଥର ପାଇଁ ଏହି କର୍ମଚାରୀମାନଙ୍କୁ ୨୦୧୯ ଡିସେମ୍ବର ମାସର ଦରମା ଦିଆଯାଇଥିଲା। ଏହାପରଠାରୁ ୩ ମାସର ଦରମା ଏଯାଏ ପ୍ରଦାନ କରାଯାଉନାହିଁ। କରୋନାକୁ ନେଇ ସବୁଠି ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷଙ୍କ ଏପରି କର୍ମଚାରୀମାରଣ ନୀତି ଅତ୍ୟନ୍ତ ଉଦ୍‌ବେଗର ବିଷୟ ବୋଲି କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଏ ନେଇ ଭାରପ୍ରାପ୍ତ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ଏଡିଏମ୍‌ଓ) ଡାକ୍ତର ଶ୍ୟାମ ପ୍ରସାଦ ଦାସ କହିଛନ୍ତି, ଦରମା ବାବଦ ଫାଇଲରେ ଦସ୍ତଖତ କରିସାରିଛି। ଖୁବ୍‌ଶୀଘ୍ର ସମ୍ପୃକ୍ତ କର୍ମଚାରୀମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ।

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ।

ବିତରଣରେ ହେରଫେର ଅଭିଯୋଗ

ଅନୁଗୋଳ ଅଫିସ, ୧୮।୪

ଅନୁଗୋଳ ଜିଲା ଛେଳିଆପଡ଼ାସ୍ଥିତ ଖାଉଟି ଦ୍ରବ୍ୟ ବିତରକ ଜନ୍ମେଜୟ ସାହୁ (ଡିଲର ନମ୍ବର- ୦୧୦୧ପି୦୬୦) ୩ ମାସର ରାଶନ ସାମଗ୍ରୀ ଲୋକଙ୍କୁ ଦେଉ ନ ଥିବା ଅଭିଯୋଗ ହୋଇଛି। କିରୋସିନର ସରକାରୀ ମୂଲ୍ୟ ୪୧ ଟଙ୍କା ଥିବାବେଳେ ଡିଲର ୫୧ ଟଙ୍କା ନେଉଥିବା ହିତାଧିକାରୀ ହେମନ୍ତ ପ୍ରଧାନ, ଅଜିତ ପ୍ରଧାନ, ପ୍ରଭାକର ସାହୁ, ସିଦ୍ଧାନ୍ତ ପ୍ରଧାନ, ଜୟନ୍ତ କୁମାର ପ୍ରଧାନ, ପ୍ରଶାନ୍ତ ପ୍ରଧାନ, ରିତେଶ ପ୍ରଧାନ, ଦୁର୍ମୟ ପ୍ରଧାନ, ସୁଧାକର ବେହେରା, ଉପେନ୍ଦ୍ର ପ୍ରଧାନ, ଗୋପି ବେହେରା ପ୍ରମୁଖ ଶନିବାର ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଓ ବିଡିଓ ଅଂଶୁମାନ ଶତପଥୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଉପଜିଲାପାଳ ଶତପଥୀ କହିଛନ୍ତି, ଅଭିଯୋଗର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସତ ହୋଇଥିଲେ ଲାଇସେନ୍ସ ରଦ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀମାନେ।

ବିଓବି ପକ୍ଷରୁ ବିଶୁଦ୍ଧୀକରଣ କାର୍ଯ୍ୟକ୍ରମ

ଭାପୁର, ୧୮।୪(ଡି.ଏନ.ଏ.)

ଢେଙ୍କାନାଳ ସଦର ବ୍ଲକ ସାଙ୍କୁଲେଇ ପଞ୍ଚାୟତରେ ବ୍ୟାଙ୍କ୍ ଅଫ୍ ବରୋଦା (ବିଓବି) ପକ୍ଷରୁ ବିଶୁଦ୍ଧୀକରଣ ଏବଂ ମାସ୍କ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମରେ ଘର ଘର ବୁଲି ବିଶୋଧନ ସ୍ପ୍ରେ କରାଯାଇଥିଲା। ଏଥିସହ କରୋନା ସଂକ୍ରମଣରୁ ସୁରକ୍ଷା ଲାଗି ସର୍ବାଧିକ ସଚେତନତା ଅବଲମ୍ବନ କରିବାକୁ ନିବେଦନ କରାଯାଇଥିଲା। ଢେଙ୍କାନାଳ ଶାଖା ପରିଚାଳକ ଜିତେଶୁ ଜେନା, ଫିଲ୍ଡ ଅଫିସର ଶାନ୍ତନୁ ଚଇନି, ସରପଞ୍ଚ ରାମଚନ୍ଦ୍ର ସାହୁ, ବଳଭଦ୍ରପୁର ଗ୍ରାମ୍ୟ ଶାନ୍ତି କମିଟି ସଭାପତି ଶୁଭେନ୍ଦୁ ମହାପାତ୍ର, ଗ୍ରାହକ ସେବାକେନ୍ଦ୍ର ସଞ୍ଚାଳକ ସଞ୍ଜୟ ମହାନ୍ତି ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

ସଚେତନତା କାର୍ଯ୍ୟକ୍ରମରେ ବ୍ୟାଙ୍କ ଅଫ୍ ବରୋଦାର କର୍ମଚାରୀମାନେ।

ଫସଲ ନଷ୍ଟକଲା ହାତୀ

ପବିତ୍ରନଗର, ୧୮।୪(ଡି.ଏନ.ଏ.)

ତାଳଚେର ବନାଞ୍ଚଳ ଶିପୁର ବନବିଭାଗ ଅଧୀନ ବିଭିନ୍ନ ଗ୍ରାମରେ ହାତୀ ଉପଦ୍ରବ ଲାଗିରହିଛି। ମଙ୍ଗଳବାର ରାତିରେ ହାତୀ ବୁରୁକୁନା ଗ୍ରାମର ଶରତଚନ୍ଦ୍ର ପ୍ରଧାନଙ୍କ ଫାର୍ମରେ ପଶି କଦଳୀ ଓ ଅନ୍ୟ ଫସଲ ଖାଇ ନଷ୍ଟ କରିଛି। ଗାଁର ଆଉ କେତେଜଣଙ୍କ ଫସଲକୁ ମଧ୍ୟ କ୍ଷତି ପହଞ୍ଚାଇଛି। ତୁରନ୍ତ ବନ ବିଭାଗ କ୍ଷତିପୂରଣ ଦେବା ସହ ହାତୀ ଘଉଡ଼ାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

ଛେଣ୍ଡିପଦା,୧୮।୪(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ଶିମିଳିପାଳ ପଞ୍ଚାୟତ କାଠପାଳ ଗ୍ରାମର ସାଗର ବେହେରାଙ୍କ ସ୍ତ୍ରୀ ଶିବାନୀ ବେହେରା(୨୨)ଙ୍କୁ ଶୁକ୍ରବାର ହତ୍ୟା କରାଯାଇଥିବା ଅଭିଯୋଗ କରାଯାଇଛି। ପୋଲିସ କହିଛି, ସାଗର ବର୍ଷେ ତଳେ ହାଣ୍ଡିଗୋଡା ଗ୍ରାମର ରମେଶ ମାଝିଙ୍କ ଝିଅ ଶିବାନୀଙ୍କୁ ବିବାହ କରିଥିଲେ। ତେବେ ନିର୍ଯାତନା ଯୋଗୁ ଶିବାନୀ ୬ଦିନ ପୂର୍ବରୁ ବାପ ଘରକୁ ଯାଇଥିଲେ। ଶୁକ୍ରବାର ବାପ ଘର ଲୋକେ ତାଙ୍କୁ ଶାଶୁ ଘରେ ଛାଡି ଫେରିଯିବା ପରେ ଝିଅ ଆତ୍ମହତ୍ୟା କରିଥିବା ଖବର ପାଇଥିଲେ। ପାରିପାର୍ଶ୍ୱିକ ସ୍ଥିତିରୁ ଶିବାନୀଙ୍କୁ ହତ୍ୟା କରାଯାଇଥିବା ମାମୁ ଛେଣ୍ଡିପଦା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୧୧୭/୨୦ରେ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିଛି। ଶିବାନୀଙ୍କ ସ୍ୱାମୀ ସାଗର ବେହେରା,ଶ୍ୱଶୁର ଓ ଶାଶୁଙ୍କ ନାମରେ ମାମଲା ରୁଜୁ କରାଯାଇଛି। ସ୍ୱାମୀ ସାଗରଙ୍କୁ ଗିରଫ କରାଯାଇ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ କନକ ମାଝି ପ୍ରକାଶ କରିଛନ୍ତି।

କୋଇଲା ଜବତ, ୨ ଗିରଫ

କଣିହାଁ,୧୮।୪(ଡି.ଏନ୍.ଏ.)

କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ୍ ଥାନା ପୋଲିସ ଚୋରା କୋଇଲା ଜବତ କରିବା ସହ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଆଇଆଇସି ଦୀପିକା ଦେବୀରାୟ କହିଛନ୍ତି, ଶୁକ୍ରବାର ବିଳମ୍ବିତ ରାତିରେ ଦଣ୍ଡସିଂହା ଗ୍ରାମର ଟିକନ ଏକ ନମ୍ବରବିହୀନ ସ୍କୁଟରରେ କୋଇଲା ନେଉଥିବା ବେଳେ ଧରାପଡ଼ିଥିଲେ। ତଦନ୍ତ ବେଳେ ସେ ଶିପୁର ଗ୍ରାମର ଜିତେନ୍ଦ୍ର ବାଇଙ୍କ ଇଟାଭାଟିକୁ କୋଇଲା ନେଉଥିବା ଜଣାପଡ଼ିବାରୁ ଚଢ଼ାଉ କରାଯାଇ ଜିତେନ୍ଦ୍ରଙ୍କୁ ଗିରଫ କରାଯାଇଥିଲା। ଏ ସଂକ୍ରାନ୍ତରେ ନଂ. ୫୯/୨୦ରେ ମାମଲା ରୁଜୁ କରାଯାଇଛି।

ଭିଡ଼ରେ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ

ଟଙ୍କା ବଣ୍ଟନ ବେଳେ ସାମାଜିକ ଦୂରତା ରକ୍ଷା କରାଯାଇନାହିଁ।

ବନ୍ତଳା, ୧୮।୪(ଡି.ଏନ.ଏ.)

କରୋନା ସଂକ୍ରମଣ ରୋକିବାକୁ ସରକାର ସାମାଜିକ ଦୂରତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଉଥିବାବେଳେ ବନ୍ତଳା ଥାନା ବେତାଶାସନ ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନ ରଞ୍ଜନ ଭୁକ୍ତା ଏହାର ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି। ଗୁରୁବାର ପଞ୍ଚାୟତ ଅଧିକାରୀ ବହୁ ସଂଖ୍ୟାରେ ରାଶନ କାର୍ଡ ହିତାଧିକାରୀଙ୍କୁ ୧ ହଜାର ଟଙ୍କା ଲେଖାଏ ପ୍ରଦାନ କରିଥିଲେ। ଟଙ୍କା ନେବାକୁ ହିତାଧିକାରୀମାନେ ସକାଳୁ ଗୋଟିଏ ସ୍ଥାନରେ ଠୁଳ ହୋଇଥିଲେ ମଧ୍ୟ ସେମାନଙ୍କୁ ସାମାଜିକ ଦୂରତା ରକ୍ଷା କରିବାକୁ ନ କହି ନିର୍ବାହୀ ଅଧିକାରୀ ଟଙ୍କା ପ୍ରଦାନ କରିଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ନିର୍ବାହୀ ଅଧିକାରୀ ଭୁକ୍ତା କହିଛନ୍ତି, ଜରୁରୀ ପରିସ୍ଥିତିରେ ୧୭୦୦ ହିତାଧିକାରୀଙ୍କୁ ଦୁଇ ଦିନରେ ଟଙ୍କା ବଣ୍ଟନ କରିଥିଲୁ। ବାରମ୍ବାର ସେମାନଙ୍କୁ ସଚେତନ କରାଯାଇଥିଲେ ମଧ୍ୟ ହିତାଧିକାରୀମାନେ ଶୁଣି ନ ଥିଲେ।

ଏନ୍‌ଟିପିସିରେ ହ୍ରାସ ହେବନି ବିଦ୍ୟୁତ୍ ଉତ୍ପାଦନ

ତାଳଚେର,୧୮।୪(ନି.ପ୍ର.)

ଅନୁଗୋଳ ଜିଲା କଣିହାଁସ୍ଥିତ ଏନ୍‌ଟିପିସି ଉଦ୍ୟୋଗର ବିଦ୍ୟୁତ୍ ଉତ୍ପାଦନ ନେଇ ସିଏମ୍‌ଡି ଗୁରୁଦୀପ ସିଂ ଏବଂ ଆଞ୍ଚଳିକ ମୁଖ୍ୟଙ୍କ ମଧ୍ୟରେ ଆଲୋଚନା ହୋଇଛି। କୌଣସି ସ୍ଥିତିରେ ପ୍ଲାଣ୍ଟର ଶକ୍ତି ଉତ୍ପାଦନରେ ହ୍ରାସ ଘଟିବାକୁ ଦିଆଯିବ ନାହିଁ ବୋଲି ଅଧିକାରୀମାନେ ନିଶ୍ଚିତ କରିଛନ୍ତି।

ସୂଚନା ଅନୁଯାୟୀ, ସର୍ବନିମ୍ନ ମାନବ ସମ୍ବଳରେ କାର୍ଯ୍ୟ କରାଯାଉଥିଲେ ମଧ୍ୟ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ୍ ଉତ୍ପାଦନ ଓ ଯୋଗାଣ ଜାରି ରହିଛି। ପ୍ରକଳ୍ପର କର୍ମଚାରୀମାନେ ଆଖପାଖ ଗ୍ରାମ, ଶ୍ରମିକ ବସ୍ତିରେ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରିଛନ୍ତି। କମ୍ପାନୀ ସିଏସ୍‌ଆର୍ ଯୋଜନାରେ ସାବୁନ ସହ ଅଦ୍ୟାବଧି ୧୨ ହଜାର ମାସ୍କ ବଣ୍ଟନ କରିଛି। ଏନ୍‌ଟିପିସି ପକ୍ଷରୁ ୪୫ଟି ହସ୍‌ପିଟାଲରେ ଏକାନ୍ତ କକ୍ଷର ବନ୍ଦୋବସ୍ତ କରାଯାଇଛି। ଦିଲ୍ଲୀର ବଦରପୁର ହସ୍ପିଟାଲ ଏବଂ ଓଡ଼ିଶାର ସୁନ୍ଦରଗଡ଼ସ୍ଥିତ ମେଡିକାଲ କଲେଜ ହସ୍ପିଟାଲକୁ କୋଭିଡ୍ ଆକ୍ରାନ୍ତଙ୍କ ନିମନ୍ତେ ପ୍ରସ୍ତୁତ କରାଯାଇଛି। ଏନ୍‌ଟିପିସି ମ୍ୟାନେଜମେଣ୍ଟ ପକ୍ଷରୁ ୩କୋଟି ଟଙ୍କାର ସ୍ୱାସ୍ଥ୍ୟ ଉପକରଣ ଆବଣ୍ଟନ କରାଯାଉଛି। ମେଡିକାଲ କର୍ମଚାରୀମାନେ ଭିଡିଓ କଲ୍ ମାଧ୍ୟମରେ ପର୍ସନାଲ ପ୍ରୋଟେକ୍ଟିଭ ଇକ୍ୟୁପମେଣ୍ଟ (ପିପିଇ)ର ବ୍ୟବହାର ନେଇ ପ୍ରଶିକ୍ଷଣ ନେଉଛନ୍ତି। ୧୨ଶହ ପିପିଇ କିଟ୍, ୧ ଲକ୍ଷ ୨୦ହଜାର ସର୍ଜିକାଲ କିଟ୍, ୩୩ ହଜାରରୁ ଊର୍ଦ୍ଧ୍ୱ ଗ୍ଲୋଭସ, ୫ ହଜାର ଆପ୍ରୋନ, ୮ ହଜାର ସୁକଭର, ୫୩୫ ଲିଟର ସାନିଟାଇଜର ଏନ୍‌ଟିପିସିର ସମସ୍ତ ପ୍ରୋଜେକ୍ଟ ଏବଂ କେନ୍ଦ୍ରକୁ ପଠାଯାଇଛି ବୋଲି ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି।

ଏନ୍‌ଟିପିସି ପକ୍ଷରୁ ମାସ୍କ ବଣ୍ଟନ କରାଯାଉଛି।

ସମ୍ବର୍ଦ୍ଧିତ ହେଲେ କରୋନା ଯୋଦ୍ଧା

ଜଣେ ପୋଲିସ ଅଧିକାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଢେଙ୍କାନାଳ ଅଫିସ, ୧୮।୪

ଢେଙ୍କାନାଳ ପୌରାଞ୍ଚଳର ସିମିଳିଆ ଅଞ୍ଚଳର ନାରୀଶକ୍ତି ସଂଘ ପକ୍ଷରୁ କରୋନା ଯୋଦ୍ଧାଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। ପୋଲିସ, ଅଙ୍ଗନୱାଡି କର୍ମୀ, ସଫେଇ କର୍ମଚାରୀ, ଆଶା କର୍ମୀ, ସ୍ୱଚ୍ଛସାଥୀ, ପୂର୍ବତନ କାଉନ୍‌ସିଲରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ମିଶନ ଶକ୍ତି ଅଧିକାରୀ ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ସୁଭଦ୍ରା ନାରୀଶକ୍ତି ଆଞ୍ଚଳିକ ମହାସଂଘ ଚେୟାରମ୍ୟାନ ଅଙ୍ଗୁରବାଳା ଦାସ, କଳ୍ପନା ଦାଶ, ନାରୀଶକ୍ତି ମହାସଂଘ ସମ୍ପାଦିକା କଳ୍ପନା ନନ୍ଦ, ଲକ୍ଷ୍ମୀ ନାରାୟଣ ଆଞ୍ଚଳିକ ମହାସଂଘର ସଦସ୍ୟମାନେ କାମନାକାଳୀ ମନ୍ଦିର ପଡିଆରେ ଏକାଠି ହୋଇଥିଲେ। ସାମାଜିକ ଦୂରତା ରଖି କରୋନା ଯୋଦ୍ଧାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇଥିଲା। ଏହାଦ୍ୱାରା କରୋନା ଲଢ଼େଇ ଲାଗି ମନୋବଳ ବୃଦ୍ଧି ପାଇବ ବୋଲି ମିଶନ ଶକ୍ତି ଅଧିକାରୀ କହିଛନ୍ତି।

ଫଟୋରେ ଖବର

'ଶ୍ରେୟା' ଅନୁଷ୍ଠାନ ପକ୍ଷରୁ ଭୁବନ ଏନ୍‌ଏସି ଅଧୀନ ୧ନଂ. ୱାର୍ଡର ଲୋକଙ୍କୁ ମାସ୍କ ଏବଂ ଅନ୍ୟ ସୁରକ୍ଷା ସରଞ୍ଜାମ ପ୍ରଦାନ କରାଯାଉଛି।

ଢେଙ୍କାନାଳର ପୂର୍ବତନ ନଗରପାଳନ ସୁଧାଂଶୁ କୁମାର ଦଳେଇ କରୋନା ମୁକାବିଲା ପାଇଁ ରେଡ୍‌କ୍ରସ୍ ପାଣ୍ଠିକୁ ୧୫ ହଜାର ଟଙ୍କାର ଚେକ୍ ଜିଲାପାଳଙ୍କୁ ପ୍ରଦାନ କରୁଛନ୍ତି।

ଢେଙ୍କାନାଳ ଖମାର ସାହିସ୍ଥିତ ବିକାଶ ୟୁଥ୍ କ୍ଲବର ସଦସ୍ୟମାନେ ଜିଲା ରେଡ୍‌କ୍ରସ୍ ପାଣ୍ଠିକୁ କରୋନା ମୁକାବିଲା ଲାଗି ୪,୧୦୦ ଟଙ୍କାର ସହାୟତା ଆପତ୍‌କାଳୀନ ଅଧିକାରୀଙ୍କୁ ପ୍ରଦାନ କରୁଛନ୍ତି।

ସଂକ୍ଷେପରେ

୨ ବଙ୍ଗୀୟ ଯୁବକଙ୍କୁ ଧରିନେଲା ପୋଲିସ

ନୂଆଗାଁ, ୧୮।୪ (ଡି.ଏନ.ଏ.): ଦେଶ ଓ ରାଜ୍ୟ କରୋନା ପାଇଁ ଲକ୍‌ଡାଉନ ରହିଛି। ହେଲେ ଗୁରୁବାର ସନ୍ଧ୍ୟାରେ ସୁନ୍ଦରଗଡ ଜିଲା ନୂଆଗାଁ ବ୍ଲକ ବିଶ୍ରା ଥାନା ଅନ୍ତର୍ଗତ ଟାଙ୍ଗରପାଲି ଗାଁକୁ ଏକ ପିକଅପ୍ ଭ୍ୟାନ (ଡବ୍ଲୁବି ୧୯ ଜେ- ୯୯୨୬)ରେ ୨ଜଣ ଯୁବକ ମାସ୍କ ବିକିବାକୁ ଆସି ପୋଲିସ ହାତରେ ଧରା ପଡିଛନ୍ତି। ଗାଁ ଲୋକେ ପଶ୍ଚିମବଙ୍ଗ ଗାଡି ନମ୍ବର ଦେଖି ସନ୍ଦେହ ହେବାରୁ ବିଶ୍ରା ଥାନାକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ଗାଡି ସହ ଯୁବକ ଦ୍ୱୟଙ୍କୁ ଥାନାକୁ ନେଇଥିଲା। ଗାଡିଟିକୁ ଥାନାରେ ଅଟକ ରଖି ଉଭୟ ଯୁବକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବା ପୋଲିସ କହିଛି ।

କାର୍ ଧକ୍କାରେ ମହିଳାଙ୍କ ଜୀବନ ଗଲା

ଝାରସୁଗୁଡା ଅଫିସ,୧୮।୪: ଝାରସୁଗୁଡା ଜିଲା ବ୍ରଜରାଜନଗର ନିକଟସ୍ଥ କୁକୁରିକାନି ସରକାରୀ ଡାକ୍ତରଖାନାରୁ ଚିକିତ୍ସିତ ହୋଇ ଫେରୁଥିବା ବେଳେ ଶନିବାର ଏକ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ଜଣକ ହେଉଛନ୍ତି କୁତାବଗା ଗ୍ରାମର ୩୫ ବର୍ଷୀୟା ମହିଳା ଲତା ବେହେରା। ସେ ତାଙ୍କ ଝିଅ ରେଣୁକାଙ୍କ ସହ ରାସ୍ତାରେ ଚାଲି ଚାଲି ଯାଉଥିଲେ। ଏହି ସମୟରେ ଏକ କାର ସେମାନଙ୍କୁ ଧକା ଦେଇଥିଲା। ଗୁରୁତର ଅବସ୍ଥାରେ ସେମାନଙ୍କୁ ମଣ୍ଡଳିଆସ୍ଥିତ କେନ୍ଦ୍ରୀୟ ଚିକିତ୍ସାଳୟକୁ ନିଆଯାଇଥିଲା। ତେବେ ଡାକ୍ତର ସେଠାରେ ମହିଳାଙ୍କୁ ମୃତ ଘୋଷଣା କରିଥିଲେ । ଝିଅ ରେଣୁକା ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଛନ୍ତି । ସ୍ଥାନୀୟ ପୋଲିସ କାରକୁ ଜବତ କରିବା ସହ ଡ୍ରାଇଭରଙ୍କୁ ଅଟକ ରଖିଛି ।

ନଈକୁ ଡେଇଁ ବି ଖସି ପାରିଲେନି ଅପରାଧୀ

ଝାରସୁଗୁଡା ଅଫିସ,୧୮।୪: ଝାରସୁଗୁଡା ପୋଲିସ ଚୋରି ଅଭିଯୋଗରେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏମାନେ ହେଲେ ଝାରସୁଗୁଡ଼ା ସହର ସିରିଆ ବଗିଚା ଅଞ୍ଚଳର ମନୀଶ୍ ମୋର୍ଯ୍ୟ ଏବଂ ଟିଙ୍କୁ ବିଶୋୟା। ପୋଲିସ ପିଛା କରିବାରୁ ମନୀଶ ବ୍ରିଜ ଉପରୁ ନଦୀକୁ ଡେଇଁ ଖସି ଯିବାକୁ ଉଦ୍ୟମ କରିଥିଲେ। ହେଲେ ଗାଁ ଲୋକେ ତାଙ୍କୁ ଧରି ନେଇଥିଲେ। ଟିଙ୍କୁଙ୍କୁ ପୋଲିସ ଦୌଡି ଦୌଡି ଧରିଥିଲା। ସୂଚନାଯୋଗ୍ୟ, ଝାରସୁଗୁଡା ସହରର ବିଭିନ୍ନ ସ୍ଥାନରୁ ଗତ ୧୪ ତାରିଖ ରାତିରେ ଘରର କବାଟ ଓ ଝରକା ତାଡି ଚୋରି ହୋଇଥିଲା। ୧୫ ତାରିଖ ଏ ନେଇ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଏକ ସିସି ଟିଭି ଫୁଟେଜ ପୋଲିସର ହସ୍ତଗତ ହୋଇଥିଲା। ଏଥିରୁ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା ପୋଲିସ। କୁତାବଗା ଗାଁରେ ସେମାନେ ଲୁଚିଥିବା ପୋଲିସକୁ ଖବର ମିଳିବା ପରେ ପୋଲିସ ଚଢ଼ାଉ କରିଥିଲା। ହେଲେ ପୋଲିସକୁ ଦେଖି ମନୀଶ ଓ ଟିଙ୍କୁ ଦୌଡି ପଳାଇଥିଲେ। ମନୀଶ ଇବ୍ ନଦୀ ବ୍ରିଜ ଉପରୁ ଡେଇଁ ପଡି ଖସିଯିବାକୁ ଉଦ୍ୟମ କରିଥିଲେ। ଶେଷରେ ମରାକୁଟା ଗାଁ ଲୋକେ ମନୀଶଙ୍କୁ ନଦୀ ଭିତରୁ ଧରି ପୋଲିସ ଜିମା ଦେଇଥିଲେ ।

ତଦନ୍ତରେ ପଦାକୁ ଆସିଲା ମିଛ

ବରଗଡ଼ ଅଫିସ୍/ସରଣ୍ଡା,୧୮।୪

ଲକ୍‌ଡାଉନ୍ କଟକଣା ଉଲ୍ଲଂଘନ କରି ବିନା ଗାଡି ପାସ୍‌ରେ ବରଗଡ଼ ଜିଲା ଅତାବିରା ବ୍ଲକ ଦୁଲମପୁରରୁ ଆନ୍ଧ୍ର ପ୍ରଦେଶ ଯିବା ଘଟଣାର ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଅତାବିରା ତହସିଲଦାର ହୃଦାନନ୍ଦ ଅଡ଼ା ଦୁଲମପୁରକୁ ଯାଇ ଏହାର ତଦନ୍ତ ଆରମ୍ଭ କରିବା ପରେ ମିଛ ଧରାପଡ଼ିଛି ।

ସୂଚନା ଅନୁସାରେ, ଦୁଲମପୁର ଗ୍ରାମର ଭି. ଭେଙ୍କେନା ବାବୁ ଆନ୍ଧ୍ର ପ୍ରଦେଶର ଇଷ୍ଟ ଗୋଦାବରୀ ଜିଲାରେ ରହିଥିବା ତାଙ୍କ ହାର୍ଭେଷ୍ଟର (ଧାନ ଅମଳ ଯନ୍ତ୍ର) ମରାମତି ସକାଶେ ୩ଜଣ ସେଠାକୁ ଯିବା ପାଇଁ ଅତାବିରା ତହସିଲଦାରଙ୍କଠାରୁ ଅନୁମତି ପାଇଥିଲେ । ସେଥିରେ ଏକ ଚାରି ଚକିଆ ଇକୋ ଗାଡ଼ି (ନଂ.ଓଡ଼ି ୧୭ଏଚ୍/୩୭୦୮)ରେ ଡ୍ରାଇଭର ସାମନ୍ତ ପ୍ରଧାନ ଏବଂ ଅନ୍ୟ ଦୁଇଜଣ ଅପରେଟର ରମେଶ କର୍ଣ୍ଣ ଓ ଇନ୍ଦ୍ରମଣି ପ୍ରଧାନ ଯାଇ ପାରିବେ ବୋଲି ଉଲ୍ଲେଖ ଥିଲା । ଅନ୍ୟପଟେ ସେହି ଗାଡ଼ିପାସ୍‌ରେ ଭେଙ୍କେନା ବାବୁ ଆନ୍ଧ୍ର ପ୍ରଦେଶ ଯାଇ ପାରିବେ ବୋଲି ଉଲ୍ଲେଖ ନ ଥିବା ସତ୍ତ୍ୱେ ସେ ମଧ୍ୟ ଆନ୍ଧ୍ର ପ୍ରଦେଶ ଯାଇଥିବା ତଦନ୍ତରୁ ଜଣାପଡ଼ିଛି। ସେଠାରୁ ଫେରିବା ପରେ ବର୍ତ୍ତମାନ ଡ୍ରାଇଭର ସାମନ୍ତ ଏବଂ ଭେଙ୍କେନା ବାବୁ ନିଜ ଘରେ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି । ମାତ୍ର ଭେଙ୍କେନା ବାବଙ୍କୁ ଆନ୍ଧ୍ର ପ୍ରଦେଶ ଯିବା ପାଇଁ ଅନୁମତି ମିଳି ନ ଥିବାବେଳେ ସେ ସେଠାକୁ କିପରି ଗଲେ, ତାକୁ ନେଇ ଏବେ ନାନା ସନ୍ଦେହ ଉପୁଜିଛି ।

ଅପରପକ୍ଷେ ଗାଡ଼ି ଡ୍ରାଇଭର ସାମନ୍ତ ତାଙ୍କ ଗାଡ଼ିରେ ଆନ୍ଧ୍ର ପ୍ରଦେଶକୁ ୬ଜଣ ଯାଇଥିବା ଏବଂ ସେଠାରେ ୪ଜଣ ରହିବା ପରେ ସେ ଏବଂ ଭେଙ୍କେନା ବାବୁ ଘରକୁ ଫେରିଥିବା ପ୍ରଥମେ କହିଥିଲେ । ମାତ୍ର ଏବେ ଘଟଣାର ତଦନ୍ତ ଚାଲିଥିବାବେଳେ ସାମନ୍ତ ନିଜ ସ୍ୱର ବଦଳାଇଛନ୍ତି । ସେମାନେ ୩ଜଣ ଯାଇଥିଲେ ଏବଂ ଅନ୍ୟ ଏକ ଗାଡ଼ିରେ ବାକି ୩ଜଣ ଥିଲେ ବୋଲି ସାମନ୍ତ କହିଛନ୍ତି । ତେବେ ଦୁଲମପୁରରୁ ଆନ୍ଧ୍ର ପ୍ରଦେଶ ଯିବା ପାଇଁ ତହସିଲଦାର ଗୋଟିଏ ଗାଡ଼ିକୁ ଅନୁମତି ଦେଇଥିବାବେଳେ ସେଠାକୁ ୨ଟି ଗାଡ଼ି କିଭଳି ଗଲା ଏବଂ ସେହି ଗାଡ଼ିଟି କାହାର ଓ ସେଥିରେ କେଉଁମାନେ ଥିଲେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପଟେ ରାଜ୍ୟ ବାହାରକୁ ଯିବା ପାଇଁ ତହସିଲଦାର ଦେଇଥିବା ଗାଡ଼ିପାସ୍‌ରେ ଲକ୍ ଡାଉନ୍ କଟକଣା ଉଲ୍ଲଂଘନ ନେଇ ଧରିତ୍ରୀରେ କ୍ରମାଗତ ଖବର ପ୍ରକାଶ ପାଇବା ପରେ କାର୍ଯ୍ୟାନୁଷ୍ଠାନ ଭୟରେ ଏହାକୁ ଚାପିଦେବା ପାଇଁ ଉଦ୍ୟମ ଚାଲିଥିବା ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ତହସିଲଦାର ଅଡ଼ାଙ୍କୁ ପଚାରିବାରୁ କହିଥିଲେ, ଗତ ୧୬ତାରିଖରେ ସେ ଦୁଲମପୁରକୁ ତଦନ୍ତରେ ଯାଇ ଗାଡ଼ି ଡ୍ରାଇଭର ସାମନ୍ତ ଏବଂ ଭେଙ୍କେନା ବାବୁଙ୍କୁ ଭେଟିଥିଲେ। ଉଭୟେ ହୋମ କ୍ୱାରାଣ୍ଟାଇନରେ ରହିଥିବା ଦେଖିବାକୁ ମିଳିଥିଲା । ସେହିପରି ତାଙ୍କ ଗାଡ଼ିରେ ୩ଜଣ ଯାଇଥିବା ସାମନ୍ତ କହିଥିଲେ ବୋଲି ତହସିଲଦାର କହିଛନ୍ତି। ତେବେ ସାମନ୍ତ ୨ଟି ଗାଡ଼ି କଥା ଉଠାଉ ଥିବାରୁ ଆନ୍ଧ୍ର ପ୍ରଦେଶ ଯିବାକୁ କେତୋଟି ଗାଡ଼ିକୁ ଗାଡ଼ିପାସ୍ ଦିଆଯାଇଥିଲା ବୋଲି ପଚାରିବାରୁ କେବଳ ଗୋଟିଏ ଗାଡ଼ିକୁ ଗାଡ଼ିପାସ୍ ଦେଇଥିଲେ ବୋଲି ତହସିଲଦାର ଅଡ଼ା କହିଛନ୍ତି । ସେହିପରି ଗାଡ଼ିପାସ୍‌ରେ ଆନ୍ଧ୍ର ପ୍ରଦେଶ ଯିବା ପାଇଁ ଭେଙ୍କେନା ବାବୁଙ୍କୁ ଅନୁମତି ମିଳି ନ ଥିଲା। ମାତ୍ର ସେଠାକୁ ସେ କିଭଳି ଗଲେ ବୋଲି ପଚାରିବାରୁ ସେଠାରୁ ଫେରିବା ପରେ ଭେଙ୍କେନା ବାବୁ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି ବୋଲି ତହସିଲଦାର କହିଥିଲେ। ସେହିପରି ଦୁଲମପୁରରୁ ଆନ୍ଧ୍ର ପ୍ରଦେଶକୁ ଯାଇଥିବା ଲୋକେ ସେଠାରେ ହୋମ କ୍ୱାରାଣ୍ଟାଇନରେ ଅଛନ୍ତି ନା ନାହିଁ, ତାହା ମଧ୍ୟ ଆଲୋଚନାର ବିଷୟ ହୋଇଛି ।

ଲକ୍‌ଡାଉନ ଉଲ୍ଲଂଘନ କରି ଆନ୍ଧ୍ର ଯିବା ଘଟଣା

ଦୁଲମପୁରରେ ଆବେଦନକାରୀଙ୍କୁ ତହସିଲଦାର ପଚରାଉଚୁରା କରୁଛନ୍ତି ।

- ସ୍ୱର ବଦଳାଇଲେ ଗାଡ଼ି ଡ୍ରାଇଭର
- ଏବେ ଉଠାଇଲେ ୨ଟି ଗାଡ଼ି ଯାଇଥିବା କଥା
- ବିନା ପାସ୍‌ରେ ଆନ୍ଧ୍ର ଯାଇଥିଲେ ଆବେଦନକାରୀ
- ଆନ୍ଧ୍ର ପ୍ରଦେଶ ଯାଇଥିବା ଲୋକେ ହୋମ କ୍ୱାରାଣ୍ଟାଇନରେ ନ ଥିବା ଆଶଙ୍କା
- କାର୍ଯ୍ୟାନୁଷ୍ଠାନ ଭୟରେ ଏହାକୁ ଚାପିଦେବା ପାଇଁ ଉଦ୍ୟମ

ରାସ୍ତାରେ ବାଡ଼, ଫେରିଗଲା ଆମ୍ବୁଲାନ୍ସ

ବାମରା, ୧୮।୪ (ଡି.ଏନ.ଏ)

ସୁନ୍ଦରଗଡରେ ୨ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରଠାରୁ ସୁନ୍ଦରଗଡ ଜିଲାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାକୁ ସିଲ୍ କରାଯାଇଛି । ମାତ୍ର କେତେକ ସିଲ୍ ଥିବା ସ୍ଥାନରେ କୌଣସି ଜଗୁଆଳି ନ ଥିବା କାରଣରୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ କରୁଥିବା ଗାଡିମୋଟର ଓ ଆମ୍ବୁଲାନ୍ସ ଯିବା ଆସିବା କରି ପାରୁନାହିଁ। ସମ୍ବଲପୁର ଜିଲା ବାମରା ବ୍ଲକ କୁଟାରୀମାଲ ପଞ୍ଚାୟତ ଲଲବିରା ଗାଁରୁ ଶୁକ୍ରବାର ଜଣେ ଆହତ ବୃଦ୍ଧାଙ୍କୁ ନେବା ପାଇଁ ବଡଗାଁରୁ ଆସୁଥିବା ୧୦୮ ଆମ୍ବୁଲାନ୍ସଟି ରାସ୍ତା ଅବରୋଧ କାରଣରୁ ଫେରି ଯିବାକୁ ବାଧ୍ୟ ହୋଇଛି।

ଲଲବିରା ଗ୍ରାମର ତେଲେଙ୍ଗା ମୁଣ୍ଡାଙ୍କ ସ୍ତ୍ରୀ ବସନ୍ତି ମୁଣ୍ଡା (୬୨) ଶୁକ୍ରବାର ଦିନ ବେଳେ ପାଖ ନଈକୁ ଗାଧୋଇବା ପାଇଁ ଯାଇଥିଲେ। ମାତ୍ର ତାଙ୍କ ଗୋଡ ଖସିଯିବାରୁ ଆଣ୍ଠୁରେ ଗୁରୁତର ଆଘାତ ହୋଇ ସେ ଅଚେତ ହୋଇପଡିଥିଲେ । ତାଙ୍କ ପରିବାର ଲୋକ ୧୦୮ ଆମ୍ବୁଲାନ୍ସକୁ ଫୋନ କରି ସହାୟତା ଲୋଡିଥିଲେ । ସୀମାବର୍ତ୍ତୀ ସୁନ୍ଦରଗଡ ଜିଲା ବଡଗାଁଠାରୁ ଲଲବିରା ଗ୍ରାମ ପାଖରେ ଥିବା ଯୋଗୁଁ ବଡଗାଁ ଡାକ୍ତରଖାନାରୁ ୧୦୮ ଆମ୍ବୁଲାନ୍ସକୁ ଲଲବିରା ଯାଇ ରୋଗୀଙ୍କ ସହାୟତା ପାଇଁ ନିର୍ଦ୍ଦେଶ ହୋଇଥିଲା। ବଡଗାଁରୁ ଆମ୍ବୁଲାନ୍ସଟି କୁରେବଗା ଘୁଙ୍ଗୁଡୁମାଲ ଦେଇ ଲଲବିରାକୁ ବାହାରିଥିଲା। ହେଲେ ରାସ୍ତା ଅବରୋଧ କାରଣରୁ ଆମ୍ବୁଲାନ୍ସ ଫେରି ଯାଇଥିଲା। ଆମ୍ବୁଲାନ୍ସଟି ଫେରି ଯିବା କାରଣରୁ ଗୁରୁତର ଥିବା ବୃଦ୍ଧା ମଧ୍ୟ ଡାକ୍ତରଖାନା ଯିବାରୁ ବଞ୍ଚିତ ହୋଇଥିଲେ । ଶେଷରେ ପୁଣି ବାମରା ଡାକ୍ତରଖାନାରୁ ପ୍ରାୟ ୧ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସଟି ବୃଦ୍ଧାଙ୍କୁ ନେଇ ଗୋବିନ୍ଦପୁର ଡାକ୍ତରଖାନାରେ ପହଞ୍ଚାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଛାଡି ଦିଆଯାଇଥିଲା ।

ବାମରା ବ୍ଲକ କୁଟାରୀମାଲ ପଞ୍ଚାୟତ ଲଲବିରା ଗାଁ ରାସ୍ତାକୁ ବନ୍ଦ କରାଯାଇଛି ।

କୋଭିଡ୍-୧୯ ଲେଖି କାଠ ଚୋରା ଚାଲାଣ

ବନ ବିଭାଗ ଜବତ କରିଥିବା କାଠ ଗାଡି ।

ସମ୍ବଲପୁର,୧୮।୪(ବ୍ୟୁରୋ)

ରାଜ୍ୟ ସରକାର ଅତ୍ୟାବଶ୍ୟକ ସାମଗ୍ରୀ ନେବା ଆଣିବା ପାଇଁ ଗାଡିଗୁଡିକୁ ପାସ୍ ଦେଇଛନ୍ତି। ଫଳରେ ଗାଡି ସମ୍ମୁଖରେ କୋଭିଡ୍- ୧୯ ଲେଖାଥିବାରୁ କେଉଁଠି ନ ଅଟକି ସୁବିଧାରେ ଯିବା ଆସିବା କରିପାରିବ। ହେଲେ ଏହି ସୁଯୋଗକୁ ହାତ ଛଡା କରିନାହାନ୍ତି କାଠ ଚୋରା ଚାଲାଣକାରୀ । ଶନିବାର ମାନେଶ୍ୱର ଛକ ନିକଟରେ ଏକ ମିନି ଟ୍ରକ୍‌ରେ କାଠ ଚାଲାଣ ବେଳେ ବନ ବିଭାଗ ଧରିଛି। ହେଲେ ଗାଡିରେ ଥିବା ୪ ଜଣ ବ୍ୟକ୍ତି ଫେରାର ହୋଇଯାଇଛନ୍ତି । ବନ ବିଭାଗ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ସଦର ରେଞ୍ଜର ଗୌରୀ ଦାସ କହିଛନ୍ତି । ସୂଚନାଯୋଗ୍ୟ, ଝାଙ୍କରପାଲି ଫରେଷ୍ଟର ଏସ.କେ. ଡନସେନାଙ୍କ ସହ ଟିମ୍ ପାଟ୍ରୋଲିଂ କରୁଥିଲା। ମାନେଶ୍ୱର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ନିକଟରେ ଏକ ମିନିଟ୍ରକ୍ (ଓଡି- ୧୬- ଡି-୦୬୯୭) ଛିଡା ହୋଇଥିବା ଦେଖି ବନ କର୍ମଚାରୀ ସନ୍ଦେହ କରି ପଚାରିବାବେଳେ ୪ ଜଣ ବ୍ୟକ୍ତି ଗାଡି ଛାଡି ଫେରାର ହୋଇଯାଇଥିଲେ । ଏହି ସମୟରେ ଗାଡି ଆଗରେ କୋଭିଡ୍-୧୯ ପାସ୍ ଲାଗିଥିବା ବନ ବିଭାଗ ନଜରକୁ ଆସିଛି। ତେବେ ଗାଡିରୁ ୨୦ ଖଣ୍ଡ ଶାଗୁଆନ କାଠ ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୧ ଲକ୍ଷ ଟଙ୍କାରୁ ଅଧିକ ହେବ। ଅନ୍ୟପକ୍ଷେ ଗାଡି ନମ୍ବର ମଧ୍ୟ ଜାଲ୍ ହୋଇଥାଇ ପାରେ। ତେଣୁ ତଦନ୍ତ ଜାରି ରହିଛି ବୋଲି ବନ ବିଭାଗ କହିଛି।

ମୃତକଙ୍କ ପରିବାରକୁ ମିଳିଲା କ୍ଷତିପୂରଣ

ଖପ୍ରାଖୋଲ, ୧୮।୪(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଭାନପୁର ପଞ୍ଚାୟତ ଅନ୍ତର୍ଗତ ହନୁପାଲି ଗାଁର ଗତ ୧୦ତାରିଖ ହାତୀ ଆକ୍ରମଣରେ ବେଲମତି ବରିହା(୯୦)ଙ୍କ ମୃତ୍ୟୁ ହୋଇଥିଲା। ମୃତାଙ୍କ ପୁଅ ଶ୍ରୀମୁଖ ବରିହାଙ୍କୁ ବନ ବିଭାଗ ପକ୍ଷରୁ ଶନିବାର ୪ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି। ହରିଶଙ୍କର ରେଞ୍ଜ ଅଧିକାରୀ ଶ୍ରୀବତ୍ସ କୁମୁରା ସୂଚନା ଅନୁସାରେ ଅନୁକମ୍ପାମୂଳକ ସହାୟତା ରାଶି ବ୍ୟତୀତ ହାତୀ ଦ୍ୱାରା ଭାଙ୍ଗି ଥିବା ଘରର କ୍ଷତିପୂରଣ ମଧ୍ୟ ସରକାରୀ ନିୟମ ଅନୁସାରେ ଦିଆଯିବ। ହାତୀ ଆକ୍ରମଣ ବେଳେ ବେଲମତୀଙ୍କ ପୁଅ ଶ୍ରୀମୁଖ କୌଣସିମତେ ସେଠାରୁ ଦୌଡି ଜୀବନ ବଞ୍ଚାଇଥିଲେ।

ଯୁବକଙ୍କ ମୃତଦେହ ଉଦ୍ଧାର

ସମ୍ବଲପୁର,୧୮।୪(ବ୍ୟୁରୋ)

ସମ୍ବଲପୁର ଜିଲା କ୍ଷେତରାଜପୁର ଥାନା କାନିଜୁରୀ ନିକଟରେ ଜଣେ ଯୁବକର ମୃତଦେହ ଝୁଲନ୍ତା ଅବସ୍ଥାରେ ଗଛରୁ ଉଦ୍ଧାର କରାଯାଇଛି। ମୃତକ ହେଲେ ଶିବ ଶ୍ରୀବାସ (୨୩) । ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି । ଶିବା କୌଣସି କାରଣରୁ ମାନସିକ ଚାପରେ ଥିଲେ। ତେଣୁ ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି।

ସାମାଜିକ ଦୂରତା ରଖି ରାସ୍ତାରୋକୋ

ସମ୍ବଲପୁର,୧୮।୪(ବ୍ୟୁରୋ)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ୍ ଖିଣ୍ଡାପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଏହାକୁ ନେଇ ସ୍ଥାନୀୟ ମହିଳମାନେ ଗ୍ରାମ୍ୟ ରାସ୍ତା ଅବରୋଧ କରିଥିଲେ । ରାସ୍ତା ଉପରେ ମାଠିଆ ଗରା ରଖି ମହିଳାମାନେ ସାମାଜିକ ଦୂରତା ନିୟମ ଅନୁଯାୟୀ ରାସ୍ତା ଉପରେ ଠିଆ ହୋଇଥିଲେ । ସମସ୍ତେ ମୁହଁରେ ମାସ୍କ ପିନ୍ଧିବା ସହ ହାତରେ ଫ୍ଲାକାର୍ଡ ଧରିଥିଲେ । ଜଳ ସଞ୍ଚୟ କରିବା ସହିତ ପରିବାରକୁ ସ୍ୱଚ୍ଛ ପିଇବା ପାଣି ଯୋଗାଇ ଦେବାକୁ ସେମାନେ ଦାବି କରିଥିଲେ । ପରେ ଠେଲକୋଲି ପୋଲିସ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ପାନୀୟ ଜଳ ଯୋଗାଣ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। କମ୍ପାନୀ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ । ଟ୍ୟାଙ୍କରରେ ଡ୍ରାଇଭର ଓ ପରିଚାଳନା କରୁଥିବା ଅଧିକାରୀଙ୍କ ନାମ ରହିବ । ଯଦି ସମସ୍ୟା ହୁଏ ଲୋକମାନେ ଫୋନ କରି ଅଭିଯୋଗ କରି ପାରିବେ ବୋଲି ଆଲୋଚନା ହୋଇ ସ୍ଥିର ହୋଇଥିଲା । ଖିଣ୍ଡା ସରପଞ୍ଚ ନୀଳାବତି ଓରାମ, ହେମନ୍ତ ପାଣ୍ଡେ, ଜୟନ୍ତୀ ରାହିଦାସଙ୍କ ସମେତ କମ୍ପାନୀ ଅଧିକାରୀ ଉପସ୍ଥିତ ରହିଥିଲେ ।

ସମ୍ବଲପୁର ଜିଲା ରେଙ୍ଗାଲି ଖିଣ୍ଡା ପଞ୍ଚାୟତରେ ମହିଳାମାନେ ରାସ୍ତାରେ ଛିଡା ହୋଇଛନ୍ତି ।

ଏକକାଳୀନ ପରିବାରର ୬ଜଣ କଲେ ରକ୍ତଦାନ

ବରଗଡ଼ ଅଫିସ୍,୧୮।୪

ଘାତକ କରୋନା ଭୂତାଣୁକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ କରାଯାଇଛି। ଏଭଳି ସ୍ଥଳେ ରକ୍ତ ଭଣ୍ଡାରଗୁଡ଼ିକରେ ରକ୍ତାଭାବ ଦେଖାଯାଇଛି। ଏହା ଜାଣିବା ପରେ ବରଗଡ଼ ଟ୍ରଷ୍ଟଫଣ୍ଡ୍ କଲେଜ ଗଳିର ହୁସେନ ମଞ୍ଜିଲରେ ରହୁଥିବା ଏକ ମୁସଲିମ ପରିବାରର ୬ଜଣ ଏକକାଳୀନ ରକ୍ତଦାନ କରିଛନ୍ତି। ସେମାନେ ହେଲେ, ଅବଦୁଲ ଇବ୍ରାହିମ, ଏମଡ଼ି ଇଦ୍ରିଶ, ଅବଦୁଲ୍ ଫହିମ୍, ନଜ୍‌ମା ସୁଲତାନା, ଅବଦୁଲ ଇମ୍ରାନ ଏବଂ ରେଶମା ସୁଲତାନା। କରେନା ଭଳି ବିପର୍ଯ୍ୟୟ ଏବଂ ରକ୍ତାଭାବ ସମୟରେ ଏଭଳି ସ୍ୱେଚ୍ଛାକୃତ ରକ୍ତଦାନ କରି ଏହି ପରିବାର ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।

ପରିବାର ସଦସ୍ୟମାନେ ବରଗଡ଼ ରକ୍ତଭଣ୍ଡାରରେ ରକ୍ତଦାନ କରୁଛନ୍ତି ।

ବୌଦ୍ଧ: ପରୀକ୍ଷା ଲାଗି ଗଲା ଆଉ ୨୦ନମୁନା

ବୌଦ୍ଧ, ୧୮।୪(ସ୍ୱ.ପ୍ର.)

ବୌଦ୍ଧ ଜିଲାରୁ କରୋନା ପରୀକ୍ଷା ଲାଗି ଶନିବାର ଆଉ ୨୦ଜଣଙ୍କ ରକ୍ତ ଓ ସ୍ୱାବ ନମୁନା ପଠାଯାଇଛି। ପୂର୍ବରୁ ୩୪ଜଣଙ୍କ ନମୁନା ପରୀକ୍ଷା ଲାଗି ପଠାଯାଇଥିବାବେଳେ ସବୁ ନେଗେଟିଭ ଆସିଥିବା ଉପଜିଲାପାଳ ଏନସି ଜ୍ୟୋତିରଞ୍ଜନ ନାଏକ ପ୍ରକାଶ କରିଛନ୍ତି। ତେବେ ପ୍ରଶାସନ ପକ୍ଷରୁ ଜିଲାର ସମସ୍ତ ୧୧୮୭ ଗ୍ରାମରେ ପ୍ରତ୍ୟେକ ପରିବାରର ସର୍ଭେ ଆରମ୍ଭ ହୋଇଛି। ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ସର୍ଭେ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଯେ କୌଣସି ବ୍ୟକ୍ତିଙ୍କୁ ଥଣ୍ଡା, କାଶ ଆଦି ହେଉଥିଲେ ସେମାନଙ୍କୁ ଡାକ୍ତରୀ ପରାମର୍ଶ ଓ ସ୍ୱାସ୍ଥ୍ୟ ପରୀକ୍ଷା କରାଇବାକୁ କୁହାଯାଉଛି। ଏପଟେ ଔଷଧ ଦୋକାନଗୁଡିକରୁ ଥଣ୍ଡା କାଶ ଆଦି ଔଷଧ କିଣିବାକୁ ଆସୁଥିବା ଗ୍ରାହକମାନଙ୍କୁ ଚିହ୍ନଟ କରି ସେମାନଙ୍କ ସମ୍ପର୍କରେ ପ୍ରଶାସନକୁ ସୂଚନା ଦେବାକୁ ଜିଲାର ସମସ୍ତ ଔଷଧ ଦୋକାନୀଙ୍କୁ ଜିଲାପାଳ ଲଲାଟେନ୍ଦୁ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି ।

ଏବେ ବି ନିରାଶ୍ରୟଙ୍କୁ ମିଳୁନି ଖାଦ୍ୟ

ବିଜେପୁର, ୧୮।୪ (ଡି.ଏନ.ଏ)

କୋଭିଡ-୧୯ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଲକ୍ ଡାଉନ ଜାରି ରହିଛି । ରାସ୍ତାଘାଟ, ହୋଟେଲ ସବୁ

ସଂକ୍ଷେପରେ

ପବନ ସହ କୁଆପଥର ବର୍ଷା

ନବରଙ୍ଗପୁର,୧୮।୪(ବି.ପ୍ର.)- ଗ୍ରୀଷ୍ମ ପ୍ରବାହ ଯୋଗୁ ଗରମ ଓ ଗୁଳୁଗୁଳିରେ ଲୋକେ ସନ୍ତୁଳିହେଉଥିଲେ। ଲକ୍‌ଡାଉନ ଯୋଗୁ ଘରୁ ମଧ୍ୟ ବାହାରିପାରୁ ନ ଥିଲେ। ତେବେ ଶନିବାର ଅପରାହ୍ନ ୫ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ନବରଙ୍ଗପୁରରେ ବର୍ଷା ପବନ ସହ କୁଆପଥର ପଡିଛି। ଫଳରେ ଲୋକଙ୍କୁ ଗରମ ଓ ଗୁଳୁଗୁଳିରୁ କିଛି ମାତ୍ରାରେ ଆଶ୍ୱସ୍ତି ମିଳିଛି। ତେବେ କୁଆପଥର ମାଡ଼ ପରିବାଚାଷୀଙ୍କ ଚିନ୍ତା ବଢ଼ାଇଛି। ଜମିରେ ରହିଥିବା ପରିବା ଫସଲ ନଷ୍ଟ ହେବା ଆଶଙ୍କା ସେମାନଙ୍କୁ ବିଚଳିତ କରିଛି। ସୂଚନାଯୋଗ୍ୟ ଯେ, ଶନିବାର ଜିଲାର ଚନ୍ଦାହାଣ୍ଡିରେ ୪୧ଡିଗ୍ରୀ ଓ ନବରଙ୍ଗପୁରରେ ୩୮ ଡିଗ୍ରୀ ତାପମାତ୍ରା ରହିଥିଲା।

ବୁଲା ପ୍ରାଣୀଙ୍କୁ ଖାଇବାକୁ ଦେଉଛନ୍ତି ପୂର୍ଣ୍ଣ

ନବରଙ୍ଗପୁର,୧୮।୪(ବି.ପ୍ର.)- ଲକ୍‌ଡାଉନ ଯୋଗୁ ବୁଲା କୁକୁର ଓ ଗୋରୁ ଆଦି ପ୍ରାଣୀ ବେଶ୍ ପ୍ରଭାବିତ ହୋଇଛନ୍ତି। ସେମାନେ ଖାଇବାକୁ ପାଉନାହାନ୍ତି। ଏଭଳି ସ୍ଥଳେ ସ୍ଥାନୀୟ ଗାଦବାଗୁଡା ସାହିର ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର ଘରେ ଅଧିକ ରୋଷେଇ କରି ବୁଲା କୁକୁର ଓ ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି।

କୁଡୁମୁଲୁଗୁମ୍ଫା ହେଲା ସାନିଟାଇଜ

କୁଡୁମୁଲୁଗୁମ୍ଫା,୧୮।୪(ଡି.ଏନ.ଏ.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ କୁଡୁମୁଲୁଗୁମ୍ଫାରେ ଅଗ୍ନିଶମ ବିଭାଗ ପକ୍ଷରୁ ଶନିବାର ସାନିଟାଇଜ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଦୋକାନ, ସରକାରୀ ବେସରକାରୀ କାର୍ଯ୍ୟାଳୟ, ହାଟପଦା ଓ ୨ଟି ସଙ୍ଗରୋଧ ଗୃହକୁ ସାନିଟାଇଜ୍ କରାଯାଇଛି। ଅଗ୍ନିଶମ ଅଧିକାରୀ ମନୋଜ କୁମାର ସେଠାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟରେ ମକରଧ୍ୱଜ ଦୋରା, ଉମାଶଙ୍କର ନାୟକ, ଧନପତି ବିଶୋୟୀ, ସୁଭାଷ ଭତ୍ରା ପ୍ରମୁଖ ସାମିଲ ହୋଇଥିଲେ। ଭଗବାନ ସାହୁ,ପ୍ରଭାକର ସୁନା, ବିଦ୍ୟାଧର ସାହାଣୀ ଓ ହୃଷୀକେଶ ସେଠା ସହାୟତା କରିଥିଲେ।

୩ମାସର ଦରମା ଦେଲେ ସମିତି ସଭ୍ୟ

ମାଲକାନଗିରି,୧୮।୪(ଡି.ଏନ୍.ଏ.)- ମାଲକାନଗିରି ଜିଲା ସଦର ବ୍ଲକ ଗଙ୍ଗଲା ପଞ୍ଚାୟତର ସମିତି ସଭ୍ୟ ଡାନିଏଲ ପଟ୍ଟା ତାଙ୍କର ୩ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ମାଲକାନଗିରି ବିଡିଓଙ୍କୁ ସେ ଏ ବାବଦ ଚେକ୍ ପ୍ରଦାନ କରିଛନ୍ତି।

ସହାୟତା ଦେଲା ମୈତ୍ରୀ

ଲକ୍ଷ୍ମୀପୁର,୧୮।୪(ଡି.ଏନ୍.ଏ.): ମୈତ୍ରୀ ଇନ୍‌ଫ୍ରାଷ୍ଟ୍ରକଚର ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ପିଆର୍ ଓ ଅନ୍ୟକର୍ମଚାରୀ କରୋନା ସଚେତନତା ଓ ସୁରକ୍ଷା ପାଇଁ ସହାୟତାର ହାତ ବଢ଼ାଇଛନ୍ତି। ଲକ୍ଷ୍ମୀପୁର ବ୍ଲକର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ମାସ୍କର ଅଭାବ ଥିବାବେଳେ କମ୍ପାନୀ ପ୍ରତ୍ୟେକ ଗାଁ ବୁଲି ମାସ୍କ ଓ ସାବୁନ ବାଣ୍ଟୁଛି। ଗ୍ରାମକୁ ସାନିଟାଇଜ କରିବା ସହ ଲୋକଙ୍କୁ ସାମାଜିକ ଦୂରତା ପାଇଁ ସଚେତନ ମଧ୍ୟ କରୁଛି। ବ୍ଲକର ଆମ୍ବେଦକର ଛକ, ବସ୍‌ଷ୍ଟାଣ୍ଡ, ମେଡିକାଲ, ଥାନାରେ ଔଷଧ ସିଞ୍ଚନ କରାଯାଇଛି। କାକିରିଗୁମ୍ଫା କିଓସ୍କ ବ୍ୟାଙ୍କରେ ସାମାଜିକ ଦୂରତା ପାଇଁ ପରାମର୍ଶ ଦିଆଯାଇଛି। କୁସୁମଗୁଡ଼ା, ନର୍ସିକାଇପଦର, ତଳକାଇପଦର, ଡୋଳିଆମ୍ବ, ଟିମାଝୋଲା, ଟିଟିଝୋଲା, ଚମ୍ପି, ତୋୟାପୁଟ, ଭାଲୁଯୋଡ଼ି, ଓଡ଼ିଆପେଣ୍ଠ, ଧରଡ଼ାରେ ୧୦ ହଜାରରୁ ଅଧିକ ମାସ୍କ, ସାବୁନ ବଣ୍ଟାଯାଇଛି। ଏଥିରେ ପିଆର୍‌ଓ ପୁଷ୍ଟି ଦୁରିଆ, ମୁନା ତୁରୁକ, ପିଲୁ ଗରଡ଼ା, ସୁଧୀର ଗରଡ଼ା, ସୁଶାନ୍ତ ଗରଡିଆ, ଉମାକାନ୍ତ ନାୟକ ସହଯୋଗ କରୁଛନ୍ତି।

ବିଜୟୱାଡାରୁ ଚାଲିଚାଲି ଯାଉଥିଲେ ଝାଡ଼ଖଣ୍ଡ

୧୧ ଶ୍ରମିକଙ୍କୁ କ୍ୱାରାଣ୍ଟାଇନକୁ ପଠାଇଲା ପୋଲିସ

ରାୟଗଡ଼ା ଅଫିସ,୧୮।୪

ବିଜୟୱାଡାରୁ ଫେରିଥିବା ଶ୍ରମିକମାନେ ।

ବିଜୟୱାଡ଼ାରୁ ସୁଦୂର ଝାଡ଼ଖଣ୍ଡ। କରେନା ପାଇଁ ଜାରି ହୋଇଥିବା ଦୀର୍ଘଦିନର ଲକ୍‌ଡାଉନ ଏଭଳି ଅସ୍ତବ୍ୟସ୍ତ କରିଦେଇଛି ଯେ ବାହାର ରାଜ୍ୟରେ ଥିବା ଶ୍ରମିକମାନେ ଖାଦ୍ୟ ନ ପାଇ ବାଧ୍ୟହୋଇ ଚାଲିଚାଲି ଘରକୁ ଫେରୁଛନ୍ତି। ବିଜୟୱାଡ଼ାରେ ଫସିରହିଥିବା ୧୧ ଜଣ ଶ୍ରମିକ ଝାଡ଼ଖଣ୍ଡ ଫେରିବା ପାଇଁ କେତେବେଳେ ଟ୍ରେନ୍ ଲାଇନ ତ କେତେବେଳେ ଗଳି ରାସ୍ତା ଦେଇ ଶନିବାର ରାୟଗଡ଼ା ସହର ଓଭରବ୍ରିଜ ପାଖେ ପହଞ୍ଚିଛନ୍ତି।

ବିଜୟୱାଡ଼ାର ଏକ ଘରୋଇ କମ୍ପାନୀରେ କାମ କରୁଥିଲେ ଏହି ୧୧ ଶ୍ରମିକ। ଲକ୍‌ଡାଉନ ଯୋଗୁ କମ୍ପାନୀ ବନ୍ଦ ହୋଇଯିବା ପରେ କାମ କିଛି ମିଳି ନ ଥିଲା। ପାଖରେ ଆଉ ଟଙ୍କା ନ ଥିବାରୁ ସେମାନେ ନିଜ ରାଜ୍ୟକୁ ଫେରିବା ପାଇଁ ଚାଲି ଚାଲି ଯାତ୍ରା ଆରମ୍ଭ କରିଥିଲେ। ୧୨ ଦିନ ହେଲା ସେମାନେ ଚାଲୁଥିଲେ। ବାଟରେ ବିଭିନ୍ନ ଗ୍ରାମରେ କାହାଠାରୁ କିଛି ମାଗି ଖାଇନେଉଥିଲେ। ଶନିବାର ସେମାନଙ୍କୁ ରାୟଗଡ଼ା ସହରରେ ଦେଖିବା ପରେ ସ୍ଥାନୀୟ ପୋଲିସ ସ୍ୱାସ୍ଥ୍ୟ ବିଭାଗକୁ ଖବର ଦେଇଥିଲା। ସ୍ୱାସ୍ଥ୍ୟ ବିଭାଗର ଟିମ୍ ଉପରୋକ୍ତ ଶ୍ରମିକମାନଙ୍କୁ ନେଇ ଆଶ୍ରୟସ୍ଥଳୀରେ ରଖିଛି।

୨୦୬ କିମି ଚାଲି ବିଷମକଟକ ଫେରିଲେ ୫ ଶ୍ରମିକ

ବିଜୟନଗରମରୁ ବିଷମକଟକ। ୨୦୬ କିମିର ବାଟ। ଲକ୍‌ଡାଉନରେ ସେଠାରେ ଫସିଥିବା ୫ ଜଣ ଶ୍ରମିକ ମଧ୍ୟ ଚାଲିଚାଲି ରାୟଗଡ଼ା ଫେରିଛନ୍ତି। ସେମାନେ ହେଲେ ମରକ ମେଲେକା, ନିରଞ୍ଜନ ବାଗ, ସୁରେଶ ବାଡ଼କା, ଶିବ କୁଟୁକା, ଦାଶିଆ ମେଲେକା। ଜିଲାର ବିଷମକଟକ ବ୍ଲକ ଗରଡ଼ି ଗ୍ରାମରେ ସମସ୍ତଙ୍କ ଘର। ଗତ ମାର୍ଚ୍ଚ ୧୪ରେ ସେମାନେ ଏକ ପ୍ଲାଏଉଡ଼ କମ୍ପାନୀରେ କାମ କରିବାକୁ ବିଜୟନଗରମ ଯାଇଥିଲେ। ମାତ୍ର ୭ ଦିନ କାମ କରିବା ପରେ ଲକ୍‌ଡାଉନ ଜାରି ହୋଇଥିଲା। ଫଳରେ କାମ କିମ୍ବା ଖାଦ୍ୟ ନପାଇ ସେମାନେ ଗାଁକୁ ଫେରିବା ପାଇଁ ତତ୍ପର ହୋଇପଡ଼ିଥିଲେ। ଏକ ମାଲ ବୋଝେଇ ଟ୍ରକରେ ଲୁଚି କିଛି ଦୂର ଆସିବା ପରେ ଟ୍ରକ ମାଲିକ ଜାଣିପାରି ଅଧାବାଟରୁ ସେମାନଙ୍କୁ ଓହ୍ଲାଇ ଦେଇଥିଲା। ସେଠାରୁ ସେମାନେ ଚାଲିଚାଲି ଡିଆଇସି ଛକରେ ପହଞ୍ଚିବା ପରେ ପୋଲିସ ଧରିଥିଲା। ମେଡ଼ିକାଲ ଟିମ୍ ଓ ପୋଲିସ ଆଲୋଚନା କରି ସେମାନଙ୍କୁ ବସ୍‌ଷ୍ଟାଣ୍ଡସ୍ଥିତ ଏକ କ୍ୱାରାଣ୍ଟାଇନ ସେଣ୍ଟରକୁ ପଠାଇଛି। ସେଠାରେ ତାଙ୍କର ପରୀକ୍ଷା କରାଯିବ।

ଅସହାୟଙ୍କୁ ସହାୟତା କରୁଛନ୍ତି ଯୁବଗୋଷ୍ଠୀ

କାଶୀନଗର,୧୮।୪(ଡି.ଏନ୍.ଏ.)

ଯୁବକମାନେ ଅସହାୟଙ୍କୁ ରାଶନ ସାମଗ୍ରୀ ଦେଉଛନ୍ତି ।

କରୋନା ବିପଦ ସମୟରେ ଗଜପତି ଜିଲା କାଶୀନଗର ଅଞ୍ଚଳର କେତେଜଣ ଯୁବକ ମାନବିକତାର ପରିଚୟ ଦେଇଛନ୍ତି। ଜିଲା ପ୍ରଶାସନ ପକ୍ଷରୁ 'ମୁଁ ହିରୋ ସ୍ପେଶିଆଲ ଆଚିଭ୍‌ମେଣ୍ଟ' ପୁରସ୍କାର ପାଇଥିବା ଯୁବକ ଓମି ଗଣପତି ରାଓଙ୍କ ନେତୃତ୍ୱରେ ଏବଂ କାଶୀନଗର ନାଗରିକ ମଞ୍ଚର ସଭାପତି ପ୍ରଶାନ୍ତ ମିଶ୍ରଙ୍କ ପ୍ରେରଣାରେ ପି. ତିରୁପତି ରାଓ, ଓମି ଶ୍ୟାମସୁନ୍ଦର, କେ. ରାମ ପ୍ରସାଦ, ସି.ଏଚ୍ ବାଲୁ, ୱାଇ. ନବୀନ, ଓମି ରାମାରାଓ ପ୍ରମୁଖ ଏକାଠିହୋଇ ଅଞ୍ଚଳର ଅସହାୟ ଲୋକଙ୍କୁ ସହାୟତାର ହାତ ବଢ଼ାଇଛନ୍ତି। ୪୬ ବେସାହାରା ପରିବାରକୁ ଏମାନେ ଚାଉଳ, ଡାଲି ଓ ପରିବା ଯୋଗାଇଛନ୍ତି। ସେହିପରି କେ. ତିରୁପତି ମାମ୍ମା, ପି. ସନ୍ତୋଷୀ, ପି. ଲକ୍ଷ୍ମୀ, କେ. ସତ୍ୟବତୀ, କାର୍ଣ୍ଣମ୍ ଶ୍ରୀବନ୍ତୀ, ଏସ୍. ରୋହିଣୀ ପ୍ରମୁଖ ମହିଳା ଦେଇଥିବା ମାସ୍କଗୁଡ଼ିକୁ ଗରିବ ଏବଂ ଶ୍ରମିକଙ୍କୁ ମାଗଣାରେ ବାଣ୍ଟିଛନ୍ତି।

କ୍ୱାକ୍‌ଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁ ଶିଶୁକନ୍ୟା ମୃତ

ଚିତ୍ରକୋଣ୍ଡା,୧୮।୪(ଡି.ଏନ୍.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ନୂଆଗୁଡା ପଞ୍ଚାୟତ ଆର୍‌ଏସ୍‌ସି-୧୩ ଗ୍ରାମରେ ଜଣେ କ୍ୱାକ୍‌ଙ୍କ ଚିକିତ୍ସାରେ ତ୍ରୁଟି ଯୋଗୁ ଜଣେ ୩ ବର୍ଷର ଶିଶୁକନ୍ୟାର ମୃତ୍ୟୁ ଘଟିଛି। ଉକ୍ତ ଗ୍ରାମର ଚନ୍ଦ୍ର ପାଙ୍ଗିଙ୍କ ଝିଅ ରଞ୍ଜିତାଙ୍କୁ ଦୁଇ ଦିନ ହେଲା ଜ୍ୱର ହେଉଥିଲା। କିଛିଦିନ ହେଲା ମାଲକାନଗିରି ଅଞ୍ଚଳର ବିଦ୍ୟାଧର ହାଲ୍‌ଦାର ନାମକ ଜଣେ କ୍ୱାକ୍ ଆସି ଆର୍‌ଏସସି -୧୦ ଗ୍ରାମରେ ରହୁଥିଲେ। ଚନ୍ଦ୍ର ଝିଅରକୁ ଭଲ କରିବାକୁ ଯାଇ କ୍ୱାକ୍ ବିଦ୍ୟାଧରଙ୍କୁ ଡାକି ଆଣିଥିଲେ। ସେ ଝିଅକୁ ଦେଖିବା ପରେ ଗୋଟିଏ ବଟିକା ଖାଇବାକୁ ଦେଇଥିଲେ। ମାତ୍ର ବଟିକାଟି ଝିଅ ତଣ୍ଟିରେ ଲାଗି ରହିଥିଲା। ଏହି ସମୟରେ ବିଦ୍ୟାଧର ଝିଅ ନାକକୁ ଜୋରରେ ଚାପି ଧରି ପାଟିରେ ପାଣି ପିଆଇ ଦେଇଥିଲେ। ଅଧିକ ସମୟ ନାକ ଚିପି ଧରିବାରୁ ଝିଅ ରଞ୍ଜିତା ଶ୍ୱାସରୁଦ୍ଧ ହୋଇପଡିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପରିବାର ଲୋକେ ଚିତ୍ରକୋଣ୍ଡା ଥାନାରେ ଏତଲା ଦେବା ପରେ ବିଦ୍ୟାଧରଙ୍କୁ ପୋଲିସ ଧରିଆଣି ଅଟକରଖିଛି। ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଅଧିକାରୀ ଯୁଗଳ ଶବର କହିଛନ୍ତି।

କାଲିମେଳାରେ ଫସିଛନ୍ତି କଳାହାଣ୍ଡିର ୪ ପରିବାର

କାଲିମେଳା, ୧୮।୪(ଡି.ଏନ.ଏ.)

କାଲିମେଳାରେ ଆଶ୍ରୟ ନେଇଥିବା ୪ ପରିବାର ।

କରୋନାକୁ ନେଇ ସାରା ଦେଶରେ ଲକ୍‌ଡାଉନ ଘୋଷଣା ହୋଇଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ ଅଞ୍ଚଳରେ କଳାହାଣ୍ଡି ଜିଲା ଧର୍ମଗଡ଼ ଦଶିପୁରା ଅଞ୍ଚଳର ୪ ପରିବାରର ୧୪ ଜଣ ସଦସ୍ୟ ଡେଉଁରିଆ,ତାବିଜ,ଚେରମୂଳି ଆଦି ବିକ୍ରି କରିବାକୁ ଆସି ଲକ୍‌ଡାଉନ ଯୋଗୁ ଫସି ରହିଛନ୍ତି। ସେମାନେ ବ୍ଲକର ନାଲାଗୁଣ୍ଠି ଛକ ନିକଟରେ ଏକ ଜମିରେ ତମ୍ବୁ ଟାଣି ରହିଥିବା ଦେଖିବାକୁ ମିଳିଛି। ସେମାନେ ପ୍ରାୟ ୪ ମାସ ତଳୁ ଏଠାକୁ ଆସି ଲକ୍‌ଡାଉନ ଯୋଗୁ ଆଉ ଘରକୁ ଫେରିପାରିନାହାନ୍ତି। ସେମାନଙ୍କ ରୋଜଗାର ବନ୍ଦ ଥିବାରୁ ସେମାନେ ବହୁ ଅସୁବିଧାରେ ଚଳୁଥିଲେ। କାଲିମେଳା ବ୍ଲକ ପ୍ରଶାସନ ଏହା ଜାଣିବା ପରେ ଏହି ୪ ପରିବାରକୁ ସହାୟତା କରିଛି। ସେମାନଙ୍କୁ ଚାଉଳ,ଡାଲି,ପନିପରିବା ଯୋଗାଇ ଦେଇଛି।

୪୨ ଜଣ ଗଣିଲେ ଜରିମାନା

ଦଶମନ୍ତପୁର,୧୮।୪(ଡି.ଏନ୍.ଏ.):

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ପୋଲିସ ଓ ତହସିଲ ପକ୍ଷରୁ ମାସ୍କ ପିନ୍ଧୁ ନ ଥିବା ଲୋକଙ୍କୁ ଜରିମାନା କରାଯାଇଛି। ତହସିଲଦାର ଅଜୟ ପ୍ରକାଶ ତିର୍କି, ଥାନା ଏସ୍‌ଆଇ ବି.କେ. ପଣ୍ଡା, ତହସିଲ କିରାଣି ରାଜେନ୍ଦ୍ର ଦୀପ ମାସ୍କ ପିନ୍ଧି ନ ଥିବା ଚାଳକ ଓ ବାଟୋଇଙ୍କଠାରୁ ଜରିମାନା ଆଦାୟ କରିବା ସହ ସେମାନଙ୍କୁ ସଚେତନ କରିଛନ୍ତି। ପ୍ରଥମ ଦିନରେ ୨୬, ଦ୍ୱିତୀୟ ଦିନରେ ୧୨, ତୃତୀୟ ଦିନରେ ୪ ଜଣଙ୍କୁ ମିଶାଇ ମୋଟ ୪୨ ଜଣଙ୍କଠାରୁ ୨୦୦ ଲେଖାଏ ୮୪୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି।

କରୋନା କର୍ତ୍ତବ୍ୟ: ପଦ୍ମପୁର ପୋଲିସକୁ ସମ୍ବର୍ଦ୍ଧନା

ପୋଲିସ କର୍ମଚାରୀଙ୍କୁ ସନସାଇନ୍ ସ୍କୁଲ ଓ ସାଧାରଣ ଜନତା ସମ୍ବର୍ଦ୍ଧିତ କରୁଛନ୍ତି ।

ପଦ୍ମପୁର,୧୮।୪(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁରରେ କରୋନା ପାଇଁ ଲୋକଙ୍କୁ ସଚେତନତା କରିବା ଓ ସୁରକ୍ଷା ଦେବା ଦିଗରେ ଦିବାରାତ୍ର କାମ କରୁଥିବା ପୋଲିସକୁ ସମ୍ବର୍ଦ୍ଧନା ଦେଇଛନ୍ତି ଜନତା। ସ୍ଥାନୀୟ ସନ୍‌ସାଇନ ସ୍କୁଲ କର୍ତ୍ତୃପକ୍ଷ ଓ ସାଧାରଣ ଜନତା ମିଶି ପଦ୍ମପୁର ପୋଲିସ କର୍ମଚାରୀଙ୍କୁ ମୁଖ୍ୟବଜାର ରାସ୍ତାର ଉପଢୌକନ, ପୁଷ୍ପ ଦେଇ ସମ୍ମାନ ଜଣାଇଛନ୍ତି। ପଦ୍ମପୁର ଥାନା ଆଇଆଇସି ସଞ୍ଜୟ ନାୟକ, ସେକେଣ୍ଡ ଅଫିସର ଚନ୍ଦ୍ରଶେଖର ଜେନା, ଏସ୍‌ଆଇ ତ୍ରିନାଥ ତୋଟାପାଡ଼ିଆଙ୍କୁ ଏହି ସମ୍ବର୍ଦ୍ଧନା ମିଳିଛି। ଏଥିରେ ସନ୍‌ସାଇନ ସ୍କୁଲ ଚେୟାରମ୍ୟାନ ସ୍ୱାଗତଶେଖର ଜେନା, ପ୍ରିନ୍ସିପାଲ ପ୍ରଦୀପ ପାଲକା, ଗୀତାଞ୍ଜଳି ସାହୁ, ସୋନାଲି ସାହୁ, ଶୁଭଙ୍କର ନିଶଙ୍କ, ବିପିନ ବିହାରୀ ଜେନା, ତ୍ରିପତି ପସାଦ ନିଶଙ୍କ, ଦେବବ୍ରତ ପରିଚ୍ଛା, ସାଗରକାନ୍ତ ଜେନା ସହଯୋଗ କରିଥିଲେ।

ସାହିବାସିନ୍ଦାଙ୍କ ବିରୋଧ, ସଙ୍ଗରୋଧରେ ରହିଲେ ୨ ବ୍ୟକ୍ତି

ରାଇଘର,୧୮।୪(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଅନ୍ତର୍ଗତ ରାଇଘର ବ୍ଲକରେ ବାହାର ରାଜ୍ୟରୁ ଫେରିଥିବା କେତେଜଣ ଲୋକ ସଙ୍ଗରୋଧ ଗୃହରେ ରହୁନାହାନ୍ତି। ଏନେଇ ରହିଥିବା ନିୟମ ମାନୁନାହାନ୍ତି। ଫଳରେ ସେମାନଙ୍କ ପାଇଁ ଅନ୍ୟମାନେ ଅସୁବିଧାରେ ପଡୁଛନ୍ତି। ରାଇଘର ବ୍ଲକ ଛତିଶଗଡ଼କୁ ଲାଗି ରହିଛି। ପ୍ରଶାସନ ସୀମା ସିଲ୍ କରି ପହରା ଦେଉଛି, ହେଲେ ବିଭିନ୍ନ ବାଟରେ ଅନ୍ୟ ରାଜ୍ୟକୁ ଦାଦନ ଖଟିଯାଇଥିବା ଲୋକେ ଲୁଚିଲୁଚି ଘରକୁ ଫେରୁଛନ୍ତି। ୩ ଦିନ ତଳେ ରାଇଘର ପୁରୁଣା ଶିବମନ୍ଦିର ସାହିର ୨ ଜଣ ବ୍ୟକ୍ତି ବାହାର ରାଜ୍ୟରୁ ଫେରି ଘରେ ଲୁଚି ରହିଥିଲେ। ସାହି ଲୋକେ ଏହା ଜାଣି ପୋଲିସ ଓ ବ୍ଲକ ପ୍ରଶାସନକୁ ଖବର ଦେଇଥିଲେ। ପୋଲିସ ସେମାନଙ୍କୁ ଘରେ ସଙ୍ଗରୋଧରେ ରହିବାକୁ କହି ଛାଡି ଦେଇଥିଲା। ସାହି ଲୋକେ ଏହାକୁ ବିରୋଧ କରିବାରୁ ଶନିବାର ବ୍ଲକ ପ୍ରଶାସନ ସମ୍ପୃକ୍ତ ୨ ଜଣଙ୍କୁ ସଙ୍ଗରୋଧ ଗୃହରେ ରଖିଥିଲା। ୩ ଦିନ ସେମାନେ ଘରେ ଥିବାରୁ ସମସ୍ତଙ୍କୁ ସଙ୍ଗରୋଧ ଗୃହରେ ରହିବାକୁ ଦାବି ହେଉଛି।

ପ୍ରାଥମିକ ଜିଲା ଶିକ୍ଷକ ସଂଘର ଦାବିପତ୍ର

ନବରଙ୍ଗପୁର,୧୮।୪(ବି.ପ୍ର.)- ନବରଙ୍ଗପୁର ଜିଲାର ନିଖିଳ ଉତ୍କଳ ପ୍ରାଥମିକ ଜିଲା ଶିକ୍ଷକ ସଂଘ ପକ୍ଷରୁ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୋଭିଡ୍-୧୯ ଯୋଗୁ ସାରା ଦେଶ ଲକ୍‌ଡାଉନରେ ଅଛି। ଏଭଳି ସ୍ଥିତିରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ବହି ବାଣ୍ଟିବାକୁ ଗତ ୧୬ରେ ନିର୍ଦ୍ଦେଶ ହୋଇଛି। ଶିକ୍ଷକମାନଙ୍କ ପ୍ରତି ଏହା ଏକ କଠୋର ପଦକ୍ଷେପ। ବର୍ତ୍ତମାନ ଗ୍ରାମଗୁଡିକରେ ଚତୁଃପାର୍ଶ୍ୱ ବନ୍ଦ ରହିଛି। ଅନ୍ୟ ଗ୍ରାମର ଲୋକଙ୍କୁ ଗ୍ରାମରେ ପ୍ରବେଶ କରିବାକୁ ଗ୍ରାମବାସୀ ଦେଉନାହାନ୍ତି। ଶିକ୍ଷକମାନେ ବାହାରକୁ ବାହାରି ପୁସ୍ତକ ବଣ୍ଟନ କରିବାକୁ ଗଲେ ଗାଡି ମୋଟରର ଅନୁମତି ଆବଶ୍ୟକ ପଡୁଛି। ପୋଲିସ ରାସ୍ତାରେ ଧରୁଛି। ଠେଙ୍ଗା ପାହାର ସହ ଗାଡି ଜବତ କରୁଛି। ଏଯାଏ ଶିକ୍ଷା ବିଭାଗ ପକ୍ଷରୁ ଶିକ୍ଷକମାନଙ୍କୁ କୌଣସି ଅନୁମତି ପତ୍ର ମିଳିନାହିଁ ବୋଲି ଜିଲା ସଂଘ ସଭାପତି ବିଷ୍ଣୁପ୍ରସାଦ ପାଣିଗ୍ରାହୀ ଓ ସମ୍ପାଦକ ରମଣି ରଞ୍ଜନ ତ୍ରିପାଠୀ କହିଛନ୍ତି। ଆସନ୍ତା ମେ ୩ରେ ଲକ୍‌ଡାଉନ ଅବଧି ଶେଷ ପରେ ପାଠ୍ୟପୁସ୍ତକ ବଣ୍ଟନ କରିବା ଲାଗି ନିର୍ଦ୍ଦେଶନାମା ଜାରି କରିବାକୁ ସଂଘ ଦାବି କରିଛି।

ବାହାର ଅଞ୍ଚଳରୁ ଆସିଥିବା ୪ ଜଣଙ୍କ ହୋଇନି ସ୍ୱାସ୍ଥ୍ୟପରୀକ୍ଷା

ଏମଭି ୭୯,୧୮।୪(ଡି.ଏନ.ଏ.)

କେନ୍ଦୁପତ୍ର ତୋଳାକୁ ସରକାର କଟକଣାମୁକ୍ତ କରିବା ପରେ ମାଲକାନଗିରି ଜିଲା ଏମଭି-୭୯ ଅଞ୍ଚଳକୁ କେନ୍ଦୁପତ୍ର କିଣିବାକୁ ୪ ଜଣ ବ୍ୟକ୍ତି ଆସିଛନ୍ତି। ସେମାନଙ୍କ ମଧ୍ୟରୁ ୩ ଜଣ ସମ୍ବଲପୁର ଜିଲା ରେଢ଼ାଖୋଲର ହୋଇଥିବା ବେଳେ ଅନ୍ୟ ଜଣେ ରାଜକିଶୋର ନଗରର ବୋଲି ଜଣାପଡ଼ିଛି। ସେମାନେ ହେଲେ ନବୀନ ପ୍ରଧାନ, ନୀଳମଣି ପ୍ରଧାନ,ବାବାଜୀ ପ୍ରଧାନ ଏବଂ ବୈରାଗୀ ସାହୁ। ସ୍ଥାନୀୟ ବାସିନ୍ଦାଙ୍କ ପ୍ରତିବାଦ ପରେ ଶନିବାର ଦୁଇଟି ବାଇକ୍‌ରେ ସେମାନେ କେଉଁଆଡେ ଚାଲିଯାଇଛନ୍ତି। ସ୍ଥାନୀୟ ଅଞ୍ଚଳର ଗୋଦାମ ଗୃହରେ ଏମାନେ ରହୁଥିଲେ। କରୋନା ଯୋଗୁ ବାହାର ଅଞ୍ଚଳର ଲୋକ କେହି ଆସିଲେ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ କ୍ୱାରେଣ୍ଟାଇନରେ ରହିବା ନିୟମ ରହିଛି। ମାତ୍ର ଏହି ୪ ଜଣଙ୍କ କ୍ଷେତ୍ରରେ ଏହି ନିୟମକୁ ଉଲ୍ଲଂଘନ କରାଯାଇଛି।

ରିଲିଫ ପାଣ୍ଠିକୁ ସହାୟତା

ରାୟଗଡ଼ା ଅଫିସ/ସୁନାବେଡ଼ା/ ସେମିଳିଗୁଡ଼ା,୧୮।୪(ସ୍ୱ.ପ୍ର.):

କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଅନେକ ଲୋକ ସହାୟତାର ହାତ ବଢ଼ାଉଛନ୍ତି। ରାୟଗଡ଼ା ସହରର ଅଶୋକ ନଗର ବାସିନ୍ଦା ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଚେକ୍ ଆକାରରେ ୩୦,୨୫୦ ଟଙ୍କା ଜିଲାପାଳ ପ୍ରମୋଦ ବେହେରାଙ୍କୁ ପ୍ରଦାନ କରିଛନ୍ତି। ସୁନାବେଡ଼ା ମିଗନଗରାସ୍ଥିତ ଭିଏସ୍ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ତଥା ଶିକ୍ଷା କର୍ମଚାରୀ କରୋନା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଏକ ଲକ୍ଷ ଟ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ରବିବାର, ଏପ୍ରିଲ ୧୯/୨୦୨୦ Sunday, April 19/2020

ମାଡ଼ି ଆସୁଛି ମହାମାନ୍ଦାବସ୍ଥା

ନୂଆଦିଲ୍ଲୀ,୧୮।୪: କୋଭିଡ୍-୧୯ ଯୋଗୁ ସାରା ବିଶ୍ୱର ସ୍ଥିତି ଏବେ ବେହାଲ ହୋଇଛି। ବିଶ୍ୱ ଅର୍ଥ ବ୍ୟବସ୍ଥାର କାର୍ଯ୍ୟକଳାପ ଗତି ଏବେ ଠପ୍ ହୋଇଯାଇଛି। କୋଭିଡ୍-୧୯ ମହାମାରୀ ପାଇଁ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ ନେଇ ବିଶ୍ୱ ବ୍ୟାଙ୍କ ଚିନ୍ତା ପ୍ରକଟ କରିଛି। ୨୦୦୭-୦୯ରେ ଦେଖାଦେଇଥିବା ମାନ୍ଦାବସ୍ଥାଠାରୁ ବର୍ତ୍ତମାନର ସ୍ଥିତି ଅତ୍ୟନ୍ତ ଜଟିଳ। ବିଶ୍ୱ ସାମ୍ନାରେ ମହାମାନ୍ଦାବସ୍ଥା ମାଡ଼ି ଆସୁଛି ବୋଲି ବଜାର ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରୁଛନ୍ତି। ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ଡେଭିଡ୍ ମାଲପାସ୍ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ବୈଠକରେ କହିଛନ୍ତି ଯେ, କରୋନାଜନିତ ମାନ୍ଦାବସ୍ଥା ବର୍ତ୍ତମାନ ସାରା ବିଶ୍ୱରେ ଅନୁଭୂତ ହେଉଛି। ଏଭଳି ସମସ୍ୟା ଯୋଗୁ ଗରିବ ଦେଶ ଏବଂ ଏଠାରେ ବସବାସ କରୁଥିବା ବ୍ୟକ୍ତିବିଶେଷ ଏହାଦ୍ୱାରା ଅଧିକ କ୍ଷତିଗ୍ରସ୍ତ ହେବେ।

ସେ କହିଛନ୍ତି, ଅନ୍ତର୍ରାଷ୍ଟ୍ରୀୟ ବିକାଶ ସଂଘଠାରୁ ସହାୟତା ଲାଭ କରୁଥିବା ଦେଶଗୁଡିକ ମଧ୍ୟରେ ଦୁନିଆର ସବୁଠାରୁ ଗରିବ ଜନସଂଖ୍ୟାର ଦୁଇତୃତୀୟାଂଶ ବସବାସ କରୁଛନ୍ତି। ଏହି ଲୋକମାନେ ବିଭିନ୍ନ ସମସ୍ୟା ସାମ୍ନା କରିବେ। କରୋନା ଯୋଗୁ ବଜାରରେ ଏକ ଅନିଶ୍ଚିତତା ସୃଷ୍ଟି ହୋଇଥିବା ବେଳେ ବର୍ତ୍ତମାନର ଚିକିତ୍ସା ଖର୍ଚ୍ଚ ଉପରେ ମଧ୍ୟ ପ୍ରଭାବ ପରିଲକ୍ଷିତ ହେବ। ଏଭଳି ବିଭିନ୍ନ ପ୍ରସଙ୍ଗକୁ ଧ୍ୟାନ ଦେଲେ ବିଶ୍ୱ ଏକ ବଡ଼ ମାନ୍ଦାବସ୍ଥା ଆଡ଼କୁ ଗତି କରୁଛି ବୋଲି ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ମାଲପାସ୍ କହିଛନ୍ତି। ଏହି ସମୟରେ ଉତ୍ପାଦନ,ନିବେଶ, ରୋଜଗାର, ବାଣିଜ୍ୟିକ କ୍ଷତି ନେଇ ପୂର୍ବାନୁମାନ କରାଯାଇଛି, ତାହା ୨୦୦୯ ମାନ୍ଦାବସ୍ଥାଠାରୁ ଭୟାନକ ହେବ ବୋଲି ଏହି ବିଶ୍ୱ ଏଜେନ୍ସି ପକ୍ଷରୁ ଅନୁମାନ କରାଯାଇଛି।

- ଆଶଙ୍କା ପ୍ରକଟ କଲା ବିଶ୍ୱ ବ୍ୟାଙ୍କ
- ୨୦୦୯ ମାନ୍ଦାବସ୍ଥାଠାରୁ ବଳିଯିବ ବର୍ତ୍ତମାନର ସ୍ଥିତି
- ପ୍ରଭାବିତ ଦେଶଗୁଡ଼ିକୁ ଦେବ ୧୬୦ ବିଲିୟନ ଡଲାର

ବର୍ତ୍ତମାନ ସୁଦ୍ଧା ଏହି ଅନ୍ତର୍ଜାତୀୟ ଏଜେନ୍ସି ୬୪ ବିକାଶଶୀଳ ଦେଶକୁ ସହାୟତା ଯୋଗାଇ ଦେଇଛି। ଏପ୍ରିଲ ଶେଷ ପର୍ଯ୍ୟନ୍ତ ମୋଟ ୧୦୦ ଦେଶକୁ ସହାୟତା ଯୋଗାଣ ନେଇ ଯୋଜନା କରାଯାଇଛି। ବିଶ୍ୱ ବ୍ୟାଙ୍କ ଆସନ୍ତା ୧୫ ମାସରେ ୧୬୦ ବିଲିୟନ ଡଲାର ପୁଞ୍ଜି ସହାୟତା ଯୋଗାଇଦେବାକୁ ଲକ୍ଷ୍ୟ ରଖିଛି। ସେହିଭଳି ଗରିବ ଦେଶଗୁଡିକୁ ରିହାତି ହାରରେ ୫୦ ବିଲିୟନ ଡଲାର ଋଣ ଯୋଗାଣ ନେଇ ମଧ୍ୟ ଯୋଜନା କରାଯାଇଛି। ମାଲପାସ୍ କହିଛନ୍ତି , ଗରିବ ପରିବାରଗୁଡିକୁ ବଞ୍ଚାଇବା, କମ୍ପାନୀଗୁଡିକୁ ସୁରକ୍ଷା ପ୍ରଦାନ ନିଯୁକ୍ତି ସଙ୍କଟକୁ କମ୍ କରିବା ଭଳି ପ୍ରସଙ୍ଗକୁ ବିଚାର କରି କୋଭିଡ୍-୧୯ ସହାୟତା କାର୍ଯ୍ୟକ୍ରମ ହାତକୁ ନିଆଯାଉଛି।

ଝଟକା ସହିବାକୁ ପ୍ରସ୍ତୁତ ରୁହ: ଆଇଏମ୍‌ଏଫ୍

ବର୍ତ୍ତମାନର କରୋନା ମହାମାରୀ ବିଶ୍ୱର ବିକଶିତ ତଥା ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥା ଲାଗି ଚ୍ୟାଲେଞ୍ଜିଂ ସ୍ଥିତି ସୃଷ୍ଟି କରିଛି। କରୋନା ପୂର୍ବରୁ ବିଶ୍ୱ ମାନ୍ଦାବସ୍ଥା ଦେଇ ଗତି କରୁଥିଲା। ମହାମାରୀ ଆସିବା ଯୋଗୁ ବିଶ୍ୱ ବଜାରର ସ୍ଥିତି ଆହୁରି ଖରାପ ହୋଇଛି। ଏଭଳି ସ୍ଥିତିରେ ଝଟକା ସମ୍ଭାଳିବାକୁ ବିଶ୍ୱର ଦେଶ ସମୂହ ପ୍ରସ୍ତୁତ ରହିବାର ଆବଶ୍ୟକତା ରହିଛି ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍)ର ମୁଖ୍ୟ କ୍ରିଷ୍ଟଲିନା ଜିଓର୍ଜିଭା ସତର୍କ ସୂଚନା ଦେଇଛନ୍ତି। ବିଶ୍ୱକୁ ଏକ ଗମ୍ଭୀର ଆର୍ଥିକ ସଙ୍କଟ ଦେଇ ଗତି କରିବାକୁ ହେବ। ଏହି ସମୟରେ ଅଭିବୃଦ୍ଧି ହ୍ରାସକୁ ରୋକାଯାଇ ନ ପାରେ। ସ୍ଥିତିକୁ ବିଚାରକରି ସୁଚିନ୍ତିତ ଯୋଜନା ଦ୍ୱାରା ଦେଶ ସମୂହ ଝଟକା ସହିବାକୁ ପ୍ରସ୍ତୁତ ରହିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

କାରସାଦି କରିପାରିବେନି ଚାଇନା, ପାକିସ୍ତାନ

ନୂଆଦିଲ୍ଲୀ,୧୮।୪: କରୋନା ପାଇଁ ସାରା ବିଶ୍ୱର ବଜାର ଏବେ କ୍ଷତିଗ୍ରସ୍ତ ହୋଇଛି। କମ୍ପାନୀଗୁଡ଼ିକର ଶେୟାର ମୂଲ୍ୟ ଲଗାତର ଭାବେ ଖସୁଥିବା ଦେଖାଯାଇଛି। ଏଭଳି ସ୍ଥିତି ବିଦେଶୀ କମ୍ପାନୀଗୁଡିକ ଫାଇଦା ଉଠାଇବା ଚକ୍କରରେ ରହୁଥିବା ଦେଖାଯାଇଛି। ବର୍ତ୍ତମାନର ସଙ୍କଟ ସମୟରେ ଅବସରବାଦୀ ଅଧିଗ୍ରହଣ ଉପରେ ଅଙ୍କୁଶ ଲଗାଇବା ଲାଗି କେନ୍ଦ୍ର ସରକାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ନିୟମ କ୍ଷେତ୍ରରେ ପରିବର୍ତ୍ତନ କରିଛନ୍ତି। ନୂଆ ନିୟମ ମୁତାବକ ଯେଉଁ ଦେଶଗୁଡିକର ସୀମା ଭାରତକୁ ଲାଗିଛି, ସେହି ଦେଶର ନିବେଶକ ଏଠାକାର ସରକାରଙ୍କ ବିନା ଅନୁମତିରେ ନିବେଶ କରିପାରିବେ ନାହିଁ। ଅର୍ଥାତ୍ ଚାଇନା, ବାଂଲାଦେଶ ଏବଂ ପାକିସ୍ତାନର ନିବେଶକ କିମ୍ବା କୌଣସି କମ୍ପାନୀ ଭାରତରେ ନିବେଶ କରିବା ପାଇଁ ହେଲେ କେନ୍ଦ୍ର ସରକାରଙ୍କଠାରୁ ଜରୁରୀ ଭାବେ ଅନୁମତି ନେବେ। ଶିଳ୍ପ ଏବଂ ଆନ୍ତଃ ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସରକାରଙ୍କ ବର୍ତ୍ତମାନର ନିଷ୍ପତ୍ତି ଯୋଗୁ ଚାଇନା ନିବେଶକମାନେ ବେଶି ପ୍ରଭାବିତ ହେବେ। ବର୍ତ୍ତମାନ କେବଳ ବାଂଲାଦେଶ ଏବଂ ପାକିସ୍ତାନରୁ ଆସୁଥିବା ଏଫ୍‌ଡିଆଇ ଲାଗି ଅନୁମତି ନେବାକୁ ପଡୁଛି।

ବଦଳିଲା ଏଫ୍‌ଡିଆଇ ନିୟମ

ସୂଚନାଯୋଗ୍ୟ ଗତ କିଛିଦିନ ତଳେ ଚାଇନାର କେନ୍ଦ୍ରୀୟ ବ୍ୟାଙ୍କ ଏଚ୍‌ଡିଏଫ୍‌ସି ଲିମିଟେଡ୍‌ରେ ବୃହତ୍ ପରିମାଣର ଅଂଶଧନକିଣିଥିବାରୁ ବ୍ୟାଙ୍କରେ ଏହାର ଶେୟାର ୧%ଟପିଛି। ଏବେ ଚାଇନା, ସାରା ବିଶ୍ୱରେ ନିଜର ନିବେଶ ବଢ଼ାଉଛି। କୋଭିଡ୍-୧୯ ଲାଗି ସାରା ବିଶ୍ୱର ଶେୟାର ବଜାର କ୍ଷତିଗ୍ରସ୍ତ ହେଉଥିବା ବେଳେ ଏହାର ଫାଇଦା ନେଇ ନିବେଶ ବଢାଉଛି। ଭାରତରେ ନୂଆ ନିୟମ ମୁତାବକ କେବଳ ସରକାରୀ ରୁଟ୍‌ରେ ହିଁ ନିବେଶ ହୋଇପାରିବ ବୋଲି ବିଜ୍ଞପ୍ତିରେ ପ୍ରକାଶ ପାଇଛି। ସରକାରଙ୍କ ନୂଆ ନିଷ୍ପତ୍ତି ଉପରେ ପାକିସ୍ତାନର ନିବେଶକଙ୍କ ଉପରେ ମଧ୍ୟ ସିଧାସଳଖ ପ୍ରଭାବ ପଡିବ।

ଆର୍ଥିକ ପ୍ୟାକେଜ ଶୀଘ୍ର: ସୀତାରାମନ

ନୂଆଦିଲ୍ଲୀ,୧୮।୪: କରୋନା ପାଇଁ କ୍ଷତିଗ୍ରସ୍ତ କ୍ଷେତ୍ରଗୁଡିକୁ ସରକାର ଶୀଘ୍ର ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରିବେ। ଏ ନେଇ ଶୀଘ୍ର ଘୋଷଣା କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବିଶ୍ୱ ବ୍ୟାଙ୍କର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସୂଚନା ଦେଇଛନ୍ତି। ଭାରତ ସାରା ବିଶ୍ୱରେ ଜରୁରିକାଳୀନ ଔଷଧ ଯୋଗାଣ ଦିଗରେ କାର୍ଯ୍ୟକ୍ରମ ରଖିବା ବୋଲି ସେ ମତ ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତ ସରକାର ବର୍ତ୍ତମାନ ୧.୭ ଲକ୍ଷ କୋଟିଟଙ୍କାର ପ୍ୟାକେଜ ସହ ଅନ୍ୟ ପଦକ୍ଷେପ ଘୋଷଣା କରିଛନ୍ତି। ଆଗାମୀ ଦିନରେ ଦ୍ୱିତୀୟ ପ୍ରୋତ୍ସାହନ ପ୍ୟାକେଜ ଆସିବ।

ବିକାଶ ପୂର୍ବାନୁମାନ ଖସାଇଲା ଏସ୍ ଆଣ୍ଡ ପି

ନୂଆଦିଲ୍ଲୀ,୧୮।୪: କ୍ରେଡିଟ୍ ରେଟିଂ ଏଜେନ୍ସି ଏସ୍ ଆଣ୍ଡ ପି ଚଳିତ ଆର୍ଥିକ ବର୍ଷ ଉପରେ ଭାରତର ବିକାଶ ହାର ପୂର୍ବାନୁମାନକୁ ୧.୮%କୁ ଖସାଇ ଦେଇଛି। କରୋନା ପ୍ରଭାବ ଯିବା ପରେ ଦେଶର ଆର୍ଥିକ ଅଭିବୃଦ୍ଧି ହାରରେ ସୁଧାର ଆସିବ ବୋଲି ଏହି ଏଜେନ୍ସି ପ୍ରକାଶ କରିଛି। ୨୦୨୧-୨୨ରେ ଭାରତ ୭.୫% ହାରରେ ଅଭିବୃଦ୍ଧି ହାସଲ କରିବ ବୋଲି ଏହା ମତ ରଖିଛି।

କରୋନା ଲଢ଼େଇରେ ୟୁପି ମଡେଲକୁ ପ୍ରଶଂସା

ନୂଆଦିଲ୍ଲୀ,୧୮।୪: କରୋନା ଲଢ଼େଇ କ୍ଷେତ୍ରରେ ବିଶେଷ ଯୋଗଦାନ ଲାଗି ଉତ୍ତର ପ୍ରଦେଶ ସରକାର ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିକଟରେ ପ୍ରଶଂସା କରିଛନ୍ତି।



ସଂକ୍ରମଣକୁ ରୋକିବା, ଚିକିତ୍ସା ସୁବିଧା ଏବଂ ଲୋକଙ୍କ ନିକଟକୁ ଆର୍ଥିକ ପ୍ରୋତ୍ସାହନ ପହଞ୍ଚାଇବା ଦିଗରେ ବିଭିନ୍ନ ପଦକ୍ଷେପକୁ ବେଶ୍ ପ୍ରଶଂସା କରାଯାଇଛି। ଜାତୀୟ ସ୍ତରୀୟ ସମୀକ୍ଷା ବୈଠକରେ ପ୍ରଧାନମନ୍ତ୍ରୀ , ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଏହି ଅବସରରେ ଶୁଭେଚ୍ଛା ପ୍ରଦାନ କରିବା ସହ ଉତ୍ତର ପ୍ରଦେଶ ମଡେଲକୁ ଦେଶର ଅନ୍ୟ ରାଜ୍ୟଗୁଡିକ ମଧ୍ୟ ବ୍ୟବହାର କରିପାରିବେ ବୋଲି ଗୁରୁତ୍ୱାରୋପ କରିଛନ୍ତି। କରୋନା ହଟ୍‌ସ୍ପଟ୍‌କୁ ତ୍ୱରିତ ଭାବେ ଚିହ୍ନଟ କରିବା, ଲକ୍‌ଡାଉନରେ ଫସି ରହିଥିବା ଲୋକଙ୍କ ଲାଗି ଚିକିତ୍ସା ସୁବିଧା ଏବଂ ଗରିବ ଲୋକଙ୍କୁ ଆର୍ଥିକ ସହାୟତା ଯୋଗାଣ ଭଳି ପଦକ୍ଷେପ ବେଶ୍ ପ୍ରଶଂସାଯୋଗ୍ୟ।

ବଛାବଛା ସ୍ଥାନକୁ ବିମାନ ସେବା ଦେବ ଏୟାର ଇଣ୍ଡିଆ

ନୂଆଦିଲ୍ଲୀ,୧୮।୪: ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆ ପକ୍ଷରୁ ବଛାବଛା ସ୍ଥାନକୁ ମେ ୪ରୁ ବିମାନ ସେବା ପ୍ରଦାନ କରାଯିବ। ଚାହିଦା ଭିତ୍ତିରେ ଏହି ସେବା ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏହା ବାଦ୍ ଜୁନ ପହିଲାଠାରୁ ଅନ୍ତର୍ଜାତୀୟ ଉଡାଣ ଉପରେ କମ୍ପାନୀ ସେବା ଯୋଗାଇବ ବୋଲି ଶନିବାର ସୂଚନା ଦେଇଛି। ବର୍ତ୍ତମାନ ବିଶ୍ୱବଜାରର ସ୍ଥିତିକୁ ନଜରରେ ରଖି ମେ ୩୧ ଯାଏ ବିମାନ ସେବାକୁ କମ୍ପାନୀ ବନ୍ଦ ରଖିଛି। ୨୫ ମାର୍ଚ୍ଚରେ ଲକ୍‌ଡାଉନ ପରଠାରୁ ବିମାନ ସେବା ବନ୍ଦ ରହିଛି।

ଥାଳି ବାଡ଼େଇ ପ୍ରତିବାଦ କରିବେ ଖୁଚୁରା ବ୍ୟବସାୟୀ

ନୂଆଦିଲ୍ଲୀ,୧୮।୪: ଲକ୍‌ଡାଉନ ସମୟରେ ଇ-କମର୍ସ ସାଇଟରେ ଜରୁରୀ ବିକ୍ରି ନେଇ ସରକାର ଅନୁମତି ପ୍ରଦାନ କରିଛନ୍ତି। ଏହାକୁ ଦେଶର ଖୁଚୁରା ବ୍ୟବସାୟୀମାନେ ବିରୋଧ କରିଥିବା ଦେଖାଯାଇଛି। ଏହାର ପ୍ରତିବାଦରେ ୧୯ଏପ୍ରିଲରେ ସାରା ଦେଶର ଖୁଚୁରା ବ୍ୟବସାୟୀମାନେ ଥାଳି ବଜାଇ ପ୍ରତିରୋଧ କରିବେ। ଅନ୍‌ଲାଇନରେ ଅଣ ଜରୁରୀ ସାମଗ୍ରୀର ବିକ୍ରି ନେଇ ସରକାର ଅନୁମତି ଦେଇଥିବା ବେଳେ ଏହା ନ୍ୟାୟ ସଙ୍ଗତ ନୁହେଁ । ଖୁଚୁରା ବ୍ୟବସାୟକୁ ଶେଷକରି ଦେବାକୁ ଏହା ଏକ ଷଡ଼ଯନ୍ତ୍ର। ଏଭଳି ପ୍ରସଙ୍ଗକୁ ଧ୍ୟାନରେ ରଖି ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ କରାଯିବ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି। ରବିବାର ସନ୍ଧ୍ୟା ୭ଟାରେ ବ୍ୟବସାୟୀମାନେ ନିଜ ଘରେ ରହି ସାମାଜିକ ଦୂରତ୍ୱ ପାଳନ କରିବା ସହ ଥାଳି, ଘଣ୍ଟ ଏବଂ ଶଙ୍ଖ ବଜାଇ ବିରୋଧ କରିବେ ବୋଲି ଫେଡେରେଶନ ଅଫ୍ ଅଲ୍ ଇଣ୍ଡିଆ ବ୍ୟାପାର ମଣ୍ଡଳ ପକ୍ଷରୁ ରାଷ୍ଟ୍ରୀୟ ମହାସଚିବ ବି.କେ. ବଂଶଲ କହିଛନ୍ତି। ଲକ୍‌ଡାଉନକୁ ସଫଳ କରିବା ଲାଗି ଖୁଚୁରା ବ୍ୟବସାୟୀଙ୍କର ଯୋଗଦାନ ରହିଛି। ଖୁଚୁରା ବ୍ୟବସାୟୀମାନେ ଏୟାର କଣ୍ଡିସନର, ଫ୍ରିଜ୍, କୁଲର ଭଳି ସାମଗ୍ରୀ ରଖି ବସି ରହିଛନ୍ତି।

ଖେଳ ଖବର

ବିସିସିଆଇର 'ଟିମ୍ ମାସ୍କ ଫୋର୍ସ' ଭିଡିଓରେ କୋହଲି, ସଚିନ

ନୂଆଦିଲ୍ଲୀ,୧୮।୪(ପି.ଟି.): ବର୍ତ୍ତମାନ ସାରା ଦେଶ କୋଭିଡ୍-୧୯ ମୁକାବିଲାରେ ବ୍ୟସ୍ତ ଥିବାବେଳେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସରକାରଙ୍କୁ ସାହାଯ୍ୟ ସମର୍ଥନ କରିବାରେ ପଛରେ ପଡିନାହିଁ। ଘରୁ ବାହାରିବା ବେଳେ ସମସ୍ତେ ମାସ୍କ ପିନ୍ଧି ବାହାରନ୍ତୁ ବୋଲି ସରକାରଙ୍କ ତରଫରୁ ଅପିଲ କରାଯାଇଛି। ଏହାକୁ ସମର୍ଥନ କରି ବିସିସିଆଇ ଏକ ଭିଡିଓ ତିଆରି କରି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ନୂଆ ବାର୍ତ୍ତା ଦେବାକୁ ପ୍ରୟାସ କରିଛି। ଏହି ଭିଡିଓର ନାମ ରହିଛି 'ଟିମ୍ ମାସ୍କ ଫୋର୍ସ'। ଏହି ଭିଡିଓ ଦେଶର ଦୁଇ ମହାନ୍ କ୍ରିକେଟ ସଚିନ ତେନ୍ଦୁଲକର ଓ ବିରାଟ କୋହଲିଙ୍କ ବାର୍ତ୍ତା ରହିଛି। ଏହି ଭିଡିଓରେ ବିସିସିଆଇର କେତେକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଦେଖିବାକୁ ମିଳିଛି।

ଭାରତୀୟ ଦଳରେ ସାମିଲ ହେବା ନିଶ୍ଚିତ ଭାବେ ବଡ଼ କଥା। ତେବେ ବର୍ତ୍ତମାନ ଆମେ ଆହୁରି ଏକ ବଡ଼ ଦଳ ଗଠନ ଉପରେ ଧ୍ୟାନ ଦେଉଛୁ। ଏହା ହେଉଛି 'ଟିମ୍ ମାସ୍କ ଫୋର୍ସ' ବୋଲି କୋହଲି ଭିଡିଓରେ ବାର୍ତ୍ତା ଦେଉଥିବାର ଦେଖାଯାଇଛି। ସେହିପରି ମାସ୍କ ବନାଇ ମାସ୍କ ଫୋର୍ସର ଅଂଶ ହୁଅନ୍ତୁ, ୨୦ ସେକେଣ୍ଡ ପାଇଁ ହାତ ଧୁଅନ୍ତୁ ଓ ସାମାଜିକ ଦୂରତ୍ୱ ରକ୍ଷା କରନ୍ତୁ ବୋଲି ସଚିନ ଏହି ଭିଡିଓରେ ବାର୍ତ୍ତା ଦେଇଛନ୍ତି।

ଏହି ଭିଡିଓରେ ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି, ସ୍ମୃତି ମନ୍ଧାନା, ରୋହିତ ଶର୍ମା, ହରଭଜନ ସିଂ, ହରମନପ୍ରୀତ କୌର, ବୀରେନ୍ଦ୍ର ସେୱାଗ, ରାହୁଲ ଦ୍ରାଭିଡ ଓ ମିଥାଲି ରାଜ୍ ମାସ୍କ ବ୍ୟବହାରର ଗୁରୁତ୍ୱ ଓ ଆବଶ୍ୟକତା ଉପରେ ବାର୍ତ୍ତା ପ୍ରଦାନ କରିଛନ୍ତି। ଏଥିସହିତ ସରକାରଙ୍କ ନିର୍ଦ୍ଦେଶାବଳୀ ମାନିବାକୁ ମଧ୍ୟ ଏମାନେ ନିବେଦନ କରିଛନ୍ତି। ଘରେ ବସି ମାସ୍କ ତିଆରି କରିନ୍ତୁ । ମୁଁ ମଧ୍ୟ ମାସ୍କ ତିଆରି କରିଛି ବୋଲି ରୋହିତ କହିଛନ୍ତି। ପୂର୍ବରୁ ବିସିସିଆଇ କରୋନା ଭାଇରସ ଲଢେଇ ବିପକ୍ଷରେ ୫୧ ଲକ୍ଷ ଟଙ୍କା ପ୍ରଧାନମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଥିଲା।

ମୋହନବାଗାନକୁ ଚାମ୍ପିୟନ ଘୋଷଣା କରାଯିବ

ନୂଆଦିଲ୍ଲୀ, ୧୮।୪ (ପି.ଟି.): କରୋନା ଭାଇରସ୍ ପାଇଁ ହୋଇଥିବା ଲକ୍‌ଡାଉନ ଯୋଗୁ ଆଇ-ଲିଗ୍‌ର ଅବଶିଷ୍ଟ ୨୮ଟି ମ୍ୟାଚକୁ ବାତିଲ କରିଦିଆଯାଇଛି। ମୋହନବାଗାନକୁ ବିଧିବଦ୍ଧ ଭାବେ ଏବର୍ଷର ଚାମ୍ପିୟନ ବୋଲି ଘୋଷଣା କରାଯିବ। ଲିଗ୍ ପରିଚାଳନା କରୁଥିବା କମିଟି ଶନିବାର ଏହି ନିଷ୍ପତ୍ତି ନେଇଛି। ଏକ ଭିଡିଓ କନଫରେନ୍ସ ଜରିଆରେ ଆଇ-ଲିଗ୍ ପ୍ୟାନେଲ ବୈଠକ ହୋଇଥିଲା। ଦେଶବ୍ୟାପୀ ମେ ୩ ପର୍ଯ୍ୟନ୍ତ ଲକ୍‌ଡାଉନ ମିଆଦ ବଢ଼ାଇ ଦିଆଯାଇଥିବାରୁ ଆଇ-ଲିଗ୍‌ର ଅବଶିଷ୍ଟ ମ୍ୟାଚଗୁଡ଼ିକ ଆୟୋଜନ କରିବା ଆଉ ସମ୍ଭବପର ନୁହେଁ। ତେଣୁ ମ୍ୟାଚଗୁଡ଼ିକ ବାତିଲ କରିବା ଲାଗି ଏହି ପ୍ୟାନେଲ ସର୍ବଭାରତୀୟ ଫୁଟବଲ ମହାସଂଘ (ଏଆଇଏଫ୍‌ଏଫ୍) କାର୍ଯ୍ୟନିର୍ବାହୀ କମିଟିକୁ ସୁପାରିସ କରିଛି। ଆଇ-ଲିଗ୍ କମିଟିର ସୁପାରିସକୁ ଏଆଇଏଫ୍‌ଏଫ୍‌ର କାର୍ଯ୍ୟନିର୍ବାହୀ କମିଟି ଆନୁଷ୍ଠାନିକ ଅନୁମୋଦନ କରିବ। ଆଇ-ଲିଗ୍ କହିଛି ୨୦୧୯-୨୦ ସିଜନ ଅପାତତ ଶେଷ ହୋଇଛି। କରୋନା ଭାଇରସ ଯୋଗୁ ମାର୍ଚ୍ଚ ୧୪ରୁ ହିରୋ-ଆଇ ଲିଗ୍ ସସ୍‌ପେଣ୍ଡ ରହିଛି। ଏପର୍ଯ୍ୟନ୍ତ ସୁଦ୍ଧା ମୋହନ ବାଗାନ ୧୬ଟି ମ୍ୟାଚରୁ ୩୯ ପଏଣ୍ଟ ଅର୍ଜନ କରି ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଏହି ଫୁଟ୍‌ବଲ ଟିମ୍‌କୁ ଚାମ୍ପିୟନ ଘୋଷଣା କରାଯାଉ। ଆଇ-ଲିଗ୍ ସସ୍‌ପେଣ୍ଡ ହେବା ପୂର୍ବରୁ ରନର୍ସ ଅପ୍ ଦୌଡ଼ରେ ତିନୋଟି ଦଳ ରହିଥିଲେ। ସେମାନେ ହେଲେ ଇଷ୍ଟ ବେଙ୍ଗଲ ଓ ମିନର୍ଭା ପଞ୍ଜାବ (ଉଭୟ ଦଳ ୧୬ ମ୍ୟାଚରୁ ୨୩ ପଏଣ୍ଟ) ଏବଂ ରିୟଲ କଶ୍ମୀର (୧୫ ମ୍ୟାଚରୁ ୨୨ ପଏଣ୍ଟ)। ପଏଣ୍ଟ ଦୃଷ୍ଟିରୁ ମୋହନ ବାଗାନର ପାଖାପାଖି କୌଣସି ଦଳ ନାହାନ୍ତି। ଯଦି ପ୍ରତିଯୋଗିତାର ଅବଶିଷ୍ଟ ସମସ୍ତ ମ୍ୟାଚ ଖେଳାଯାଇଥାନ୍ତା ତେବେ ମଧ୍ୟ ପଏଣ୍ଟ ଟେବୁଲ୍‌ରେ ମୋହନ ବାଗାନକୁ କେହି ଅତିକ୍ରମ କରିପାରି ନ ଥାନ୍ତେ। ପୁରସ୍କାର ରାଶିକୁ (ଚାମ୍ପିୟନ ପୁରସ୍କାର ରାଶିକୁ ଛାଡ଼ି) ଅଂଶଗ୍ରହଣ କରିଥିବା ଅବଶିଷ୍ଟ ୧୦ଟି ଦଳ ମଧ୍ୟରେ ବଣ୍ଟନ ପାଇଁ ଲିଗ୍ ପ୍ୟାନେଲ ସୁପାରିସ କରିଛି। ଆଇ-ଲିଗ୍ ୨୦୧୯-୨୦ ସିଜନରେ କୌଣସି ଦଳ ତଳ ପାହ୍ୟାକୁ ଖସିବେ ନାହିଁ ବୋଲି ସୁପାରିସ କରିଛି। ଆଇଜଲ ଏଫ୍‌ସି ଓ ନେରୋକା ଏଫ୍‌ସି ଭଳି ଦଳ ପାଇଁ ଏହି ନିଷ୍ପତ୍ତି ଆଶ୍ୱସ୍ତି ଆଣି ଦେଇଛି। ୧୧ଟି ଦଳକୁ ନେଇ ଚାଲିଥିବା ଆଇ-ଲିଗ୍‌କୁ ସ୍ଥଗିତ ରଖାଯିବା ବେଳକୁ ଇଣ୍ଡିଆନ ଏରୋଜ ଟେବୁଲର ସର୍ବନିମ୍ନ ଏକାଦଶ ସ୍ଥାନରେ ରହିଥିଲା। ଅନ୍ୟପକ୍ଷରେ ନେରୋକା (୧୭ ମ୍ୟାଚରୁ ୧୯ ପଏଣ୍ଟ) ଓ ଆଇଜଲ ଏଫ୍‌ସି (୧୫ ମ୍ୟାଚରୁ ୧୬ ପଏଣ୍ଟ) ଯଥାକ୍ରମେ ନବମ ଓ ଦଶମ ସ୍ଥାନରେ ରହିଥିଲେ।

ଧୋନୀ ବିଶ୍ୱରେ ଶ୍ରେଷ୍ଠ ଅଧିନାୟକ: ପିଟରସନ

ମୁମ୍ବାଇ,୧୮।୪ (ପି.ଟି.): ଇଂଲଣ୍ଡ ପୂର୍ବତନ ତାରକା ବ୍ୟାଟ୍ସମ୍ୟାନ କେଭିନ ପିଟରସନ ଭାରତର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କ